



◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in


# ସକାଳ
## THE SAKALA


PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-349 ◆BHUBANESWAR ◆TUESDAY ◆17 JUNE 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୨ ◆ସଂଖ୍ୟା-୩୪୯ ◆ଭୁବନେଶ୍ୱର ◆ମଙ୍ଗଳବାର ◆୧୭ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦





## ଅଣସର ଘରେ ମହାପ୍ରଭୁଙ୍କ ସେବା: ଆଜି ଓଷୁଅ ଲାଗି

# ଲାଗିହେଲା ଫୁଲୁରୀ ତେଲ

ପୁରୀ,୧୬।୬(ସମିସ): ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡୁ ସୁବାସିତ ଜଳରେ ଅତ୍ୟଧିକ ସ୍ନାନ ପରେ ଜ୍ୱରରେ ପଡ଼ିଛନ୍ତି ମହାପ୍ରଭୁ। ଅଣସର ଘରେ ଦାରୁବିଗ୍ରହଙ୍କ ଉପଚାର ପାଇଁ ଚାଲିଛି ଗୁପ୍ତ ସେବା। ଶ୍ରୀଅଙ୍ଗଲାଗି ସେବକ ଦଇତାପତିମାନେ ଏହି ସେବା କରୁଛନ୍ତି। ସୋମବାର ଦାରୁଦିଅଁଙ୍କୁ ଲାଗି ହୋଇଛି ଫୁଲୁରୀ ତେଲ। ମଙ୍ଗଳବାର ଠାକୁରଙ୍କୁ ଓଷୁଅ ଲାଗି କରାଯିବ। ତେବେ ମହାପ୍ରଭୁଙ୍କ ଗୁପ୍ତ ନୀତି ମଧ୍ୟରେ ଫୁଲୁରୀ ତେଲ ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ବଡ଼ ଓଡ଼ିଆ ମଠ ପକ୍ଷରୁ ଚତୁର୍ଦ୍ଧାବିଗ୍ରହଙ୍କ ଲାଗି ଫୁଲୁରୀ ତେଲ ଯୋଗାଇ ଦିଆଯାଇଛି। ପ୍ରତିବର୍ଷ ଅଣସରରେ ମଠ ୬ ସେର ଏବଂ କେବଳ ନବକଳେବର ବର୍ଷରେ ୯ ସେର ଫୁଲୁରୀ ତେଲ ଯୋଗାଇ ଦେଇଥାଏ।



ବର୍ଷକ ଆଗରୁ ୨୪ ପ୍ରକାର ସାମଗ୍ରୀରେ ଏହାକୁ ପ୍ରସ୍ତୁତି କରାଯାଏ। ହେରାପଞ୍ଚମୀ ଦିନ ଘଣାପେଡ଼ା ରାଶିତେଲରେ କେତକୀ, ମଲ୍ଲୀ, ଚମ୍ପା, ଜୁଇ, ଜାଇ, ହେନା ଭଳି ୧୪ ପ୍ରକାର ଫୁଲ, ବେଣାଚେର, ଗୁଳୁଚି ଭଳି ୭ ପ୍ରକାର ଔଷଧୀୟ ଚେରମୂଳ ଏବଂ ସୁବାସିତ ଦ୍ରବ୍ୟ ପକାଇ ଏକ ପାତ୍ରରେ ରଖି ମାଟିତଳେ ପୋତାଯାଇଥାଏ। ଦେବସ୍ନାନ ପୂର୍ଣ୍ଣିମା ପୂର୍ବଦିନ ମାଟିତଳୁ ତେଲକୁ ବାହାର କରାଯାଇ ରଖାଯାଇଥାଏ। ପଞ୍ଚମୀ ଦିନ ତେଲକୁ ଛଣାଯାଇ ଅମୁଣିଆ ପ୍ରସ୍ତୁତ କରି ମହାପ୍ରଭୁଙ୍କୁ ଲାଗି ପାଇଁ ପଠାଯାଇଥାଏ ବୋଲି ବଡ଼ ଓଡ଼ିଆ ମଠ ମହନ୍ତ ଅଧିକାରୀ ବଂଶୀଧର ଦାସଗୋସ୍ୱାମୀ କହିଛନ୍ତି। ମହାପ୍ରଭୁଙ୍କ ଏହି ଗୁପ୍ତ ନୀତି ପାଇଁ ସୋମବାର ଅପରାହ୍ଣରେ ମଠର ଦୁଇଜଣ କର୍ମଚାରୀ ୨ଟି ହାଣ୍ଡିରେ ୬ ସେର ଫୁଲୁରୀ ତେଲ ନେଇ ଶ୍ରୀମନ୍ଦିର ଗାରଦରେ ପହଞ୍ଚାଇଥିଲେ। ସନ୍ଧ୍ୟାରେ ଦକ୍ଷିଣୀ ଘର ଭୋଗ ସମ୍ପନ୍ନ ହେବା ପରେ ଜୟ ବିଜୟ ଦ୍ୱାର ବନ୍ଦ ହୋଇଥିଲା। ଏହାପରେ ଅଣସର ଘର ଦ୍ୱାର ଖୋଲାଯାଇ ଅଣସର ନୀତି ଆରମ୍ଭ ହୋଇଥିଲା। ଫୁଲୁରୀ ତେଲକୁ ପତିମହାପାତ୍ର ସେବକ ତିନିଟି ରୁପା ପିଙ୍ଗଣରେ ନେଇ ସଂସ୍କାର କରିବା ପରେ ଦଇତାପତିମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି କରାଇଥିଲେ।

ଫୁଲୁରୀ ତେଲ ଲାଗି ପରେ ପ୍ରଭୁଙ୍କୁ ଶୟନ ଅବସ୍ଥାରୁ ବସାଇବା ଉପକ୍ରମ ଆରମ୍ଭ ହୋଇଛି। ଲୋକମତରେ ଜ୍ୱରଗ୍ରସ୍ତ ଠାକୁରମାନଙ୍କ ଦେହରୁ ମଜରା ଛଡ଼ାଇବାକୁ କରାଯାଉଛି ଉପଚାର। ଶ୍ରୀଅଙ୍ଗକୁ ସୁସ୍ଥ କରିବାକୁ ମାଲିସ୍ ହୋଇଛି ଫୁଲୁରୀ ତେଲ। ଆୟୁର୍ବେଦ ଶାସ୍ତ୍ର ମୁତାବକ ଏଥିରେ ମିଶୁଥିବା ସମସ୍ତ ପ୍ରକାର ଫୁଲ ଏବଂ ବେଣା ଚେରରେ ରହିଛି ଦେହକୁ ଉଷ୍ମତା ପ୍ରଦାନ କରିବାର ଶକ୍ତି। ଏଣୁ ଦାରୁଦିଅଁମାନେ ଅତ୍ୟଧିକ ସ୍ନାନ ଯୋଗୁଁ ଅସୁସ୍ଥ ହୋଇପଡ଼ିଥିବା କଳ୍ପନା କରାଯାଇ ଏହି ତେଲ ମର୍ଦ୍ଦନ କରାଯାଇଥାଏ।

**ବିଜେପିକୁ ଘେରିଲା କଂଗ୍ରେସ**

# ବର୍ଷେ ଏକ; ପ୍ରତାରଣା ଅନେକ




ପୁରୀ,୧୬।୬(ସମିସ): ରାଜ୍ୟରେ ବିଜେପି ସରକାରକୁ ବର୍ଷେ ପୂରିଛି। ନିଜର ଏକ ବର୍ଷର ସଫଳତାକୁ ନେଇ ବିଜେପି ପାଳନ କରୁଛି ବିକାଶ ପର୍ବ। ଠିକ୍ ଏହି ସମୟରେ କଂଗ୍ରେସ ଶାସକ ବିଜେପିକୁ ଘେରିଛି। କୌଣସି ପ୍ରତିଶ୍ରୁତି ବିଜେପି ପାଳନ କରିନି, ବରଂ ସାଧାରଣ ଜନତାଙ୍କୁ ପ୍ରତରଣା ଦେଇ ସେମାନଙ୍କ ଭରସା ଓ ବିଶ୍ୱାସ ଭାଙ୍ଗିଛି। ନେତା, ମନ୍ତ୍ରୀ କେବଳ ଟଙ୍କା ପଛରେ ଧାଇଁଥିବାବେଳେ ରାଜ୍ୟର ବିକାଶ ଠପ୍ ହୋଇଯାଇଛି। ଶିଶୁ ସରକାର କହି ଲୋକଙ୍କୁ ଭୂଆଁ ବୁଲାଉଥିବା ବିଜେପି ଗରିବ ଖଟିଖିଆଙ୍କ ଟିକସ ଅର୍ଥକୁ ବେପରୁଆ ଭାବେ ଖର୍ଚ୍ଚ କରୁଛି। କେବଳ ବଡ଼ବଡ଼ ବିଜ୍ଞାପନ ମାଧ୍ୟମରେ ନିଜର ପ୍ରଚାରପ୍ରସାରରେ ମାତିଛନ୍ତି। ନିର୍ବାଚନ ସମୟରେ ଭୋଟରଙ୍କୁ ଯେଉଁସବୁ ପ୍ରତିଶ୍ରୁତି ଦେଇଥିଲେ ତାହା ପୂରଣ କରିବାରେ ଫେଲ୍ ମାରିଛନ୍ତି ବୋଲି କହିଛନ୍ତି କଂଗ୍ରେସର ବରିଷ୍ଠ ନେତା। ସୋମବାର ସ୍ଥାନୀୟ ସଂସ୍କୃତି ଭବନରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଆୟୋଜିତ ହୋଇଥିଲା ସାମ୍ବାଦିକ ସମ୍ମିଳନୀ। "ବର୍ଷ ୧ ପ୍ରତାରଣା ଅନେକ', ରାଜ୍ୟ ସରକାରଙ୍କ ୧ ବର୍ଷ ଏବଂ କେନ୍ଦ୍ର ସରକାରଙ୍କ ୧୩ ବର୍ଷର ବିଫଳତା ବିଷୟରେ ଆଲୋକପାତ କରାଯାଇଥିଲା।

ମୁଖ୍ୟଅତିଥି ତଥା ବରିଷ୍ଠ କଂଗ୍ରେସ ନେତା ତାରାପ୍ରସାଦ ବାହିନୀପତ କହିଥିଲେ ଯେ ନିର୍ବାଚନ ସମୟରେ ସେମାନେ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ଭୁଲିଯାଇଛନ୍ତି। ୩୦୦ ୟୁନିଟ୍ ମାଗଣା ବିଜୁଳି ଗଲା କୁଆଡ଼େ? ଚାଷୀଙ୍କୁ ଧାନରେ ଅଧିକ ୮୦୦ ଟଙ୍କା ଠନ୍ ଠନ୍ କରି ଗଣିଦେବେ ବୋଲି କହିଥିଲେ। ହେଲେ ମଣ୍ଡିରୁ ଧାନ ସଂଗ୍ରହ ହେଉନାହିଁ। ଅଧିକାଂଶ ମଣ୍ଡିରେ ଧାନ ନଷ୍ଟ ହେଉଛି। କଟ୍‌ନୀ ଛଟ୍‌ନୀ ୧୧ରୁ ୧୨ କେଜି କରାଯାଉଛି। ଏପଟେ ୮୦୦ ଟଙ୍କା ଇନ୍‌ପୁଟ ସବ୍‌ସିଡ୍ ଦେବେ କହି ସେପଟେ ଲୁଟି ନେଉଛନ୍ତି। ରାଜ୍ୟରେ ଏବେ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅନେକ ଜିଲ୍ଲାରେ ଝାଡ଼ାବାନ୍ତି ବ୍ୟାପିଥିବାବେଳେ ବହୁ ଲୋକଙ୍କ ଜୀବନ ଗଲାଣି। ଦରଦାମ୍ ଉପରେ ଲଗାମ୍ ନାହିଁ। ସାଧାରଣ ଲୋକଟିଏ ଚଳିବା କଷ୍ଟକର ହୋଇପଡ଼ିଛି। ରାଜ୍ୟରେ ନାରୀ ନିର୍ଯାତନା ବଢ଼ିଛି। ନାବାଳିକାଙ୍କୁ ଦୁଷ୍କର୍ମ କରାଯାଉଥିବାବେଳେ ଛାତ୍ରୀ ଗର୍ଭବତୀ ହେଉଛନ୍ତି। ହଜାର ହଜାର ପଦ ଫାଙ୍କା ପଡ଼ିଥିବାବେଳେ ନିଯୁକ୍ତି ଦିଆଯାଉ ନ ଥିବାରୁ ଯୁବଗୋଷ୍ଠୀ ପଥଭ୍ରଷ୍ଟ ହେଉଛନ୍ତି। ଓଡ଼ିଶାର ହଜାର ହଜାର ଲୋକ ଦାଦନ ଖଟିବାକୁ ଯାଉଛନ୍ତି। ଏମିତି କି ଅନେକଙ୍କର ସେଠାରେ ମୃତ୍ୟୁ ଘଟୁଛି। ମୃତଦେହ ଆସିପାରୁ ନାହିଁ। ସରକାର ଆସିବାର ୨୪ ଘଣ୍ଟା ଭିତରେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଟଙ୍କା ଫେରାଇବେ ବୋଲି କହିଥିଲେ। ହେଲେ ତାହାକୁ ଭୁଲିଯାଇଛନ୍ତି। ସରକାର କେବଳ ସବୁଜ ରଙ୍ଗ ବଦଳରେ ଗେରୁଆ ରଙ୍ଗ କରିବାରେ ଏକ ବର୍ଷ ବିତିଗଲା। ପହଲଗାମ୍‌ରେ ଯେଉଁ ୪ଜଣ ଆତଙ୍କବାଦୀ ଦମନଲୀଳା ରଚି ଧର୍ମ ପଚାରି ନିରୀହ ହିନ୍ଦୁମାନଙ୍କୁ ହତ୍ୟା କଲେ ସରକାର ସେମାନଙ୍କୁ ଏ ପର୍ଯ୍ୟନ୍ତ ମାରିପାରିଲେ ନାହିଁ ବୋଲି କହିଥିଲେ ଶ୍ରୀ ବାହିନୀପତି।

**■ ରଙ୍ଗ ଆଉ ନାଁ ବଦଳା ସରକାର କହି ସମାଲୋଚନା**
**■ ନିର୍ବାଚନ ବେଳର ପ୍ରତିଶ୍ରୁତି କେବଳ ପ୍ରତାରଣା ପାଲଟିଛି**

କଂଗ୍ରେସ ବିଧାୟକ ଦଳ ଉପନେତା ଅଶୋକ ଦାସ ପେଟ୍ରୋଲ, ଡିଜେଲ, ଗ୍ୟାସ୍ ଦର ଆକାଶଛୁଆଁ। କିନ୍ତୁ ଏହି ବିଜେପି କଂଗ୍ରେସ ଶାସନ ସମୟରେ ଗ୍ୟାସ୍ ଦର ୪୩୫ ଟଙ୍କାକୁ ବୃଦ୍ଧି ହୋଇଥିବାରୁ ରାଜରାସ୍ତାରେ ଆନ୍ଦୋଳନ କରିଥିଲେ ବୋଲି କହିଥିଲେ। ଯୁବ କଂଗ୍ରେସ ନେତା ୟାସିର ନୱାଜ କେନ୍ଦ୍ର ମୋଦୀ ସରକାର ବାର୍ଷିକ ୨ କୋଟି ବେକାରୀଙ୍କୁ ନିଯୁକ୍ତି ଦେବେ ବୋଲି କହିଥିଲେ ମାତ୍ର ସେଥିରେ ବିଫଳ ହେଲେ। ରାଜ୍ୟ ସରକାର କଟ୍‌ନୀ ଛଟ୍‌ନୀ କରି ଚାଷୀଙ୍କୁ ଧୋକା ଦେଉଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଷାନ କଂଗ୍ରେସ ରାଜ୍ୟ ସଭାପତି ଅମିୟ ପଟ୍ଟନାୟକ ଜଳସେଚନଠାରୁ ଆରମ୍ଭ କରି ପୁରୀ ଜିଲ୍ଲାରେ ମୁଖ୍ୟତଃ ଧାନ, ପାନ, ମୀନ ଏବଂ ଦୁଗ୍ଧ ଚାଷୀଙ୍କ ବିଭିନ୍ନ ସମସ୍ୟା ଦିଗରେ ସରକାରଙ୍କୁ ନିଶାଣ କରିଥିଲେ। ଏହି କାର୍ଯ୍ୟକ୍ରମ ପୁରୀ ଜିଲ୍ଲା କଂଗ୍ରେସ ସଂଯୋଜକ ଇଂ. ରାଜେଶ କୁମାର ମିଶ୍ରଙ୍କ ସଭାପତିତ୍ୱରେ ସମ୍ପାଦନ ହୋଇଥିବାବେଳେ ଜିଲ୍ଲାର ସମସ୍ତ ବ୍ଲକ୍ କଂଗ୍ରେସ ସଭାପତି ଏବଂ ସମସ୍ତ ବିଧାୟକ ପ୍ରାର୍ଥୀ ନିଜର ଅଭିମୁଖ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିଳା ସଭାନେତ୍ରୀ ନିରୁପମା ପାତ୍ର, ଲକ୍ଷ୍ମୀଧର ପ୍ରଧାନ, ନୀଳମଣି ପ୍ରଧାନ, ସରସ୍ୱତୀ ପାତ୍ର, ବିଦ୍ୟୁତ୍‌ଲତା ଆଚାର୍ଯ୍ୟ, ସସ୍ମିତା ସ୍ୱାଇଁ, ଉତ୍ତମ ଆଚାର୍ଯ୍ୟ, ସୁଜିତ୍ ମହାପାତ୍ର, ବିଶ୍ୱଭୂଷଣ ଦାସ, ପ୍ରେମାନନ୍ଦ ମହାନ୍ତି, ଉମାକାନ୍ତ ବରାଳ, ସେକ୍ ସଫିକ୍‌ଉଦ୍ଦିନ, ପ୍ରେମଜିତ୍ ମହାନ୍ତି, ଭାସ୍କର ସେଠ୍, ବୁଟୁ ସାହୁ, ଅରୋପ୍ରସାଦ ମିଶ୍ର, ଡ. ନିରଞ୍ଜନ ବିଶ୍ୱାଳ, ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର, ମନୋଜ ରଥ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

## ସ୍ତ୍ରୀକୁ ଶାବଳରେ ଭୁସି ହତ୍ୟା

ବିଞ୍ଝାରପୁର,୧୬।୬(ସମିସ): ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ଚନ୍ଦ୍ରମୁହାଁ ପଞ୍ଚାୟତ ବାଣପୁର ଗାଁରେ ସ୍ତ୍ରୀକୁ ଶାବଳରେ ଭୁସି ଭୁସି ହତ୍ୟା କରିଛି ସ୍ୱାମୀ। ପୁଲିସ୍ତ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିଛି। ସୂଚନା ମୁତାବକ, ଗାଁର ସୁଦାମ ମଲ୍ଲିକ ଓ ତାଙ୍କ ଧର୍ମପତ୍ନୀ ଶାନ୍ତିଲତା ମଲ୍ଲିକ (୪୨) ଓ ଉଭୟ ରାତ୍ରୀଭୋଜନ ସାରି ସାଙ୍ଗ ହୋଇ ଶୋଇବାକୁ ଯାଇଥିଲେ। ତେବେ ମଧ୍ୟରାତ୍ରରେ ଉଭୟଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିଲା। ଫଳରେ ସ୍ୱାମୀ ସୁଦାମ ନରହନ୍ତା ପାଲଟିଯାଇଥିଲା। ଏକ ଶାବଳରେ ସ୍ତ୍ରୀ ଶାନ୍ତିଲତାକୁ ବାରବାର ଆଘାତ କରି ହତ୍ୟା କରିଥିଲା। ଚିତ୍କାର ଶୁଣି ଅନ୍ୟ ରୁମ୍‌ରେ ଥିବା ମା' ନିରୁପାୟ ହୋଇ ସୁଦାମର ସାନ ଭାଇକୁ ଡାକ ଛାଡିଥିଲେ। ସୁଦାମର ସାନ ଭାଇ ପହଞ୍ଚି ବହୁ ଅନୁରୋଧ କଲା ପରେ ସୁନାମ ଘରର କବାଟ ଖୋଲିଥିଲା। ରକ୍ତ ଜୁଡୁବୁଡୁ ହୋଇ ପଡ଼ି ରହିଥିବା ଶାନ୍ତିଲତାଙ୍କୁ ଉଦ୍ଧାର କରି ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପରିବାର ଲୋକ ଏକ ଅଟୋ ରିକ୍ସା ସାହାଯ୍ୟରେ ବୋହି ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବିଞ୍ଝାରପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ମୃତ ଶାନ୍ତିଲତାଙ୍କ ହତ୍ୟାକାରୀ ସ୍ୱାମୀ ସୁଦାମକୁ ଗିରଫ କରିଛନ୍ତି। ପୁଲିସ୍ ଥାନା କେସ ନଂ୨୮୧/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତର ଡାକ୍ତରୀ ମାଇନା କରି କୋର୍ଟଚାଲାଣ କରିଛି। ଅନ୍ୟପକ୍ଷେ ଏହିପରି ହତ୍ୟାକାଣ୍ଡ ପଛରେ କ'ଣ ରହିଛି କାରଣ ତଦନ୍ତ ଚାଲିଛି ବୋଲି ବିଞ୍ଝାରପୁର ଥାନା ଅଧିକାରୀ କହିଛନ୍ତି।

# ୧୭ ଦିନ ପରେ ଆଗକୁ ବଢ଼ିଲା ମୌସୁମୀ

## ରାଜ୍ୟର ଏକାଧିକ ଜିଲ୍ଲାକୁ ଅଗ୍ରସର ଯୋଗୁଁ ବର୍ଷା


ଭୁବନେଶ୍ୱର,୧୬।୬(ସମିସ): ଦୀର୍ଘ ୧୭ ଦିନ ପରେ ଆଗକୁ ବଢ଼ିଲା ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ। ୨୯ ମେ'ଠାରୁ ରାଜ୍ୟରେ ମୌସୁମୀ ନିଷ୍କ୍ରିୟ ରହିଥିଲା। ଫଳରେ ରାଜ୍ୟରେ ମୌସୁମୀ ଜନିତ ବର୍ଷାରେ ରୋକ୍ ଲାଗିଥିଲା। ମାତ୍ର ୧୭ ଦିନ ପରେ ମୌସୁମୀ ସକ୍ରିୟ ହେବା ସହ ଓଡ଼ିଶାର ଅଧିକାଂଶ ଜିଲ୍ଲାକୁ ଅଗ୍ରସର ହୋଇଛି। ସୋମବାର ଆଇଏମ୍‌ଡି ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ମୌସୁମୀର ନିମ୍ନ ଚାପରେଖା ବରଗଡ଼ରୁ ଚାନ୍ଦବାଲି ପର୍ଯ୍ୟନ୍ତ ଲମ୍ବିଛି। ଫଳରେ ଏହାଦ୍ୱାରା ଗଞ୍ଜାମ, କନ୍ଧମାଳ, ବଲାଙ୍ଗିର, ସୋନପୁରସ ବୌଦ୍ଧ, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, ଯାଜପୁର, କଟକ ଓ କେନ୍ଦ୍ରାପଡ଼ା ଆଦିକୁ ମୌସୁମୀ ସମ୍ପୂର୍ଣ୍ଣ ଆଚ୍ଛାଦିତ କରିଥିବା ଜଣାପଡ଼ିଛି। ଏହାସହିତ ସମ୍ବଲପୁର, ବରଗଡ଼, ଅନୁଗୁଳ, କେନ୍ଦୁଝରେ ଆଦି ଜିଲ୍ଲାକୁ ମୌସୁମୀ ଆଂଶିକ ଛୁଇଁଛି। ଆଗାମୀ ଦିନେ ଦୁଇ ଦିନ ମଧ୍ୟରେ ମୌସୁମୀ ଆହୁରି ସକ୍ରିୟ ହେବା ସହ ସାରା ରାଜ୍ୟକୁ ଅଗ୍ରସର ହେବା ନେଇ ସମ୍ଭାବନା ରହିଛି।

ବର୍ତ୍ତମାନ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ମୌସୁମୀ ସକ୍ରିୟ ରହିବା ସହ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଗତ ୨୪ ଘଣ୍ଟାରେ ଚାନ୍ଦବାଲିରେ ସର୍ବାଧିକ ୪୭ ମିମି ବର୍ଷା ହୋଇଥିବା ବେଳେ ରାଉରକେଲାରେ ୩୫, ଝାରସୁଗୁଡ଼ାରେ ୨୮, ଭଦ୍ରକ ୧୯, କେନ୍ଦୁଝର ୧୫ ଓ ବରଗଡ଼ ୧୩ ମିମି ବର୍ଷା ରେକର୍ଡ ହୋଇଛି। ଆଗକୁ ଆହୁରି ୨ ଟି ଅର୍ଥାତ ୨୪ ଏବଂ ୨୮ ତାରିଖରେ ବେଳକୁ ପୁଣି ଘୂର୍ଣ୍ଣିବଳୟ ସୃଷ୍ଟି ହେବାକୁ ଥିବାରୁ ଜୁନ୍ ଶେଷ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ହେବାର ସମ୍ଭାବନା ରହିଛି।

ମଙ୍ଗଳବାର ମୟୂରଭଞ୍ଜ, କେନ୍ଦୁଝର ଏବଂ ସୁନ୍ଦରଗଡ ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାକୁ ଥିବା ବେଳେ ଝାରସୁଗୁଡ଼ା, ଦେଓଗଡ଼, ବାଲେଶ୍ୱର, ଭଦ୍ରକ, ଯାଜପୁର, ସମ୍ବଲପୁର, ଅନୁଗୁଳ, ବରଗଡ ଏବଂ ଢେଙ୍କାନାଳ ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ପ୍ରବଳ ବର୍ଷା ଆଶଙ୍କା ରହିଛି। ଏହାସହ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ସୁନ୍ଦରଗଡ, ଝାରସୁଗୁଡ଼ା, ବରଗଡ, ସମ୍ବଲପୁର, ଦେଓଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୋନପୁର, ବୌଦ୍ଧ, ନୂଆପଡା, ବଲାଙ୍ଗିର, କନ୍ଧମାଳ, ନବରଙ୍ଗପୁର, ରାୟଗଡା, କୋରାପୁଟ ଏବଂ ମାଲକାନଗିରି ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ଆଶଙ୍କା ରହିଛି। ବଙ୍ଗୋପସାଗରରେ ସକ୍ରିୟ ଘୂର୍ଣ୍ଣିବଳୟ ଯୋଗୁଁ ୧୯ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳ ଓ ଏହାର ପାର୍ଶ୍ୱବର୍ତ୍ତି ସମୁଦ୍ର ମଧ୍ୟରେ ପବନର ବେଗ ୪୦-୫୦ ଓ ଝଟକା ପବନ ୬୦ କିମି ଛୁଇଁବାର ଆଶଙ୍କା ରହିଛି। ଏଥିପାଇଁ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ଓଡ଼ିଶା ଉପକୂଳ ଏବଂ ପାର୍ଶ୍ୱବର୍ତ୍ତି ସମୁଦ୍ରକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି।

# 'ଥାଟରାଜା' ରଣାର୍ଣ୍ଣବ ଦେବଙ୍କ ପରଲୋକ

ପୁରୀ,୧୬।୬(ସମିସ): ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ସାନଭାଇ ତଥା ପୁରୀର 'ଥାଟରାଜା' ରଣାର୍ଣ୍ଣବ ଦେବଙ୍କର ପରଲୋକ ହୋଇଯାଇଛି। ସ୍ଥାନୀୟ ଇ-୨୪ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୬୭ ବର୍ଷ ବୟସ ହୋଇଥିଲା। କିଛିଦିନ ପୂର୍ବେ ସେ ୧୫ ଦିନ ତଳୁ ସେ ଅସୁସ୍ଥ ହୋଇ କଟକ ଓ ଭୁବନେଶ୍ୱରରେ ଚିକିତ୍ସିତ ପରେ ତିନି ଦିନ ତଳେ ତାଙ୍କୁ ପୁରୀକୁ ନେଇ ଆସିଥିଲେ। ଇ-୨୪ରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ରାତି ୧୨ଟା ୬ ମିନିଟ୍ ସମୟରେ ତାଙ୍କର ମୃତ୍ୟୁ ହୋଇଛି। ସୋମବାର ତାଙ୍କ ମରଶରୀରକୁ ଶ୍ରୀନଅରକୁ ଅଣାଯାଇଥିଲା। ଷୋଳ କରଣଙ୍କ ସହାୟତାରେ ଥାଟରାଜାଙ୍କୁ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଶ୍ରୀମନ୍ଦିରରେ ତାଙ୍କର କୌଣସି ସ୍ୱତନ୍ତ୍ର ସେବାପୂଜା ନ ଥିଲେ ବି ସେବକ ପରିବାରର ହୋଇଥିବାରୁ ବଡ଼ଦେଉଳ ରୋଷଘରୁ ବୈଷ୍ଣବାଗ୍ନି ତଥା ଚମ୍ପା ଆସି ଅନ୍ତ୍ୟେଷ୍ଟିକ୍ରିୟା ସମାପନ ହୋଇଥିଲା।



**ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଲେ ଗଜପତି ମହାରାଜାଙ୍କ ସାନଭାଇ**

ଗଜପତି ମହାରାଜା ବୀରକିଶୋର ଦେବଙ୍କ ଦୁଇପୁଅ ମଧ୍ୟରୁ ସାନ ଥିଲେ ଥାଟରାଜା ରଣାର୍ଣ୍ଣବ ଦେବ। ଅଧିକାଂଶ ସମୟ ସେ ନୀଳଗିରିସ୍ଥିତ ରାଜବାଟୀରେ ନିଜ ମାମୁ ଘରେ ରହି ଆସୁଥିଲେ। ଶ୍ରୀମନ୍ଦିରରେ ତାଙ୍କର କୌଣସି ବିଶେଷ ସେବା ନ ଥିଲେ ମଧ୍ୟ ବଡ଼ଭାଇ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ସୁନିଆଁ, ଛେରାପହଁରା ଆଦି ବିଶେଷ ସେବାରେ ସାମିଲ୍ ହେଉଥିଲେ। ତଡ଼ାଉକରଣ ସେବକ ସୁଧାଂଶୁ ପଟ୍ଟନାୟକ କହିଛନ୍ତି, ଷୋଳ କରଣ ହେଉଛନ୍ତି ରାଜ ପରିବାରର ଜ୍ଞାତି କୁଟୁମ୍ବ। ଥାଟରାଜା ରାଜ ପରିବାରର ହୋଇଥିଲେ ମଧ୍ୟ ଶ୍ରୀମନ୍ଦିରରେ ତାଙ୍କର କୌଣସି ସ୍ୱତନ୍ତ୍ର ସେବାପୂଜା ନ ଥାଏ। ସେ ସ୍ୱର୍ଗବାସ କରିଥିଲେ ହେଁ ଗଜପତି ମହାରାଜା ଅଶୌଚ ହୁଅନ୍ତି ନାହିଁ। ନିଜ ପିତାମାତାଙ୍କ ମୃତ୍ୟୁ ହେଲେ ମଧ୍ୟ ରାଜା ଅଶୌଚ ହୋଇ ନ ଥା'ନ୍ତି। ତେଣୁ ଗଜପତି ମହାରାଜାଙ୍କର ରଥଯାତ୍ରାରେ କୌଣସି ନୀତିକାନ୍ତି ବାଧାପ୍ରାପ୍ତ ହେବ ନାହିଁ।

# ବିପଜ୍ଜନକ ଅବସ୍ଥାରେ କାର୍ଯ୍ୟ କରୁଛନ୍ତ ବନ କର୍ମଚାରୀ

ଭୁବନେଶ୍ୱର,୧୬।୬(ସମିସ): ବିପଦପୂର୍ଣ୍ଣ ଭାବେ କାର୍ଯ୍ୟ କରୁଥିବା ବନ କର୍ମଚାରୀଙ୍କୁ ମିଳିପାରୁନି ଜୀବନ ବୀମା। ରାଜ୍ୟରେ ଗତ କିଛି ବର୍ଷ ହେବ ନିୟମିତ ଭାବେ ବନ କର୍ମଚାରୀମାନେ ଶିକାରି ଗୁଳିରେ ପ୍ରାଣ ହରାଇବାରେ ଲାଗିଛନ୍ତି। ଏହା ବ୍ୟତୀତ ଅନେକ ସମୟରେ ହାତୀ ଆକ୍ରମଣରେ ମଧ୍ୟ ବନକର୍ମଚାରୀଙ୍କ ଜୀବନ ଯାଉଛି। ମୃତକଙ୍କ ମଧ୍ୟରେ ମୁଖ୍ୟତଃ କ୍ଷେତ୍ରସ୍ତରରେ କାର୍ଯ୍ୟରତ ଫରେଷ୍ଟଗାର୍ଡ, ଫରେଷ୍ଟର ଓ ଡେପୁଟି ରେଞ୍ଜର ପଦରେ କାର୍ଯ୍ୟରତ କର୍ମଚାରୀ ରହୁଛନ୍ତି। ତେଣୁ ଏହି କର୍ମଚାରୀମାନେ ନିଜ ପାଇଁ ଜୀବନ ବୀମା ଦାବି କରି ଆସୁଥିଲେ ମଧ୍ୟ ବନ ବିଭାଗ ଏଥିପ୍ରତି ଆଖିବୁଜି ଦେଇଛି। ଯାହାକୁ ନେଇ ବନ କର୍ମଚାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦାନା ବାନ୍ଧିବାରେ ଲାଗିଛି।

ବଡ଼ କଥା ହେଉଛି ଯେ ଏହି ବୀମା ବାବଦକୁ ରାଜ୍ୟ ସରକାର କିମ୍ବା ବନ ବିଭାଗ ହାତରୁ ଟଙ୍କାଟେ ଖର୍ଚ୍ଚ ପଡ଼ିବ ନାହିଁ। ଏହା ସତ୍ତ୍ୱେ ଏପରି ବୀମା ପ୍ରତି ଅନାଗ୍ରହ ଯୋଗୁଁ ହଜାର ହଜାର ବନ କର୍ମଚାରୀଙ୍କ ପରିବାର କ୍ଷତିଗ୍ରସ୍ତ ହେଉଛନ୍ତି। ରାଜ୍ୟରେ ବର୍ତ୍ତମାନ ପୁଲିସ ଓ ଜେଲ୍ ବିଭାଗର କର୍ମଚାରୀମାନଙ୍କୁ ଏହି ବୀମା ସୁବିଧା ପ୍ରଦାନ କରାଯାଇଛି। ହେଲେ ବନ ବିଭାଗ କର୍ମଚାରୀଙ୍କୁ କାହିଁକି ଏଥିରୁ ବାଦ୍ ଦିଆଯାଇଛି ତାକୁ ନେଇ କର୍ମଚାରୀମାନେ ପ୍ରଶ୍ନ ଉଠାଇଛନ୍ତି। ବର୍ତ୍ତମାନ ବିଭିନ୍ନ ଜାତୀୟ ବ୍ୟାଙ୍କ ଜରିଆରେ 'ସାଲେରୀ ପ୍ୟାକେଜ୍ ବୀମା' ପ୍ରଦାନ କରିବାର ବ୍ୟବସ୍ଥା ଉପଲବ୍ଧ ରହିଛି। ଏ ବାବଦକୁ ପ୍ରିମିୟମ ଅର୍ଥରାଶି ମଧ୍ୟ ପୈଠ କରିବାର ଆବଶ୍ୟକତା ରହୁନାହିଁ। ଏହାକୁ ଆଧାର କରି ରାଜ୍ୟ ପୁଲିସ ବିଭାଗ ଓ ଜେଲ୍ ବିଭାଗ ନିଜ କର୍ମଚାରୀଙ୍କ ପାଇଁ ୧ କୋଟି ଟଙ୍କାର ବୀମା ଉପଲବ୍ଧ କରାଇଛନ୍ତି। ଯଦି କୌଣସି କର୍ମଚାରୀଙ୍କ ଦୁର୍ଘଟଣା ଜନିତ ମୃତ୍ୟୁ ହୁଏ, ତେବେ ତାଙ୍କ ପରିବାରକୁ ବ୍ୟବସ୍ଥା ଅନୁଯାୟୀ ୧ କୋଟି ଟଙ୍କାର ବୀମା ରାଶି ମିଳିବାର ବ୍ୟବସ୍ଥା ହୋଇଛି। ତେଣୁ ବନ କର୍ମଚାରୀମାନଙ୍କ ଜୀବନ ପ୍ରତି ବିପଦ ରହିଥିବାରୁ, ସେମାନଙ୍କୁ ଏହି ସୁବିଧା ଉପଲବ୍ଧ କରାଇ ଦେବାକୁ ବାରମ୍ବାର ବନ କର୍ମଚାରୀମାନେ ଦାବି କରି ଆସୁଥିଲେ ମଧ୍ୟ ବନ ବିଭାଗ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହୋଇଛି।

ଓଡ଼ିଶା ଅଣଗେଜେଟେଡ୍ ବନସେବାସଂଘର ସଭାପତି ଜଗବନ୍ଧୁ ପାତ୍ର କହିଛନ୍ତି ଯେ ବର୍ତ୍ତମାନ ପୁଲିସ, ଜେଲ୍ ଓ ଅଗ୍ନିଶମ କର୍ମଚାରୀଙ୍କୁ 'ସାଲେରୀ ପ୍ୟାକେଜ୍ ବୀମା' ପ୍ରଦାନ କରାଯାଉଛି। ବନ କର୍ମଚାରୀମାନେ ଏମାନଙ୍କଠାରୁ ବିପଦପୂର୍ଣ୍ଣ ଭାବେ କାର୍ଯ୍ୟ କରୁଛନ୍ତି। ବର୍ତ୍ତମାନ ସମସ୍ତ ପିସିସିଏଫ୍‌ସହିତ ଅନେକ ଉଚ୍ଚ ଅଧିକାରୀ ଅଣଓଡ଼ିଆ ହୋଇଥିବାରୁ ସେମାନେ ଓଡ଼ିଆଙ୍କ ମନର ଅବସ୍ଥାକୁ ବୁଝି ପାରୁ ନାହାନ୍ତି। ସେଥିପାଇଁ ସେମାନେ ୮ ହଜାରୁ ଊର୍ଦ୍ଧ୍ୱ ବନ କର୍ମଚାରୀଙ୍କ ପରିବାରର ସୁରକ୍ଷାକୁ ବିପଦକୁ ଠେଲି ଦେଉଛନ୍ତି। କିଛି ଦିନ ତଳେ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କର ଏକ ଟିମ୍ ପିସିସିଏଫଙ୍କୁ ଏହି ବୀମା ସୁବିଧା ସମ୍ପର୍କରେ ଅବଗତ କରାଇଥିଲେ। ସମସ୍ତ ସୁବିଧା ସୁଯୋଗ ନେଇ ସୂଚନା ଦେଇଥିଲେ। ମାତ୍ର ଏହା ସତ୍ତ୍ୱେ ବିଭାଗ ପକ୍ଷରୁ କୌଣସି ପ୍ରକ୍ରିୟା ଆଗକୁ ନିଆଯାଇ ନାହିଁ। ଯାହାକୁ ନେଇ ଓଡ଼ିଶା ଅଣଗେଜେଟେଡ୍ ବନ ସେବାସଂଘ ପକ୍ଷରୁ ଅସନ୍ତୋଷ ପ୍ରକାଶ କରାଯାଇଛି।

**■ ଜୀବୀନ ବୀମା କରିବାକୁ ଅମଙ୍ଗ ବିଭାଗୀୟ ଅଧିକାରୀ**
**■ ବିନା ପ୍ରିମିୟମରେ ବୀମା ସୁବିଧା ଥାଇ ବି ମିଳୁନି ସୁବିଧା**

## ଆଜି ଖୋଲିବ ଉଚ୍ଚଶିକ୍ଷାନୁଷ୍ଠାନ

ଭୁବନେଶ୍ୱର,୧୬।୬(ସମିସ): ଆସନ୍ତାକାଲି ଅର୍ଥାତ୍ ମଙ୍ଗଳବାର ଠାରୁ ରାଜ୍ୟର ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନ ଖୋଲିବ। ଏନେଇ ଶିକ୍ଷାନୁଷ୍ଠାନଗୁଡ଼ିକରେ ପ୍ରସ୍ତୁତି ଆରମ୍ଭ ହୋଇଛି ଓ ପୂର୍ଣ୍ଣ ଭାବେ ପୂର୍ବପରି ପାଠପଢ଼ା ଆରମ୍ଭ କରିବାକୁ ଗୁରୁତ୍ୱ ଦିଆଯାଇଛି। ଗ୍ରୀଷ୍ମ ପ୍ରବାହ ପାଇଁ ସମସ୍ତ ସରକାରୀ ଓ ବେସରକାରୀ କଲେଜକୁ ଏପ୍ରିଲ୍ ୨୩ ତାରିଖରୁ ଛୁଟି ଘୋଷଣା କରାଯାଇଥିଲା। ହେଲେ ଏହି ଛୁଟି ସମୟରେ ପୂର୍ବ ନିର୍ଦ୍ଧାରିତ ପରୀକ୍ଷା ସୂଚୀ ଅନୁଯାୟୀ ପରୀକ୍ଷା ହେବ ବୋଲି କୁହାଯାଇଥିଲା। ଫଳରେ ମେ ୫ରୁ ସମସ୍ତ ଉଚ୍ଚଶିକ୍ଷାନୁଷ୍ଠାନ ଛୁଟି ହୋଇଥିଲା। ପ୍ରାୟ ୪୩ ଦିନ ପରେ ଆସନ୍ତାକାଲି ପାଠପଢ଼ା ଆରମ୍ଭ ହେବ।

## ମହିଳାଙ୍କୁ ଟାଣିନେଲା କୁମ୍ଭୀର

ଆଳି,୧୬।୬(ସମିସ): ଆଜି ଜଣେ ମହିଳାଙ୍କୁ କୁମ୍ଭୀର ଟାଣିନେଇଛି। କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ କୋଳିଡ଼ିହ ପଞ୍ଚାୟତରେ ଏଭଳି ଘଟଣା ଘଟିଛି। ମହିଳା ଜଣକ ତଅଁଳାଡିହା ଗ୍ରାମର କୈଳାସ ମହାନ୍ତିଙ୍କ ପତ୍ନୀ କାଜଲ ମହାନ୍ତି (୪୦ ବର୍ଷ)। ସୂଚନା ମୁତାବକ, ସୋମବାର କାଜଲ ଖରସ୍ରୋତା ନଦୀ ସଂଲଗ୍ନ ତଅଁଳାଡିହା ପାନିଆ ନାମକ ଜୋରକୁ ଗାଧୋଇବାକୁ ଯାଇଥିଲେ।



ସେ ଦୀର୍ଘ ସମୟ ଧରି ଘରକୁ ଫେରି ନ ଥିଲେ। ଘରକୁ ନ ଫେରିବାରୁ ପରିବାର ଲୋକ ଖୋଜାଖୋଜି କରି ଜୋର ନିକଟକୁ ଆସିଥିଲେ। ଜୋର ନିକଟକୁ ଆସି କାଜଲଙ୍କ କପଡା ଥୁଆ ହୋଇଥିବା ଦେଖିବାକୁ ପାଇଥିଲେ। ଗ୍ରାମବାସୀ ଜୋରରେ ଖୋଜାଖୋଜି ଆରମ୍ଭ କରି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ବୋଟ୍ ସାହାଯ୍ୟରେ ଖୋଜାଖୋଜି କରିଥିଲେ ହେଁ ମହିଳାଙ୍କ ପତ୍ତା ପାଇ ନ ଥିବା ଜଣାପଡ଼ିଛି।

## ସିପିଇଡି ପରୀକ୍ଷାରେ ପାସ୍ ହାର ଶତ ପ୍ରତିଶତ

କଟକ,୧୬।୬(ସମିସ): ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ସିପିଇଡି (ସାର୍ଟିଫିକେଟ ଇନ ଫିଜିକାଲ ଏଜୁକେସନ) ପରୀକ୍ଷାରେ ପାସ ହାର ଶତପ୍ରତିଶତ ରହିଛି। ମୋଟ୧୧୪ ଜଣ ପରୀକ୍ଷା ଦେଇଥିବା ବେଳେ ସମସ୍ତେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଗତ ମେ ୫ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ଦୁଇଗୋଟି ପରୀକ୍ଷା କେନ୍ଦ୍ରରେ ଏହି ପରୀକ୍ଷା କରାଯାଇଥିଲା ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି।

**ଆଡ଼ପ ପହଣ୍ଡି ଅଘଟଣ**


# ପ୍ରାୟଶ୍ଚିତ ହେଲାନି; ଫଳ ଭୋଗୁଛନ୍ତି ଦେଶବାସୀ!

ପୁରୀ,୧୬।୬(ସମିସ): ଗତବର୍ଷ ଜୁଲାଇ ୯ ତାରିଖ କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ ଲାଗିଥିଲା ଶକ୍ତ ଆଘାତ। ଆଡପ ପହଣ୍ଡି ସମୟରେ ଚାରମାଳ ଉପରେ ମୁହଁମାଡ଼ି ପଡିଥିଲେ ବଡ଼ଠାକୁର ଶ୍ରୀବଳଭଦ୍ର। ଅନେକ ସେବାୟତ ମଧ୍ୟ ଆହତ ହୋଇଥିଲେ। ମାତ୍ର ଏହି ଘଟଣାର ଏହାର କୌଣସି ପ୍ରାୟଶ୍ଚିତ କରାଗଲା ନାହିଁ। ଏହି ଆଡପ ପହଣ୍ଡି ଅଘଟଣର ଫଳ ଭୋଗୁଛନ୍ତି ଦେଶବାସୀ। ପ୍ରାୟଶ୍ଚିତ ନ କରିବାରୁ ରାଜ୍ୟ, ଦେଶ ବିପଦର ସାମ୍ନା କରୁଛି। ବଢୁଛି ଦୁର୍ଘଟଣା, ହତ୍ୟା, ମୃତ୍ୟୁ ଏବଂ ପ୍ରାକୃତିକ ବିପର୍ଯ୍ୟୟ। ଏପରି କି ଗଜପତି ମହାରାଜାଙ୍କ ପରିବାର ଉପରେ ମଧ୍ୟ ଏହାର ପ୍ରଭାବ ପଡିଥିବା ପଣ୍ଡିତ ଆଶଙ୍କା କରିଥିବା ବେଳେ ସାଧାରଣରେ ମଧ୍ୟ ଏହି ଚର୍ଚ୍ଚା ଜୋର୍ ଧରିଛି। ଗଜପତି ମହାରାଜାଙ୍କ ପରିବାର ସଦସ୍ୟ ଥାଟରାଜା ରଣାର୍ଣ୍ଣବ ଦେବଙ୍କ ବିୟୋଗ ଘଟିଛି। ପ୍ରାୟଶ୍ଚିତ ବିଧି କରିଥିଲେ ହୁଏତ ଏଭଳି କ୍ଷତି ହୋଇ ନ ଥାନ୍ତା ବୋଲି ମତ ଦେଇଛନ୍ତି ପଣ୍ଡିତ ବିଶ୍ୱମ୍ଭର ଦାଶ।

ଗତବର୍ଷ ଆଡପମଣ୍ଡପ ବିଜେ ପହଣ୍ଡି ସମୟରେ ପଡିଯାଇଥିଲେ ବଡଠାକୁର ବଳଭଦ୍ର। ଏହାକୁ ନେଇ ନାନା ପ୍ରକାର ଚର୍ଚ୍ଚା, ଆଲୋଚନା ହୋଇଥିଲା। ଠାକୁର ପଡିଗଲେ କ'ଣ ହୁଏ ତାହା ବିଭିନ୍ନ ଶାସ୍ତ୍ରରେ ଉଲ୍ଲେଖ ରହିଥିବା ବେଳେ ଶାନ୍ତି ବିଧାନ ବା ପ୍ରାୟଶ୍ଚିତର ମତ ଦେଇଥିଲେ ପଣ୍ଡିତ। ନୀଳାଦ୍ରି ମହୋଦୟ ଗ୍ରନ୍ଥରୁ ଉଦ୍ଧୃତ ରାଧାବଲ୍ଲଭ ମଠ ମହନ୍ତ ତଥା ପୂର୍ବତନ ପରିଚାଳନା କମିଟି ସଦସ୍ୟ ରାମକୃଷ୍ଣ ଦାସ ମହାରାଜ କହିଥିଲେ, ଏହିପରି ଅଘଟଣ ଘଟିଲେ ରାଷ୍ଟ୍ର ପ୍ରତି ବହୁ ବିପଦ ଦେଖାଯାଏ। ଏହି ଅଘଟଣ ଦେଖାଗଲେ କ'ଣ ହୁଏ ସେ ସମ୍ପର୍କରେ ସ୍ୱୟଂ ବ୍ରହ୍ମା ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ କହିଛନ୍ତି। 'ହେ ରାଜା ! ଅସାବଧାନତା ହେତୁ ଯଦି ଜଗନ୍ନାଥ, ବଳଭଦ୍ର କିମ୍ବା ସୁଭଦ୍ରା ତଳେ ପଡିଯାଆନ୍ତି ତେବେ ରାଜ୍ୟ ରାଜାଙ୍କର ଏବଂ ରାଜ୍ୟର ମହା ଅନିଷ୍ଟ ହେବ। ଦୁର୍ଭିକ୍ଷ ପଡିବ, ମହାମାରୀ ବାରମ୍ବାର ହେବ। ପହଣ୍ଡି ସମୟରେ ଠାକୁର ପଡିଗଲେ ମହିଷୀ (ରାଣୀ)ଙ୍କର କ୍ଷତି ହେବ। ତେଣୁ ବିଷ୍ଣୁଙ୍କର ପ୍ରୀତି ଉଦ୍ଦେଶ୍ୟରେ ଶାନ୍ତି ବିଧାନ କରିବ। ବ୍ରାହ୍ମଣମାନଙ୍କ ଦ୍ୱାରା ମୂଳମନ୍ତ୍ର ଏକ ଲକ୍ଷ ବାର ଜପ କରାଇବ। ସେତିକି ସଂଖ୍ୟକ ଅର୍ଥାତ୍ ଗବ୍ୟ ଘୃତରେ ଏକ ଲକ୍ଷ ଆହୁତି ଦେଇ ହୋମ କରିବ। ତାହାର ଏକ ଦଶମାଂଶ ଅର୍ଥାତ୍ ଦଶହଜାର ତର୍ପଣ କରାଇବ।' ସେହିପରି ବାମଦେବ ସଂହିତାରୁ ଉଦ୍ଧୃତ କରି ଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଥିଲେ, ଠାକୁର ଯଦି ରଥରୁ ଅକସ୍ମାତ ପଡିଯାନ୍ତି ତେବେ ରାଜା ଏବଂ ରାଜ୍ୟ ଉଭୟଙ୍କର କ୍ଷତି ହୋଇଥାଏ। ରାଜ୍ୟରେ ଦୁର୍ଭିକ୍ଷ, ମୃତ୍ୟୁ ଭୟ ବଢିଯାଏ।

ପଣ୍ଡିତମାନେ ପ୍ରାୟଶ୍ଚିତ ପାଇଁ ଯେଉଁ ପରାମର୍ଶ ଦେଇଥିଲେ, ତାହା ପାଳନ କରାଯାଇ ନାହିଁ।ପଣ୍ଡିତ ବିଶ୍ୱମ୍ଭର ଦାଶ କହିଛନ୍ତି, ବଳଭଦ୍ର ମହାପ୍ରଭୁ ଯଦି ପଡିଯାନ୍ତି ତେବେ ରାଷ୍ଟ୍ରର କ୍ଷତି ହୋଇଥାଏ, ଯାହାର ଫଳସ୍ୱରୂପ ଅତୀତରେ ବାତ୍ୟା, ଅଦିନରେ ମରୁଡ଼ି, ଭୂମିକମ୍ପ, ଯୁଦ୍ଧର ଘନଘଟା ଲାଗିରହିଛି। ଏହାରି ଭିତରେ ଆଜି ଆଉ ଏକ ଦୁଃଖଦ ଘଟଣା ଘଟିଛି। ବଳଭଦ୍ର ପଡିଯିବାର ବର୍ଷେ ନ ପୁରୁଣୁ ଗଜପତି ମହାରାଜାଙ୍କ ସାନଭାଇ ରଣାର୍ଣ୍ଣବ ଦେବଙ୍କର ରବିବାର ରାତିରେ ସ୍ୱର୍ଗବାସ ହୋଇଛି। ଧର୍ମଶାସ୍ତ୍ର ଅବମାନନା କଲେ ଆମକୁ ଏହିଭଳି ବିପଦର ସମ୍ମୁଖୀନ ହେବାକୁ ପଡିବ।

ପହଲଗାମ ଆତଙ୍କବାଦୀ ଆକ୍ରମଣ ହେଉ କି ଅହମ୍ମଦାବାଦ ବିମାନ ଦୁର୍ଘଟଣା, କୁମ୍ଭମେଳା ଦଳଚକଟା ହେଉ କି କେଦାରନାଥରେ ହେଲିକପ୍ଟର ଦୁର୍ଘଟଣା ଅବା ଆର୍‌ସିବି ବିଜୟ ଉତ୍ସବ ଦଳଚକଟା ଏବଂ ପୁଣେରେ ବ୍ରିଜ ଭାଙ୍ଗିବା। ଏମିତି ଅନେକ ଅଘଟଣ ଘଟି ଶହ ଶହ ନିରୀହ ଜୀବନ ଗଲାଣି। ଦେଶରେ ଯୁଦ୍ଧ ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଛି। ଏହାଛଡା ବନ୍ୟା, ବାତ୍ୟା, ହଇଜା ପରି ଅନେକ ବିପର୍ଯ୍ୟୟର ଲୋକେ ସାମ୍ନା କରିଛନ୍ତି। ଧାର୍ମିକ ବିଧିବିଧାନ ବା ଶାସ୍ତ୍ରୀୟ ମତ ଅନୁଯାୟୀ ବଳଭଦ୍ର ପଡିବାର ପ୍ରାୟଶ୍ଚିତ ବିଧି କରାଯାଇଥିଲେ ହୁଏତ ଏଭଳି ଅଘଟଣ ଘଟି ନ ଥାନ୍ତା ବୋଲି କହିଛନ୍ତି ଜ୍ୟୋତିର୍ବିଦ୍ ପଣ୍ଡିତ ହରିଶଙ୍କର ମିଶ୍ର।





ଅକ୍ଟୋବର ୫ରେ ଭାରତ-ପାକ୍ ଲଢ଼େଇ

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in


# ସକାଳ THE SAKALA


PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-349 ♦BHUBANESWAR ♦TUESDAY ♦17 JUNE 2025 ♦PAGE-12 ♦₹ 6.00

♦ବର୍ଷ-୪୨ ♦ସଂଖ୍ୟା-୩୪୯ ♦ଭୁବନେଶ୍ୱର ♦ମଙ୍ଗଳବାର ♦୧୭ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ଲାଗୁହେଲା ନୂଆ ୟୁପିଆଇ ପେମେଣ୍ଟ ନିୟମ

### ୫୦% ଫାଷ୍ଟ ହେବ ପେମେଣ୍ଟ

### ୩୦ ନୁହେଁ ସର୍ବାଧିକ ୧୫ ସେକେଣ୍ଡରେ ହେବ ପେମେଣ୍ଟ

■ **ନୂଆଦିଲ୍ଲୀ, ୧୬।୬ (ଏଜେନ୍ସି):** ଆଜିଠାରୁ ଦେଶରେ ଲାଗୁ ହୋଇଛି ନୂଆ ୟୁପିଆଇ ପେମେଣ୍ଟ ନିୟମ। ଏଥିଯୋଗୁ ୟୁପିଆଇ ପେମେଣ୍ଟ ୫୦% ଫାଷ୍ଟ ବା ଦ୍ରୁତ ହୋଇଛି। ଏହାଫଳରେ ବର୍ତ୍ତମାନ ପେମେଣ୍ଟ ପ୍ରକ୍ରିୟା ସର୍ବାଧିକ ୧୫ ସେକେଣ୍ଡରେ ସମାପ୍ତ ହେବ, ଏଥିପାଇଁ ପୂର୍ବ ପରି ଆଉ ୩୦ ସେକେଣ୍ଡ ଅପେକ୍ଷା କରିବାକୁ ପଡିବନାହିଁ। ଅର୍ଥାତ୍ ଏଣିକି କୌଣସି ୟୁପିଆଇ ପେମେଣ୍ଟ ୩୦ ନୁହେଁ ସର୍ବାଧିକ ୧୫ ସେକେଣ୍ଡରେ ସମ୍ପୂର୍ଣ୍ଣ ହେବ। ଭାରତୀୟ ଜାତୀୟ ପେମେଣ୍ଟ ନିଗମ (ଏନ୍‌ପିସିଆଇ) ଗତ ମାସରେ ୟୁପିଆଇ ସହିତ ଜଡିତ କିଛି ନିୟମ ପରିବର୍ତ୍ତନ କରିଥିଲା, ଯାହା ଜୁନ୍ ୧୬ଠାରୁ ଲାଗୁ ହୋଇଛି।

ପୂର୍ବରୁ 'ଫୋନ୍ ପେ', ଗୁଗୁଲ୍ ପେ' କିମ୍ବା ପେଟିଏମ୍ ଭଳି ୟୁପିଆଇ ଆପ୍ ମାଧ୍ୟମରେ ପେମେଣ୍ଟ କରିବାବେଳେ କେତେକ ସମୟରେ କାରବାର ଶେଷ ହେବା ପାଇଁ ୩୦ ସେକେଣ୍ଡ ପର୍ଯ୍ୟନ୍ତ ସମୟ ଲାଗୁଥିଲା। ଗତ ମାସରେ ଏନ୍‌ପିସିଆଇ ବ୍ୟାଙ୍କ ଏବଂ ପେମେଣ୍ଟ ଆପ୍ସଗୁଡିକୁ ସେମାନଙ୍କର ସିଷ୍ଟମ ଅପଗ୍ରେଡ୍ କରିବାକୁ କହିଥିଲା, ଯାହା ଦ୍ୱାରା ପେମେଣ୍ଟ ମାତ୍ର ୧୫ ସେକେଣ୍ଡରେ ସମ୍ପୂର୍ଣ୍ଣ ହେବ। ଏନ୍‌ପିସିଆଇ ଏହି ଅପ୍‌ଗ୍ରେଡେସନ୍ ପାଇଁ କିଛି ବୈଷୟିକ ଜିନିଷରେ ପରିବର୍ତ୍ତନ ଘଟାଇଛି, ଯାହା ଏପିଆଇ ଅର୍ଥାତ୍ ଆପ୍ଲିକେସନ୍ ପ୍ରୋଗ୍ରାମିଂ ଇଣ୍ଟରଫେସ୍ ସହିତ ଜଡିତ। ସରଳ ଭାଷାରେ କହିବାକୁ ଗଲେ ▶ପୃଷ୍ଠା-୭

## ଉତ୍ତର ପ୍ରଦେଶରେ ବଜ୍ରପାତ; ୪୮ ଘଣ୍ଟାରେ ୩୪ ମୃତ



■ **ଲକ୍ଷ୍ନୌ, ୧୬।୬ (ଏଜେନ୍ସି):** ଉତ୍ତର ପ୍ରଦେଶରେ ଝଡ଼ବାତ୍ୟା ସହିତ ବଜ୍ରପାତ ଆତଙ୍କ ସୃଷ୍ଟି କରିଛି। ଗତ ୪୮ ଘଣ୍ଟା ମଧ୍ୟରେ ଏହା ରାଜ୍ୟରେ ୩୪ ଜଣଙ୍କ ଜୀବନ ନେଇଛି। ଅନେକ ଲୋକଙ୍କ ମଧ୍ୟ ଆହତ ହୋଇଛନ୍ତି। ରାଜ୍ୟର ୧୫ ଜିଲ୍ଲାରେ ଏହି ଜୀବନ ଯାଇଛି। ପାଣିପାଗରେ ହଠାତ ପରିବର୍ତ୍ତନ ଯୋଗୁଁ ଜିଲ୍ଲାଗୁଡିକରେ ବିପର୍ଯ୍ୟୟ ସୃଷ୍ଟି ହୋଇଛି। କାଶଗଞ୍ଜ ଏବଂ ଫେତହପୁର ଜିଲ୍ଲାରେ ୫ ଜଣ ଲେଖାଏଁ, ମିରଟ ଏବଂ ଗୌତମ ବୁଦ୍ଧନଗରରେ ୪ ଜଣ ଲେଖାଏଁ, ବୁଲନ୍ଦସହରରେ ତିନି ଜଣ, ଔରିଆ, କାନପୁର ନଗର, କାନପୁର ଦେହାତ ଏବଂ ଇଟୱାରେ ୨ ଜଣ ଲେଖାଏଁ ପ୍ରାଣ ହରାଇଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ମୃତ୍ୟୁକୁ ନେଇ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୃତକଙ୍କ ପରିବାରକୁ ସମସ୍ତ ପ୍ରକାରର ସହାୟତା ଦେବା ପାଇଁ ପ୍ରଭାବିତ ଜିଲ୍ଲାର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ ଗଛ ପଡି, ବଜ୍ରପାତରେ, କାନ୍ଥ ଆଦି ଭୁଶୁଡି ଏବଂ ପାଣିରେ ବୁଡି ମଧ୍ୟ ଅନେକ ଜୀବନ ଯାଇଛି। ସେହିପରି ୨୭ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଭାଗରେ ବର୍ଷା ଜାରି ରହିବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି। ବରେଲିରେ ପ୍ରବଳ ବର୍ଷା ଯୋଗୁଁ ଏକ ହାଇୱେ ମଧ୍ୟ ବୁଡି ଯାଇଛି। ଏଥିଯୋଗୁଁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

# ଥମୁନି ଝାଡ଼ାବାନ୍ତି

## ଯାଜପୁରରେ ପୁଣି ବଢ଼ିଲା ରୋଗୀ ସଂଖ୍ୟା

### ସୁକିନ୍ଦାରେ ଦୁଇ ମୃତ ■ ୧୫ଦିନ ପାଇଁ ହୋଟେଲ, ଜଳଖିଆ ଦୋକାନ ବନ୍ଦ ନିର୍ଦ୍ଦେଶ

■ **ଯାଜପୁର, ୧୬।୬ (ସମିସ):** ଯାଜପୁରରେ ଗତ ସପ୍ତାହେ ହେଲା ଝାଡ଼ାବାନ୍ତି ଲାଗି ରହିଛି। ଗୋଟିଏ ବ୍ଲକରୁ ଅନ୍ୟ ବ୍ଲକକୁ ଡେଇଁ ଏହା ରାଜ୍ୟର ୮ଟି ଜିଲ୍ଲାକୁ ମଧ୍ୟ ବ୍ୟାପିଗଲାଣି। ତଥାପି ଏହି ଝାଡ଼ାବାନ୍ତିଙ୍କୁ ନିୟନ୍ତ୍ରଣ କରାଯାଇପାରୁନାହିଁ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଂଗୃହିତ ନମୁନା ମଧ୍ୟରୁ ୧୧ଟିରେ କଲେରା ଭୂତାଣୁ ମିଳିବା ପରେ ଏହାକୁ ନେଇ ସରକାରଙ୍କ ଚିନ୍ତା

### ସ୍ୱାସ୍ଥ୍ୟ ସଚିବଙ୍କ ଦ୍ୱିତୀୟ ସମୀକ୍ଷା

ବଢ଼ିବାରେ ଲାଗିଛି। କେନ୍ଦ୍ରୀୟ ଟିମ୍ କେବଳ ପାଣି ଓ ଖାଦ୍ୟ ନମୁନା ସଂଗ୍ରହ କରି ପରୀକ୍ଷା ନିରୀକ୍ଷାରେ ଲାଗିଥିଲେ ମଧ୍ୟ ଏହି ଝାଡ଼ାବାନ୍ତିର ମୁଖ୍ୟ କାରଣ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନି। ପ୍ରତିଦିନ ଜିଲ୍ଲାରେ ମଧ୍ୟ ମୃତକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ପରିସ୍ଥିତି ଅଣାୟତ ଅବସ୍ଥା ଆଡକୁ ଯାଉଥିବା ଲକ୍ଷ୍ୟ କରି ରାଜ୍ୟ ସରକାରଙ୍କ ବିଭିନ୍ନ ପଦାଧିକାରୀଙ୍କ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟମନ୍ତ୍ରୀ ମଧ୍ୟ ଆସି ଆକ୍ରାନ୍ତମାନଙ୍କୁ ଭେଟିବା ସହିତ



ପ୍ରଶାସନ ସହିତ ସମୀକ୍ଷା ବୈଠକ କରିଯାଇଛନ୍ତି। ଆଜି ସ୍ୱାସ୍ଥ୍ୟ ସଚିବ ଏସ୍. ଆଶ୍ୱଥି ଦ୍ୱିତୀୟ ଥର ଜିଲ୍ଲାକୁ ଆସି ପରିସ୍ଥିତିର ସମୀକ୍ଷା କରିଛନ୍ତି।

ଜିଲ୍ଲା ପ୍ରଶାସନର ସୂଚନା ମୁତାବକ ବର୍ତ୍ତମାନ ସୁଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ଜିଲ୍ଲାର ୧୩ଗୋଟି ସ୍ୱାସ୍ଥ୍ୟକେନ୍ଦ୍ରରେ ୨୪୪ ଜଣ ରୋଗୀ ଭର୍ତ୍ତି ହୋଇଛନ୍ତି। ତେବେ ଘରୋଇ ଡାକ୍ତରଖାନାର ରୋଗୀଙ୍କୁ ହିସାବକୁ ନେଲେ ଜିଲ୍ଲାରେ ମୋଟ ୨୫୯ ରୋଗୀ ଚିକିତ୍ସିତ ହେଉଛନ୍ତି। ଗତକାଲି ୩ ଜଣଙ୍କର ଝାଡ଼ାବାନ୍ତିରେ ମୃତ୍ୟୁ ଘଟିଥିବା ବେଳେ ▶ପୃଷ୍ଠା-୭

## ଟାଙ୍ଗୀ-ଚୌଦ୍ୱାରରେ ଜଣେ ମୃତ, ୧୦ ଆକ୍ରାନ୍ତ

### ଅଧିକାଂଶ ଆକ୍ରାନ୍ତ ରୋଗୀ ଘରୋଇ ହସ୍ପିଟାଲରେ ଭର୍ତ୍ତି

■ **ଟାଙ୍ଗୀ, ୧୬।୬ (ସମିସ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ସଫା ପଞ୍ଚାୟତ ସୁଆଁରୀ ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ବର୍ତ୍ତମାନ ସୁଦ୍ଧା ୧୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଜଣେ ଗୁରୁତର ହୋଇ କଟକସ୍ଥିତ ଘରୋଇ ହସ୍ପିଟାଲର ଆଇସିୟୁରେ ଚିକିତ୍ସାଧୀନ ଅଛନ୍ତି। ସେହିଭଳି କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଥିବା ମହିଳା ଉର୍ମିଳା ବଳ (୩୯)ଙ୍କ ରବିବାର ରାତିରେ ମୃତ୍ୟୁବରଣ କରିଥିବା ଜଣାପଡିଛି।

### ଗୋପାଳପୁରରେ ଲଜ୍ଜା

## ପୁରୁଷ ବନ୍ଧୁଙ୍କୁ କାବୁକରି କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ

■ **ବ୍ରହ୍ମପୁର,୧୬।୬(ସମିସ):** କ୍ରମାଗତ ଭାବେ ଗୋଟିକ ପରେ ଗୋଟିଏ ଗଣଦୁଷ୍କର୍ମ ଘଟଣା ଗୋପାଳପୁର ନିର୍ବାଚନମଣ୍ଡଳୀକୁ ଲଜ୍ଜିତ କରିଛି। ଦୁଇଦିନ ତଳେ ଏହି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗୋଳନ୍ଥରା ଥାନା ଅଞ୍ଚଳରେ ଦୁଇଜଣ ନାବାଳିକା ଓ ବୈଦ୍ୟନାଥପୁର ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଗଣଦୁଷ୍କର୍ମ କରାଯାଇଥିବା ବେଳେ ରବିବାର ଗୋପାଳପୁର ବେଳାଭୂମିକୁ ନିଜ ପୁରୁଷ ବନ୍ଧୁଙ୍କ ସହ ବୁଲିବାକୁ ଆସିଥିବା ଜଣେ ଯୁକ୍ତ ତିନି ଛାତ୍ରୀ ଗଣଦୁଷ୍କର୍ମର ଶିକାର ହୋଇଛନ୍ତି। ଅଭିଯୋଗକୁ ଆଧାରରେ ପୁଲିସ ୭ ଜଣ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବାବେଳେ ଆଉ ୩ ଜଣ ଫେରାର୍ ହୋଇଯାଇଛନ୍ତି। ପୁଲିସ ସୂଚନା ଅନୁସାରେ,




### ୭ ଅଭିଯୁକ୍ତ ଅଟକ, ୩ ଫେରାର୍

ଜିଲ୍ଲା ବାହାରର ଜଣେ ଯୁବତୀ ବ୍ରହ୍ମପୁରର ଏକ ଶିକ୍ଷାନୁଷ୍ଠାନରେ ଯୁକ୍ତ ୩ରେ ଅଧ୍ୟୟନ କରନ୍ତି। ରବିବାର ଅପରାହ୍ନରେ ସେ ନିଜ ପୁରୁଷ ବନ୍ଧୁଙ୍କ ସହ ସେ ଗୋପାଳପୁର ବେଳାଭୂମିକୁ ବୁଲି ଆସିଥିଲେ। ସନ୍ଧ୍ୟା ପ୍ରାୟ ୭ଟାରେ ପାନ୍ଥନିବାସ ପଛପଟ ବେଳାଭୂମିରେ ଉଭୟେ ବସିଥିବାବେଳେ ହିଞ୍ଜିଳିକାଟୁ ସମେତ ଅନ୍ୟାନ୍ୟ ଅଞ୍ଚଳର ୧୦ଜଣ ଯୁବକ ସେମାନଙ୍କୁ ଘେରିଯାଇ ପ୍ରଥମେ ଅସଦାଚରଣ କରିଥିଲେ। ପରେ ପୁରୁଷ ବନ୍ଧୁକୁ କିଛି ଯୁବକ କାବୁ କରି ଯୁବତୀକୁ ବଳପୂର୍ବକ ନିକଟସ୍ଥ ଏକ ଅନ୍ଧାରିଆ ସ୍ଥାନକୁ ଉଠାଇ ନେଇଥିଲେ। ପ୍ରାୟ ୩ ଜଣ ଯୁବକ ସେଠାରେ ଯୁବତୀଙ୍କୁ ଦୁଷ୍କର୍ମ କରି ଚମ୍ପଟ ମାରିଥିବା ଜଣାପଡିଛି। ଘଟଣା ପରେ ରାତି ପ୍ରାୟ ସାଢେ ୧୦ଟାରେ ଥାନାର ▶ପୃଷ୍ଠା-୭

### ଭୋଜି ଖାଇ ଫେରୁଥିଲେ

## ବଜ୍ରପାତରେ ୨ ମୃତ



■ **ଗୁଡାରୀ, ୧୬।୬ (ସମିସ):** ରଜ ପର୍ବ ଭୋଜି ସାରି ଘରକୁ ଫେରୁଥିବା ବେଳେ ବଜ୍ରପାତ ହେବାରୁ ୩ ଜଣ ଗୁରୁତର ହୋଇଥିଲେ। ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଥିବା ଜଣାପଡ଼ିଛି।

ସୂଚନା ମୁତାବକ ସୋମବାର ଶେଷ ରଜ ଉପଲକ୍ଷେ ରାୟଗଡ଼ା ଜିଲ୍ଲା ମିଲୁ ଡେପସାହିର ପ୍ରାୟ ୪୦ ଜଣ ବଣଭୋଜିର ଆୟୋଜନ କରିଥିଲେ। ଅପରାହ୍ଣରେ ବଣଭୋଜି ଶେଷ କରି ସେମାନେ ଆନନ୍ଦରେ ଘରକୁ ଫେରୁଥିଲେ। ଏହି ସମୟରେ ଅଚାନକ ପ୍ରବଳ ବର୍ଷା ସାଙ୍ଗକୁ ବଜ୍ରପାତ ହୋଇଥିଲା। ଫଳରେ ପ୍ରସାଦ ଗୌଡଙ୍କ ଝିଅ ସୁନାଲି ଗୌଡ (୨୪), ଫାଲଗୁନି ଗୌଡ଼ଙ୍କ ପତ୍ନୀ ରୁପାଲି ଗୌଡ଼(୨୧) ଓ ର୍ ମୋନଜ ଗୌଡଙ୍କ ପତ୍ନୀ କାଜଲ ଗୌଡ଼ (୨୦) ବଜ୍ରପାତର ଶିକାର ହୋଇଥିଲେ। ସ୍ଥାନୀୟ ଲୋକ ଏବଂ ସମ୍ପର୍କୀୟମାନେ ସମସ୍ତଙ୍କୁ ଗୁଡାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେମାନଙ୍କ ମଧ୍ୟରୁ ସଙ୍କଟାପନ୍ନ ଅବସ୍ଥାରେ ଥିବା ସୁନାଲି ଗୌଡ଼ ଓ ରୁପାଲି ଗୌଡ଼ଙ୍କୁ ଅଧିକ ଚିକିତ୍ସା ପାଇଁ ରାୟଗଡ଼ା ପଠାଯାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର କାଜଲଙ୍କୁ ପ୍ରଥମେ ଗୁଣୁପୁରକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ପଠାଯାଉଥିବା ଜଣାପଡ଼ିଛି। ଏହି ଘଟଣା ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଜଣେ ଗୁରୁତର

## ଜଳପ୍ରପାତ ସ୍ରୋତରେ ଭାସିଗଲେ ୨ ନାବାଳକ

### ଜଣଙ୍କ ମୃତଦେହ ଉଦ୍ଧାର

■ **କୋଟପାଡ଼, ୧୬।୬ (ସମିସ):** କୋରାପୁଟ ଜିଲ୍ଲା କୋଟପାଡ଼ ଛୋତର୍ଲା ପଞ୍ଚାୟତ ନିକଟସ୍ଥ ଗୁଲମୀ ଜଳପ୍ରପାତ ସ୍ରୋତରେ ଦୁଇ ଜଣ ନାବାଳକ ଭାସି ଯାଇଛନ୍ତି। ଜଣେ ନାବାଳକଙ୍କର ମୃତ ଶରୀର ଉଦ୍ଧାର ହୋଇଥିବା ବେଳେ ଅନ୍ୟ ଜଣେ ନିଖୋଜ ଅଛନ୍ତି। ମୃତ ନାବାଳକ ଜଣକ ହେଲେ ଆଲୋକ ରାଜ ସୁନା (୧୬)। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଥିବାବେଳେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

ସୂଚନା ଅନୁସାରେ, କୋଟପାଡ଼ ଗୁଲମୀ ଜଳପ୍ରପାତଙ୍କୁ ରବିବାର ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକର ୫ ଜଣ ବୁଲିବାକୁ ଆସିଥିଲେ। ଗତ କିଛିଦିନ ହେବ ଉପରମୁଣ୍ଡରେ ବର୍ଷା ଲାଗି ରହିଥିବାରୁ କୋଲାବ ନଦୀ ଜଳ ଗୁଲମୀ ଜଳପ୍ରପାତ ଦେଇ ପ୍ରବାହିତ ହେଉଛି। ବୁଲିବାକୁ ଆସିଥିବା ପିଲାମାନେ ଗୁଲମୀରେ ବିଭିନ୍ନ ସ୍ଥାନରେ ଫଟୋ ଉଠାଉ ଥିବା ସମୟରେ ଦୁଇ ନାବାଳକ ପ୍ରଖର ▶ପୃଷ୍ଠା-୭

## ମଧ୍ୟପ୍ରାଚ୍ୟରେ ବଢୁଛି ଉତ୍ତେଜନା



### ଚତୁର୍ଥ ଦିନରେ ଇରାନ-ଇସ୍ରାଏଲ ଯୁଦ୍ଧ

### ଜୋର୍‌ଦାର୍ ହେଉଛି କ୍ଷେପଣାସ୍ତ୍ର ମାଡ଼

### ଯୁଦ୍ଧ ଘନଘୋଟା ଭିତରେ ଇରାନରେ ଅଟକିଛନ୍ତି ୧୫୦୦ ଭାରତୀୟ ଛାତ୍ରଛାତ୍ରୀ

■ **ତେହରାନ/ତେଲଅଭିଭ୍ ୧୬।୬ (ଏଜେନ୍ସି):** ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଭୟଙ୍କର ଯୁଦ୍ଧ ଲାଗି ରହିଛି। ଆଜି ଚତୁର୍ଥ ଦିନ ଧରି ମଧ୍ୟ ଉଭୟ ଦେଶ ପରସ୍ପର ଉପରେ କ୍ଷେପଣାସ୍ତ୍ର ଆକ୍ରମଣ ଜାରି ରଖିଛନ୍ତି। ଏଥିରେ ଉଭୟ ପକ୍ଷର ବ୍ୟାପକ କ୍ଷତି ଘଟି ଚାଲିଥିବା ବେଳେ ଏହାକୁ ରୋକିବା ଲାଗି ଆନ୍ତର୍ଜାତିକ ସ୍ତରରେ କୌଣସି ଉଦ୍ୟମ ହେଉନାହିଁ। ଅସ୍ତ୍ରବିରତି କରିବାକୁ ଇରାନ ମନା କରିବା ସହିତ ଇସ୍ରାଏଲ ଉପରେ ଜବାବୀ ହମଲା ଜାରି ରଖିଥିବାରୁ ନିକଟ ଭବିଷ୍ୟତରେ ଯୁଦ୍ଧ ଥମିବାର ସମ୍ଭାବନା କମ୍। ସେ ଚାହିଁଲେ ଅସ୍ତ୍ରବିରତି ହୋଇଯିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହୁଥିବା ବେଳେ ଏଭଳି ସ୍ଥିତି ଦେଖାଯାଉ ନାହିଁ। ଇରାନ-ଇସ୍ରାଏଲ ଯୁଦ୍ଧକୁ ନେଇ ସଂପୃକ୍ତ ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ପାଉଥିବାରୁ ଏହାର ପ୍ରଭାବ ସିଧାସଳଖ ବିଶ୍ୱ ଅର୍ଥନୀତି ଉପରେ ପଡ଼ିବ। ଏହି ଯୁଦ୍ଧ ଅନ୍ୟ ଅଞ୍ଚଳକୁ ବ୍ୟାପିଲେ ପରିସ୍ଥିତି ଅସମ୍ଭାଳ ହୋଇପଡ଼ିବ ବୋଲି କୁହାଯାଉଛି।

ମିଳିଥିବା ସୂଚନା ଅନୁଯାୟୀ ଇରାନ ଆଜି ଇସ୍ରାଏଲ ରାଜଧାନୀ ତେଲ ଆଭିଭ୍ ସମେତ ହାଫିଆ, ପେଟା ଟିକଭା ଓ ଅନ୍ୟାନ୍ୟ ସହର ଉପରେ ଆଜି ପୁଣି ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼ କରିଛି। ଏଥିରେ ଇସ୍ରାଏଲର ଆଉ ୮ ଜଣ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ମୋଟ ମୃତ୍ୟୁସଂଖ୍ୟା ୨୨ ହୋଇଥିବା କୁହାଯାଉଛି। ଇସ୍ରାଏଲର ସେନା ମୁଖ୍ୟାଳୟ ସମେତ ଅନେକ ସରକାରୀ ଓ ସାମରିକ ପ୍ରତିଷ୍ଠାନକୁ ଟାର୍ଗେଟ କରି ଇରାନ ଆକ୍ରମଣ ଚଳାଇଥିବା କୁହାଯାଉଛି। ଆକ୍ରମଣରେ ଅନେକ ସ୍ଥାନରେ ଇସ୍ରାଏଲର ଏୟାର ଡିଫେନ୍ସ ସିଷ୍ଟମକୁ ଇରାନ ଧ୍ୱସ୍ତ କରିଥିବା ଦାବି କରିଛି। ତେଲ ଆଭିଭରେ ଆଜି ଏକ ଅଭାବନୀୟ ଘଟଣା ▶ପୃଷ୍ଠା-୭


### ଜାରିହେଲା ବିଜ୍ଞପ୍ତି

## ଦୁଇ ପର୍ଯ୍ୟାୟରେ ଜନଗଣନା

### ୨୦୨୬ ଅକ୍ଟୋବର ଏବଂ ମାର୍ଚ୍ଚ ୨୦୨୭

### ସାମିଲ ହେବ ଜାତିଭିତ୍ତିକ ତଥ୍ୟ

■ **ନୂଆଦିଲ୍ଲୀ, ୧୬।୬ (ଏଜେନ୍ସି):** ଆସନ୍ତା ବର୍ଷ ୨୦୨୬ ଅକ୍ଟୋବର ପହିଲାରୁ ଆରମ୍ଭ ହେବ ବହୁପ୍ରତୀକ୍ଷିତ ଜନଗଣନା। ଦୁଇଟି ପର୍ଯ୍ୟାୟରେ ହେବାକୁ ଥିବା ଏହି ଅଭିଯାନରେ ଜାତି ଭିତ୍ତିକ ଜନଗଣନା ମଧ୍ୟ କରାଯିବ। କେନ୍ଦ୍ର ସ୍ୱରାଷ୍ଟ୍ର ବିଭାଗ ପକ୍ଷରୁ ଆଜି ଏସଂପର୍କରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଅକ୍ଟୋବର ୨୦୨୬ରୁ ଆରମ୍ଭ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟରେ ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ଲଦାଖ ଭଳି ପାର୍ବତ୍ୟ ଅଞ୍ଚଳରେ ଜନଗଣନା କରାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ଦେଶର ଅବଶିଷ୍ଟ ଅଞ୍ଚଳରେ ୨୦୨୭ ମାର୍ଚ୍ଚ ୧ ତାରିଖରୁ ଜନଗଣନା କରାଯିବ। ଦେଶର ଏହି ସବୁବୃହତ୍ତ ଅଭିଯାନ ତିନି ବର୍ଷ ଧରି ଚାଲିବ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି। ଏଥିପାଇଁ ୩୭୬୮ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।



ଜାତି ଭିତ୍ତିକ ଜନଗଣନା କରିବା ଲାଗି କେନ୍ଦ୍ର କ୍ୟାବିନେଟର ରାଜନୈତିକ ବ୍ୟାପାର କମିଟିରେ ସ୍ଥିର କରାଯାଇଥିଲା। ଏହାର ଗୋଟିଏ ମାସ ପରେ ସରକାର ଜନଗଣନା ପାଇଁ ତାରିଖ ଘୋଷଣା କରିଛନ୍ତି। ଜନଗଣନା ଆଇନ, ୧୯୪୮ ଏବଂ ଜନଗଣନା ନିୟମ, ୧୯୯୦ ଅନୁଯାୟୀ ଏହି ଅଭିଯାନର ଆୟୋଜନ କରାଯାଉଛି।

ଶେଷ ଥର ଲାଗି ୨୦୧୧ରେ ଜନଗଣନା କରାଯାଇଥିଲା। ଏହା ଦୁଇଟି ପର୍ଯ୍ୟାୟରେ ହୋଇଥିଲା। ୨୦୨୧ରେ ମଧ୍ୟ ଦୁଇଟି ପର୍ଯ୍ୟାୟରେ ଜନଗଣନା ଲାଗି ଯୋଜନା କରାଯାଇଥିଲା। ଯୋଜନା ଅନୁଯାୟୀ ୨୦୨୦ ଏପ୍ରିଲ-ସେପ୍ଟେମ୍ବରରେ ପ୍ରଥମ ପର୍ଯ୍ୟାୟ ଏବଂ ୨୦୨୧ ଫେବୃଆରୀରେ ଦ୍ୱିତୀୟ ପର୍ଯ୍ୟାୟ ଜନଗଣନା ହେବାର ଥିଲା। ଏଥିପାଇଁ ପ୍ରସ୍ତୁତି ଶେଷ ହୋଇଥିଲା। କିନ୍ତୁ କୋଭିଡ୍ -୧୯ ମହାମାରୀ ଯୋଗୁଁ ଜନଗଣନା କାର୍ଯ୍ୟକୁ ସ୍ଥଗିତ କରି ଦିଆଯାଇଥିଲା। ଏଥର ହେବାକୁ ଯାଉଥିବା ଜନଗଣନା ଦୁଇଟି ଦୃଷ୍ଟିରୁ ଗୁରୁତ୍ୱ ବହନ କରୁଛି। ପ୍ରଥମଟି ହେଲା ▶ପୃଷ୍ଠା-୭

### ଆଖଣ୍ଡଳମଣି ପୀଠରେ ପ୍ରଶାସନିକ ଅବ୍ୟବସ୍ଥା

## ଉହଡହ ଖରାରେ ୪ କିମି ଚାଲିଲେ ଭକ୍ତ

### ଠେଲାପେଲାରେ ମହିଳା ଓ ଶିଶୁ ସଂଜ୍ଞାହୀନ

### ବାବାମଣିଙ୍କ ଦର୍ଶନରୁ ବଞ୍ଚିତ ଶହଶହ ଭକ୍ତ

### ବିଜୁଳି କାଟ୍; ୪ଘଣ୍ଟା ମନ୍ଦିର ପରିସର ଅନ୍ଧାର

### ମିଳିଲାନି ପାଣି; ଶିବଗଙ୍ଗାର ଜଳ ପିଇଲେ



■ **ଭଦ୍ରକ/ଆରଡି, ୧୬।୬ (ସମିସ):** ଓଡ଼ିଶାର ପ୍ରସିଦ୍ଧ ଶୈବକ୍ଷେତ୍ର ବାବା ଆଖଣ୍ଡଳମଣିଙ୍କ ପୀଠ ଆରଡ଼ିରେ ପ୍ରଶାସନିକ ଅବ୍ୟବସ୍ଥା ଯୋଗୁଁ ହଟହଟା ହୋଇଛନ୍ତି ଶ୍ରଦ୍ଧାଳୁ। ପୀଠରେ ଅବ୍ୟବସ୍ଥା ଯୋଗୁଁ ଗତ ରବିବାର ଓ ସୋମବାର ଭିଡ଼ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛନ୍ତି ଉଭୟ ଜିଲ୍ଲା ଓ ମନ୍ଦିର ପ୍ରଶାସନ। ଆଜି ରଜ ଉତ୍ସବର ଶେଷ ଦିନ ସୋମବାରରେ ଆରଡ଼ି ଧାମର ପ୍ରସିଦ୍ଧ ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ ଓ ମାନସିକ ପୂଜା ନିମନ୍ତେ ଲକ୍ଷାଧିକ ଭକ୍ତଙ୍କ ଭିଡ଼ ଲାଗିଥିଲା। ଗତକାଲି ରଜ ସଂକ୍ରାନ୍ତି ଓ ଆଜି ସୋମବାରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲେ ମଧ୍ୟ ଜିଲ୍ଲା ଓ ମନ୍ଦିର ପ୍ରଶାସନ ପକ୍ଷରୁ ଘୋର ଅବ୍ୟବସ୍ଥା ଯୋଗୁଁ ଯାତାୟାତଠାରୁ ଆରମ୍ଭ କରି ପିଇବା ପାଣି ଓ ବାବାଙ୍କ ଦର୍ଶନ ନିମନ୍ତେ ହନ୍ତସନ୍ତ ହୋଇଛନ୍ତି ଶ୍ରଦ୍ଧାଳୁ।

ମଣିବାବାଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ଦକ୍ଷିଣଦ୍ୱାର (ପ୍ରବେଶ ଦ୍ୱାର) ଠାରେ ଭକ୍ତଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଠେଲାପେଲା ଲାଗି ରହିବାରୁ କିଛି ଭକ୍ତ ଗତକାଲି ସଂଜ୍ଞାହୀନ ହୋଇ ତଳେ ▶ପୃଷ୍ଠା-୭

# ଜିଲ୍ଲାରେ ବୁଲିଲା ସଚେତନତା ରଥ

ଯାଜପୁର, ୧୬।୬ (ସମିସ)

ଯାଜପୁର ଜିଲ୍ଲାରେ ବ୍ୟାପୁଥିବା ହଇଜା, ଡାଇରିଆ ଝାଡ଼ାବାନ୍ତିର ସଚେତନତା କରିବାକୁ ଏକ ରଥ ଆଜି ବୁଲିଛି। ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଆଜି ଜିଲ୍ଲାରେ 'ଡାଇରିଆ ସଚେତନତା ଅଭିଯାନ 'ଜୁନ-୨୦୨୫' ଆରମ୍ଭ ହୋଇଛି। ଏହି ଅଭିଯାନର ଲକ୍ଷ୍ୟ ହେଉଛି, ସଚେତନତା ରଥ ଜିଲ୍ଲାର ସମସ୍ତ ବ୍ଲକ, ପଞ୍ଚାୟତ, ଗ୍ରାମ ଏବଂ ସହରାଞ୍ଚଳ ପରିଭ୍ରମଣ କରି ଡାଇରିଆର ପ୍ରତିରୋଧ ଏବଂ ଚିକିତ୍ସା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବ।

ଆଜି ସ୍ୱାସ୍ଥ୍ୟ ସଚିବ ଆଶ୍ୱଥି ଏସ୍ ଓ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ଡ. ବିଜୟ କୁମାର ମହାପାତ୍ର ଯାଜପୁର ଜିଲ୍ଲାର ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗସ୍ତ କରିଥିଲେ। ଏହି ଅବସରରେ ଡାଇରିଆରେ






ଆକ୍ରାନ୍ତ ରୋଗୀ ଏବଂ ରୋଗୀଙ୍କ ସମ୍ପର୍କୀୟଙ୍କ ସହ ଆଲୋଚନା କରି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ପରେ ସ୍ୱାସ୍ଥ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ଅଧିକାରୀଙ୍କୁ ନେଇ ଏକ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସ୍ୱାସ୍ଥ୍ୟ ସଚିବ, ପ୍ରଭାବିତ ଅଞ୍ଚଳର ଜଳଉତ୍ସଗୁଡ଼ିକୁ ଜୀବାଣୁ ମୁକ୍ତ କରେଇବା,

## ସମୀକ୍ଷା କଲେ ସ୍ୱାସ୍ଥ୍ୟ ସଚିବ ଓ ସ୍ୱତନ୍ତ୍ର ସଚିବ

ଜନସଚେତନତା ଆଦି ସ୍ଥିତିର ଅନୁଧ୍ୟାନ କରିବା ସହ ଝାଡ଼ାବାନ୍ତିରେ ଆକ୍ରାନ୍ତ ରୋଗୀ ସୁସ୍ଥ ହେବା ପରେ ଚିକିତ୍ସାଧିକାରୀଙ୍କ ବିନା ଅନୁମତିରେ ଡିସଚାର୍ଜ ନକରେଇବା ଉପରେ ଗୁରୁତ୍ୱ ଦେଇଥିଲେ। ଏହା ସହିତ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିବା ବ୍ୟକ୍ତି ପ୍ରାରମ୍ଭିକ ପର୍ଯ୍ୟାୟରେ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର କିମ୍ବା ଆଶା, ଅଙ୍ଗନବାଡ଼ି କର୍ମୀଙ୍କୁ ଜଣେଇବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଯାଜପୁର ଭେଷଜ ମହାବିଦ୍ୟାଳୟର ଡିନ୍ ଏବଂ ପ୍ରିନ୍ସିପାଲ୍, ଅଧୀକ୍ଷକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ, ପଞ୍ଚାୟତିରାଜ ବିଭାଗର ଅଧିକାରୀ, ରାଜ୍ୟସ୍ତରୀୟ ଏବଂ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ନେଉଳପୁରଠାରେ ସିରିଜ ଦୁର୍ଘଟଣା; ୫ ଆହତ

ଧର୍ମଶାଳା, ୧୬।୬(ସମିସ): ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ନେଉଳପୁର ଠାରେ ସନ୍ଧ୍ୟା ସମୟରେ ଏକ ସିରିଜ ଦୁର୍ଘଟଣା ରେ ୫ ଜଣ ଆହତ ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ ରାତି ୮ ଘଟିକା ସମୟରେ ଚଣ୍ଡିଖୋଲ ପଟରୁ ଜାରକା ଆଡକୁ ଆସୁଥିବା ବେଳେ ଏକ ବୋଲେରୋ ଗାଡି ଭାରସାମ୍ୟ ହରାଇ ରାସ୍ତା ରେ ଯାଉଥିବା ଏକ ଗାଇକୁ ଧକ୍କା ଦେଇ ଅଟକି ଯାଇଥିବା ବେଳେ ପଛପଟୁ ଆସୁଥିବା ଏକ ବସ ବୋଲେରୋକୁ ଧକ୍କା ଦେଇଥିଲା। ପରେ ପରେ ଏକ କାର ଭାରସାମ୍ୟ ହରାଇ ବସ ପଛପଟରେ ପିଟି ହୋଇଥିଲା। ତେବେ ଏହି ଦୁର୍ଘଟଣାରେ କେହି ମୃତାହତ ହୋଇନଥିବା ବେଳେ ବୋଲେରୋ ଓ କାରରେ ଥିବା ୫ ଜଣ ଆହତ ହୋଇଥିବା ଜଣାପଡ଼ିଛି। ତେବେ ଦୁର୍ଘଟଣା ପରେ ଉକ୍ତ ରାସ୍ତାଦେଇ ଗାଡି ଚଳାଚଳ କିଛି ସମୟ ପାଇଁ ବନ୍ଦ ରହିଥିଲା। ଖବର ପାଇ ଧର୍ମଶାଳା ପୁଲିସ ସେଠାରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଧର୍ମଶାଳା ମେଡିକାଲ ପଠାଇବା ସହ ଗାଡିଗୁଡିକୁ ରାସ୍ତାରୁ ହଟାଇଥିଲା। ତେବେ ଆହତମାନଙ୍କ ପରିଚୟ ମିଳି ପାରିନାହିଁ। ଧର୍ମଶାଳା ପୁଲିସ ଗାଡିଗୁଡିକ ଜବତ କରିବାସହ ତଦନ୍ତ ଜାରି ରହିଛି।

## ଗୌରବ ଆଣିଲେ ଅଭିଷେକ



ବଡଚଣା, ୧୬।୬(ସମିସ): ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ଦ୍ୱାରା ପରିଚାଳିତ ଚଳିତ ବର୍ଷର ନିଟ୍-ୟୁଜି ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ୨୧୯ ରାଙ୍କ୍ ରଖି ଏବେ ଦେଶର ଯେକୌଣସି ବି ସରକାରୀ ମେଡିକାଲ କଲେଜରେ ଡାକ୍ତରୀ ପଢ଼ିବାକୁ ନିଜର ଯୋଗ୍ୟତା ହାସଲ କରିବାରେ ସକ୍ଷମ ହୋଇଛନ୍ତି ବଡ଼ଚଣା ବ୍ଲକ ଅନ୍ତର୍ଗତ ଦର୍ପଣଗଡ଼ ଗ୍ରାମର ୨୦ ବର୍ଷୀୟ ଅଭିଷେକ ପଣ୍ଡା। ଗୃହିଣୀ ଭାନୁ ପ୍ରଜ୍ଞା ପଣ୍ଡା ଏବଂ ମହାବିନାୟକ ମନ୍ଦିରର ପୂଜକ ରତ୍ନାକର ପଣ୍ଡାଙ୍କ ଏକମାତ୍ର ପୁତ୍ର ଅଭିଷେକ ନିଜର ତୃତୀୟ ଉଦ୍ୟମରେ ହିଁ ଏହି ସଫଳତା ହାସଲ କରିବାକୁ ସକ୍ଷମ ହୋଇଛନ୍ତି। ପିଲାଟି ଦିନରୁ ଜଣେ ମେଧାବୀ ଛାତ୍ର ରହି ଆସିଥିବା ବେଳେ ସେ ଏହି ପରୀକ୍ଷାରେ ମୋଟ ୭୨୦ ନମ୍ବରରୁ ୬୩୧ ନମ୍ବର ରଖି କୃତକାର୍ଯ୍ୟ ହୋଇ ପାରିଛନ୍ତି। ଅଭିଷେକଙ୍କ ଏହି ସଫଳତା ଅଞ୍ଚଳବାସୀଙ୍କ ପାଇଁ ବେଶ ଗୌରବ ଆଣିଥିବାରୁ ଏବେ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

## ନିଟ୍‌ରେ ସଫଳତା ଆଣିଲେ ଅଭିଜିତ୍

ଯାଜପୁର, ୧୬।୬(ସମିସ): ସର୍ବ ଭାରତୀୟ ସ୍ତରରେ ନିଟ୍ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏହି ନିଟ ୟୁଜି (ମେଡିକାଲ) ପ୍ରବେଶିକା ପରୀକ୍ଷାରେ ଯାଜପୁର ଜିଲ୍ଲାର ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ର ଏବଂ ପ୍ରୟାସ କ୍ଲାସେସ ଶିକ୍ଷା ଅନୁଷ୍ଠାନର ଛାତ୍ର ଅଭିଜିତ ଏସ୍ ଧଳ ୫୮୨ ନମ୍ବର ରଖି ସର୍ବ ଭାରତିୟ ସ୍ତରରେ ୩୧୭୭ ରାଙ୍କ ରଖି ପରୀକ୍ଷାରେ ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇ ଯାଜପୁରର ଗୌରବ ଅର୍ଜନ କରିଛନ୍ତି। ଏହି ସଫଳତାର ଶ୍ରେୟ ଶ୍ରୀ ଅଭିଜିତ ଏସ ଧଳ ପ୍ରଥମେ ତାଙ୍କର ପ୍ରୟାସ କ୍ଲାସେସର



ପ୍ରତିଷ୍ଠାତା ନିହାର ରଞ୍ଜନ ଦାସ, ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀ ଓ ନିଜର ପରିବାର ବର୍ଗଙ୍କୁ ତାଙ୍କର ସଫଳତାର ଶ୍ରେୟ ଦେଇଛନ୍ତି। ସେ ଯାଜପୁର ସହର ସ୍ଥିତ ବେଲାରପୁର ଗ୍ରାମର ପିତା ଯଯାତି କେଶରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସତ୍ୟବ୍ରତ ଧଳ ମହାପାତ୍ର ଓ ମାତା ବିରଜା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ରାଉତ ରାୟଙ୍କର ସୁପୁତ୍ର। ତାଙ୍କର ଜେଜେ ବାପା ମହତାବ ଉଚ୍ଚ ବିଦ୍ୟାଳୟ ମଙ୍ଗଳପୁରର ପୂର୍ବତନ ପ୍ରଧାନ ଶିକ୍ଷକ ନାରାୟଣ ଚନ୍ଦ୍ର ଧଳ ଓ ଜେଜେ ମା' ତଥା ବିରଜା ଉଚ୍ଚ ବିଦ୍ୟାଳୟ ଯାଜପୁରର ପୂର୍ବତନ ଶିକ୍ଷୟିତ୍ରୀ ପ୍ରେମଲତା ବେହୁରିଆ।

## ଫୁଟିଛି ବିରଳ ବ୍ରହ୍ମକମଳ ଫୁଲ



ପ୍ରୀତିପୁର, ୧୬।୬ (ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବାଲମୁକୁଳି ସ୍ଥିତ ଚିନ୍ମୟ ଜେନାଙ୍କ ଘର ଛାତ ଉପର ବଗିଚାରେ ଫୁଟିଛି ବିରଳ ବ୍ରହ୍ମକମଳ ବା ପାରିଜାତ ଫୁଲ। ଯାହାକୁ ଦେଖିବାକୁ ସ୍ଥାନୀୟ ଅଞ୍ଚଳର ବହୁ ଲୋକ ଏବେ ଚିନ୍ମୟଙ୍କ ଛାତ ଉପର ଫୁଲ ବଗିଚାରେ ଭିଡ ଲଗାଇଛନ୍ତି। ଏହି ବିରଳ ବ୍ରହ୍ମ କମଳ ବା ପାରିଜାତ ଫୁଲ ଓଡ଼ିଶାରେ ବହୁ କମ ସ୍ଥାନରେ ଦେଖିବାକୁ ମିଳିଥାଏ। ହେଟେଲ ବ୍ୟବସାୟି ଚିନ୍ମୟ ନିଜ ଛାତ ଉପରେ ବିଭିନ୍ନ ଫୁଲ ଗଛ ଲଗାଇ ଥିବା ବେଳ ଏକ ବର୍ଷ ପୂର୍ବରୁ ଏକ ବ୍ରହ୍ମ କମଳ ଫୁଲ ଗଛ ଚାରାକୁ ନିଜର ଜଣେ ସମ୍ପର୍କିୟଙ୍କ ଘରୁ ଆଣି ବଗିଚାରେ ଲାଗାଇ ଥିଲେ। ତେବେ ବର୍ଷ ବର୍ଷ ବିତିବା ପରେ ମଧ୍ୟ ଅନେକ ବ୍ରହ୍ମ କମଳ ଗଛରେ ଫୁଲ ଫୁଟୁନଥିବା ବେଳେ ମାତ୍ର ଏକ ବର୍ଷ ମଧ୍ୟରେ ଏହି ଗଛରେ ତିନି ତିନିଟି ଫୁଲ ଫୁଟିବାକୁ ନେଇ ବେଶ ଖୁସି ପ୍ରକଟ କରିଛନ୍ତି ଚିନ୍ମୟ ଓ ତାଙ୍କ ପରିବାର। ଏହି ଫୁଲ ବ୍ରହ୍ମ ଜଗନ୍ନାଥ ଓ ମହାଦେବ ଶିବ ଙ୍କର ଅତି ପ୍ରୀୟ ହୋଇଥିବାରୁ ସର୍ବ ପ୍ରଥମେ ଏହି ଫୁଲକୁ ନିଜ ଘରେ ଥିବା ଜଗନ୍ନାଥ ଓ ଶିବଙ୍କ ନିକଟରେ ଲାଗି କରିବାକୁ ଚିନ୍ମୟ ପ୍ରକାଶ କରିଛନ୍ତି।

## ତରପଦା ୯ମ ରଜ ମହୋତ୍ସବ

ଦଶରଥପୁର, ୧୬।୬(ସମିସ): ଦଶରଥପୁର ବ୍ଲକ ତରପଦା ପଞ୍ଚାୟତ ମା ଭୈରବୀ ପଡ଼ିଆ ଠାରେ ୯ମ ରଜ ମହୋତ୍ସବର ଅନୁଷ୍ଠିତ ହେଉଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ(ବବି) ଯୋଗଦେଇଥିଲେ। ଅନ୍ୟତମ ଅତିଥିଭାବେ ବିଜେଡି ଜିଲ୍ଲା ସଭାପତି ସରୋଜ ମହାପାତ୍ର, ବ୍ଲକ ସଭାପତି ଅଜୟ ମହାନ୍ତି, ସରପଞ୍ଚ ହିମାଂଶୁ ମହାନ୍ତି, ପ୍ରଭାତ ନାୟକ, ଟିଟୁ ଜେନା, ସମାଜସେବୀ କାଳନ୍ଦି ବେହେରା, ପୂର୍ବତନ ବିଜେପି ଜୋନ ସଭାପତି ନିରଞ୍ଜନ ସାହୁ, ଶିକ୍ଷକ ଲଳିତ ମୋହନ ରାୟ, ମୁଖ୍ୟ ଆୟୋଜକ ରମାକାନ୍ତ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ପୁଚି, ହୁଲୁହୁଲି, ଶଙ୍ଖ ବଜା, ଦୋଳି, ଓଡିଶୀ ନୃତ୍ୟ ଆଦି ପ୍ରତିଯୋଗିତା ହୋଇଥିଲା। ରଜ ମହୋତ୍ସବ ଗାଁ ଅଞ୍ଚଳରେ ବୁଡିବାକୁ ବସିଥିବାବେଳେ ଓଡ଼ିଆ ସଂସ୍କୃତିକୁ ବଞ୍ଚାଇବା ଏହାର ମୁଖ୍ୟ ଉଦେଶ୍ୟ। ସିଦାର୍ଥ ଶେଖର ଦାସ, ସନ୍ତୋଷ ଦାସ, ବିଜୟ ସାହୁ, କୁମାର ଚିତ୍ତରଞ୍ଜନ, ଆଶୁତୋଷ ପାଣିଗ୍ରାହୀ, ଅଚ୍ୟୁତାନନ୍ଦ ବେହେରାଙ୍କ ସମେତ ତରପଦା ଯୁବକ ସଂଘର ସମସ୍ତ ସଦସ୍ୟମାନଙ୍କ ସହଯୋଗରେ ଏହା ପରିଚାଳିତ କରାଯାଇଛି। ଏହି ଅବସରରେ ବବି



ଦାସଙ୍କୁ ବ୍ଲକ ବିଜେଡି ପକ୍ଷରୁ କାଟିଆ ଛକ ଠାରୁ ଏକ ବିରାଟ ମୋଟରସାଇକେଲ ଶୋଭାଯାତ୍ରାରେ ସଭାସ୍ଥଳକୁ ପାଛୋଟି ନିଆଯାଇଥିଲା। ଏଥିରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଶତାଧିକ ବିଜେଡି ନେତା ଓ କର୍ମୀ ଯୋଗଦେଇଥିବା ବେଳେ ମା ଭୈରବୀ ପଡ଼ିଆର ଉନ୍ନତି କରଣ ପାଇଁ ସଂଘ ପକ୍ଷରୁ ବବିଙ୍କୁ ଅନୁରୋଧ କରିଥଲେ, ଏହିକାର୍ଯ୍ୟ ଯଥାଶୀଘ୍ର କାରିବେ ବୋଲି ପୁର୍ବତନ ମନ୍ତ୍ରୀ ଯୁବକ ସଂଘର କର୍ମକର୍ତ୍ତା ମାନଙ୍କୁ କହିଥିଲେ। ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତି ଦେଖିବାକୁ ମିଳିଥିଲା।

## ମହତାବ ସରକାରୀ ଉଚ୍ଚ ବିଦ୍ୟାଳୟରେ ବନ୍ଧୁମିଳନ

ମଙ୍ଗଳପୁର, ୧୬।୬(ସମିସ): ଦଶରଥପୁର ବ୍ଲକ ମଙ୍ଗଳପୁରସ୍ଥ ମହତାବ ସରକାରୀ ଉଚ୍ଚ ବିଦ୍ୟାଳୟରେ ପୁରାତନ ଛାତ୍ର ସଙ୍ଘର ବାର୍ଷିକ ସମ୍ମିଳନୀ ଓ ବନ୍ଧୁ ମିଳନ



ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଡ. ବିଜୟ କିଶୋର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏହି ବିଦ୍ୟାଳୟର ପୁରାତନ ଛାତ୍ର ତଥା ପୂର୍ବତନ ଯାଜପୁର ଜିଲ୍ଲା ବିଜେପି ସଭାପତି ଗୌତମ ରାୟ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ହରିଶ ଚନ୍ଦ୍ର ପଣ୍ଡା, ଆଇନଜୀବୀ ପ୍ରତାପ ରାୟ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଜନୀକାନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ସଭାରେ ବିଦ୍ୟାଳୟର ବହୁବିଧ ସମସ୍ୟା ନେଇ ଆଲୋଚନା କରାଯାଇଥିଲା। ବିଦ୍ୟାଳୟର ଉତ୍ତରୋତ୍ତର ଉନ୍ନତି, ଶିକ୍ଷାର ବିକାଶ ଆଦି ଲାଗି ପୁରାତନ ଛାତ୍ର ସଙ୍ଘ ଶତ ଚେଷ୍ଟିତ ବୋଲି ମତ ପ୍ରକାଶ ପାଇଥିଲା। ଛାତ୍ର ସଙ୍ଘର ସମ୍ପାଦକ ବଂଶୀଧର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମ ପରିଚାଳନା କରିବାରେ ବ୍ରଜ କିଶୋର ସୁତାର, ଅନାଦି ଚରଣ ପାତ୍ର, ରବି ନାରାୟଣ ପଣ୍ଡା, ଅନିଲ କୁମାର ରାୟ, କୃଷ୍ଣଚନ୍ଦ୍ର ପୃଷ୍ଟି, ବିପିନ କୁମାର ରାୟ, ବାମନ ଚରଣ ପଣ୍ଡା, ଦାମୋଦର ରାଉତ ପ୍ରମୁଖଙ୍କ ସମେତ ବହୁ ପୁରାତନ ଛାତ୍ର ମାନେ ସହଯୋଗ କରିଥିଲେ।

## ହିନ୍ଦୀ ଭାଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଯାଜପୁର, ୧୬।୬(ସମିସ): କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନ ଆଗ୍ରାର ଭୁବନେଶ୍ୱର ଶାଖା କେନ୍ଦ୍ର ଦ୍ୱାରା ତଥା ହିନ୍ଦୀ ଶିକ୍ଷା ସଂସ୍ଥାନ ବିରଜାକ୍ଷେତ୍ର ଯାଜପୁର ମାଧ୍ୟମରେ ସଞ୍ଚାଳିତ ୧୨ ଦିନର ହିନ୍ଦୀ ଭାଷା ଶିକ୍ଷା ଶିବିର ଗରିଆପୁର ବିଦ୍ୟାଳୟରେ ଉଦ୍‌ଯାପିତ ହୋଇଯାଇଛି। ହିନ୍ଦୀ ଶିକ୍ଷା ସଂସ୍ଥାନର ସଭାପତି ଡ. ଅଜିତ ପ୍ରସାଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନ ସଭାରେ ଯାଜପୁରର ବିଶିଷ୍ଟ ଶିକ୍ଷାବିତ୍ ଡ. ଦାମୋଦର ବେହେରା ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ୧୨ ଦିନର ଭାଷା ଶିକ୍ଷା କାର୍ଯ୍ୟକ୍ରମରେ ଭୁବନେଶ୍ୱର ଶାଖା କେନ୍ଦ୍ରର ନିର୍ଦ୍ଦେଶକ ଡ. ରଞ୍ଜନ କୁମାର ଦାଶ, ପ୍ରଫେସର ଡ. ଚନ୍ଦ୍ରପ୍ରକାଶ ସିଂ, ଡ. ଲକ୍ଷ୍ମୀଧର ଦାଶ, ଡ. ଅରବିନ୍ଦ ତିୱାରୀ ପ୍ରଶିକ୍ଷକ ରୂପେ ଯୋଗ ଦେଇ ଶିବିରର ୯୨ ଜଣ ପ୍ରଶିକ୍ଷଣାର୍ଥୀଙ୍କୁ



ହିନ୍ଦୀ ଭାଷାର ଶିକ୍ଷାଦାନ କରିଥିଲେ। ହିନ୍ଦୀ ଶିକ୍ଷା ସଂସ୍ଥାନର କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ର ସାହୁ, ଉପସଭାପତି ବେଣୁଧର ମହାରଣା, ସମ୍ପାଦକ ରବି ଶତପଥୀ, ସଂଯୋଜକ ଜହିରୁଦ୍ଦିନ ଖାଁ, ଗରିଆପୁର ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ନାୟକ, ସଂସ୍ଥାନର ସମସ୍ତ କାର୍ଯ୍ୟକାରୀ କମିଟି ସଦସ୍ୟମାନେ ସଭାରେ ଉପସ୍ଥିତ ଥିଲେ। ଦୀର୍ଘବର୍ଷ ହେଲା ସଂସ୍ଥାନର ମୁଖପତ୍ର 'ଭାଷା କିରଣ' ପତ୍ରିକା କାର୍ଯ୍ୟରେ ସହାୟତା କରି ଆସୁଥିବା ସ୍ୱର୍ଣ୍ଣଲତା ବେହେରାଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଶିକ୍ଷଣ ଶିବିରର ଅନ୍ତିମ ଦିବସରେ ଅନୁଷ୍ଠିତ ପରୀକ୍ଷାରେ ସଫଳତା ଅର୍ଜନ କରିଥିବା ଶ୍ରେଷ୍ଠ ଶିକ୍ଷାର୍ଥୀ ରୂପେ ମୋନାଲିସା ପଣ୍ଡା, କଳ୍ପନା ପରିଡ଼ା, ରାଜସ୍ମିତା ସାହୁ, ସୌରଭ ଲେଙ୍କା ଏବଂ ଅଭିଲିପ୍ସା ମଲ୍ଲିକଙ୍କୁ କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନ ଭୁବନେଶ୍ୱର ଶାଖାର ନିର୍ଦ୍ଦେଶକ ଡ. ରଞ୍ଜନ ଦାଶ ପୁରସ୍କୃତ କରିଥିଲେ। ସମସ୍ତ ପ୍ରଶିକ୍ଷଣାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବା ସହ ଯାଜପୁରର ବିଶିଷ୍ଟ ଲେଖିକା ନିର୍ମଳାବାଳା ମିଶ୍ରଙ୍କ ଦ୍ୱାରା ରଚିତ ଅନେକ ଉପାଦେୟ ପୁସ୍ତକ ସମସ୍ତ ଶିକ୍ଷାର୍ଥୀମାନଙ୍କୁ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା। ୧୨ ଦିନର କାର୍ଯ୍ୟକ୍ରମକୁ ସଫଳ କରାଇବାରେ ସଂସ୍ଥାନର ନୂତନ କୁମାର ଦାସ, ସୌଭାଗ୍ୟ କୁମାର ନାୟକ, ବିନୋଦ କୁମାର ପାଣିଗ୍ରାହୀ ସହଯୋଗ ପ୍ରଦାନ କରିଥିଲେ। ସଭା ଶେଷରେ ମୋନାଲିସା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଆଚାର୍ଯ୍ୟଦେବଙ୍କ ୫୮ତମ ଆବିର୍ଭାବ ଦିବସ

ବିଞ୍ଝାରପୁର, ୧୬।୬(ସମିସ): ସତସଙ୍ଗର ପୂଜ୍ୟପାଦ ଆଚାର୍ଯ୍ୟଦେବ ଙ୍କ ୫୮ତମ ଆବିର୍ଭାବ ଦିବସ ସମାରୋହ ମାଁସଡା ପଞ୍ଚାୟତରେ ଅବସ୍ଥିତ ସତସଙ୍ଗ ବିହାର, ବିଞ୍ଝାରପୁର ପରିସରରେ ମହାସମାରୋହରେ ପାଳିତ ହୋଇଯାଇଛି। ସନ୍ଧ୍ୟା ପ୍ରର୍ଥନା, ଗ୍ରନ୍ଥପାଠ, ସଙ୍ଗୀତାଞ୍ଜଳି ସହିତ ସତସଙ୍ଗ ସଦାଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଏହି ସତସଙ୍ଗରେ ସହପ୍ରତିଋତ୍ୱିକ ଡ.ବିଜୟ କୁମାର ନାୟକ ସଭାପତିତ୍ୱ କରିଥିଲେ। ପ୍ରଫେସର ପ୍ରଦୀପ କୁମାର ରାଉଳ, ପ୍ରଫେସର ମଧୁସୂଦନ ସାହୁ ଯଥାକ୍ରମେ ସତ୍ୟାନୁସରଣ ଓ ନାରୀରନୀତି ଗ୍ରନ୍ଥ ପାଠ କରିଥିଲେ।



ସହପ୍ରତିଋତ୍ୱିକ ରତନଲାଲ ଭୂୟାଁ, ଅଜୟ କୁମାର ନାୟକ, ସୁଜୟ ନାୟକ, ସ୍ୱାଧିନ ଦାଶ, ବେଦଧ୍ରୁତି ନାୟକ ଓ ହିରଣ୍ମୟ ସାହୁ ପ୍ରମୁଖ ଭଜନ କୀର୍ତ୍ତନ ପରିବେଷଣ କରିଥିଲେ। ସତ୍‌ସଙ୍ଗର ଧର୍ମଯାଜକ ସ୍ୱାଧୀନ କୁମାର ଦାଶ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସହପ୍ରତିଋତ୍ୱିକ ରତନଲାଲ ଭୂୟାଁ, ସହପ୍ରତିଋତ୍ୱିକ ଡ. ବିଜୟ କୁମାର ନାୟକ ଆଲୋଚନାରେ ଅଂଶଗ୍ରହଣ କର ଶ୍ରୀଶ୍ରୀ ଆଚାର୍ଯ୍ୟଦେବ ଓ ଶ୍ରୀଶ୍ରୀ ଠାକୁରଙ୍କ ଦିବ୍ୟ ଜୀବନ ଓ ଲୀଳା କାହାଣୀ ସମ୍ପର୍କରେ ଆଲୋକପାତ କରିଥିଲେ। ସହପ୍ରତିଋତ୍ୱିକ ଭିକାରୀ ଚରଣ ନାୟକ, ଅଶୋକ କୁମାର ଧଳ, ଦ୍ୟୁତିଦିବ୍ୟ ଦାସ, ବଳରାମ ସାହୁ, ପ୍ରଶାନ୍ତ କୁମାର ସାହୁ, ରବିନାରାୟଣ ସାହୁ, ପ୍ରହଲ୍ଲାଦ ପଣ୍ଡା, କୃଷ୍ଣଚନ୍ଦ୍ର କାଣ୍ଡି, ଶ୍ରୀଧର କବି, ଭାଗ୍ୟରଞ୍ଜନ ପଣ୍ଡା, ଜ୍ୟୋତିରଞ୍ଜନ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସୁକିନ୍ଦା ପ୍ରିମିୟର ଲିଗ୍

## ସତ୍ତାର ଇଲେଭେନ୍ ଚାମ୍ପିଅନ

ସୁକିନ୍ଦା, ୧୬।୬(ସମିସ): ଓଡ଼ିଶାର ଗଣପର୍ବ ରଜକୁ ସରସ ସୁନ୍ଦର କରିବା ପାଇଁ ସୁକିନ୍ଦା ଯୁବକମାନଙ୍କ ପକ୍ଷରୁ ଏକ ନିଆରା ପ୍ରୟାସ ଆରମ୍ଭ ହୋଇଛି। ଆଇପିଏଲ୍‌କୁ ଅନୁକରଣ କରି ୪ଟି ଫ୍ରାଞ୍ଚାଇଜ ଟିମ୍ ପ୍ରସ୍ତୁତ ହୋଇଥିଲା। ଲିଗ୍ ମ୍ୟାଚ୍ ପରେ ସତ୍ତାର ଇଲେଭେନ ଓ ଶିବାଜୀ ଇଲେଭେନ ଫାଇନାଲରେ ପହଞ୍ଚିଥିଲେ। ଫାଇନାଲ ମ୍ୟାଚରେ ସତ୍ତାର ଇଲେଭେନ୍ ପ୍ରଥମେ ବ୍ୟାଟିଂ କରି ୧୫ଓଭରରେ ୭ ୱିକେଟ ହରାଇ ୧୮୨ରନ ସଂଗ୍ରହ କରିଥିଲା। ଦଳପକ୍ଷରୁ ସାହିଲ ବଳସାମନ୍ତ ସର୍ବାଧିକ ୭୫ ରନ କରି ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଜବାବରେ ଶିବାଜୀ ଇଲେଭେନ୍ ନିର୍ଦ୍ଧାରିତ ଓଭରରେ ୯ ୱିକେଟ ହରାଇ ୧୮୦ରନ୍ ସଂଗ୍ରହ କରି ପରାଜୟ ହୋଇ ରନର୍ସ ଅପ୍ ବିବେଚିତ ହୋଇଛି। ଏହି ଚିତ୍ତାକର୍ଷକ ମ୍ୟାଚ୍ ଦେଖିବା ପାଇଁ ସୁକିନ୍ଦା ଷ୍ଟାଡିୟମରେ ହଜାର ହଜାର ଦର୍ଶକଙ୍କ ଭିଡ଼ ଜମିଥିଲା। ଉଦଯାପନୀ ଉତ୍ସବରେ ଯୁବନେତା




ରମଣୀରଞ୍ଜନ ବଳସାମନ୍ତ ସବ୍ୟସାଚୀ ବଳସାମନ୍ତ, ପୂର୍ବତନ କ୍ରିକେଟିୟର ଚପଲେନ୍ଦୁ ବେହୁରା, ଗ୍ୟାସୁଦିନ ଖାନ, ବିମଳେନ୍ଦୁ ବେହୁରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚମ୍ପିୟାନ ସତ୍ତାର ଇଲେଭେନ୍ ଓ ରୁନର୍ସ ଅପ୍ ଶିବାଜୀ ଇଲେଭେନକୁ ଟ୍ରଫି ପ୍ରଦାନ କରିବା ସହ ଏହି ଟୁର୍ଣ୍ଣାମେଣ୍ଟରେ ମ୍ୟାନ ଅଫ ଦି ସିରିଜ ଭାବେ ବିକ୍ରମ ଦାସ, ବେଷ୍ଟ ବ୍ୟାଟସମ୍ୟାନ ଭାବେ ଅଙ୍କିତ ଉଦୟସିଂ, ସେଞ୍ଚୁରି ମେକର ବିକ୍ରମ ଦାସ ଓ ଚିନ୍ମୟ ରଣା, ବେଷ୍ଟ ବୋଲର ଜଗତମୋହନ ବେହୁରା, ବେଷ୍ଟ ୱିକେଟ କିପର ଅଜୟ ସେଠୀ ଓ ଏସ୍‌କେ ଅର୍ଶଦ, ବେଷ୍ଟ କ୍ୟାଚ ବିଶ୍ୱଜିତ୍ ମହାଲିକ, ବେଷ୍ଟ ଫିଲ୍ଡର ରାହୁଲ ଜେନା ଓ ଜୀବନ ନାୟକଙ୍କୁ ପୁରସ୍କୃତ କରିଥିଲେ। ଦୁଇ ଦକ୍ଷ ଅମ୍ପାୟାର ଛାୟାକାନ୍ତ ଦ୍ୱିବେଦୀ ଓ ମିର୍ଜା ଉଲ୍‌ବେଗ ମ୍ୟାଚ୍ ପରିଚାଳନା କରିଥିଲେ।

## ଚିରନିଦ୍ରାରେ ଅବକାରୀ ବିଭାଗ

# ଗାଁ ଗାଁରେ ଅବାଧ ଚୋରାମଦ କାରବାର

ମଙ୍ଗଳପୁର, ୧୬।୬(ସମିସ)

ଦଶରଥପୁର ବ୍ଲକ ଅସନପୁର ପଞ୍ଚାୟତ ରାଧାବଲ୍ଲଭପୁର ଛକ ଓ ଛତ୍ରପଡ଼ା ଛକ ମଝିରେ ମୁଖ୍ୟ ରାସ୍ତା କଡରେ ଥିବା ଏକ ଛଣ ଛପର ଘରେ ଖୁଲମ ଖୁଲା ଭାବେ ଚୋରା ମଦ କାରବାର ହେଉଥିବା ନେଇ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାଇ ଏହି ଛଣ ଛପର ଘରେ ମଦ୍ୟପ ମାନେ ବସି ମଦ ପିଉଥିବା ବେଳେ ସେହି ଘରଟି ବାର୍ ଭଳି ବ୍ୟବହାର ହେଉଛି। ସେହିପରି ଚୋରା ମଦ ବ୍ୟବସାୟୀ ଜଣକ ଛଣ ଛପର ଘରର ବିପରୀତ ପାର୍ଶ୍ୱରେ ଥିବା ଏକ ଘରେ ମଦ ମହଜୁଦ ରଖୁଥିବା ନେଇ ଅଭିଯୋଗ ହୋଇଛି। ଏହି ଛକଟି ଦଶରଥପୁର ଥାନା ଅଧୀନରେ ଯାଉଥିବା ବେଳେ ଦଶରଥପୁର ଥାନା ଅଧିକାରୀ ଏହି ଚୋରା ମଦ ବ୍ୟବସାୟୀ ଜଣକ ବାବଦରେ



କୌଣସି ଟେର ପାଉନଥିବା ନେଇ ସ୍ଥାନୀୟ ଲୋକେ କହିଛନ୍ତି। ମାତ୍ର ଏହି ଚୋରା ବାର୍ ଠାରୁ ଅସନପୁର ସରପଞ୍ଚଙ୍କ ଘର ପ୍ରାୟ ୫ ଶହ ମିଟର ଦୂରରେ ହୋଇଥିଲେ ମଧ୍ୟ ସରପଞ୍ଚ ନିଜେ ମଧ୍ୟ ଏହି ଚୋରା ମଦ ବ୍ୟବସାୟୀ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଏବେ ପଞ୍ଚାୟତର ଜନସାଧାରଣ ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏପରିକି ଯେଉଁ ମୁଖ୍ୟ ରାସ୍ତା କଡ଼ରେ ଏହି ଚୋରା ମଦ କାରବାର ହେଉଛି; ସେହି ରାସ୍ତାଟି ମଧୁପୁର ଠାରୁ ବିଞ୍ଝାରପୁରକୁ ସଂଯୋଗ କରୁଥିବା ବେଳେ ପ୍ରତିଦିନ ଏହି ରାସ୍ତା ଦେଇ ସହ ସହ ଜନସାଧାରଣ ଯାତାୟତ କରିଥାନ୍ତି। ସେହିପରି ଏହି ରାସ୍ତା ଦେଇ ସାଧୁଗୌରେଶ୍ୱର ମହାବିଦ୍ୟାଳୟ, ମଙ୍ଗଳପୁର ମହିଳା ମହାବିଦ୍ୟାଳୟ, ଯୁଣଭଦ୍ରା ମହାବିଦ୍ୟାଳୟକୁ ପ୍ରତ୍ୟେହ ଶହ ଶହ ଛାତ୍ରଛାତ୍ରୀ ଯାତାୟତ କରିଥାନ୍ତି। ବର୍ତ୍ତମାନ ମଦ୍ୟପମାନଙ୍କ ଭୟରେ ଉକ୍ତ ରାସ୍ତା ଦେଇ ଜନସାଧାରଣଙ୍କ ଠାରୁ ଆରମ୍ଭ କରି କଲେଜ ଛାତ୍ରଛାତ୍ରୀ ଯାତାୟତ କରିବା ପାଇଁ ସୁରକ୍ଷିତ ମଣୁନାହାଁନ୍ତି। ଏପରିକି ଅନେକ ସମୟରେ ମଦ୍ୟପମାନେ ମଦ୍ୟପାନ କରିସାରିବା ପରେ ରାସ୍ତାରେ ଯାଉଥିବା ପଥଚାରୀମାନଙ୍କ ଠାରୁ ଟଙ୍କା, ମୋବାଇଲ ଓ ସୁନା ଚେନ୍ ଛଡାଇ ନେବା ଭଳି ଘଟଣା ସାଧାରଣରେ ଅଭିଯୋଗ ହୋଇଛି। ସେହିପରି ଉକ୍ତ ଛକରେ ଅନେକ ସମୟରେ ମଦ୍ୟପମାନଙ୍କ ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହେଉଥିବା ଦେଖିବା ପାଇଁ ମିଳିଛି। ଏ ସମ୍ପର୍କରେ ଗ୍ରାମବାସୀ ଯାଜପୁର ଅବକାରୀ ବିଭାଗର ସୁପରିଟେଣ୍ଡେଣ୍ଟଙ୍କୁ ମଧ୍ୟ ଜଣାଇଛନ୍ତି। ତେଣୁ ଦଶରଥପୁର ଥାନା ଅଧିକାରୀ ଓ ଅବକାରୀ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଜନ ସାଧାରଣରେ ଦାବି ହୋଇଛି।

# ଯାଜପୁର ଡାଇରିଆ ସ୍ଥିତି } ୨ ସପ୍ତାହ ବନ୍ଦ ରହିବ ଖାଦ୍ୟ ବିକ୍ରି

**ଦଶରଥପୁର/ବିଞ୍ଝାରପୁର/ପ୍ରୀତିପୁର/ସୁକିନ୍ଦା/ଧର୍ମଶାଳା/ବରୀ:** ଯାଜପୁର ଜିଲ୍ଲାକୁ କଲବଲ କଲାଣି ଡାଇରିଆ ଓ ହଇଜା ରୋଗ। ଜିଲ୍ଲାରେ ଆକ୍ରାନ୍ତଙ୍କ ସଂଖ୍ୟା ହୁ ହୁ ହୋଇ ବଢ଼ି ଚାଲିଥିବା ବେଳେ ଏହାକୁ ନିୟନ୍ତ୍ରଣ କରିବାକୁ ସ୍ୱାସ୍ଥ୍ୟ ବିଭାଗ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ବ୍ୟାପକ ପଦକ୍ଷେପ ଓ ପ୍ରସ୍ତୁତି କରିଛନ୍ତି। କିନ୍ତୁ ହଇଜା ନିୟନ୍ତ୍ରଣ ହେବାର ନା ନେଉନି। ଜିଲ୍ଲାରେ ବ୍ୟାପକ ଡାଇରିଆ ଓ ହଇଜା ସଂକ୍ରମଣ ବଢୁଥିବା ବେଳେ ଏହାକୁ ଆଖି ଆଗରେ ରଖି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ତହସିଲଦାର ଆଜି ପଦକ୍ଷେପ ନେଇଛନ୍ତି। ନୋଟିସ୍ ଜାରି କରି ସମସ୍ତ ଜଳଖିଆ ଦୋକାନ, ହେଟେଲ, ରେଷ୍ଟୁରାଣ୍ଟ ସହ ଖାଦ୍ୟ ପଦାର୍ଥ ଦୋକାନକୁ ବନ୍ଦ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ଢାବା, ଫାଷ୍ଟଫୁଟ, ଜଳଖିଆ ଦୋକାନ, ହୋଟେଲ, ରେଷ୍ଟୁରାଣ୍ଟ, ଚାଟ୍, ଗୁପଚୁପ ଦୋକାନ, ଆଇସକ୍ରିମ କାରଖାନା, ପାଣି ପାଉଚ କାରଖାନା, ମାଛ, ଚିକେନ, ମଟନ ଦୋକାନ ଗୁଡିକୁ ୨ ସପ୍ତାହ ପାଇଁ ବନ୍ଦ ରଖିବାକୁ ତହସିଲ କର୍ତ୍ତୃପକ୍ଷ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଅନ୍ୟପକ୍ଷରେ ଏଥିରେ ଖିଲାପକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ବିବାହ, ବ୍ରତଘର, ଜନ୍ମଦିନ ଓ ସାଧାରଣ ଭୋଜିକୁ ମଧ ବ୍ୟାନ କରାଯାଇଛି। ଲୋକ ମାନଙ୍କୁ ପାଣିକୁ ଫୁଟାଇ ପିଇବା ସାହ ଗରମ ରନ୍ଧାଖାଦ୍ୟ ଖାଇବାକୁ ପରାମର୍ଶ ଦିଆଯାଇଛି। ଡାଇରିଆ ଲକ୍ଷଣ ଦେଖାଗଲେ ଡାକ୍ତରଖାନାକୁ ଯାଇ ପରାମର୍ଶ ପାଇଁ

**ହୋଟେଲ, ଜଳଖିଆ, ମାଛ, ଚିକେନ୍ ଦୋକାନ ଖୋଲିବନି**

ଏହି ନୋଟିସ୍‌ରେ ଜନସାଧାରଣଙ୍କୁ ନିବେଦନ କରାଯାଇଛି। ବିଞ୍ଝାରପୁର, ଦଶରଥପୁର, ଧର୍ମଶାଳା, ବରୀ, ସୁକିନ୍ଦା ଆଦି ତହସିଲଦାରମାନେ ଏହି ନୋଟିସ୍ ଜାରି କରିଛନ୍ତି।

ତହସିଲଦାରମାନଙ୍କ ଦ୍ୱାରା ଜାରି ନିର୍ଦ୍ଦେଶନାମା ଅନୁଯାୟୀ ଡାଇରିଆ ପ୍ରକୋପକୁ ପ୍ରତିରୋଧ କରିବା ଲକ୍ଷରେ ଆସନ୍ତା ୨ ସପ୍ତାହ ପର୍ଯ୍ୟନ୍ତ ଏହି ବ୍ୟବସାୟୀ ସେମାନଙ୍କ ପ୍ରତିଷ୍ଠାନ ବନ୍ଦ ରଖିବେ। ଉକ୍ତ ସମୟ ଅବଧି ମଧ୍ୟରେ ବ୍ଲକର ସବୁ ଅଞ୍ଚଳରେ ଥିବା ସମ୍ପୃକ୍ତ ଖାଦ୍ୟ ପ୍ରସ୍ତୁତ ଏବଂ ବିକ୍ରି ଉପରେ କଟକଣା ବଳବତ୍ତର ଥିବାରୁ ଏହାକୁ ଅମାନ୍ୟ ହେବାର ଦୃଷ୍ଟିଗୋଚର ହେଲେ ନିର୍ଦ୍ଦେଶନାମା ଖିଲାପକାରୀଙ୍କ ବିରୁଦ୍ଧରେ ପ୍ରଶାସନ ପକ୍ଷରୁ ଦୃଢ଼ ଆଇନଗତ ପଦକ୍ଷେପ ସ୍ୱରୂପ ବ୍ୟବସାୟୀଙ୍କୁ ଦଣ୍ଡିତ କରାଯିବା ସହିତ ବ୍ୟବସାୟ ପ୍ରତିଷ୍ଠାନ ଗୁଡିକ ଅନିର୍ଦ୍ଦିଷ୍ଟ ସମୟ ପାଇଁ ବନ୍ଦ କରାଯିବ। ଦୋକାନ ଗୁଡିକ ପାନୀୟ ଜଳ ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥାରେ ସ୍ୱଚ୍ଛତା ନ ରଖିଲେ ଆଇନ୍ ଅନୁଯାୟୀ ଦଣ୍ଡିତ ହେବେ। ଫୁଟା ପାଣି, ଗରମ ରନ୍ଧା ଖାଦ୍ୟ ଖାଇବା ସହ ବାସି ହେଉ ବା ଭୋଜିଭାତ ଖାଦ୍ୟ ଖାଇବାରୁ ବଞ୍ଚିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଡାଇରିଆ ଲକ୍ଷଣ ଦେଖାଗଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ଡାକ୍ତରଙ୍କ ପରାମର୍ଶ ପାଇଁ ନିବେଦନ କରାଯାଇଛି। ହାଲୋଜିନ ଟାବ୍ଲେଟ ଓ ବ୍ଲିଚିଂ ପାଉଡର ଦ୍ୱାରା ବିଶୋଧିତ ଜଳ ହିଁ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷେ ଆଜି ଥାନା ଅଧିକାରୀ ଓ ତହସିଲଦାରଙ୍କ ମିଳିତ ଉଦ୍ୟମରେ ବିଭିନ୍ନ ବଜାରର ମାଂସ ଦୋକାନ, ଜଳଖିଆ ଦୋକାନ, ଫାଷ୍ଟଫୁଡ୍ ଦୋକାନ ଓ ହୋଟେଲ ଗୁଡ଼ିକ ଉପରେ ଚଢ଼ଉ କରାଯାଇଛି।

## ବିଞ୍ଝାରପୁର ଅଞ୍ଚଳରେ ନଳକୂପ ବିଶୋଧନ



**ବିଞ୍ଝାରପୁର/ପ୍ରୀତିପୁର:** ବିଞ୍ଝାରପୁର ଅଞ୍ଚଳରେ ଝାଡ଼ା ବାନ୍ତିରେ ଆକ୍ରାନ୍ତ ସଂଖ୍ୟା ବୃଦ୍ଧି ହେଉଥିବା ବେଳେ ଆକ୍ରାନ୍ତକୁ ରୋକିବା ପାଇଁ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ତତ୍ପରତା ସହ ଜରୁରୀ ସେବା ଯୋଗାଇ ଦିଆଯାଉଛି। ବିଞ୍ଝାରପୁର ବ୍ଲକରେ ଥିବା ୨୦୪୯ଟି ସରକାରୀ ନଳକୂପ ମଧ୍ୟରୁ ୧୫୪୦ରୁ ଊର୍ଦ୍ଧ୍ୱ ନଳକୂପ ବିଶୋଧନ କରାଯାଇଛି। ଏହା ସହ ବିଭିନ୍ନ ଅଞ୍ଚଳରେ ଥିବା ପାନୀୟ ଜଳ ପ୍ରକଳ୍ପ ଗୁଡ଼ିକୁ ମଧ ବିଶୋଧନ କରାଯାଉଛି। ଗ୍ରାମ ଜଳ ଯୋଗାଣ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ଇଂ. ତୃପ୍ତାଞ୍ଜଳି ରଥ ଗାଁ ଗାଁ ବୁଲି ସ୍ୱାବଲମ୍ବୀ କାରିଗରମାନଙ୍କ ସହାୟତାରେ ନଳକୂପ ଏବଂ ଟାଙ୍କି ମାନଙ୍କୁ ବ୍ଲିଚିଂ ମାଧ୍ୟମରେ ବିଶୋଧନ କରୁଥିବା ଦୃଶ୍ୟ ଦେଖିବାକୁ ମଧ ମିଳୁଛି। ସରକାରୀ ଯନ୍ତ୍ରୀ ଆଜି ଅରେଇ ଗ୍ରାମ ପଞ୍ଚାୟତ ଦୁଇ ନଂ. ୱାର୍ଡରେ ଝାଡା ବାନ୍ତି ରେ ଆକ୍ରାନ୍ତ ହୋଇଥିବା ଉପନ୍ଦ୍ରେ ସାହୁଙ୍କ ଘରେ ପହଞ୍ଚି ତାଙ୍କ ସହ ସାକ୍ଷାତ କରିବା ସହ ତାଙ୍କ ଘରର ଚତୁପାର୍ଶ୍ୱରେ ଥିବା ଡ୍ରେନ, ନଳକୂପ ଏବଂ ଅଳିଆ ଆବର୍ଜନା ସ୍ଥାନ ମାନଙ୍କୁ ବିଶୋଧନ କରାଇଥିଲେ। ଏହା ସହ ବିଞ୍ଝାରପୁର ବ୍ଲକ ଅଧୀନରେ ଥିବା ୨୯ ଗୋଟି ପଞ୍ଚାୟତରେ କାର୍ଯ୍ୟର ସମସ୍ତ ସ୍ୱାବଲମ୍ବୀ କାରିଗର ଏବଂ ସ୍ୱେଚ୍ଛାସେବୀ ଏସ୍‌କେ ଆଲ୍ଲାଉଦ୍ଦିନ ସାଙ୍ଗରେ ଧରି ବିଶୋଧନ ପକ୍ରିୟାକୁ ଜାରି ରଖିବା ସହ ଘରୋଇ ନଳକୂପମାନଙ୍କୁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ବିଶୋଧନ କରାଯାଉଛି।

## ଶିଳ୍ପାଞ୍ଚଳକୁ ମାଡ଼ିଲା ଝାଡ଼ାବାନ୍ତି

**ଦାନଗଦି:** ଝାଡାବାନ୍ତି ଏବେ ଜିଲ୍ଲା ପରେ ଜିଲ୍ଲାକୁ ମାଡିବାରେ ଲାଗିଛି। ହେଲେ ରୋଗ ସଂକ୍ରମଣର କାରଣ ଓ ନିରାକରଣ ବାହାର କରିବାରେ ସରକାର ବିଫଳ ହୋଇଛନ୍ତି। ଆଜି ଦାନଗଦି ଡାକ୍ତରଖାନାରେ ୧୭ ଜଣ ନୂଆ ରୋଗୀ ଝାଡା ବାନ୍ତିରେ ଆକ୍ରାନ୍ତ ହୋଇ ଭର୍ତ୍ତି ହୋଇଛନ୍ତି। କଳିଙ୍ଗନଗର ଶିଳ୍ପାଞ୍ଚଳର ଡୁବୁରୀ, ବାରଗାଡ଼ିଆ, ଯଖପୁରା, କୁମ୍ଭୀରଗାଡ଼ିଆ, ଖପୁରିଆପଦା, ଉଛବାଲି, ନଡ଼ିଆଭଙ୍ଗା, ଶାଳୀଜଙ୍ଗା ଆଦି ପଞ୍ଚାୟତ ମାନଙ୍କରେ ଝାଡାବାନ୍ତି ଏବେ ବ୍ୟାପିବାରେ ଲାଗିଛି। ଆଜି ସାରଙ୍ଗପୁର ଗାଁରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ଜଣକ ହେଲେ ନନ୍ଦ ଜେନା(୬୦)। ପ୍ରଶାସନ ପକ୍ଷରୁ ଶିଳ୍ପାଞ୍ଚଳ ଚତୁର୍ପାଶ୍ୱ ଗାଁ ମାନଙ୍କରେ ଥିବା କୂଅ ଓ ପୋଖରି ମାନଙ୍କରେ ବ୍ଲିଚିଂ ପାଉଡର ପକାଇବା ସହ ପ୍ରତ୍ୟେକ ପ୍ରଭାବିତ ଗାଁମାନଙ୍କରେ ବ୍ୟାପକ ସଚେତନତା ଓ ହଲୋଜେନ ବଟିକା ଯୋଗାଇ ଦେବାକୁ ଦାବି ହେଉଛି।







## ପଞ୍ଚାୟତ ବୁଲି ସ୍ଥିତି ପରଖିଲେ ଜିଲାପାଳ



**ଦଶରଥପୁର/କଁଯାଗୋଲା:** ଆଜି ସୁଦ୍ଧା ଦଶରଥପୁର ବ୍ଲକର ଦଶରଥପୁର ଓ ମଙ୍ଗଳପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ମୋଟ ୨୫୭ ଜଣ ଆକ୍ରାନ୍ତ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ଆଜି ମଙ୍ଗଳପୁର ସିଏଚ୍‌ସିରେ ୨୪ ଜଣ ଆକ୍ରାନ୍ତ ଭର୍ତ୍ତି ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୪ ଜଣ ସୁସ୍ଥ ହୋଇ ଘରକୁ ଫେରିଥିଲେ। ତେବେ ଘରକୁ ଫେରିଥିବା ଜଣେ ଆକ୍ରାନ୍ତ ପୁନର୍ବାର ଅସୁସ୍ଥ ହୋଇ ଆସିବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିବା ସିଏଚ୍‌ସି ପକ୍ଷରୁ ଜଣାଯାଇଛି। ଆଜି ମଙ୍ଗଳପୁର ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ। ବିଡିଓ ଆକାଶ ପଟ୍ଟନାୟକ, ଅତିରିକ୍ତ ତହସିଲଦାର ରଶ୍ମୀ ରଞ୍ଜନ ମଲ୍ଲିକ, ସିଡିପିଓ ସାବିତ୍ରୀ ସେଠୀ, ନିର୍ବାହୀ ଯନ୍ତ୍ରୀ ରାହାସ ବିହାରୀ ଜେନାଙ୍କ ଉପସ୍ଥିତିରେ ଜିଲ୍ଲପାଳ ମଙ୍ଗଳପୁର ସ୍ୱାସ୍ଥ୍ୟକେନ୍ଦର ବିଭିନ୍ନ ୱାର୍ଡ ବୁଲିବା ସହ ଚିକିତ୍ସାଧୀନ ରୋଗୀଙ୍କୁ ଭେଟିଥିଲେ। ଚିକିତ୍ସାଧୀନ ରୋଗୀଙ୍କୁ ଉପଲବ୍ଧ ଚିକିତ୍ସା ସୁବିଧା ସମ୍ପର୍କରେ ସିଏଚ୍‌ସି ସ୍ୱାସ୍ଥ୍ୟ ଅଧିକାରିଣୀ ଅମ୍ରିତା ପ୍ରୀତମ ମଲ୍ଲଙ୍କ ସମେତ ଉପସ୍ଥିତ ଡାକ୍ତରମାନଙ୍କ ସହିତ ସମୀକ୍ଷା କରିଥିଲେ। ପରେ ଜିଲ୍ଲପାଳ ବ୍ଲକ ଅଧିନ ଥାଲୁକୁଡି ପଞ୍ଚାୟତ କସବା ଗ୍ରାମ ପରିଦର୍ଶନରେ ଯାଇ ଚିକିତ୍ସିତ ହୋଇ ଘରକୁ ଫେରିଥିବା କିଛି ଆକ୍ରାନ୍ତ ପରିବାର ଲୋକଙ୍କ ସହ ଆଲୋଚନା କରିଥିଲେ। କୂଅ, ପୋଖରୀ ବିଶୋଧନ, ଘରେ ଘରେ ହେଲୋଜିନ ଟାବଲେଟ, ଓଆର୍‌ଏସ୍ ଓ ଆବଶ୍ୟକ ସମସ୍ତ ଔଷଧ ପହଞ୍ଚିବା ସୁନିଶ୍ଚିନ୍ତିତ କରିବାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ମେଡିକାଲ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଧର୍ମଶାଳାରେ ସ୍ଥିତି ପରଖିଲେ ସ୍ୱାସ୍ଥ୍ୟସଚିବ



**ଧର୍ମଶାଳା:** ଧର୍ମଶାଳା ବ୍ଲକରେ ଡାଇରିଆ ଧୀରେ ଧୀରେ କମୁଥିବା ବେଳେ ଏବେ ବି ସ୍ଥିତି ଉଦ୍‌ବେଗଜନକ ରହିଛି। ଅବଶ୍ୟ ପୂର୍ବାପେକ୍ଷା ରୋଗୀ ସଂଖ୍ୟା କମିଛି। ସ୍ଥିତିର ଅନୁଧ୍ୟାନ କରିବାକୁ ଆଜି ପୁଣି ଥରେ ସ୍ୱାସ୍ଥ୍ୟ ବିଭାଗ ସଚିବ ଅଶ୍ୱଥୀ ଏସ୍ ଅଚାନକ ଭାବେ ମେଡିକାଲରେ ପହଞ୍ଚି ସ୍ଥିତି ପରଖିବା ସହ ରୋଗୀ ସେବାରେ ତ୍ରୁଟି ପରିଲିଖିତ ହେଉଥିବା ଅନୁଭବ କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀଙ୍କୁ ତାଗିଦ୍ କରିଥିଲେ। ପରେ ସେ ଯାଜପୁର ଯାଇ ଜିଲ୍ଲା ପ୍ରଶାସନ ସହିତ ସମୀକ୍ଷା କରିଥିଲେ। କେନ୍ଦ୍ରିୟ ଟିମ୍ ଯାଜପୁରରେ ରହି କାରଣ ଖୋଜୁଛି। ଝାଡାବାନ୍ତିର ରୋଗର ନିଦାନ ପାଇଁ ମେଡିକାଲ ଟିମ୍, ବ୍ଲକ ପ୍ରଶାସନ ଓ ଆରଡ୍ଲୁଏସଏସ ଡିଭିଜନ ପକ୍ଷରୁ ଗାଁକୁ ଗାଁ ବୁଲି ଲୋକମାନଙ୍କୁ ସଚେତନ କରିବା ସହ ନଳକୂପ, କୂଅ ଓ ପୋଖରି ଗୁଡିକୁ ବ୍ଲିଚିଂ କରାଯାଇ ବିଶୋଧନ କରାଯାଉଛି। ଧର୍ମଶାଳା ଡାକ୍ତରଖାନାରେ ଅଦ୍ୟାବଧି ୪୦୯ ଜଣ ଝାଡ଼ାବାନ୍ତି ରୋଗୀ ଚିକିତ୍ସିତ ହୋଇଥିବା ବେଳେ ଏବେ ବି ଡାକ୍ତରଖାନାରେ ୪୧ ଜଣ ଆକ୍ରାନ୍ତ ଚିକିତ୍ସିତ ହେଉଛନ୍ତି। ତେବେ ଆଗ ଅପେକ୍ଷା ରୋଗୀମାନଙ୍କ ସଂଖ୍ୟା କମୁଥିବା ନେଇ ଡାକ୍ତରଖାନା ତରଫରୁ କୁହାଯାଇଛି।

ଆଜି ପୂର୍ବାହ୍ନରେ ଯାଜପୁର ଏଡିଏମ୍ ଶିବାନନ୍ଦ ସ୍ୱାଇଁ ଧର୍ମଶାଳା ବ୍ଲକରେ ପହଞ୍ଚି ସ୍କୁଲର ଶିକ୍ଷକ, ତହସିଲଦାର ଓ ବିଡିଓଙ୍କୁ ନେଇ ଏକ ସମୀକ୍ଷା ବୈଠକ କରିଛନ୍ତି। ଝାଡାବାନ୍ତି ରୋଗର ପ୍ରକୃତ କାରଣ ଜଣାପଡୁନଥିବା ବେଳେ ପ୍ରଶାସନ ପକ୍ଷରୁ ର଼୍ୟାଣ୍ଡମଲି ବିଶୋଧନ କାର୍ଯ୍ୟ ଓ ଲୋକମାନଙ୍କୁ ଔଷଧ ବଣ୍ଟନ କରିବା ପ୍ରକ୍ରିୟା ଆରମ୍ଭ ହୋଇଛି। ମେଡିକାଲ ଟିମ, ଆରଡ୍ଲୁଏସ୍‌ଏସ, ଶିକ୍ଷକ, ଆଶା ଓ ଅଙ୍ଗନବାଡି କର୍ମୀମାନେ ଗାଁକୁ ଗାଁ ବୁଲି ବିଶୋଧନ କାର୍ଯ୍ୟରେ ସହାୟତା କରିବା ସହିତ ଘରକୁ ଘର ଲୋକମାନଙ୍କୁ ଔଷଧ ବଣ୍ଟନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ସୂଚନା ଦେଇଛନ୍ତି।

## ବିଞ୍ଝାରପୁରରେ ୭୪ ଆକ୍ରାନ୍ତ



**ପ୍ରୀତିପୁର:** ଜିଲ୍ଲାର ବିଭିନ୍ନ ବ୍ଲକରେ ଶହ ଶହ ଆକ୍ରାନ୍ତ ରହିଥିବା ବେଳେ ଏଥିରୁ ବାଦ ପଡ଼ିନି ବିଞ୍ଝାରପୁର ବ୍ଲକ। ଏବେ ସୁଦ୍ଧ ବ୍ଲକର ବିଭିନ୍ନ ପଞ୍ଚାୟତରୁ ମୋଟ ୭୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଦୈନିକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନୂତନ ଆକ୍ରାନ୍ତ ମଧ ଚିକିତ୍ସା ପାଇଁ ଆସୁଛନ୍ତି। ଯାହାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା କରାଯିବା ସହ ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ଅଞ୍ଚଳରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଳ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଉଛି। ସ୍ଥିତିରେ ସୁଧାର ଆଣିବା ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଆଜି ବିଞ୍ଝାରପୁର ତହସିଲ ପକ୍ଷରୁ ଏକ ସର୍ବସାଧାରଣଙ୍କ ନିମନ୍ତେ ନୋଟିସ୍ ଜାରି କରି ସମସ୍ତ ହେଟେଲ, ଜଳଖିଆ ଦୋକାନ, ଖାଦ୍ୟ ପଦାର୍ଥ ଦୋକାନକୁ ୨ ସପ୍ତାହ ବନ୍ଦ ନିର୍ଦ୍ଦେଶ ଦିଆଯାଇଛି। ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧୀନ ଥିବା ଆକ୍ରାନ୍ତମାନଙ୍କୁ ବିଜେଡି ଓ ବିଜେପିର ପ୍ରତିନିଧି ମାନେ ଭେଟି ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ପଚାର ବୁଝିଛନ୍ତି। ବିଜେପି ନେତ୍ରୀ ବବିତା ମଲ୍ଲିକ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଆକ୍ରାନ୍ତଙ୍କୁ ଭେଟିବା ସହିତ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଥିଲେ। ସେହିପରି ବିଜେପି ନେତ୍ରୀ ତଥା ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତା ଦାସ, ଜିଲ୍ଲାପରିଷଦ ସଭ୍ୟା ଅହଲ୍ୟା ସ୍ୱାଇଁ, ସୁନିତା ନାୟକ, ଯୁବ ବିଜେଡି ସଭାପତି ଦୀଲିପ ରାଉଳ, ସରପଞ୍ଚ ଏମଡି ସବିର, ସମାଜସେବୀ ଅଶୋକ ସାହୁ, ବିଞ୍ଝାରପୁର ସରପଞ୍ଚ ଆଶାଲତା ସାହୁ, ଜରୀ ସରପଞ୍ଚ ନନ୍ଦ କିଶୋର ମଲ୍ଲିକ, ଜାବେଦ ଇକୱାଲ ପ୍ରମୁଖ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଁଚି ଆକ୍ରାନ୍ତଙ୍କୁ ଭେଟିବା ସହିତ ସ୍ଥିତି ନିୟନ୍ତ୍ରଣ ପାଇଁ ଡାକ୍ତର ଓ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ।

## କଂଗ୍ରେସ ନେତାଙ୍କ ଧାରଣା



**ବଡ଼ଚଣା:** ଯାଜପୁର ଜିଲ୍ଲାରେ ଝାଡା ବାନ୍ତିରେ ଶହ ଶହ ରୋଗୀ ଆକ୍ରାନ୍ତ ହେଉଥିବା ସମୟରେ ବଡ଼ଚଣା ବ୍ଲକ ଅନ୍ତର୍ଗତ ଗୋପାଳପୁର ଏରିଆ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତରଖାନାରେ ଡାକ୍ତର ନ ରହିବା ଦୁଃଖର ବିଷୟ। କଂଗ୍ରେସ ଦଳର କିଛି ନେତା ହଠାତ୍ ଡାକ୍ତରଖାନାରେ ପହଞ୍ଚିବା ବେଳେ ଡାକ୍ତର ନଥିବା ଜାଣି ସମସ୍ତ ନେତା ଧାରଣାରେ ବସିଥିଲେ। ଏହି ଧାରଣାରେ ପୂର୍ବତନ କଂଗ୍ରେସ ପ୍ରଚାର କମିଟି ଆବାହକ ସୁଧାଂଶୁ ଶେଖର ଦେଓ, ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ରାକେଶ ସାହୁ, ପ୍ରବୀର ବଳ, ପ୍ରଶାନ୍ତ ବଳ ପ୍ରମୁଖ ଧାରଣାରେ ବସିଛନ୍ତି।

## ଆକ୍ରାନ୍ତଙ୍କୁ ଭେଟିଲେ ସିପିଆଇଏମ୍ ପ୍ରତିନିଧି

**ଯାଜପୁର ଟାଉନ:** ଯାଜପୁର ଜିଲ୍ଲା ସିପିଆଇ(ଏମ୍) ଜିଲ୍ଲା ସମ୍ପାଦକ ନିର୍ମଳ ରଥ ଓ ବରିଷ୍ଠ ସିପିଆଇ(ଏମ) ନେତା ପ୍ରଫୁଲ୍ଲ ନାୟକ ଯାଜପୁର ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ବରିଷ୍ଠ ଭେଷଜ ବିଶେଷଜ୍ଞ ଡାକ୍ତର ଅୟସକାନ୍ତ କର, ପ୍ରଧାନ ସେବିକା ଇତିସ୍ମିତା ଜେନାଙ୍କ ସହ ପରିସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଚିକିତ୍ସାଧୀନ ବୈଷପାନ ଦଶରଥପୁର ଅଞ୍ଚଳର କୃଷ୍ଣଚନ୍ଦ୍ର ପୋଥାଳ, ରାମଚନ୍ଦ୍ରପୁର ବରୀର ସଙ୍ଗୀତା ଧଳଙ୍କ ସହ ରୋଗ ଆରମ୍ଭର କାରଣ ସମ୍ପର୍କରେ ଆଲୋଚନା କରିଥିଲେ। ଏହାପରେ ଉଭୟେ ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ସେଠାରେ ଚିକିତ୍ସାଧୀନ ରାଛିପୁର ଅଞ୍ଚଳର ଗୋବିନ୍ଦ ରାଉତ, କାଟଗୋଡ ଅଞ୍ଚଳର ଦୀପକ ନାୟକ, ଆଦମପୁର ଅଞ୍ଚଳର ଚଞ୍ଚଳା ସାହୁ, ଯୋକଡିଆ ଅଞ୍ଚଳର ଲକ୍ଷ୍ମୀପ୍ରିୟା ଧଳଙ୍କର ଚିକିତ୍ସା ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏହାପରେ ବ୍ୟାସନଗର ପୌରାଞ୍ଚଳର ୱାର୍ଡ ୧୧ ଚାନ୍ଦମା ସହରସାହିର ମୃତ ସନାତନ ପାଇକରା ଘରକୁ ପ୍ରତିନିଧି ଦଳ ଯାଇଥିଲେ। ଅନ୍ୟ



ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାରେ ଦାନଗଦି ବ୍ଲକର ଗୋଟିଏ ଗ୍ରାମରେ ୪ ଜଣଙ୍କର ମୃତ୍ୟୁ ଘଟିବା ଫଳରେ ଏହା ଏକ ଉଦ୍‌ବେଗର କାରଣ ହୋଇଛି। ହୋଟେଲ ଓ ଜଳଖିଆ ଦୋକାନ ଗୁଡ଼ିକର ନିୟମିତ ଯାଞ୍ଚ, ସାମାଜିକ ଭୋଜି ଭାତ ଉପରେ କଟକଣା, ଲୋକଙ୍କୁ ତାଙ୍କ ଘର ପାଖରେ ନିରାପଦ ପାନୀୟ ଜଳ ଯୋଗାଣ, ଅସ୍ୱାସ୍ଥ୍ୟକର ପାଉଚ ପାଣି ଓ ବୋତଲ ପାଣି ବିକ୍ରି ବନ୍ଦ, ଗାଁ ଗଣ୍ଡାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସର୍ବତ୍ର ଯୁଦ୍ଧକାଳୀନ ଭିତ୍ତିରେ ସଫେଇ ଓ ପରିମଳ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ଓ ସରକାରୀ ଚିକିତ୍ସାଳୟ ଗୁଡ଼ିକରେ ଆବଶ୍ୟକ ଡାକ୍ତର, ନର୍ସ ତଥା ସ୍ୱାସ୍ଥ୍ୟକର୍ମୀଙ୍କ ବ୍ୟବସ୍ଥା ସାଙ୍ଗକୁ ଉନ୍ନତ ମାନର ଔଷଧର ବନ୍ଦୋବସ୍ତ କରିବାକୁ ଏବଂ ଝାଡ଼ାବାନ୍ତି ସଂକ୍ରମିତ ଅଞ୍ଚଳରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ସିପିଆଇ (ଏମ୍) ଯାଜପୁର ଜିଲ୍ଲା ସାଙ୍ଗଠନିକ କମିଟି ପକ୍ଷରୁ ଦାବି କରାଯାଇଛି।

## ୨ ଜଣଙ୍କ ମୃତ୍ୟୁ ପରେ ସୁକିନ୍ଦାରେ ଆତଙ୍କ

**ସୁକିନ୍ଦା/କୁହିକା:** ସୁକିନ୍ଦାରେ ଝାଡାବାନ୍ତି ବଢ଼ିବାରେ ଲାଗିଛି। ଦୁଇ ଜଣ ଡାଇରିଆରେ ମୃତ୍ୟୁବରଣ କରିଥିବା ନେଇ ମେଡିକାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସୁକିନ୍ଦା ବ୍ଲକ ହାତିବାରୀ ପଞ୍ଚାୟତ ବୈରିମାଳ ଗାଁର ବସନ୍ତ ବାରିକଙ୍କ ଦେହ ଅସୁସ୍ଥ ହେବାରୁ ମେଡିକାଲରେ ଭର୍ତ୍ତୀ କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ସେହିପରି ସୁକିନ୍ଦା ବ୍ଲକ ସାରଙ୍ଗପୁର ଗ୍ରାମର ନନ୍ଦ ଜେନା ନାମକ ବ୍ୟକ୍ତିଙ୍କର ମଧ ଡାଇରିଆରେ ମୃତ୍ୟୁ ଘଟିଥିବା ନେଇ ମେଡିକାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଲୋକେ ସଚେତନତା ଅଭାବରୁ ଖୋଲା ମେଲାରେ ମଳତ୍ୟାଗ କରିବା ସହ ଦୂଷିତ ଜଳ ବ୍ୟବହାର କରୁଛନ୍ତି। ମେଡିକାଲ କର୍ତ୍ତୃପକ୍ଷ, ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ କିମ୍ବା ଲୋକଙ୍କୁ ସଚେତନ କରିବାରେ ବିଫଳ ହୋଇଥିବା ଅଭିଯୋଗ ହେଉଛି।

ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୦ରୁ ଊର୍ଦ୍ଧ୍ୱ ଡାଇରିଆ ରୋଗୀ ଚିକିତ୍ସିତ ହେଉଥିବା ବେଳେ ସେଥିମଧ୍ୟରୁ ୬ଜଣଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରଯାଇଥିବା ଜଣାପଡ଼ିଛି। ଗତ କିଛିଦିନ ଧରି ସୁକିନ୍ଦା ଅଞ୍ଚଳରେ ଡାଇରିଆ ରୋଗୀଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି।

ଗୁରୁତ୍ୱପୂର୍ଣ୍ଣ କଥା ସୁକିନ୍ଦା ବ୍ଲକର ବୈରିମାଳ ଗ୍ରାମରେ ସର୍ବାଧିକ ରୋଗୀ ଚିହ୍ନଟ ହୋଇଥିବା ବେଳେ ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ସେହି ଗ୍ରାମରେ ରୋଗୀ ସେବା ଆରମ୍ଭ ହୋଇଥିବା ଜଣାପଡ଼ିଛି। ଏହି ଖବର ସାମାଜିକ ଗଣମାଧ୍ୟମରେ ପ୍ରଚାରିତ ହେବାପରେ ସୁକିନ୍ଦା ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଖବର ପାଇ ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ମୃତକଙ୍କ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହ ସମସ୍ତେ ସଚେତନ ରହି ଏହି ମହାମାରୀକୁ ଲଢ଼ିବା ପାଇଁ ପରାମର୍ଶ ଦେଇଛନ୍ତି। ସେପଟେ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀମାନଙ୍କୁ ଉତ୍ତମ ଚିକିତ୍ସା ଯୋଗାଇ ଦେବାକୁ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଟେଣ୍ଡେଣ୍ଟ ଡ.ଜୟଦେବ ନନ୍ଦ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ନିର୍ଦ୍ଦେଶ ଦେବାସହ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ସଫେଇ କାର୍ଯ୍ୟ ତଦାରଖ କରିଛନ୍ତି। ଏକ ସ୍ୱତନ୍ତ୍ର ଟିମ ସୁକିନ୍ଦା ବ୍ଲକର ବିଭିନ୍ନ ଗ୍ରାମ ଗ୍ରସ୍ତ କରି ଘରେ ଘରେ ରୋଗୀଙ୍କୁ ଚିକିତ୍ସା ଯୋଗାଉଥିବା ଦେଖିବାକୁ ମିଳିଛି।



# ସମ୍ପାଦକୀୟ



ମାନବ ବିକାଶ ଲକ୍ଷ୍ୟରେ ସାମର୍ଥ୍ୟ ନିବେଶ ବିନା ଅର୍ଥନୈତିକ ଅଭିବୃଦ୍ଧି ଦୀର୍ଘସ୍ଥାୟୀ ଓ ନୀତିଗତ ହୋଇପାରେନାହିଁ।
ଅମର୍ତ୍ତ୍ୟ ସେନ୍

ସକାଳ
THE SAKALA

## ବନ୍ଧା ପଡ଼ିଛି ଓଡ଼ିଆ ଅସ୍ମିତା

ରାଜ୍ୟରେ ସରକାର ଗଠନର ଏ ବର୍ଷ ପୂର୍ତ୍ତି ପାଳନ କରୁଛି ବିଜେପି ସରକାର। ଏହି ଅବସରରେ ନିଜର ସଫଳତା ବଖାଣିବା ପାଇଁ ଅନେକ ବଡ଼ ବଡ଼ କାର୍ଯ୍ୟକ୍ରମର ଆୟୋଜନ କରିବାକୁ ଯୋଜନା କରୁଛି। ଏହି ଗୋଟିଏ ବର୍ଷ ଭିତରେ ସରକାର ଅନେକ ଉଲ୍ଲେଖନୀୟ କାମ କରିଛନ୍ତି ବୋଲି ବିଜେପି ଦାବି କରିବା ସ୍ୱାଭାବିକ। କିନ୍ତୁ ଯେଉଁ ପ୍ରତିଶ୍ରୁତି ଦେଇ ଦଳ କ୍ଷମତାକୁ ଆସିଥିଲା ତାହାକୁ ପାଳନ କରିବାରେ କେତେ ସଫଳ, ତାହାର ଆକଳନ କରିବା ଲାଗି ଏହା ହେଉଛି ଉପଯୁକ୍ତ ସମୟ। କ୍ଷମତାକୁ ଆସିବା ଲାଗି ବିଜେପି ଯାହାକୁ ମୁଖ୍ୟ ପ୍ରସଙ୍ଗ କରିଥିଲା, ତାହା ଥିଲା ଓଡ଼ିଆ ଅସ୍ମିତା। ଏହି ଅସ୍ମିତାକୁ ବିଜେପି ସରକାର ରକ୍ଷା କରିପାରିଛନ୍ତି କି ନାହିଁ, ତାହା ଉପରେ ସମୀକ୍ଷା କରିବାର ସମୟ ଆସିଛି।

ପୋଲାଭରମ ବିବାଦଠାରୁ ଆରମ୍ଭ କରି ଛତିଶଗଡ଼ ସହ ମହାନଦୀ ବିବାଦ, ଓଡ଼ିଆ ଅଧିକାରୀଙ୍କୁ ରାଜ୍ୟପାଳଙ୍କ ପୁଅର ମାଡ଼, ଶ୍ରୀମନ୍ଦିର ରତ୍ନଭଣ୍ଡାର, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ପର୍ଯ୍ୟନ୍ତ ଏଭଳି ଅନେକ ପ୍ରସଙ୍ଗ ରହିଛି, ଯାହା ସହିତ ଓଡ଼ିଆ ଅସ୍ମିତା ଯୋଡ଼ି ହୋଇରହିଛି। କିନ୍ତୁ ବିଜେପି ସରକାର ଏହାର ସୁରକ୍ଷା ପାଇଁ କ'ଣ କ'ଣ କରିଛନ୍ତି, ତାହା ଜଳ ଜଳ ହୋଇ ଦେଖାଯାଉଛି। ପୋଲାଭରମ ପ୍ରକଳ୍ପ ଯୋଗୁଁ ମାଲକାନଗିରି ଜିଲ୍ଲାରେ ଶତାଧିକ ଗାଁ ବୁଡ଼ିଯିବ ଏବଂ ଏଥିରେ ଓଡ଼ିଶାର ବ୍ୟାପକ କ୍ଷତି ହେବ। ଏହାସତ୍ତ୍ୱେ କେନ୍ଦ୍ର ସରକାର ଏହାକୁ ଅଗ୍ରାଧିକାର ଭିତ୍ତିରେ ସାରିବା ଲାଗି ଆନ୍ଧ୍ର ଉପରେ ଅଜସ୍ର ପାଣ୍ଠିର ବର୍ଷା କରିଛନ୍ତି। ଏହାକୁ ବିରୋଧ କରିବା ତ ଦୂରର କଥା, ଏ ସମ୍ପର୍କରେ ମୁହଁ ବି ଫିଟାଉ ନାହାନ୍ତି ରାଜ୍ୟ ବିଜେପି ସରକାର। ସେହିଭଳି ଅନ୍ୟତମ ପଡ଼ୋଶୀ ରାଜ୍ୟ ଛତିଶଗଡ଼ ମହାନଦୀ ଉପରମୁଣ୍ଡରେ ବନ୍ଧ ନିର୍ମାଣ କରି ଜଳ ପ୍ରବାହକୁ ନିୟନ୍ତ୍ରଣ କରୁଛି। ବନ୍ୟା ବେଳେ ପାଣି ଛାଡୁଛି ଏବଂ ଅଣବର୍ଷା ଋତୁରେ ଜଳ ପ୍ରବାହକୁ ହ୍ରାସ କରୁଛି। ଏହାଯୋଗୁଁ ଓଡ଼ିଶାର କ୍ଷତି ହିଁ କ୍ଷତି ହେଉଛି। ଏହାର ସମାଧାନ ପାଇଁ ଟ୍ରିବ୍ୟୁନାଲ ଗଠନ ହୋଇଛି। କିନ୍ତୁ ସମାଧାନ ଆଡ଼କୁ କଥା ଆଗଉନି। ସବୁଠାରୁ ଉଲ୍ଲଖନୀୟ କଥା ହେଲା ଯେ ଛତିଶଗଡ଼ରେ ବିଜେପି ସରକାର ରହିଛି ଏବଂ କେନ୍ଦ୍ରରେ ବି ବିଜେପି ସରକାର। ଟ୍ରିପଲ ଇଞ୍ଜିନ ସରକାର ଥିଲେ ମଧ୍ୟ ଓଡ଼ିଶାରେ ବିଜେପି ସରକାର ନିରବ ରହି ଓଡ଼ିଶାବାସୀଙ୍କୁ ସେମାନଙ୍କ ଭାଗ୍ୟ ସହିତ ଛାଡ଼ିଦେଇଛନ୍ତି।

ଗତ ନିର୍ବାଚନ ପ୍ରଚାର ସମୟରେ ରାଜ୍ୟ ପ୍ରଶାସନରେ ଅଣଓଡ଼ିଆ ଅଧିକାରୀଙ୍କ ଭୂମିକାକୁ ନେଇ ଅବାସ୍ତବ ପ୍ରସଙ୍ଗ କରିଥିଲା ବିଜେପି। ଭାରତର ସାମ୍ବିଧାନିକ ଓ ସଂଘୀୟ ବ୍ୟବସ୍ଥାରେ ସର୍ବଭାରତୀୟ ସେବାରେ ଗୋଟିଏ ରାଜ୍ୟର ବ୍ୟକ୍ତି ଅନ୍ୟ ରାଜ୍ୟରେ ଅଧିକାରୀ ହୋଇପାରିବେ। ଏହା ହେଉଛି ମଧ୍ୟ। ଓଡ଼ିଶାର କେତେକ ଆଇଏଏସ୍ ଓ ଆଇପିଏସ୍ ଅଧିକାରୀ ଅନ୍ୟ ରାଜ୍ୟରେ ମୁଖ୍ୟ ସଚିବ ଓ ପୁଲିସ ଡିଜି ହେବାର ମଧ୍ୟ ଉଦାହରଣ ରହିଛି। ସେହିଭଳି ଅନ୍ୟ ରାଜ୍ୟର ଅଧିକାରୀ ଓଡ଼ିଶାରେ ଦାୟିତ୍ୱ ଗ୍ରହଣ କଲେ ଅସୁବିଧା କେଉଁଠି ରହିଲା? ବର୍ତ୍ତମାନ ପ୍ରଶ୍ନ ଉଠୁଛି କ୍ଷମତାକୁ ଆସିଲା ପରେ ସେହି ବ୍ୟବସ୍ଥାରୁ ଓଡ଼ିଶା ପ୍ରଶାସନକୁ ମୁକ୍ତ କରିପାରିଛି କି ବିଜେପି? ଏହା ସମ୍ଭବ ନୁହେଁ। ତା'ହେଲେ ନିର୍ବାଚନ ପ୍ରଚାର ବେଳେ ଅସ୍ମିତା ନାମରେ ଏଭଳି ବିଭ୍ରାନ୍ତି କାହିଁକି ପ୍ରଚାର କରୁଥିଲା ବିଜେପି?

ଗତବର୍ଷ ରଥଯାତ୍ରା ବେଳେ ଓଡ଼ିଶାରେ ଜଣେ ଓଡ଼ିଆ ଅଧିକାରୀ ବୈକୁଣ୍ଠ ପ୍ରଧାନଙ୍କୁ ମାଡ଼ ମାରିଲେ ତତ୍କାଳୀନ ରାଜ୍ୟପାଳ ତଥା ଝାଡ଼ଖଣ୍ଡ ବିଜେପି ନେତା ରଘୁବର ଦାସଙ୍କ ପୁଅ ଲଳିତ ଦାସ। ନ୍ୟାୟ ପାଇଁ ଅଧିକାରୀ ଓ ତାଙ୍କ ପରିବାର ଦୌଡ଼ି ଦୌଡ଼ି ଥକିଗଲେଣି। ବିଜେପି ନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ତ ଦୂରର କଥା, ପୁଲିସ ଏଫ୍‌ଆଇଆରକୁ ନେଇ ମଧ୍ୟ ଖେଳୁଛି। ରାଜ୍ୟ ସୀମାରେ ଏବଂ ରାଜ୍ୟ ଭିତରେ ଅଣଓଡ଼ିଆଙ୍କ ଉତ୍ପାତ ବଢ଼ି ଚାଲିଥିବା ବେଳେ ସରକାର ନିରବ ରହିବା କେଉଁପ୍ରକାର ଅସ୍ମିତା? କେବଳ ନାଁ ଓ ରଙ୍ଗ ବଦଳାଇବାରେ ବ୍ୟସ୍ତ ରାଜ୍ୟ ବିଜେପି ସରକାର ରାଜ୍ୟର ଅସ୍ମିତାକୁ ଡବଲ ଇଞ୍ଜିନ ଆଗରେ ବନ୍ଧା ପକାଇଦେଇଛନ୍ତି।

ରାଜ୍ୟରେ ଗରିବ ଲୋକମାନଙ୍କର ସାହା ଭରସା ପାଲଟିଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)କୁ ବନ୍ଦ କରି ଦେଇ ନବଗଠିତ ସରକାର ରାଜ୍ୟବାସୀଙ୍କୁ ତଳିତଳାନ୍ତ କରିଛନ୍ତି। ବିଏସ୍‌କେୱାଇ ସହିତ କେନ୍ଦ୍ର ପ୍ରାୟୋଜିତ ଆୟୁଷ୍ମାନ ଯୋଜନାକୁ ଯୋଡ଼ାଯାଇଛି ବୋଲି କୁହାଯାଉଥିବା ବେଳେ ବାସ୍ତବରେ ଯୋଜନାର ମିଶ୍ରଣ ପରେ ଲୋକମାନଙ୍କୁ ଆଗଭଳି ଚିକିତ୍ସା ସୁବିଧା ଆଉ ମିଳୁନାହିଁ। ଏହାକୁ ନେଇ ରୋଗୀମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି। ସେହିଭଳି ନିର୍ବାଚନ ପ୍ରଚାର ବେଳେ ଶ୍ରୀମନ୍ଦିର ରତ୍ନଭଣ୍ଡାର ନେଇ ଦୁନିଆ ତମ୍ବିତୋଫାନ କଲେ। ସବୁ ସଭାମଞ୍ଚରେ ଏହି ପ୍ରସଙ୍ଗ ଉଠାଇଥିଲେ ବିଜେପି ନେତା। ବିଭିନ୍ନ ପ୍ରକାର ବିଭ୍ରାନ୍ତିକର ତଥ୍ୟ ଦେଇ ଭୋଟରମାନଙ୍କୁ ପ୍ରଭାବିତ କଲେ। ନିର୍ବାଚନରେ ବିଜୟୀ ହେଲେ ଚାବି ଖୋଜି ଆଣି ରତ୍ନଭଣ୍ଡାର ଖୋଲିବେ ବୋଲି କହିଲେ। କିନ୍ତୁ କ୍ଷମତାକୁ ଆସିବା ପରେ ବଦଳିଗଲା ସରକାରଙ୍କ ସ୍ୱର। ଚାବି ଖୋଜିବା ପାଇଁ ଗଠିତ କମିସନ ଯେଉଁ ରିପୋର୍ଟ ଦେଇଛନ୍ତି, ତାହାକୁ ସାର୍ବଜନୀନ କରିବାକୁ ମନା କରିଦେଲେ ସରକାର। ହାଇକୋର୍ଟରେ ଏ ସମ୍ପର୍କରେ ଆଗତ ପିଟିସନକୁ ମଧ୍ୟ ସରକାର ବିରୋଧ କଲେ। ଶେଷରେ ରତ୍ନଭଣ୍ଡାର ଖୋଲା ହେଲା। କିନ୍ତୁ କେତେ ଅଳଙ୍କାର ରହିଛି ତାହାର ଏପର୍ଯ୍ୟନ୍ତ ଗଣତି ମଣତି ହୋଇପାରିଲା ନାହିଁ। ମହାପ୍ରଭୁ ଜଗନ୍ନାଥ ହେଉଛନ୍ତି ଓଡ଼ିଆ ଅସ୍ମୀତାର ପ୍ରତୀକ। ତାଙ୍କୁ ନେଇ ଏଭଳି ରାଜନୀତି କାହିଁକି? ଏ ସମ୍ପର୍କରେ ସରକାରଙ୍କୁ ଜବାବ ଦେବାକୁ ପଡ଼ିବ।

## ଆଖି ଦେଖା ମିଛ

ମାନସ ମଙ୍ଗରାଜ

ଥରେ ସମ୍ରାଟ ଆକବର ରାଜସଭାରେ କୌଣସି ପ୍ରସଙ୍ଗକୁ ନେଇ ନିଜ ପାରିଷଦମାନଙ୍କୁ ପଚାରିଲେ- 'ଆଖି ଦେଖା କଥା କ'ଣ ମିଛ ହୋଇପାରେ?' ସମ୍ରାଟଙ୍କ ପ୍ରଶ୍ନ ଶୁଣି ସମସ୍ତେ ସ୍ତବ୍ଧ। ଆଖିରେ ଦେଖିଥିବା କଥା କ'ଣ ସତ ନୁହେଁ? କେହି କିଛି ଉତ୍ତର ଦେବା ପୂର୍ବରୁ 'ଆକବରନାମା'ର ଲେଖକ ପଣ୍ଡିତ ଅବୁଲ ଫଜଲ କହିଲେ- 'ଜାହାଁପନା, ଆଖି ଦେଖିଥିବା କଥା କେବେ ଅସତ୍ୟ ହୋଇ ପାରିବ ନାହିଁ।' ଅନ୍ୟ ମନ୍ତ୍ରୀ ଓ ପାରିଷଦମାନେ ମଧ୍ୟ ଅବୁଲ ଫଜଲଙ୍କ କଥା ସହ ସହମତି ପ୍ରକାଶ କଲେ। ସେଠାରେ ଉପସ୍ଥିତ ଥିଲେ ବୀରବଲ। ନିଜର ଉପସ୍ଥିତ ବୁଦ୍ଧି ଓ ପାଣ୍ଡିତ୍ୟ ପାଇଁ ପ୍ରସିଦ୍ଧ ବୀରବଲ କହିଲେ- 'ଆଖି ଦେଖା କଥା ସବୁବେଳେ ସତ୍ୟ ନୁହେଁ। ସ୍ୱଚକ୍ଷୁରେ ଦେଖିଥିବା ଅନେକ କଥା ଅନେକ ସମୟରେ ଅସତ୍ୟ ହୋଇପାରେ।' ବୀରବଲଙ୍କ କଥା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କଲା। ସେମାନେ ଏହାର ପ୍ରମାଣ ଦେବା ନିମନ୍ତେ ବୀରବଲଙ୍କୁ ଆହ୍ୱାନ ଦେଲେ। ଆକବର ମଧ୍ୟ ବୀରବଲଙ୍କୁ ଏହା ପ୍ରମାଣ କରିବାକୁ ନିର୍ଦ୍ଦେଶ ଦେଲେ। ୨୪ ଘଣ୍ଟା ମଧ୍ୟରେ ଏହା ପ୍ରମାଣ କରିଦେବେ ବୋଲି କହି ବୀରବଲ ରାଜସଭାରୁ ବିଦାୟ ନେଲେ।

ଦରବାର ତ୍ୟାଗ କରି ବୀରବଲ ନିଜ ଘର ପରିବର୍ତ୍ତେ ସମ୍ରାଟ ଆକବରଙ୍କ ବାସଭବନକୁ ଗଲେ। ସେଠାରେ କାର୍ଯ୍ୟ କରୁଥିବା ଜଣେ ପରିଚାରିକାକୁ ପାଖକୁ ଡାକି ରାତିରେ ଆକବରଙ୍କ ଶଯ୍ୟାରେ ଶୟନ କରିବାକୁ ନିର୍ଦ୍ଦେଶ ଦେଲେ। ଏଥିପାଇଁ ତାକୁ ୧୦ ସ୍ୱର୍ଣ୍ଣମୁଦ୍ରା ଦେବାକୁ ପ୍ରଲୋଭନ ବି ଦେଖାଇଲେ। ଏପରି ଧୃଷ୍ଟତା ନିମନ୍ତେ ତା'ର ଜୀବନ ଯିବାର ଭୟ ଥିବାରୁ ପରିଚାରିକା ପ୍ରଥମେ ବୀରବଲଙ୍କ ପ୍ରସ୍ତାବରେ ସମ୍ମତ ହେଲା ନାହିଁ। ମାତ୍ର ବୀରବଲ ତାକୁ ଅଭୟ ଆଶ୍ୱାସନା ଦେବା ପରେ ସେ ସମ୍ରାଟଙ୍କ ଶୟନକକ୍ଷରେ ତାଙ୍କ ବିଛଣାରେ ଶୋଇବା ନିମନ୍ତେ ରାଜି ହେଲା। ଆକବର ଶୟନକକ୍ଷକୁ ଆସିବା ବେଳକୁ ପରିଚାରିକା ଜଣକ ଘୋଡ଼ି ହୋଇ ତାଙ୍କ ଶେଯ ଉପରେ ଶୋଇଥିଲା; ମାତ୍ର ଏ କଥା ଆକବର ଜାଣିବେ କିପରି? ସେ ଭାବିଲେ ବେଗମ୍ ହୁଏତ କ୍ଲାନ୍ତ ହୋଇ ନିଦ୍ରା ଯାଇଛନ୍ତି। ତେଣୁ ସେ ନିଦ୍ରିତା ରମଣୀଙ୍କ ସହ କୌଣସି ବାକ୍ୟବ୍ୟୟ ନ କରି ନିଜ ବିଛଣାରେ ବିଶ୍ରାମ ନେଲେ। କିଛିସମୟ ପରେ କାହାର ଚିତ୍କାରରେ ଆକବରଙ୍କ ନିଦ ଭାଙ୍ଗିଗଲା। ସେ ଦେଖିବା ବେଳକୁ କକ୍ଷ ମଧ୍ୟରେ ବେଗମ୍ ଠିଆ ହୋଇ କ୍ରୋଧରେ ଚିତ୍କାର କରୁଛନ୍ତି ଏବଂ ତାଙ୍କ ଶଯ୍ୟାରେ ପରିଚାରିକା ଶୋଇଛନ୍ତି। ସମ୍ରାଟ ଆକବର ହଠାତ୍ କିଛି ବୁଝି ପାରିଲେ ନାହିଁ।

ଜଣେ ପରିଚାରିକାକୁ ଶଯ୍ୟାସଙ୍ଗିନୀ କରିଥିବା ଯୋଗୁଁ ବେଗମ୍‌କ୍ରୋଧାନ୍ୱିତ ହୋଇ ସମ୍ରାଟ ଆକବରଙ୍କୁ ଭର୍ତ୍ସନା କରି ଚାଲିଥା'ନ୍ତି। ଆକବର ଯେତେ ବୁଝାଇବାକୁ ଚେଷ୍ଟା କଲେ ବି ବେଗମ୍ କିଛି ବୁଝୁ ନ ଥା'ନ୍ତି। ସେ ଆଖିରେ ଦେଖିଥିବା କଥା କେବେ ମିଛ ହୋଇ ନ ପାରେ ବୋଲି କହୁଥା'ନ୍ତି। ଏହି ସମୟରେ ବୀରବଲଙ୍କର ଆବିର୍ଭାବ ଘଟେ। ଉଭୟ ବେଗମ୍ ଓ ଆକବରଙ୍କୁ ସେ ସବୁ ଘଟଣା ବୁଝାଇ ଦିଅନ୍ତି। ସମ୍ରାଟଙ୍କ ସହ ପରିଚାରିକାର କୌଣସି ସମ୍ପର୍କ ନାହିଁ। ଆକବର ଯେପରି ପରିଚାରିକାକୁ ବେଗମ୍ ମନେକରି ତାଙ୍କ ସହ ବିଶ୍ରାମ ନେଇଥିଲେ, ସେହିପରି ସମ୍ପୂର୍ଣ୍ଣ ଘଟଣା ନ ଜାଣି କେବଳ ଆଖିରେ ଦେଖିଥିବା କଥାକୁ ବେଗମ ସତ୍ୟ ମନେ କରିବା ଅସତ୍ୟ ବୋଲି ବୀରବଲ ପ୍ରମାଣ କରିଦିଅନ୍ତି। ଅର୍ଥାତ୍ ଅନେକ ସମୟରେ ପ୍ରାୟୋଜିତ ମିଛ ବି ସତ୍ୟ ପରି ମନେ ହୁଏ। ଆକବର-ବୀରବଲଙ୍କ କଥା କେବଳ ଗୋଟିଏ ଉଦାହରଣ। ମାତ୍ର ପ୍ରତିଦିନ ପ୍ରତି ମୁହୂର୍ତ୍ତରେ ଆମ ସାମ୍ନାରେ ଏମିତି ଅନେକ ଘଟଣା ଘଟେ, ଯାହା ମିଛ ହୋଇଥିଲେ ବି ସତ ପରି ଲାଗେ। ସିଧା ଭାଷାରେ କହିଲେ -'ଆଖି ଦେଖା ମିଛ'। ମହାଭାରତର 'ନରେ ବା କୁଞ୍ଜରେ ଅଶ୍ୱତ୍ଥାମା ହତଃ'ଠାରୁ ବଡ଼ ଉଦାହରଣ ବୋଧହୁଏ ଆଉ କିଛି ନାହିଁ। ବିଡ଼ମ୍ବନା ହେଉଛି ସତ୍ୟ ସାବ୍ୟସ୍ତ କରିବାକୁ ପ୍ରମାଣ ଲୋଡ଼ାପଡ଼େ, ମାତ୍ର ମିଥ୍ୟା ପାଇଁ କେବେ ପ୍ରମାଣର ଆବଶ୍ୟକତା ପଡ଼େ ନାହିଁ।

### ଅନୁଭବ-ଅନୁଭୂତି

ସାମ୍ବାଦିକତା କେବେ ଯେ ସମ୍ପୂର୍ଣ୍ଣ ନିରପେକ୍ଷ ଥିଲା, ଏ ଉଲ୍ଲେଖ କରିବା ଧୃଷ୍ଟତା ହେବ। ପକ୍ଷପାତ ଓ ନିରପେକ୍ଷତା ମଧ୍ୟରେ ସୂକ୍ଷ୍ମ ପାର୍ଥକ୍ୟ ସାମ୍ବାଦିକତାକୁ ସବୁବେଳେ ବିବଦମାନ ଓ ସାମ୍ବାଦିକ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରି ଆସିଛି। ଯେଉଁ ଖବରରେ ଯାହାର ସ୍ୱାର୍ଥହାନି ହୁଏ, ସେ ସର୍ବଦା ସାମ୍ବାଦିକ ଓ ଗଣମାଧ୍ୟମ ପ୍ରତି ସ୍ୱାଭାବିକ ଅଙ୍ଗୁଳି ଉଠାଇଥାଏ। ମାତ୍ର ନିଜକୁ ଚର୍ଚ୍ଚିତ ଓ ପ୍ରସିଦ୍ଧ କରିବା ପାଇଁ ସାମ୍ବାଦିକଟି କେବେ ନିଜ ବୃତ୍ତିର ଅସମ୍ମାନ କରିବା ପୂର୍ବରୁ ଦେଖିବାକୁ ମିଳୁ ନ ଥିଲା। ଅନେକ ନୀତିନିଷ୍ଠ ଗଣମାଧ୍ୟମ କର୍ତ୍ତୃପକ୍ଷ ଏପରି ଆଚରଣକୁ ସହ୍ୟ କରୁ ନ ଥିଲେ। ରାଜନୀତିରେ ପ୍ରବେଶ ପୂର୍ବରୁ ପାଖାପାଖି ଦୁଇ ଦଶନ୍ଧି ଧରି ସାମ୍ବାଦିକତା କରିଛି। ବୃତ୍ତି ଦାୟରେ ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟ କରିଛି। ମୋର ସମସାମୟିକ ଅନେକ ସାମ୍ବାଦିକ ବନ୍ଧୁ ଏବେ ବି ଅନେକ ଗଣମାଧ୍ୟମରେ ସକ୍ରିୟ। ଅନେକ ବନ୍ଧୁ ତ ବିଭିନ୍ନ ଗଣମାଧ୍ୟମରେ ବେଶ୍ ଉଚ୍ଚପଦରେ ଅବସ୍ଥାପିତ। ପରବର୍ତ୍ତୀ ସମୟରେ ତତ୍କାଳୀନ ରାଜ୍ୟ ସରକାରଙ୍କ ଗଣମାଧ୍ୟମ ପରାମର୍ଶଦାତା ଭାବରେ ଗଣମାଧ୍ୟମ ସହ ଜଡ଼ିତ ଅନେକ ବନ୍ଧୁମାନଙ୍କ ସହ ମୋର ସମ୍ପର୍କ ରହିଛି। ତିନି ଦଶନ୍ଧି ତଳର ସାମ୍ବାଦିକତା ସହ ବର୍ତ୍ତମାନ ସମୟର ସାମ୍ବାଦିକତାକୁ ତୁଳନା କଲେ ଅନେକ ସମୟରେ କଷ୍ଟ ଲାଗେ, ନିରାଶ ହେବାକୁ ପଡ଼େ; ମାତ୍ର ଏଥିରେ ସମ୍ପୃକ୍ତ ସାମ୍ବାଦିକଟିକୁ ବି କିପରି ଦୋଷ ଦିଆଯିବ? ନିଜ ପରିବାର ପ୍ରତିପୋଷଣ ପାଇଁ ତା'କୁ ମାଲିକର ନିର୍ଦ୍ଦେଶକୁ ଅନୁପାଳନ କରିବାକୁ ତ ପଡ଼ିବ। ଚାବି ଦିଆ କଣ୍ଢେଇ ପରି ସେ ନିଜ ମାଲିକର ନିର୍ଦ୍ଦେଶ ଅନୁସାରେ ନାଚିବାକୁ ବାଧ୍ୟ। ମାଲିକ ଚାହୁଁଥିବା ଅନୁସାରେ ଖବର ପ୍ରସ୍ତୁତ କରିବାକୁ ପଡ଼ିବ, ସେଠାରେ ବିବେକର ସ୍ଥାନ କାହିଁ? ସେହିପରି କିଛି ସାମ୍ବାଦିକ ନିଜ ବର୍ହିଃ ପ୍ରାୟୋଜକଙ୍କ ତୁଷ୍ଟୀକରଣ ଓ ସ୍ୱାର୍ଥ ସାଧନ ନିମନ୍ତେ ନିଜ ସଂସ୍ଥା ଓ କର୍ତ୍ତୃପକ୍ଷଙ୍କୁ ବ୍ୟବହାର କରିବାକୁ ସକ୍ଷମ ହୋଇଥା'ନ୍ତି, ମାତ୍ର ଏପରି ଉଦାହରଣ ଅତ୍ୟନ୍ତ ନଗଣ୍ୟ।

ମନ ସତ୍ୟ ବା ମିଥ୍ୟା ସୃଷ୍ଟି କରେ ନାହିଁ। ସେଥିପାଇଁ ନିଜ ସ୍ୱାର୍ଥ ପାଇଁ ଚତୁର ବ୍ୟକ୍ତି ମିଛକୁ ସତ ଓ ସତକୁ ମିଛ ରୂପେ ପ୍ରମାଣିତ କରିବାକୁ ସମର୍ଥ ହୁଅନ୍ତି। ଦୁର୍ବଳମନା ମଣିଷର ମସ୍ତିଷ୍କରେ ଏହାକୁ ଭର୍ତ୍ତି କରିବାକୁ ଏହି ଚତୁର ବ୍ୟକ୍ତିମାନଙ୍କୁ ଆଦୌ କଷ୍ଟ କରିବାକୁ ପଡ଼େ ନାହିଁ। ମନ କେବଳ ବିଶ୍ୱାସ ସୃଷ୍ଟି କରେ ଓ ଚତୁର ଲୋକମାନେ ତାହାର ସୁଯୋଗ ନେଇ ସତ୍ୟକୁ ମିଥ୍ୟା ଓ ମିଥ୍ୟାକୁ ସତ୍ୟ ବୋଲି ପ୍ରମାଣ କରିବାକୁ ସକ୍ଷମ ହୋଇଥା'ନ୍ତି। ଯେମିତି ମ୍ୟାଜିସିଆନ ଓ ମାଇଣ୍ଡରିଡରମାନେ ଆଜିକାଲି ଲୋକର ମନ ଓ ମସ୍ତିଷ୍କକୁ ପ୍ରଭାବିତ କରିପାରୁଛନ୍ତି, ସେମିତି ମିଛକୁ ସତ୍ୟରେ ପରିଣତ କରିବାକୁ ଚତୁର ଲୋକମାନେ ଅନୁରୂପ ଡାଞ୍ଚ ପ୍ରୟୋଗ କରିଥା'ନ୍ତି। ଏହି ବ୍ୟକ୍ତି ବା ବ୍ୟକ୍ତିସମୂହ ଦୁଷ୍ପ୍ରଚାର ବା ପ୍ରୋପାଗଣ୍ଡାକୁ ଏବେ ନିଜର ନୀତିରେ ପରିଣତ କରିଛନ୍ତି। ଏପରିକି ବ୍ୟକ୍ତିଗତ ସ୍ୱାର୍ଥସାଧନ ପାଇଁ ଏପ୍ରକାର ଦୁଷ୍ପ୍ରଚାରକୁ ପ୍ରୋତ୍ସାହିତ କରାଯାଉଛି। ଭୁଲ ସୂଚନା, ଭୁଲ ତଥ୍ୟ, ମିଛ ଖବର ଜରିଆରେ ଲୋକମାନଙ୍କୁ ବିଭ୍ରାନ୍ତ କରିବାକୁ ଉଦ୍ୟମ କରାଯାଉଛି। ଦୁଷ୍ପ୍ରଚାର ବା ପ୍ରୋପାଗଣ୍ଡା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଉଛି। ଭୁଲ ନ୍ୟାରେଟିଭ ପ୍ରସ୍ତୁତ ହେଉଛି। ଘଟୁଥିବା ଘଟଣାର ଭୁଲ ତର୍ଜମା କରିବା ଓ ବାସ୍ତବତାକୁ ଗୋପନ ରଖି ମିଛ ପ୍ରଚାର କରିବାକୁ କୁହାଯାଉଛି। ସେଠାରେ ନୀତି ନୈତିକତା ନାହିଁ, ତଥ୍ୟ ଓ ତର୍କର ସ୍ଥାନ ନାହିଁ। ଗତ ନିର୍ବାଚନ ସମୟରେ ଏପରି କିଛି ଘଟଣାରେ ମିଛର ରଙ୍ଗ ମାଖି ଏଥିରୁ ଫାଇଦା ଉଠାଇବାକୁ ନିର୍ଦ୍ଦିଷ୍ଟ କିଛି ଗଣମାଧ୍ୟମ ମାଲିକ ଦୁଷ୍ପ୍ରଚାର ଜରିଆରେ ନିଜ ଫାଇଦା ବି ଉଠାଇଛନ୍ତି। ପରିଣତିସ୍ୱରୂପ ବୌଦ୍ଧିକତା ଉପହସିତ ହେଉଛି, ଖବର ଗୁରୁତ୍ୱ ହରାଉଛି ଓ ଗଣମାଧ୍ୟମ ନିଜର ସମ୍ମାନ। ଗଣମାଧ୍ୟମ ପ୍ରତିନିଧି ବା ସାମ୍ବାଦିକଙ୍କୁ ଏବେ ଲୋକମାନେ ସନ୍ଦେହ ଦୃଷ୍ଟିରେ ଦେଖୁଛନ୍ତି। ମିଛ ଏଜେଣ୍ଡା, ପ୍ରୋପାଗଣ୍ଡା ଖବର ପରିବେଷଣ ଯୋଗୁଁ ପାରମ୍ପରିକ ଗଣମାଧ୍ୟମ ସାମାଜିକ ଗଣମାଧ୍ୟମଠାରୁ ପଛରେ ପଡ଼ି ଯାଇଛି। ଦୃଶ୍ୟ ଗଣମାଧ୍ୟମଗୁଡ଼ିକ କ୍ରମାଗତ ଭାବରେ ଦର୍ଶକଙ୍କ ଦ୍ୱାରା ଅଗ୍ରହଣୀୟ ହେବାରେ ଲାଗିଛି। ମୁଦ୍ରିତ ଗଣମାଧ୍ୟମ ବି ପାଠକଙ୍କ ଆଦର ହରାଉଛି। ପରିଣାମ ସ୍ୱରୂପ ଖବର ଶିଳ୍ପ ଏବେ ନିମ୍ନଗାମୀ ହେବାରେ ଲାଗିଛି। ତଥାକଥିତ ଟିଆରପିରେ ଓଡ଼ିଶାରେ ଏକଦା ଶୀର୍ଷ ସ୍ଥାନ ଅଧିକାର କରିଥିବା ବୈଦ୍ୟୁତିକ ଗଣମାଧ୍ୟମର ସ୍ଥିତି ଆଜି କେଉଁ ସ୍ଥାନରେ ଅଛି, ତାହା କାହାକୁ ଅଜଣା ନାହିଁ। ଏହି କଥିତ ବଡ଼ ବୈଦ୍ୟୁତିକ ଗଣମାଧ୍ୟମର ଟିଆରପି କେଇମାସ ମଧ୍ୟରେ ଦୁଇ-ତୃତୀୟାଂଶ ଖସି ୩୦ରୁ ୪୦ ମଧ୍ୟରେ ଅଟକି ଯାଇଛି। ସେହିପରି ନିଜକୁ ବଡ଼ ତଥା ଅଗ୍ରଣୀ ଗଣମାଧ୍ୟମ ଦାବି କରୁଥିବା ଖବରକାଗଜର ବାସ୍ତବ ପ୍ରସାର ସଂଖ୍ୟା ନିଜ ଦାବିର କେଉଁଠି ଅଧେ ତ କେଉଁଠି ଚଉଠେ। କେଉଁଠି କେଉଁଠି ଏହି ସଂଖ୍ୟା ଏକ-ଦଶମାଂଶ, କେଉଁଠି ପୁଣି ୨୫ ଭାଗରୁ ଭାଗେ।

ବାସ୍ତବତା, ବାସ୍ତବଧର୍ମୀ ଖବର ପରିବର୍ତ୍ତେ ନିଜ ସ୍ୱାର୍ଥ ସାଧନ ପାଇଁ ଖବରକୁ ମୋଡ଼ି ମକଚି ପରଷିବାର ପରିଣାମ ଏବେ ଉଭୟ ସମ୍ବାଦପତ୍ର ଓ ବୈଦ୍ୟୁତିକ ଗଣମାଧ୍ୟମକୁ ଭୟଙ୍କର ପ୍ରଭାବିତ କରିଛି। ଅଧିକାଂଶ ସାଧାରଣ ଲୋକଙ୍କ ଘରେ ଏବେ ଟିଭିରେ ଖବର ଚ୍ୟାନେଲ ଦେଖାଯାଉ ନାହିଁ। ଏପରିକି ଅନେକ ବ୍ୟକ୍ତିଙ୍କ ଘରେ ଟେଲିଭିଜନ କେବଳ ସୋ ପିସ୍ ଭାବରେ ରଖାଯାଇଥିବା ଦେଖାଯାଉଛି। ଅନେକ ସଚେତନ ପାଠକ ଖବରକାଗଜରୁ ମୁହଁ ମୋଡ଼ିଛନ୍ତି, ଆର୍ଥିକ ସାମର୍ଥ୍ୟ ସତ୍ତ୍ୱେ ଖବରକାଗଜ କିଣିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ବିଡ଼ମ୍ବନା ହେଉଛି ଏଥିରୁ ଖବରକାଗଜ ଓ ଟିଭିର ମାଲିକମାନେ କିଛି ଶିକ୍ଷାଲାଭ କରୁନାହାନ୍ତି। ଏହା କେବଳ ଓଡ଼ିଶାର କଥା ନୁହେଁ, ସାରା ଦେଶରେ ସ୍ଥିତି ଏକା ପରି। ଯେଉଁଥିପାଇଁ ଏବେ ଖବର ଶିଳ୍ପ ଡିଜିଟାଲମୁହାଁ ହୋଇଛି। ଅନେକ ବୈଦ୍ୟୁତିକ ଗଣମାଧ୍ୟମ ସଙ୍କଟଜନକ ସ୍ଥିତି ଦେଇ ଗତି କରୁଛି। ଆଉ ଏ ଦଶନ୍ଧି ଶେଷ ବେଳକୁ ସମ୍ବାଦପତ୍ର ଶିଳ୍ପ କେଉଁଠି ପହଞ୍ଚି ଥିବ, ତାହା ଚିନ୍ତା କରିବା ବେଳକୁ ଭୟ ଲାଗୁଛି।

କ୍ଷତିକାରକ ଗଣମାଧ୍ୟମ ବିଷୟବସ୍ତୁଗୁଡ଼ିକ ଏକ ଷଡ଼ଯନ୍ତ୍ରକାରୀ ମାନସିକତାକୁ ଇନ୍ଧନ ଯୋଗାଏ, ଯାହା ସମାଜର ବିପୁଳ କ୍ଷତିସାଧନ କରିଥାଏ। ସାମଗ୍ରିକ ଓ ସାମାଜିକ ସ୍ୱାର୍ଥ ଅପେକ୍ଷା ବ୍ୟକ୍ତିଗତ ସ୍ୱାର୍ଥକୁ ପୃଷ୍ଠପୋଷକତା ଯୋଗାଇଥାଏ। ମାତ୍ର ଅଧୋପତନ ବ୍ୟତୀତ ଏଥିରୁ କାହାକୁ ଅଧିକ କିଛି ମିଳେ ନାହିଁ। ପ୍ରସିଦ୍ଧ ମାର୍କିନ ଚିନ୍ତାନାୟକ ଓ ଦାର୍ଶନିକ ଫ୍ରେଡ଼ରିକ୍ ଜେମସନ ଯଥାର୍ଥରେ କହିଥିଲେ- ଦୁଷ୍ପ୍ରଚାର ବା ଷଡ଼ଯନ୍ତ୍ର ତତ୍ତ୍ୱ ହେଉଛି ଉତ୍ତର ଆଧୁନିକ ଯୁଗରେ ବୌଦ୍ଧିକ ଦରିଦ୍ର ବ୍ୟକ୍ତିଙ୍କ ଜ୍ଞାନାତ୍ମକ ମାନଚିତ୍ର। ଏହା ସେମାନଙ୍କର ଶେଷ ପୁଞ୍ଜି ଓ ସାମଗ୍ରିକ ଯୁକ୍ତିର ଅବନତ ଚିତ୍ର। ପରବର୍ତ୍ତୀ ବ୍ୟବସ୍ଥା ଓ ସମୟକୁ ପ୍ରତିନିଧିତ୍ୱ କରିବାର ଏକ ହତାଶାଜନକ ପ୍ରୟାସ। ଗଣମାଧ୍ୟମର ମାଲିକ ବା କର୍ତ୍ତୃପକ୍ଷମାନେ ଏହାକୁ ବୁଝିବା ଓ ଆତ୍ମସମୀକ୍ଷା କରିବା ଦରକାର। (କ୍ରମଶଃ...)

(ସାଂସଦ, ରାଜ୍ୟସଭା)

## ଜନଜାତିଙ୍କ ହସ୍ତକଳା

କମଲଲୋଚନ ପଣ୍ଡା

ଓଡ଼ିଶାରେ ୬୪ ପ୍ରକାର ଜନଜାତି ବାସ କରନ୍ତି, ଯାହାଙ୍କ ସଂଖ୍ୟା ୨୦୧୧ ଜନଗଣନା ଅନୁଯାୟୀ ୯୫ ଲକ୍ଷରୁ ଅଧିକ ଏବଂ ରାଜ୍ୟର ମୋଟ ଜନସଂଖ୍ୟାର ପ୍ରାୟ ୨୨.୮ ପ୍ରତିଶତ। ଦେଶରେ ଥିବା ମୋଟ ଜନଜାତି ୧୦.୪୩ କୋଟିର ୯.୨% ଓଡ଼ିଶାରେ ବାସକରନ୍ତି। ରାଜ୍ୟର ମୁଖ୍ୟ ଜନଜାତିଗୁଡ଼ିକ ହେଉଛି କନ୍ଧ, ସାନ୍ତାଳ, ଗଣ୍ଡ, ମୁଣ୍ଡା, ହୋ, ପରଜା, ସଉରା ଭୂୟାଁ, ଭୂମିଜ ଇତ୍ୟାଦି। ଜଙ୍ଗଲ ସହିତ ଆଦିବାସୀଙ୍କ ଐତିହ୍ୟ, ସଂସ୍କୃତି, ପ୍ରଥା ଓ ପରମ୍ପରା ଜଡ଼ିତ। ପ୍ରକୃତିର ମୁକୁଳା ସୌନ୍ଦର୍ଯ୍ୟ ମଧ୍ୟରେ ମୁକ୍ତ ଜୀବନଯାପନ କରି ନିଜର ଗୁଜୁରାଣ ମେଣ୍ଟାଇବାକୁ ସେମାନେ ସର୍ବଦା ଆଗ୍ରହୀ। ବନଜାତ ସାମଗ୍ରୀକୁ ନେଇ ସେମାନେ ସୁନ୍ଦର ହସ୍ତକଳା ପ୍ରଦର୍ଶନ କରି ଆସୁଛନ୍ତି। ଏହି ପୁରାତନ କଳାର ନବୀକରଣ ପରେ ସବୁଠି ବଢ଼ିଛି ଏହାର ଆଦୃତି ଓ ମହକ।

ବାଲେଶ୍ୱର ଜିଲ୍ଲା ନୀଳଗିରି ଏବଂ ମହିଷାପଟା ପଞ୍ଚାୟତ ଶାଳବଣି ଗ୍ରାମର ଭୂମିଜ ଜନଜାତିମାନେ ଶିଆଳି, ଖଜୁରି ଓ ଅନ୍ୟ ବନଜାତ ଦ୍ରବ୍ୟରୁ ଆକର୍ଷଣୀୟ ସାମଗ୍ରୀ ପ୍ରସ୍ତୁତ କରି ଏବେ ଦେଶବିଦେଶରେ ସ୍ୱତନ୍ତ୍ର ପରିଚୟ ଲାଭ କରିଛନ୍ତି। ସେହିଭଳି କୋରାପୁଟ ଜିଲ୍ଲାରେ ବସବାସ କରୁଥିବା ଗାଦବା ଜନଜାତି ସମ୍ପ୍ରଦାୟ ଗଛରୁ ସୁତା ଓ ରଂଗ ତିଆରି ଏବଂ ପ୍ରକ୍ରିୟାକରଣ କରି ରଙ୍ଗୀନ ବସ୍ତ୍ର ପ୍ରସ୍ତୁତ କରୁଛନ୍ତି। ସେମାନେ କେରଙ୍ଗ ଗଛର ତନ୍ତୁରୁ ଧଳା ସୁତା ବାହାର କରିବା ପରେ ସେଗୁଡ଼ିକୁ ରଙ୍ଗୀନ କରିବା ପାଇଁ ଜାଫରା, ସିନ୍ଦୂର ଗଛରୁ ଲାଲ ରଙ୍ଗ, ସିଉନା ଓ ହରିଡ଼ା ଗଛରୁ ନୀଳ ରଙ୍ଗ ବ୍ୟବହାର କରନ୍ତି। ଏତଦ୍‌ବ୍ୟତୀତ କଦଳୀ ଗଛର ମଞ୍ଜାକୁ ସିଝାଇ ସେହି ପାଣିରୁ ମଧ୍ୟ ରଙ୍ଗ ପ୍ରସ୍ତୁତ କରନ୍ତି। ଏସବୁର ପ୍ରକ୍ରିୟାକରଣ କରି ସୂତାରେ ରଙ୍ଗ ଦେଇ ତନ୍ତରେ ବୁଣି ୩ଟି ରଙ୍ଗ ଥିବା ସ୍ୱତନ୍ତ୍ର ବସ୍ତ୍ର ପ୍ରସ୍ତୁତ କରନ୍ତି। ଏହି କେରଙ୍ଗ ବସ୍ତ୍ରକୁ ଯେତେ ଧୋଇଲେ ମଧ୍ୟ ରଙ୍ଗ ଛାଡ଼େ ନାହିଁ। ବିବାହ, ବ୍ରତ, ପୂଜା ପାର୍ବଣରେ ଏହି ବସ୍ତ୍ରକୁ ଗାଦବା ସମ୍ପ୍ରଦାୟର ମହିଳାମାନେ ବ୍ୟବହାର କରିଥା'ନ୍ତି।

ଇଡିତାଲ ଓଡ଼ିଶାର ଆଦିବାସୀ ସମାଜରେ ବହୁଳ ପ୍ରଚଳିତ ଚିତ୍ରକଳା। ଏହା ମୁଖ୍ୟତଃ ଜନଜାତିର ଝୋଟିଚିତ୍ର ଭାବେ ଜଣାଶୁଣା। ଏହି ଝୋଟିଚିତ୍ରକୁ ସେମାନେ ଘରର କାନ୍ଥରେ ବିଭିନ୍ନ ପର୍ବପର୍ବାଣି ପାଳନ ଅବସରରେ ଆଙ୍କିଥା'ନ୍ତି, ଯାହାର ମୂଳଲକ୍ଷ୍ୟ ବିଭିନ୍ନ ଆଦ୍ୟାଶ୍ରୀ ଦେବୀଙ୍କୁ ଆବାହନ କରି ସନ୍ତୁଷ୍ଟ କରିବା। ଏହି ନିଆରା କାନ୍ଥଚିତ୍ରକୁ ଲାଞ୍ଜିଆ ସଉରାମାନେ 'ଇଡିତାଲ' ବୋଲି କୁହନ୍ତି। ସଉରା ଭାଷାରେ 'ଇଡି'ର ଅର୍ଥ ଚିତ୍ର ଓ 'ତାଲ'ର ଅର୍ଥ କାନ୍ଥ। କାନ୍ଥ ଉପରେ ଚିତ୍ର ହୋଇଥିବାରୁ ଏହାର ନାମ 'ଇଡିତାଲ' ରହିଛି। 'ଇଡିତାଲ'କୁ ଭୌଗୋଳିକ ସଂକେତ ବା ଜିଆଇ ଟ୍ୟାଗ ମିଳିବା ପରେ ଦେଶବିଦେଶରେ ଆଦୃତ ହୋଇଛି। ଏପରିକି ବଡ଼ବଡ଼ ମହାନଗରୀର ପଞ୍ଚତାରକା ହୋଟେଲ୍ ଓ କର୍ପୋରେଟ୍ କାର୍ଯ୍ୟାଳୟମାନଙ୍କରେ ଶୋଭା ପାଉଛି।

ବଣ୍ଡା ଜନଜାତିର ମହିଳାମାନେ ସେମାନଙ୍କ ଅନନ୍ୟ ସାଜସଜ୍ଜା ପାଇଁ ବେଶ୍ ଜଣାଶୁଣା। ଏକ ଛୋଟ ବହୁରଙ୍ଗ ଥିବା ସ୍କାର୍ଟ ବଣ୍ଡା ମହିଳାମାନେ ପରିଧାନ କରନ୍ତି, ଯାହାକୁ 'ରିଙ୍ଗା' କୁହାଯାଏ। ଏହା ପାରମ୍ପରିକ ଭାବେ କେରଙ୍ଗ ତନ୍ତୁ ବ୍ୟବହାର କରାଯାଇ ବୁଣାଯାଏ। ସେମାନଙ୍କ ଲୁଗାବୁଣା ତନ୍ତ କାଠରେ ତିଆରି ହୋଇଥାଏ। ଏହା ଏକ ସରଳ ଯନ୍ତ୍ର ହୋଇଥିବାରୁ ତାହାକୁ ଗୋଟିଏ ସ୍ଥାନରୁ ଅନ୍ୟତ୍ର ସହଜରେ ନିଆଯାଇପାରେ। ପୂର୍ବରୁ ବଣ୍ଡା ମହିଳାମାନେ ଜଙ୍ଗଲରୁ କେରଙ୍ଗ ଶାଖା ସଂଗ୍ରହ କରୁଥିଲେ। ଏହାକୁ ପ୍ରକ୍ରିୟାକରଣ କରି ତନ୍ତୁ ପ୍ରସ୍ତୁତ କରୁଥିଲେ। ତନ୍ତୁ ବା ସୂତାକୁ ଜୈବିକ ରଙ୍ଗରେ ରଙ୍ଗୀନ କରୁଥିଲେ। ସଂପ୍ରତି ଏହି ପାରମ୍ପରିକ ବସ୍ତ୍ର ନିମନ୍ତେ ରଙ୍ଗୀନ ସୂତା ବ୍ୟବହାର କରାଯାଉଛି।

ଓଡ଼ିଶାର ନବରଙ୍ଗପୁର, ବଲାଙ୍ଗୀର, ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲାରେ ମୁଖ୍ୟତଃ ଗୋଣ୍ଡ ଜନଜାତି ମାନେ ବାସ କରିଥାନ୍ତି। ସେମାନଙ୍କ ଭାଷା ଗୋଣ୍ଡି ଓ ଓଡ଼ିଆ ଅଟେ। କୃଷି ଓ ଶ୍ରମଜୀବୀ ଏମାନଙ୍କ ମୁଖ୍ୟ ପେସା। ଗୋଣ୍ଡ ଜନଜାତିମାନଙ୍କର ଘରର ତିନି ପାର୍ଶ୍ୱରେ ବାରଣ୍ଡା ଥାଏ ଏବଂ କାନ୍ଥଗୁଡ଼ିକ ସୁନ୍ଦର ପାରମ୍ପରିକ ଗୋଣ୍ଡ ଚିତ୍ରକଳାରେ ଚିତ୍ରିତ ହୋଇଥାଏ। ଅନାଦିକାଳରୁ କାନ୍ଥ ଓ ଚଟାଣରେ ଚିତ୍ର କରିବା ଗୋଣ୍ଡମାନଙ୍କର ଏକ ପରମ୍ପରା। ସମ୍ପ୍ରତି ଏହି ଚିତ୍ରକଳା ସେମାନଙ୍କୁ ଅର୍ଥ ଉପାର୍ଜନର ସୁଯୋଗ ଆଣିଦେଇଛି।

ଆଧୁନିକତାର ଛାପରେ ଧୀରେ ଧୀରେ ଜନଜାତିଙ୍କ କଳା, ସଂସ୍କୃତି, ସମୃଦ୍ଧି ଓ ପରମ୍ପରା ବିଲୁପ୍ତ ହେବାରେ ଲାଗିଛି। ଯଦି ସରକାରୀ ଓ ବେସରକାରୀ ସଂସ୍ଥାମାନେ ସହଯୋଗର ହାତ ବଢ଼ାନ୍ତି, ତେବେ ଏହି କଳାକୁ ବିଜ୍ଞାନ ଓ କାରିଗରୀ ଜ୍ଞାନକୌଶଳ ତଥା ନମୁନା ବିକାଶ କାର୍ଯ୍ୟକ୍ରମ ଦ୍ୱାରା ଆହୁରି ଅଧିକ ବିକଶିତ କରି ଅର୍ଥକରୀ କରିପାରନ୍ତା। ଏହାଫଳରେ ଏହି ମୌଳିକ କଳାର ସଂରକ୍ଷଣ ସହ ଜନଜାତିଙ୍କୁ ଆୟବୃଦ୍ଧିରେ ସହାୟକ ହୁଅନ୍ତା।

ବାଲେଶ୍ୱର, ମୋ: ୭୩୨୭୦୨୮୯୭୮

## ପ୍ରକୃତ 'ବିଜୁଳି କନ୍ୟା'

ଶ୍ରୀନନ

କଂସ କାରାଗାରରେ ଯଶୋଦାଙ୍କଠାରୁ ନବଜାତ ଶିଶୁକନ୍ୟାଟିକୁ ଛଡ଼ାଇ ନେଇ ଶିଳାଖଣ୍ଡରେ ପିଟି ହତ୍ୟା କରିବାକୁ ପ୍ରୟାସ କଲାବେଳେ ସେ ତା' ହାତରୁ ଆସିଯାଇ ଆକାଶରେ 'ବିଜୁଳି କନ୍ୟା' ରୂପରେ ଆତ୍ମପ୍ରକାଶ କରିବା କଥା ଆମେ ଜାଣୁ। ତେବେ ପ୍ରକୃତରେ ଏପରି ଏକ ଜୀବାଣୁ ଏବେ ଆବିଷ୍କାର ହୋଇଛି, ଯାହାଙ୍କ ନିଃଶ୍ୱାସରୁ ବିଦ୍ୟୁତ୍ ନିର୍ଗତ ହେଉଛି।

ଧରାପୃଷ୍ଠରେ ବାସ କରୁଥିବା ଅଧିକାଂଶ ଜୀବ ଶ୍ୱାସକ୍ରିୟାରେ ଅମ୍ଳଜାନ ଗ୍ରହଣ କରି ଅଙ୍ଗାରକାମ୍ଳ ତ୍ୟାଗ କରନ୍ତି। ତେବେ କେତେକ ଜୀବାଣୁଙ୍କଠାରେ ଏହାର ବ୍ୟତିକ୍ରମ ଲକ୍ଷ୍ୟ କରିଛନ୍ତି ରାଇସ୍ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ କ୍ୟାରୋଲିନ୍ ଆଜୋ-ଫ୍ରାଙ୍କ୍ଲିନ୍ ଏବଂ ତାଙ୍କ ସହଯୋଗୀମାନେ। ଗବେଷଣା ପତ୍ରିକା 'ସେଲ୍‌ଫ'ର ମେ ୨୦୨୫ ସଂଖ୍ୟାରେ ଏ ସମ୍ପର୍କରେ ଏକ ନିବନ୍ଧ ପ୍ରକାଶ ପାଇଛି। ସେହି ଜୀବାଣୁମାନେ ଅମ୍ଳଜାନ ବିନା ବଞ୍ଚିପାରନ୍ତି ଏବଂ ଶ୍ୱାସକ୍ରିୟାରେ ପରିତ୍ୟାଗ କରନ୍ତି ବିଦ୍ୟୁତ୍ ପ୍ରବାହ। ନାପ୍‌ଥୋକୁଇନନସ୍ ନାମକ ଏକ ପ୍ରାକୃତିକ ଅଣୁ ଏଥିରେ ସେମାନଙ୍କୁ ସାହାଯ୍ୟ କରନ୍ତି। ଫଳରେ ଉତ୍ପନ୍ନ ହୁଏ ବିଦ୍ୟୁତ୍ ପ୍ରବାହ। ଏ ପ୍ରକ୍ରିୟାକୁ 'ବାହ୍ୟ ଜୀବକୋଷୀୟ ଶ୍ୱାସକ୍ରିୟା' ବୋଲି କୁହାଯାଏ। ତାଙ୍କୁ ଏହା ସୁଗଭୀର ସମୁଦ୍ରତଳର ଫାଟ ଏବଂ ମଣିଷର ଅନ୍ତ୍ରନାଳୀର ଅମ୍ଳଜାନବିମୁକ୍ତ ପରିବେଶ ମଧ୍ୟରେ ବଞ୍ଚିବାକୁ ସମର୍ଥ କରେ। ଏହି ଜୀବାଣୁମାନଙ୍କ ମଧ୍ୟରେ ଅଛନ୍ତି ଶେୱାନେଲ୍ଲା ଓ ଜିଓବ୍ୟାକ୍ଟର। ବ୍ୟାଟେରୀରେ ଗଚ୍ଛିତ ଶକ୍ତି ନିର୍ଗତ ହେଲା ଭଳି ଏହା ଘଟେ। ଏହି ସରଳ କିନ୍ତୁ ପ୍ରଭାବଶାଳୀ ପ୍ରକ୍ରିୟା ଅମ୍ଳଜାନର ବିନା ବ୍ୟବହାରରେ ଖାଦ୍ୟକୁ ବିଶ୍ଳେଷିତ ତଥା ତହିଁରୁ ଶକ୍ତି ଉତ୍ପନ୍ନ ହେବାରେ ସହାୟତା କରେ ଏବଂ 'ନାପ୍ଥୋକୁଇନନସ୍'ଗୁଡ଼ିକ ଜୀବନ୍ତ ବ୍ୟାଟେରୀ ରୂପେ କାର୍ଯ୍ୟ କରନ୍ତି।

### ବିଜ୍ଞାନ ବାର୍ତ୍ତା

ଉପରୋକ୍ତ ପ୍ରକ୍ରିୟାକୁ ଅଧିକ ନିଶ୍ଚିତ କରିବା ଲାଗି ରାଇସ୍ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଗବେଷକମାନଙ୍କ ସହଯୋଗ ଲୋଡ଼ିଥିଲେ। ସେମାନେ ମିଳିତଭାବେ ଅମ୍ଳଜାନ ମୁକ୍ତ ପରିବେଶ ମଧ୍ୟରେ ଜୀବାଣୁମାନଙ୍କ ଜୀବନ ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ କରିବା ଲାଗି କଂପ୍ୟୁଟର ମଡେଲମାନ ପ୍ରସ୍ତୁତ କଲେ। ଜୀବାଣୁଗୁଡ଼ିକୁ ଏକ ସୁପରିବାହୀ ପୃଷ୍ଠଭୂମି ଉପରେ ରଖି ବଢ଼ିବାକୁ ଦେଲେ ଏବଂ ବିଦ୍ୟୁତ୍ ଉତ୍ପାଦନରେ ନିୟୋଜିତ କଲେ। ଫଳରେ ବିଜ୍ଞାନାଗାରର ନିୟନ୍ତ୍ରିତ ଅବସ୍ଥା ମଧ୍ୟରେ ଜୀବାଣୁଗୁଡ଼ିକ ବଞ୍ଚି ରହି ବିଦ୍ୟୁତ୍ ଉତ୍ପାଦନ କରିବାକୁ ଲାଗିଲେ।

ଏହି ଆବିଷ୍କାର ବହୁ ସହନୀୟ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ବଡ଼ ଧରଣର ଅଗ୍ରଗତି ଘଟାଇବାର ସମ୍ଭାବନା ରହିଛି। ଆବର୍ଜନା ଜଳ ବିଶୋଧନ ଏବଂ ବିବିଧ ଜୈବିକ ଶିଳ୍ପ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ଲାଗି ଇଲୋକ୍ଟ୍ରୋନ୍‌ମାନଙ୍କ ସନ୍ତୁଳନ ରକ୍ଷା ଅତ୍ୟନ୍ତ ଆବଶ୍ୟକ। ଏହି ବିଦ୍ୟୁତ୍ ଉତ୍ପାଦନକାରୀ ଜୀବାଣୁମାନେ ଅଧିକ ଦକ୍ଷତାର ସହିତ ଇଲେକ୍ଟ୍ରୋନ୍ ପ୍ରବାହର ସୁପରିବାହୀ ମାଧ୍ୟମରେ ଏହା ସମ୍ଭବ କରାଇ ପାରିବେ। ପୁନଶ୍ଚ ଗଛମାନେ ସୂର୍ଯ୍ୟାଲୋକ ବ୍ୟବହାର କରି ଆଲୋକ ସଂଶ୍ଳେଷଣ କଲା ଭଳି ସେଗୁଡ଼ିକ ପୁନଃନବୀକରଣକ୍ଷମ ବିଦ୍ୟୁତ ଉତ୍ପାଦନ ଏବଂ ବ୍ୟବହାର କରି ଅଙ୍ଗାରକାମ୍ଳକୁ ଧରି ରଖିବା ଏବଂ ଅନ୍ୟ ପଦାର୍ଥରେ ପରିଣତ କରିବାକୁ ସକ୍ଷମ ହେବେ। ଏହାବ୍ୟତୀତ ଏହି ଜୀବାଣୁମାନେ ଅମ୍ଳଜାନରହିତ ପରିବେଶ ମଧ୍ୟରେ କାର୍ଯ୍ୟ କରିପାରୁଥିବାରୁ ଏଗୁଡ଼ିକୁ ଜୈବ ବୈଦ୍ୟୁତିକ ସଂବେଦକମାନ ପ୍ରସ୍ତୁତି ଏବଂ ବିକାଶର ସମ୍ଭାବନା ସୃଷ୍ଟି କରିଛନ୍ତି।

ଏପ୍ରକାର ସଂବେଦକ ରୋଗ ନିରୂପଣ, ପ୍ରଦୂଷଣର ମାତ୍ରା ନିର୍ଦ୍ଧାରଣ ଏବଂ ଅମ୍ଳଜାନ ନଥିବା କିମ୍ବା ସ୍ୱଳ୍ପ ଥିବା ମହାକାଶକୁ ଯାଉଥିବା ମିଶନଗୁଡ଼ିକରେ ନାନାରୂପେ ବ୍ୟବହାର କରାଯାଇପାରିବ। ଏହି ଯୁଗାନ୍ତକାରୀ ଆବିଷ୍କାର ଜୀବନ କିପରି ଅତ୍ୟନ୍ତ ନିର୍ମମ ପରିବେଶ ମଧ୍ୟରେ ତିଷ୍ଠି ରହିପାରିବ ସେ ବିଷୟରେ ମଧ୍ୟ ଆମ ଧାରଣାକୁ ନୂତନ ରୂପ ଦେଇଛି ଏବଂ ତ' ଦ୍ୱାରା ଏକ୍ଷେତ୍ରରେ ବହୁ ବଡ଼ ବଡ଼ ଆହ୍ୱାନର ସମ୍ମୁଖୀନ ହେବା ଲାଗି ପଥ ଉନ୍ମୁକ୍ତ କରିଛି। ଆଶା କରାଯାଏ ଯେ ଏ କ୍ଷେତ୍ରରେ ଅଧିକ ଗବେଷଣା ଏ ଶ୍ରେଣୀର ବିଦ୍ୟୁତ୍ ଶ୍ୱାସକ୍ରିୟା ସମ୍ପାଦନକାରୀ ଜୀବାଣୁମାନଙ୍କୁ ଅଧିକରୁ ଅଧିକ ଉଚ୍ଚକୋଟୀର ପ୍ରଯୁକ୍ତିବିଦ୍ୟାରେ ନିୟୋଜିତ କରିବାର ବାଟ ଫିଟାଇବ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ୫ ବିଭାଗରେ ନିଯୁକ୍ତି ପାଇଲେ ୯୬୪

## ନବ ନିଯୁକ୍ତ ଅଧିକାରୀମାନେ ଜନସେବା ପାଇଁ ଉତ୍ସର୍ଗୀକୃତ ହୁଅନ୍ତୁ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୬।୬(ସମିସ): ୫ଟି ବିଭାଗର ୯୬୪ ଜଣଙ୍କୁ ସୋମବାର ନିଯୁକ୍ତିପତ୍ର ବାଣ୍ଟିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ତନ୍ମଧ୍ୟରେ ପୂର୍ତ୍ତ ବିଭାଗର ୫୬୩ ଜଣ ଥିବାବେଳେ ଜଳ ସମ୍ପଦ ବିଭାଗରେ ୬୨, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ ୧୧୭, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗରେ ୨୦୪ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ୧୮ ଜଣ ନିଯୁକ୍ତି ପାଇଛନ୍ତି। ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯୋଗଦେଇ କହିଛନ୍ତି ଯେ ନବ ନିଯୁକ୍ତ ଅଧିକାରୀମାନେ ସର୍ବଦା ଜନସେବା ପାଇଁ ଉତ୍ସର୍ଗୀକୃତ ହୁଅନ୍ତୁ। ନିଜକୁ ସେବକ ଭାବି ସାଧାରଣ ଲୋକଙ୍କ ଆଶା, ଆକାଂକ୍ଷା ପୂରଣ କରିବା ସହ ସମସ୍ୟାର ସମାଧାନ ଦିଗରେ ପ୍ରତିଶ୍ରୁତିବଦ୍ଧ ହୋଇ କାର୍ଯ୍ୟ କରନ୍ତୁ।




ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରଥମ ଦୁଇ ବର୍ଷରେ ୬୫ ହଜାର ପଦ ପୂରଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବାବେଳେ ଆଜି ସୁଦ୍ଧା ୨୮,୩୪୬ ପଦରେ ନିଯୁକ୍ତି ଦିଆଯାଇଛି। ସେହିପରି ବେସରକାରୀ ସ୍ତରରେ ମଧ୍ୟ ପ୍ରଥମ ବର୍ଷରେ ୪୫ ହଜାର ନିଯୁକ୍ତି ଦିଆଯାଇଛି। ଅର୍ଥାତ୍ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ୭୩,୩୪୬ ଜଣ ନିଯୁକ୍ତି ପାଇଥିବା ସେ କହିଛନ୍ତି। କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ପଞ୍ଚାୟତି ରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରମୁଖ ଯୋଗଦେଇ ନବନିଯୁକ୍ତ ପ୍ରାର୍ଥୀମାନେ ସରକାରଙ୍କ ପ୍ରତିଟି ଯୋଜନାକୁ ଦ୍ରୁତ ଓ ସଫଳତା ପୂର୍ବକ କାର୍ଯ୍ୟାନ୍ୱୟନ କରିବେ ବୋଲି ଆଶାବ୍ୟକ୍ତ କରିଛନ୍ତି। ଉନ୍ନୟନ କମିଶନର ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିବାବେଳେ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଧନ୍ୟବାଦ ଦେଇଥିଲେ।

# ୨୦ରୁ ସ୍କୁଲରେ ମଧ୍ୟାହ୍ନଭୋଜନ

ଭୁବନେଶ୍ୱର,୧୬।୬(ସମିସ): ୧୧ ଜୁନ୍ ୨୦୨୫। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶ ପାଇଲା ବିଜ୍ଞପ୍ତି । ଏହି ବିଜ୍ଞପ୍ତି ଅନୁସାରେ ଜୁନ୍ ୧୮ ତାରିଖରେ ବିଦ୍ୟାଳୟ ଖୋଲିବ ଓ ପ୍ରଥମ ଦିନରୁ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯିବ। ପିଏମ୍ ପୋଷଣ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ଏହି ବିଜ୍ଞପ୍ତିରେ ନିର୍ଦ୍ଦେଶ ଦିଆଯାଇଥିଲା। ଏପରିକି ଖାଦ୍ୟର ମାନ ପରଖିବା ସହ ସଫାସୁତୁରା ଯାଞ୍ଚ କରିବା ପାଇଁ ସିଆର୍‌ସିସି ଓ ବ୍ଲକ୍ ଶିକ୍ଷା ଅଧିକାରୀ (ବିଇଓ)ମାନଙ୍କୁ ନିର୍ଦ୍ଦେଶ ଦିଆଗଲା। ୧୬ ଜୁନ୍ ୨୦୨୫। ମାତ୍ର ୫ଦିନରେ ପୂର୍ବ ଚିଠିକୁ ପରିବର୍ତ୍ତନ କରାଯାଇ ୧୮ ନୁହେଁ, ଆସନ୍ତା ୨୦ ତାରିଖରେ ବିଦ୍ୟାଳୟ ଖୋଲିବ ଏବଂ ସେହି ଦିନଠାରୁ ମଧ୍ୟାହ୍ନ ଭୋଜନ ଦିଆଯିବ ବୋଲି ନିର୍ଦ୍ଦେଶ ଜାରି କରାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ପିଏମ୍ ପୋଷଣ ରାଜ୍ୟ ପ୍ରକଳ୍ପ ପରିଚାଳନା ୟୁନିଟ୍ ମଧ୍ୟରେ ସମନ୍ୱୟ ନାହିଁ। ବିଦ୍ୟାଳୟ ଆସନ୍ତା ୨୦ ତାରିଖରେ ସ୍କୁଲ୍ ଖୋଲିବା ନେଇ ବହୁ ପୂର୍ବରୁ ଶୈକ୍ଷିକ କ୍ୟାଲେଣ୍ଡରରେ ଦର୍ଶାଯାଇଛି। ବିଭାଗ ପକ୍ଷରୁ ଆଗୁଆ ସ୍କୁଲ୍ ଖୋଲିବାକୁ କୌଣସି ନିର୍ଦ୍ଦେଶନାମା ହୋଇ ନ ଥିବାବେଳେ ପିଏମ୍ ପୋଷଣ ପରିଚାଳନା ରାଜ୍ୟ ୟୁନିଟ୍ ବିଭ୍ରାନ୍ତିକର ଚିଠି ଜାରି କରିଥିଲା। ଅର୍ଥାତ୍ ବିଭାଗ ଅଧୀନରେ ଥିବା ଏହି ୟୁନିଟ୍‌ର ଅଧିକାରୀଙ୍କୁ ବିଭାଗର ନିଷ୍ପତ୍ତି ସମ୍ପର୍କରେ କିପରି ଧାରଣା ନାହିଁ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଜିଲ୍ଲା ଅତିଥି ଭବନ ପାଇଁ ୩୦୦୦ ଡେସିମିଲ୍ ଜମି ଚିହ୍ନଟ

ଭୁବନେଶ୍ୱର, ୧୬।୬(ସମିସ): ୟୁନିଟ୍-୨ ଏବଂ ଅଶୋକ ନଗର ଅଞ୍ଚଳରେ ରାଜ୍ୟ ଅତିଥି ଭବନ ନିର୍ମାଣର ଅନୁମତି ପ୍ରଦାନ କରାଯାଇଛି। ଏଥିପାଇଁ ୩୦୦୦ ଡେସିମିଲ୍ ଜମି ଚିହ୍ନଟ ହୋଇଛି ଓ ୨୬ଟି ପ୍ଲଟ୍‌ର ଏକ ତାଲିକା ଜାରି କରାଯାଇଛି। ଏହି ପ୍ଲଟ୍ ଗୁଡିକରେ ୨୪ପ୍ଲଟ୍ ଘରବାରୀ କିସମର ଥିଲା ବେଳେ ୨ଟି ପ୍ଲଟ୍ ସଡ଼କ କିସମର ରହିଛି। ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏଠାରେ ଅତିଥି ଭବନ ନିର୍ମାଣ ପାଇଁ ଅନୁମତି ପ୍ରଦାନ କରାଯାଇଛି। ଏହାସହିତ ସହରାଞ୍ଚଳ ପ୍ରଶାସନ ବିଡ଼ିଏ ଉପାଧକ୍ଷ, ବିଏମ୍‌ସି କମିସନରଙ୍କୁ ମଧ୍ୟ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ରେଣ୍ଟ ଅଫିସର ସାଧରଣ ପ୍ରସାଶନ ବିଭାଗ, ଅତିରିକ୍ତ ନିର୍ଦ୍ଦେଶକ ଇଷ୍ଟେଟ୍‌ଙ୍କୁ ମଧ୍ୟ ପତ୍ର ମାଧମରେ ଅବଗତ କରାଯାଇଛି। ଯେଉଁଠି ଆବଶ୍ୟକ ପଡ଼ିବ ସେଠାରୁ ସରକାରୀ କ୍ୱାଟର୍ସ ଖାଲି କରାଯିବ। ପ୍ରକଳ୍ପ କାର୍ଯ୍ୟ ଆଗକୁ ନେବାକୁ ହେଲେ ଯଦି ଆବଶ୍ୟକ ପଡେ ତେବେ ଏହାକୁ ଭାଙ୍ଗିବାକୁ ନିର୍ଦ୍ଦେଶ ଦିଆଯାଇଛି।

କିଛିଦିନ ତଳେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏନେଇ ସୂଚନା ଦେଇଥିଲେ। ସେ କହିଥିଲେ ଅନେକ ଲୋକ ରାଜଧାନୀକୁ ସ୍ୱାସ୍ଥ୍ୟ ସେବା ପାଇଁ ଆସନ୍ତି। ଏହା ସହ ଶିକ୍ଷା ଲାଭ ତଥା ରାଜ୍ୟ ସରକାରଙ୍କର ଅନ୍ୟାନ୍ୟ ସୁବିଧା ପାଇବା ପାଇବା ପାଇଁ ମଧ୍ୟ ଏଠାକୁ ଆସନ୍ତି। ତେବେ ରହିବା ପାଇଁ ସେମାନେ ହୋଟେଲ୍ କିମ୍ବା ଅନ୍ୟା ଜାଗାରେ ଅନେକ ଖର୍ଚ୍ଚାନ୍ତ ହେଉଛନ୍ତି। ତେଣୁ ଲୋକଙ୍କ ସୁବିଧା ପାଇଁ ଗେଷ୍ଟ ହାଉସ ପ୍ରସ୍ତୁତ ହେବ। ପ୍ରତି ଜିଲ୍ଲା ପାଇଁ ୧୦୦ କୋଠାରୀ ବିଶିଷ୍ଟ ଗେଷ୍ଟ ହାଉସ୍ ହେବ। ପ୍ରତି ଜିଲ୍ଲା ନୂଆରେ ଏହାକୁ ନାମିତ କରାଯିବ।

# ଅବଶିଷ୍ଟାଂଶ

## ନୂଆ ୟୁପିଆଇ ପେମେଣ୍ଟ...

ଏହି ସଫ୍ଟୱେର୍ ସିଷ୍ଟମ୍ ପେମେଣ୍ଟକୁ ଗୋଟିଏ ବ୍ୟାଙ୍କରୁ ଅନ୍ୟ ଏକ ବ୍ୟାଙ୍କକୁ ସ୍ଥାନାନ୍ତର କରିଥାଏ। ନୂଆ ୟୁପିଆଇ ପେମେଣ୍ଟ ନିୟମ ଲାଗୁ ହେବା ପରେ କାହାକୁ ଟଙ୍କା ପଠାଇବା କିମ୍ବା ଦୋକାନରେ ଶପିଂ ସମୟରେ କ୍ୟୁଆର୍ କୋଡ୍ ସ୍କାନ କରି ପେମେଣ୍ଟ କରିବା ସବୁକିଛି ପୂର୍ବ ଅପେକ୍ଷା ଦ୍ରୁତ ହେବ। ଏଥିରେ ବିଶେଷ କଥା ହେଉଛି ଯେ, ଭୁଲ ଦେୟ ଯୋଗୁ କାରବାର ବାବଦ ଅର୍ଥ ରିଫଣ୍ଡ ପାଇବା ଏବଂ ଷ୍ଟାଟସ୍ ଯାଞ୍ଚ କରିବା ପାଇଁ ସମୟ ମଧ୍ୟ ୩୦ ସେକେଣ୍ଡରୁ ୧୦ ସେକେଣ୍ଡକୁ ହ୍ରାସ କରାଯାଇଛି। ତେଣୁ ଏବେ ପେମେଣ୍ଟ ହେଲା କି ନାହିଁ ତାହାକୁ ନେଇ କମ୍ ଚିନ୍ତା ରହିବ। ପୂର୍ବରୁ, ଏକ କାରବାର ସଫଳ ହୋଇଛି କି ନାହିଁ ଯାଞ୍ଚ କରିବା ପାଇଁ ୯୦ ସେକେଣ୍ଡ ଅପେକ୍ଷା କରିବାକୁ ପଡୁଥିଲା। ବର୍ତ୍ତମାନ, କାରବାର ଆରମ୍ଭ ହେବା ପରେ କେବଳ ୪୫ ରୁ ୬୦ ସେକେଣ୍ଡ ପରେ ଏହାକୁ ଯାଞ୍ଚ କରିପାରିବେ। ଏହା କାରବାର ବିଫଳତା କ୍ଷେତ୍ରରେ ଦ୍ୱନ୍ଦ୍ୱକୁ ହ୍ରାସ କରିବ। ଏଥିରେ ଜଣଙ୍କୁ କେବଳ ନିଜର ୟୁପିଆଇ ଆପ୍ ଅପଡେଟ୍ ରଖିବାକୁ ପଡିବ। ଯଦି ଆପଣଙ୍କର ଆପ୍ ପୁରୁଣା, ତେବେ କାରବାରରେ ସମସ୍ୟା ଦେଖାଦେଇପାରେ। ନୂଆ ବ୍ୟବସ୍ଥାରେ ପ୍ରତି ଆପ୍ ପାଇଁ ବାଲାନ୍ସ ଯାଞ୍ଚ କରିବାର ସୀମା ଦିନକୁ ୫୦ ଥର ହେବ ଏବଂ ଅଟୋ ପେ' କାରବାର କେବଳ ନନ୍-ପିକ୍ ଆୱାରରେ ହେବ।

## ଥମୁନି ଝାଡ଼ାବାନ୍ତି...

ଆଜି ସୁକିନ୍ଦା ବୈରୀମାଳ ଏବଂ ସାରଙ୍ଗପୁର ଗାଁରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି। ଏହାକୁ ମିଶାଇ ଜିଲ୍ଲାରେ ମୋଟ ୧୬ଜଣଙ୍କର ମୃତ୍ୟୁ ହୋଇଥିବା କୁହାଯାଉଥିବା ବେଳେ ପ୍ରଶାସନ କିମ୍ବା ସରକାର ଏହାକୁ ମାନିବାକୁ ନାରାଜ। ପ୍ରଶାସନ ପକ୍ଷରୁ ଜିଲ୍ଲାର ବିଭିନ୍ନ ହୋଟେଲ ଓ ଢାବା ମାନଙ୍କରେ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଚଢ଼ଉ ଜାରି ରହିଛି। ସେହିପରି ବରୀ, ବିଞ୍ଝାରପୁର, ଧର୍ମଶାଳା ତହସିଲ ଅଞ୍ଚଳ ସମେତ ଜିଲ୍ଲାର ଅନ୍ୟ କେତେକ ଅଞ୍ଚଳରେ ସମସ୍ତ ଜଳଖିଆ ଦୋକାନ, ହୋଟେଲ, ଫାଷ୍ଟଫୁଡ୍, ଗୁପ୍‌ଚୁପ୍, ଦହିବରା, ଆଇସକ୍ରୀମ୍ ଦୋକାନ ଆସନ୍ତା ଦୁଇ ସପ୍ତାହ ଧରି ବନ୍ଦ କରିବାକୁ ତହସିଲଦାର ନିର୍ଦ୍ଦେଶ ଜାରି କରିଛନ୍ତି। ସ୍ୱାସ୍ଥ୍ୟ ସଚିବ ଏସ୍ ଅଶ୍ୱଥି ଧର୍ମଶାଳା ଓ ଯାଜପୁର ମେଡିକାଲର ସ୍ଥିତି ଅନୁଧ୍ୟାନ କରିବା ପରେ ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଆଲୋଚନା କରିଛନ୍ତି ଓ ସ୍ଥିତିର ସମୀକ୍ଷା କରିଛନ୍ତି। ଆଜି ଜିଲ୍ଲାରେ ମୋଟ ୧୫ଜଣ ନୂଆ ରୋଗୀ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଆଜି ସୁଦ୍ଧା ମୋଟାମୋଟି ୧୭୮୭ଜଣ ଆକ୍ରାନ୍ତ ହୋଇ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ସେଥିରୁ ୧୫୬୮ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏବେ ବି କଟକ, ଭୁବନେଶ୍ୱରରେ ୩୦ରୁ ଊର୍ଦ୍ଧ୍ୱ ଚିକିତ୍ସିତ ହେଉଛନ୍ତି।

## ପୁରୁଷ ବନ୍ଧୁକୁ...

ଦ୍ୱାରସ୍ଥ ହୋଇ ଘଟଣା ସମ୍ପର୍କରେ ପୁଲିସକୁ କହିଥିଲେ। ପୁଲିସ ତୁରନ୍ତ ପୁରୁଷ ବନ୍ଧୁଙ୍କୁ ସାଙ୍ଗରେ ନେଇ ବିଭିନ୍ନ ସନ୍ଦିଗ୍ଧ ସ୍ଥାନରେ ଖୋଜାଖୋଜି କରିଥିଲା। ଏହିକ୍ରମରେ ଡୁରା ଓଭରବ୍ରିଜ ନିକଟରେ ଥିବା ୪ଜଣ ପୁଲିସ ଗାଡ଼ିକୁ ଦେଖି ଦୌଡିବାକୁ ଚେଷ୍ଟା କରିଥିଲେ। ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ଯୁବତୀଙ୍କ ପୁରୁଷ ବନ୍ଧୁ ଚିହ୍ନଟ କରିଥିଲେ। ସେଠାରୁ ୨ ଜଣଙ୍କୁ କାବୁ କରାଯାଇଥିଲେ ହେଁ ଅନ୍ୟ ଦୁଇଜଣ ଫେରାର ହେବାରେ ସକ୍ଷମ ହୋଇଥିଲେ। କାବୁ କରାଯାଇଥିବା ୨ ଜଣ ଯୁବକଙ୍କୁ ଥାନାରେ ଜେରା ପରେ ଅନ୍ୟ ୮ ଜଣ ହିଞ୍ଜିଳିକାଟୁ ତଥା ଆଖପାଖ ଅଞ୍ଚଳର ବୋଲି ପୁଲିସ ଜାଣିବାକୁ ପାଇଥିଲା।

ମିଳିଥିବା ତଥ୍ୟ ଆଧାରରେ ପୁଲିସର ଏକ ଟିମ୍ ସମ୍ପୃକ୍ତ ଅଞ୍ଚଳକୁ ଯାଇ ସେଠାରୁ ଘଟଣାରେ ସମ୍ପୃକ୍ତ ୫ ଜଣ ଯୁବକଙ୍କୁ ଆଣି ଥାନାରେ ଅଟକ ରଖିଛି। ଘଟଣା ପରେ ବ୍ରହ୍ମପୁର ଏସ୍‌ପି, ଅତିରିକ୍ତ ଏସ୍‌ପି, ଡିଏସ୍‌ପି ଓ ବ୍ରହ୍ମପୁର ଏସ୍‌ଡିପିଓ ପ୍ରମୁଖ ଗୋପାଳପୁର ଥାନାରେ ପହଞ୍ଚି ପୀଡିତାଙ୍କ ବୟାନ ରେକର୍ଡ କରିଛନ୍ତି। ପୀଡ଼ିତା ଛାତ୍ରୀଙ୍କ ଡାକ୍ତରୀମାଇନା କରାଯାଇଥିବା ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି।

## ଜଳପ୍ରପାତ ସ୍ରୋତରେ...

ସ୍ରୋତରେ ଭାସି ଯାଇଥିଲେ। ସାଙ୍ଗମାନେ ବହୁ ଖୋଜାଖୋଜି କଲା ପରେ ହତାଶ ହୋଇ ପରେ କୋଟପାଡ଼ ଥାନାକୁ ଖବର ଦେଇଥିଲେ। କୋଟପାଡ଼ ପୁଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ ସୁଦ୍ଧା ସେମାନଙ୍କୁ ପାଇ ନ ଥିଲେ। ସନ୍ଧ୍ୟା ହୋଇ ଆସୁଥିବାରୁ ଉଦ୍ଧାର କାର୍ଯ୍ୟ ଗତକାଲି ବନ୍ଦ ରହିଥିଲା। ସୋମବାର ସକାଳେ ଜୟପୁର ଓଡ୍ରାଫ୍ ଟିମ୍ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିବାବେଳେ ଆଲୋକଙ୍କ ମୃତଦେହ ମିଳିଛି। ନିଖୋଜ ଜଣକ ହେଲେ କିରଣ ମିର୍ଗାନ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଅଧିକ ତଦନ୍ତ କରୁଅଛି।

## ମଧ୍ୟପ୍ରାଚ୍ୟରେ ବଢୁଛି...

ଦେଖିବାକୁ ମିଳିଛି। ଇରାନର କ୍ଷେପଣାସ୍ତ୍ରକୁ ନିଷ୍କ୍ରିୟ କରିବା ଲାଗି ଇସ୍ରାଏଲ ଉତ୍‌କ୍ଷେପଣ କରିଥିବା କ୍ଷେପଣାସ୍ତ୍ର ମିସଫାୟର ହୋଇଛି। ଏହି କ୍ଷେପଣାସ୍ତ୍ର ବିପରୀତ ଦିଗକୁ ଫେରି ନିଜର ସାମରିକ ପ୍ରତିଷ୍ଠାନକୁ ଧ୍ୱଂସ କରିଦେଇଛି। ଏହାକୁ ଇସ୍ରାଏଲ ଡିଫେନ୍ସ ସିଷ୍ଟମର ସବୁଠାରୁ ବଡ଼ ବିଫଳତା ବୋଲି କୁହାଯାଉଛି। ଇସ୍ରାଏଲର ଡିଫେନ୍ସ ସିଷ୍ଟମକୁ ବିଭ୍ରାନ୍ତ ଓ ବିପର୍ଯ୍ୟସ୍ତ କରିବା ଲାଗି ଇରାନ ପକ୍ଷରୁ ନୂଆ ଇଲୋକଟ୍ରୋନିକ ୱରଫେୟାର ରଣନୀତି ଗ୍ରହଣ କରାଯାଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି। ଇରାନର ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼ରେ ଆମେରିକାର ଦୂତାବାସ ମଧ୍ୟ ଆଂଶିକ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଇରାନ ଦାବି କରିଛି ଯେ ଇସ୍ରାଏଲର ଆଇରନ୍ ଡୋମକୁ ମାତ୍ ଦେଇ ଏହାର କ୍ଷେପଣାସ୍ତ୍ର ବ୍ୟାପକ କ୍ଷତି ଘଟାଇଛନ୍ତି।

ଅନ୍ୟପକ୍ଷରେ ଇସ୍ରାଏଲ ମଧ୍ୟ ଇରାନ ଉପରେ ପ୍ରଚଣ୍ଡ ଆକ୍ରମଣ ଜାରି ରଖିଛି। ଆଜି ଇରାନ ରାଜଧାନୀ ତେହରାନ ଉପରେ ଘନ ଘନ କ୍ଷେପଣାସ୍ତ୍ର ଓ ବୋମା ମାଡ଼ କରିଛି। ଏଥିରେ ଆଜି ଆଉ ୪୫ ଜଣ ମହିଳା ଓ ଶିଶୁ ପ୍ରାଣ ହରାଇଛନ୍ତି। ଏହାକୁ ମିଶାଇ ଇସ୍ରାଏଲ ଆକ୍ରମଣରେ ଇରାନରେ ମୃତ୍ୟୁସଂଖ୍ୟା ୨୨୪କୁ ବୃଦ୍ଧି ପାଇଛି। ଇସ୍ରାଏଲ ଆକ୍ରମଣରେ ଇରାନର ପରମାଣୁ କେନ୍ଦ୍ର, ସାମରିକ ପ୍ରତିଷ୍ଠାନ, ସେନା ମୁଖ୍ୟାଳୟ ଓ ତୈଳ ବିଶୋଧନାଗାର ଧ୍ୱଂସ ହୋଇଯାଇଛି। ଇସ୍ରାଏଲ ଦାବି କରିଛି ଯେ ଇରାନର ଏୟାର ଡିଫେନ୍ସ ସିଷ୍ଟମ ପଙ୍ଗୁ ହୋଇଯାଇଛି। ଇସ୍ରାଏଲର ଲଢୁଆ ବିମାନ ଏବେ ଇରାନ ଆକାଶରେ ଉଡ଼ି ମନଇଚ୍ଛା ଆକ୍ରମଣ କରିପାରିବେ। ଇରାନର ଏକ ତୃତୀୟାଂଶ କ୍ଷେପଣାସ୍ତ୍ର ଲଞ୍ଚରଗୁଡ଼ିକୁ ମଧ୍ୟ ଧ୍ୱଂସ କରି ଦିଆଯାଇଥିବା ଇସ୍ରାଏଲ କହିଛି। ସୂଚନାଯୋଗ୍ୟ ଯେ ଇସ୍ରାଏଲ ଆକ୍ରମଣରେ ଇରାନ ସେନାର ଅନେକ ବରିଷ୍ଠ ଅଧିକାରୀ ଏବଂ ବୈଜ୍ଞାନିକ ପ୍ରାଣ ହରାଇଛନ୍ତି। ଇସ୍ରାଏଲ ପକ୍ଷରୁ କୁହାଯାଇଛି ଯେ ଇରାନର ସମସ୍ତ ପରମାଣୁ କେନ୍ଦ୍ର ଓ ସାମରିକ ପ୍ରତିଷ୍ଠାନକୁ ଧ୍ୱଂସ କରିବା ପର୍ଯ୍ୟନ୍ତ ଆକ୍ରମଣ ଜାରି ରହିବ। ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତନ୍ୟାହୁ ଅଭିଯୋଗ କରିଛନ୍ତି ଯେ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ହତ୍ୟା କରିବା ପାଇଁ ଇରାନ ଯୋଜନା କରିଛି। ଅନ୍ୟପକ୍ଷରେ ଟ୍ରମ୍ପ କହିଛନ୍ତି ଯେ ଆୟୋତଲ୍ଲା ଖାମେନି ସମେତ ଇରାନର ଶୀର୍ଷ ନେତୃତ୍ୱକୁ ହତ୍ୟା କରିବା ଲାଗି ଇସ୍ରାଏଲ ଯୋଜନା କରିଥିବା ବେଳେ ସେ ଏହାର ବିରୋଧ କରିଛନ୍ତି। ଇତିମଧ୍ୟରେ ଇରାନ ପକ୍ଷରୁ କୁହାଯାଇଛି ଯେ ଏହା ପରମାଣୁ ନିରସ୍ତ୍ରୀକରଣ ଚୁକ୍ତିରୁ ଓହରିଯିବ ଏବଂ ପ୍ରତିରକ୍ଷା ପାଇଁ ପରମାଣୁ ଅସ୍ତ୍ର ତିଆରି କରିବ।

ଇତିମଧ୍ୟରେ ଇରାନରେ ଥିବା ଭାରତୀୟ ଛାତ୍ରମାନଙ୍କର ନିରାପତ୍ତା ନେଇ ଭାରତ ଚିନ୍ତା ପ୍ରକଟ କରିବା ସହିତ ଇରାନ ସରକାରର ସହାୟତା ଲୋଡ଼ିଛି। ଇରାନ ପକ୍ଷରୁ କୁହାଯାଇଛି ଯେ ଏହାର ସୀମା ଖୋଲା ରହିଛି ଏବଂ ଛାତ୍ରମାନେ ନିରାପଦ ସ୍ଥାନ ଦେଇ ବାହାରକୁ ଯାଇପାରିବେ। ଇରାନରେ ଏବେ ୧୫୦୦ରୁ ଅଧିକ ଭାରତୀୟ ଛାତ୍ରଛାତ୍ରୀ ଫସି ରହିଛନ୍ତି। ଆକାଶ ସୀମା ବନ୍ଦ ରହିଥିବାରୁ ଭାରତୀୟ ଛାତ୍ରଛାତ୍ରୀମାନଙ୍କ ସୁରକ୍ଷିତ ପ୍ରସ୍ଥାନ ପାଇଁ ଇରାନ ସବୁ ପ୍ରକାର ସହାତା କରିବ ବୋଲି ଜଣାଇଛି। ଭାରତୀୟ ଛାତ୍ରଛାତ୍ରୀ ଆର୍ମେନିଆ ଦେଇ ଫେରିପାରନ୍ତି। ଭାରତ ପକ୍ଷରୁ ମଧ୍ୟ ଏଥିଲାଗି ପ୍ରୟାସ ଜାରି ରହିଛି। ଅନେକ ଭାରତୀୟଙ୍କୁ ତେହରାନର ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କୁ ଉଦ୍ଧାର କରିବା ପାଇଁ ସବୁ ପ୍ରକାର ବିକଳ୍ପ ଉପାରେ ବିଚାର କରାଯାଉଛି। ତେହରାନରେ ଥିବା ଭାରତୀୟ ଦୂତାବାସ ସୁରକ୍ଷା ସ୍ଥିତିର ସମୀକ୍ଷା କରୁଛି ଓ ଇରାନରେ ଥିବା ଭାରତୀୟଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପାଇଁ ଉଦ୍ୟମ ଜାରି ରଖିଛି। ଇରାନରେ ଥିବା ଭାରତୀୟଙ୍କୁ ଦୂତାବାସ ପକ୍ଷରୁ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି। କିନ୍ତୁ ଆତଙ୍କିତ ନ ହେବାକୁ ପରାମର୍ଶ ଦିଆଯାଇଛି।

## ଦୁଇ ପର୍ଯ୍ୟାୟରେ...

ଦେଶରେ କେଉଁ ଜାତିର ଲୋକଙ୍କ ସଂଖ୍ୟା କେତେ ତାହା ଜଣାପଡ଼ିବ। ଦ୍ୱିତୀୟଟି ହେଲା ଏହି ଜନଗଣନାକୁ ଭିତ୍ତି କରି ସଂସଦ ଓ ରାଜ୍ୟ ବିଧାନସଭା ନିର୍ବାଚନମଣ୍ଡଳୀମାନଙ୍କର ସୀମା ପୁନଃନିର୍ଦ୍ଧାରଣ କରାଯିବ। ୧୯୭୧ରୁ ସୀମା ପୁନଃନିର୍ଦ୍ଧାରଣ ଅଟକି ରହିଛି। ସଂସଦରେ ମହିଳାଙ୍କ ପାଇଁ ଆସନ ସଂରକ୍ଷଣ ଲାଗି ଏହି ଜନଗଣନା ପଥ ପରିଷ୍କାର କରିବ ବୋଲି କୁହାଯାଉଛି।

ସୂଚନାଯୋଗ୍ୟ ଯେ ଭାରତରେ ପ୍ରଥମ ଥର ଲାଗି ଜାତିଭିତ୍ତିକ ଜନଗଣନା ୧୮୮୧ ଏବଂ ୧୯୩୧ରେ ବ୍ରିଟିଶ ସରକାର ଅମଳରେ ହୋଇଥିଲା। ୨୦୧୧ରେ ୟୁପିଏ ସରକାର ଅମଳରେ ଜନଗଣନା ବେଳେ ସାମାଜିକ-ଅର୍ଥନୈତିକ ଓ ଜାତି ଭିତ୍ତିକ ତଥ୍ୟ ସଂଗ୍ରହ କରାଯାଇଥିଲା। କିନ୍ତୁ ଏହି ତଥ୍ୟ କେବେହେଲେ ପ୍ରକାଶ ପାଇ ପାରିଲାନାହିଁ।

## ଡହଡହ ଖରାରେ...

ପଡିଯାଇଥିଲେ ମଧ୍ୟ ପ୍ରଶାସନ ଖାମଖିଆଲି ମନୋଭାବ ଯୋଗୁଁ ସୋମବାର ମଧ୍ୟ ସମାନ ଅବସ୍ଥା ଦେଖାଦେଇଥିଲା। ସୋମବାର ସକାଳୁ ଭକ୍ତଙ୍କ ଲମ୍ବା ଧାଡ଼ି ଲାଗିଥିବା ବେଳେ ସୁରକ୍ଷା କର୍ମୀ ଓ ପ୍ରଶାସନିକ ଅଧିକାରୀ ନ ଥିବାରୁ ଭକ୍ତଙ୍କ ମଧ୍ୟରେ ଦୀର୍ଘ ୭ ଘଣ୍ଟା ଧରି ଠେଲାପେଲା ଲାଗି ରହିଥିଲା। ପ୍ରଶାସନ ସବୁ ଦେଖି ନ ଦେଖିଲା ପରି ଚୁପ୍ ରହିଥିଲା। ବିଶେଷକରି ପ୍ରଶାସନିକ ଅବ୍ୟବସ୍ଥା ଯୋଗୁ ଜଣେ ହେଲେ ସୁରକ୍ଷା କର୍ମୀ ରହିବା ତ ଦୂରର କଥା ବ୍ୟାରିକେଡ ବ୍ୟବସ୍ଥା ଥିଲେ ମଧ୍ୟ ନ ଥିଲା ପରି ଅବସ୍ଥା ଦେଖାଦେଇଥିଲା। ମନ୍ଦିର ମଧ୍ୟକୁ ମହିଳା ଓ ପୁରୁଷ ଭକ୍ତଙ୍କ ମଧ୍ୟରେ ଠେଲାପେଲା ଲାଗି ରହିବା ସହ ହାତ ଉଠାଉଠି ପର୍ଯ୍ୟନ୍ତ କଥା ଯାଇଥିଲା। ଫଳରେ ଦୀର୍ଘ ଘଣ୍ଟା ଧରି ଧାଡିରେ ଛୋଟଛୋଟ ପିଲା ଓ ମହିଳା ଭକ୍ତ ଅଣନିଃଶ୍ୱାସୀ ହୋଇ ଚିତ୍କାର କରୁଥିଲେ ମଧ୍ୟ କେହି ଶୁଣି ନ ଥିଲେ। ଅନ୍ୟପଟେ ମନ୍ଦିର ସମ୍ମୁଖର ଦର୍ଶନ ପଥରେ ଛାମୁଣ୍ଡିଆ ନ ଥିବାରୁ ଡହଡହ ଖରାକୁ ଅସହ୍ୟ ଗୁଳୁଗୁଳିରେ ସିଝିଥିଲେ ଭକ୍ତ।

ସେହିପରି ପୀଠରେ ଦୀର୍ଘ ୪ ଘଣ୍ଟା ଧରି ବିଜୁଳି କାଟ୍ ଯୋଗୁଁ ମନ୍ଦିର ଭିତର ପରିସର ଅନ୍ଧକାର ରହିବା ସହ ପାନୀୟଜଳର ଘୋର ସଂକଟ ଦେଖାଦେଇଥିଲା। ଫଳରେ ଭକ୍ତମାନେ ବାଧ୍ୟ ହୋଇ ଶିବଗଙ୍ଗା ପୁଷ୍କରିଣୀ ଜଳରେ ଶୋଷ ମେଣ୍ଟାଇଥିଲେ। ସେପଟେ ଆଖଣ୍ଡଳମଣି-ଭଦ୍ରକ ମୁଖ୍ୟରାସ୍ତାର ମଠଡିହଠାରୁ ପୀଠର ବାଇପାସ୍ ଯାଏଁ ଅଣଓସାରିଆ ରାସ୍ତା ହୋଇଥିବାରୁ ଦୀର୍ଘ ସମୟ ଧରି ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହେବାରୁ ଡହଡହ ଖରାରେ ଦୀର୍ଘ ୪କିମି ଚାଲିଚାଲି ଆସିଥିଲେ ହଜାର ହଜାର ଭକ୍ତ। ବିଶେଷକରି ବାଇପାସ୍ ରାସ୍ତାର ବେନିୟମ ଭାବେ କିଛି ସ୍ଥାନୀୟ ଲୋକ ଜବରଦଖଲ କରିବା ସହ ନିଜର ଚାରିଚକିଆ ଯାନ ରଖିବାରୁ ଟ୍ରାଫିକ ସମସ୍ୟା ଅଣାୟତ୍ତ ହୋଇପଡିଥିଲା। ଉଭୟ ପାର୍ଶ୍ୱରେ ଶହଶହ ଗାଡ଼ି ଦୀର୍ଘ ୪ଘଣ୍ଟା ଧରି ଅଟକି ରହିବା ଫଳରେ ସ୍ଥିତି ନିୟନ୍ତ୍ରଣ ପାଇଁ ସ୍ଥାନୀୟ ଆରଡ଼ି ପୁଲିସକୁ ନାକେଦମ୍ ହେବାକୁ ପଡିଥିଲା। ଲକ୍ଷାଧିକ ଭକ୍ତଙ୍କ ପାଇଁ ମୁତୟନ ସୀମିତ ପୁଲିସ ଭିଡ଼ ନିୟନ୍ତ୍ରଣରେ ସକ୍ଷମ ହୋଇପାରି ନ ଥିଲେ। କିଛି ଭକ୍ତ ଏପରି ଅବ୍ୟବସ୍ଥାକୁ ନେଇ ମନ୍ଦିର ପ୍ରଶାସନ ନିକଟରେ ଅଭିଯୋଗ ଆଣିଥିଲେ ମଧ୍ୟ ସନ୍ତୋଷଜନକ ଉତ୍ତର ନ ପାଇ ନିରାଶ ହୋଇ ଦର୍ଶନରୁ ବଞ୍ଚିତ ହୋଇ ଫେରିଯାଇଥିଲେ।

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact
**GADHWAL GROUP**
**Mob.: 9437015112**

**AFFIDAVIT**

I, Rashimi Rekha Maharana, aged about 42 years, W/o- Manoj Maharana, resident of At- Plot No. 310 (P), Maitri Nagar, PO- Nayabazar, PS- Chauliaganj, Dist- Cuttack, PIN- 753004, Odisha declared by this affidavit No. 1336, dated- 14/06/2025, that now onwards I shall be known as **RASHMIREKHA MAHARANA** for all future purposes.

**Raghunath Samabaya Mahavidyalaya, Odagaon**
ରଘୁନାଥ ସମବାୟ ମହାବିଦ୍ୟାଳୟ, ଓଡଗାଁ
Banavihar, At/Po- Odagaon, Dist- Nayagarh, 752081, Odisha
Ph.No. 06753-296505
Email.: rsmodagaon@gmail.com, Website.: rsmodagaon.org.in

**QUOTATION CALL**

No. RSM196/25 Dt. 17/06/2023

Sealed Quotations are invited from reputed and registered farms/authorised suppliers/dealers having valid and up-to-date GST registration/IT clearance, PAN, TIN and ISO, Dealers Certificate for the supply of the materials of IT infrastructure, i.e.:(1) Desktop (i3 and above). (2). UPS (Digital) (3). MFM Printers (4). LED Android Smart TV (65 inch) (5). Wireless Microphone & Camera For Virtual Meetings with LAN Connectivity.

The supplier should quote the unit price inclusive of all taxes, installation and transportation cost. The related quotation should reach the undersigned on or before **23/06/2025**, 5 p.m. by Regd./Speed post. For more details contact the office of the principal from **10:30 a.m. - 2:30 p.m**. on all working days and refer letter No: 202469785168/ Dt.05/03/2025 of DHE, Govt. of Odisha.

N.B: The undersigned reserves the rights to cancel fully or partially the quotation process without citing any reason thereof.

Sd/- Principal
R.S. Mahavidyalaya, Odagaon

**ODISHA HYDRO POWER CORPORATION LTD.**
(A Government of Odisha Undertaking)
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELETRIC PROJECT
AT/PO: BARINIPUT, DIST: KORAPUT – 764006, ODISHA
PHONE: - (06854)242001 (O), FAX: - (06854) 242038
E-mail: sgmel.ukhep@gmail.com

**TENDER CALL NOTICE NO UKHEP-11/25-26, DATED 11/06/25**

Sealed tenders are invited in sealed envelopes from the Authorized dealers/Reputed Suppliers for "Procurement of Anti-microbial 1000 ltr capacity triple layer white sintex water tanks, UKHEP, Bariniput".

| Description of work | Cost of tender paper in Rs (Non-Refundable) | EMD in Rs. (Refundable) |
|---|---|---|
| Procurement of Anti-microbial 1000 ltr capacity triple layer white sintex water tanks, UKHEP, Bariniput | 4720/- (Non- refundable) (Rs.4000/-+18% GST) | 9000/- |

The sale of Tender Paper will be from : 17/06/25 to 11.00 Hrs of 03/07/25
The last date & time of receipt of Tender : 12.00 Hrs of 03/07/2025
The date and time of opening of Tender : 12.30 Hrs of 03/07/2025
For details of tender documents, Terms & conditions, downloading, please visit our website www.ohpcltd.com.

C & P Head,
Upper Kolab H.E.Project,
Bariniput

CAD-788 OIPR - 04002/11/0095/2526

**NOTICE**
**(for Minor)**

By virtue of an affidavit sworn before The Executive Magistrate, Baripada, Mayurbhanj, dated 12-06-2025 I, Basanti Mahapatra Address Village/PO.- Balidiha, PS.- Khunta, Dist Mayurbhanj, Odisha, PIN-757019 declare that I have changed the name of my daughter **Ipasita Mohapatra** to **Ipsita Mohapatra**. Henceforth, she shall be known as **Ipsita Mohapatra** for all purposes.
Basanti Mahapatra

**AFFIDAVIT**

By virtue of an affidavit before Executive Magistrate, Kujanga, No.1684 dtd.19.04.2025 I, **Sisir Mallik** S/o- Daitari Mallik, resident of Kothi, Po.- Jhimani, Ps.- Paradeep lock, Dist.- Jagatsinghpur, Pin-754141, Odisha state that, I have changed my minor daughter's name from **Soyang Sampurna** to **Swayam Sampurna**. Henceforth she shall be known as **Swayam Sampurna** for all purposes.

**AFFIDAVIT**

BY VIRTUE OF AN AFFIDAVIT SWORN BEFORE THE EXECUTIVE MAGISTRATE SOHELA, I SRI PITABASA SAHU S/O- GOPAL SAHU, RESIDENT OF VILL.- PADHANPALI, PO.- TABADA, PS- SOHELA, DIST-BARGARH, ODISHA, STATE THAT IN MY ADHAR CARD MY NAME HAS BEEN MENTIONED AS **PITABAS SAHU** WHERE AS IN MY RESIDENT CERTIFICATE MY NAME HAS BEEN REFLECTED AS **PITABASA SAHU**. MY ACTUAL NAME IS **PITABASA SAHU**.

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda dated 05/06/2025 I Sri Parsuram Pangi S/o- Biknu Pangi, Village - Panasput, Post- Anduruguda, PS- Padua, Dist- KORAPUT declare that I have changed my name from **Parasu Pangi** to **Parsuram Pangi**. Henceforth, I shall be known as **Parsuram Pangi** for all purposes.
Sd/- Parsuram Pangi

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda dated 05/06/2025 I Sri Ramachandra Aleibir, S/o- Late Samara Aleibir, Village - Balda, Post - Balda, PS- Padua, Dist - KORAPUT declare that I have changed my name from **Ramachandra Hantal** to **Ramachandra Aleibir**. Henceforth, I shall be known as **Ramachandra Aleibir** for all purposes.

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda dated 05/06/2025 I Smt Danumati Pangi, W/o- Krushna Pangi, Village - Jadaput, Post- Banamaliput , PS- Nandapur, Dist - KORAPUT declare that I have changed my name from **Danumati Pangi** to **Dhanamati Pangi**. Henceforth, I shall be known as **Dhanamati Pangi** for all purposes.

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda dated 09/06/2025 I Sri Sunil Kumar Hantal, S/o- Sashidhar Hantal, Village - Hatibari, Post- Hatibari, PS- Padua, Dist - KORAPUT declare that, I have changed my name from **Ishak Hantal** to **Sunil Kumar Hantal**. Henceforth, I shall be known as **Sunil Kumar Hantal** for all purposes.

**AFFIDAVIT**

By virtue of an affidavit before Executive Magistrate, Bhubaneswar, No.32 dtd.09/06/2025, I, **Krushna Chandra Das,** S/o- Kampa Das, resident of Vill.- Phasi, near Gramadebati, Kodala, Po.- Phasi, Dist.- Ganjam, Odisha, Pin- 761032 state that, I have changed my minor daughter's name from **PRAGNYA DAS** to **PRAGYANSMITA DAS**. Henceforth she will be known as **PRAGYANSMITA DAS** for all purposes.

**AFFIDAVIT**

By virtue of an affidavit before Executive Magistrate, Ambabhona, No.228 dtd.13/06/2025, I, **Surendra Singh Thakur,** S/o- Late Ananda Singh Thakur, resident of Vill.- Satidarha, Po.- Kapasira, Tah.- Ambabhona, Dist.- Bargarh, Odisha state that, my actual and correct name is **Surendra Singh Thakur** but in my Adhar Card my name has been mentioned as **Suren Singh Thakur**. Both the names **Surendra Singh Thakur** and **Suren Singh Thakur** belongs to one and same person.

**AFFIDAVIT**

By Virtue of an affidavit No.658 , Dated: 15.06.2025, before the Notary Public, Balimela, Dist: Malkangiri, I, Deba Padiami have changed my minor son's name from **Jaleswara Padiami** to **Jaleswar Padiami.** Henceforth he will be known as **Jaleswar Padiami** for all purposes.
Sd/- Deba Padiami

**AFFIDAVIT**

I, SK Qutubuddin, S/o. Sk Kamiruddin, resident of Sabalanga Kanipara, Kanipada, Mahakalapada, Dist.- Kendrapara, Odisha- 754208 declare by this affidavit no. CF-45, dated-12.06.2025 that now onwards I shall be known as **Sk Kutubuddin** for all future purposes.

**AFFIDAVIT**

By the virtue of an affidavit in the court of executive magistrate, Jajpur no 5365 dtd 02/05/2025 that My son name have changed from **Sai Samartha Dikshit** to **Sai Pratik Dikshit**. Henceforth he shall be known as **Sai Pratik Dikshit** for all purposes.
Sd/- Chintamani Dikshit

**NOTICE**
**(for Minor)**

By virtue of an affidavit sworn before Notary Public Udala, Mayurbhanj, dated 09-06-2025 I, Durga Hansdah Address Village/PO.- Bahubandh, PS.- Udala, Dist Mayurbhanj, Odisha, PIN-757041 declare that I have changed the name of my daughter **Sarma Hansdha** to **Salma Hansdah**. Henceforth, she shall be known as **Salma Hansdah** for all purposes.
Durga Hansdah

**AFFIDAVIT**

By Virtue of an affidavit No.659 , Dated: 15.06.2025, before the Notary Public, Balimela, Dist: Malkangiri, I, Muke Padiami have changed my minor son's surname and his father's name from Dipak Podiami, S/O- **Kasa Podiami** to **Dipak Padiami** S/O- **Kasha Padiami** respectively. Hence forth he will be known as **Dipak Padiami**, S/O- Kasha Padiami for all purposes.
Sd/- Muke Padiami

**AFFIDAVIT**

I, Mahamud Ali Lathia, aged about 41 years, S/o- Isha Lathia, resident of Gandhi Chowk, Umerkote, Po- Umerkote, Ps- Umerkote, Dist- Nabarangpur, Odisha, Pin- 764073 declare by this affidavit No-1191, dtd. 14/06/2025, that now onwards I shall be known as **MOHAMED ALI LATHIA** for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, Jajpur on dated- 19/05/2025. I, **Sushanta Kumar Rout** (Applicant name), S/o Gokulananda Rout, permanent resident of Vill: Kuanrpur, PO: Aunri, PS: Alakund, Dist: Jajpur, PIN: 755013, Odisha declare that I have changed my minor son's name from **Sidhant Rout** (old name) To **Sidhanta Kumar Rout** (new name). Henceforth, he shall be known as **SIDHANTA KUMAR ROUT** for all future purposes.
Sushanta Kumar Rout

**LOST**

By this time one person namely **Sri Bisikeshan Lima,** aged about 46 years, S/o.: Sri Erana Lima, of Village: Jagannathpur, PO.: Kujasingh, P.S.: Serango, Dist.: Gajapati, At/Pre: Krishna Nagar, Near Ranipenta, PO.: Jeeba, P.S.: Paralakhemundi, Tahasil: Gumma, District: Gajapati, Aadhar No.: 7549 0979 2479 appeared at PS and presented a written report that, He own a piece of Land situated in the revenue Village/Mouza: Upalasing which is bearing new RoR vide Khata No.: 85/927, Plot No.: 359/903 for Ac.0041 Dec, Kissam: Gharabari, being purchased by me vide RSD No.: 10552002524 Dt.01.10.2020 from one Sri Korada Dandasi, that the above Sri Korada Dandasi purchased the said land from one Sri Sankar Prasad Boxi vide RSD No.: 10551602338 Dt.07.09.2016, which has been, given by Sri Korada Dandasi to him at the time of registration of his sale deed. But the said original link Sale Deed bearing RSD No.: 10551602338 Dt.07.09.2016 has been misplaced at our home at Krishna Nagar, Near Ranipenta i.e. on 04.05.2025 and in spite of their best efforts, the same could not be traced out. Hence, he reported at PS. Noted the fact in GD for future references.

# 'ମହୋତ୍ସବ ସାମାଜିକ ଜୀବନକୁ ଭାବମୟ କରେ'



ଅସୁରାଳି,୧୬ ।୬(ସମିସ)

ମହୋତ୍ସବ ଆମକୁ ଆମ ସଂସ୍କୃତି, କଳା ଓ କଳାକାର ମାନଙ୍କ ସହିତ ପରିଚିତ କରିଥାଏ। ଧାମନଗର ବ୍ଲକ ପାଳସାହି ପଞ୍ଚାୟତ ବେତାଳିଗାଁ ବାପୁଜୀ ଉଚ୍ଚ ବିଦ୍ୟାଳୟରେ ସେବା ସଙ୍ଗଠନ ଆନୁକୂଲ୍ୟରେ ରଜ ମହୋତ୍ସବରେ ଯୋଗଦେଇ ଅତିଥିମାନେ ଏହା କହିଛନ୍ତି। ଜିଲ୍ଲା ମାନବ କଲ୍ୟାଣ ଓ ସେବା ସଂଗଠନର ସଭାପତି ସୁଶାନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ ଧୂଷୁରୀ ପ୍ରେସ ୟୁନିୟନ ସଭାପତି ସନ୍ତୋଷ କୁମାର ଦାସ। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ସମ୍ମାନିତ ଅତିଥି ଭାବେ "ସକାଳ"ର ପ୍ରକାଶକ ଅମିତ୍ କୁମାର ମଲ୍ଲିକ, ଧୂଷୁରୀ ଜୋନ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଆକର୍ଷଣ ଭାବେ ସିନେ ଅଭିନେତ୍ରୀ ପ୍ରିୟା ଚୌଧୁରୀ ଦର୍ଶକଙ୍କ ମନ ମୋହିଥିଲେ। ଏହାଛଡା ଅନୁଷ୍ଠାନର ଉପଦେଷ୍ଟା ଦୀପ୍ତିରଞ୍ଜନ ନାୟକ, ସମ୍ପାଦକ ଅନ୍ତର୍ଯ୍ୟାମୀ ଦାସ, ଉପଦେଷ୍ଟା ରତିକାନ୍ତ ନାୟକ, ପଣ୍ଡିତ ପଞ୍ଚାନନ ମିଶ୍ର, ସ୍ଥାନୀୟ ସରପଞ୍ଚ ଅଜୟ ମଲ୍ଲିକ, ସରପଞ୍ଚ ଜଗଦାନନ୍ଦ ସେଠୀ, ସମବାୟ ସମିତି ସଭାପତି ଭାଗବତ ଖଟୁଆ, ଆଲୋକ ରାଉତ, ନିମାଇଁ ଚରଣ ଦାସ, କାଶୀନାଥ ମହାନ୍ତି, ଶିକ୍ଷାବିତ୍ କ୍ଷୀରୋଦ ବଳ, ଅଧ୍ୟାପକ ନିକୁଞ୍ଜ କିଶୋର ଜେନା ପ୍ରମୁଖ ଉପସ୍ଥିତ ରହି ଥିଲେ। ଛୋଟ ଛୋଟ ପିଲା ମାନଙ୍କ ମଧ୍ୟ ରେ ନୃତ୍ୟ ପ୍ରତିଯୋଗିତା ଆୟୋଜିତ କରାଯାଇଥିଲା। ୩ ଦିନ ଧରି ଅନୁଷ୍ଠିତ ଏହି ରଜ ମହୋତ୍ସବରେ ମୁରୁଜ, ଝୋଟି, ନୃତ୍ୟ, ସଙ୍ଗୀତ ଓ ବକ୍ତୃତା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓଡ଼ିଶୀ, ଛଉ ଓ ବିଭିନ୍ନ ପାରମ୍ପାରିକ ନୃତ୍ୟ ପରିବେଷଣ କରାଯାଇଛି। କାର୍ଯ୍ୟକ୍ରମରେ ଶେଷରେ ରତ୍ନାକର ଜେନା ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଜନତା ସେବା କେନ୍ଦ୍ରର ବାର୍ଷିକ ଉତ୍ସବ



ଭଦ୍ରକ,୧୬ ।୬(ସମିସ):ଭଦ୍ରକ ଜିଲ୍ଲାର ଅଗ୍ରଣୀ ସାମାଜିକ ସଂଗଠନ ଚରମ୍ପା ର ଜନତା ସେବା କେନ୍ଦ୍ରର ବାର୍ଷିକ ଉତ୍ସବ ଚରମ୍ପା ଅଗ୍ରସେନ ଭବନ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଅନୁଷ୍ଠାନର ସଭାପତି ବିଶ୍ୱନାଥ ଅଗ୍ରୱାଲଙ୍କ ସଭାପତିତ୍ୱ ଓ ବରିଷ୍ଠ ଆଇନଜୀବୀ ପବନ ଶର୍ମାଙ୍କ ପରିଚାଳନାରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ଭଦ୍ରକର ଅତିରିକ୍ତ ପୁଲିସ ଅଧିକ୍ଷକ(ଗୁଇନ୍ଦା)ଅଂଶୁମାନ ଦ୍ୱିବେଦୀ ଯୋଗ ଦାନ କରି ଭଦ୍ରକର ଅନେକ ଗୁଡିଏ ଉନ୍ନତିକର କାର୍ଯ୍ୟ ସମ୍ପାଦନରେ ମାଧ୍ୟମ ସାଜିଥିବାରୁ ଏହାର ଉତୋରତୋର ଉନ୍ନତି କାମନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ପୂର୍ବତନ ଭଦ୍ରକ ବିଧାୟକ ନରେନ ପଲାଇ, ଭଦ୍ରକ ଓକିଲ ସଂଘ ସଭାପତି ସନ୍ତୋଷ ଆଚାର୍ଯ୍ୟ, ତ୍ୟାଗଭୂମି ଅନୁଷ୍ଠାନ ର ସଭାପତି ଅଜୟ ନାୟକ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ ନାୟକ, ସମାଜସେବୀ ମଦନଲାଲ ଗୁପ୍ତା ଯୋଗ ଦେଇ ଜନତା ସେବା କେନ୍ଦ୍ର ର ବିଭିନ୍ନ ଜନହିତକର କାର୍ଯ୍ୟ ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ। ସମ୍ପାଦକ ସୁରେନ୍ଦ୍ର ନାଥ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ କବି ନାରାୟଣ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ। ଶେଷରେ କୁନି କୁନି ପିଲାମାନଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଗଡ଼ିଲା ଡାଇରିଆ ସଚେତନତା ରଥ



ଭଦ୍ରକ,୧୬ ।୬(ସମିସ):ଭଦ୍ରକ ଜିଲ୍ଲାର ବିଭିନ୍ନ ବ୍ଲକରେ ଝାଡାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଯାହାକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଲୋକମାନଙ୍କୁ ସଚେତନ କରାଇବାକୁ ଡାଇରିଆ ସଚେତନତା ରଥର ଆଜି ଶୁଭାରମ୍ଭ କରାଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲୀପ ରାଉତରାଏ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧୀର ରଂଜନ ନାୟକ, ଡେପୁଟି କଲେକ୍ଟର କାର୍ତିକ ନାଥ ମଣ୍ଡଳଙ୍କ ଉପସ୍ଥିତିରେ ଆଜି ଏହି ରଥର ଶୁଭାରମ୍ଭ କରାଯାଇଛି। ଜିଲ୍ଲାର ସଦମହକୁମା ସହ ବିଭିନ୍ନ ଗ୍ରାମାଂଚଳରେ ବୁଲି ଏହି ରଥ ଲୋକଙ୍କୁ ସଚେତନ କରିବ। ଅନ୍ୟପଟେ ହଇଜା ବ୍ୟାପିବାକୁ ନେଇ ଆଜି ଦିନ ତମାମ ସହର ସହ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଥିବା ହୋଟେଲ ଓ ଠେଲା ଜଳଖିଆ ଦୋକାନୀଙ୍କ ଖାଦ୍ୟର ମାନ ଯାଞ୍ଚ ହୋଇଛି। ବାସି ଖାଦ୍ୟ ଓ ବିନା ଅନୁମତିରେ ଚାଲିଥିବା ଦୋକାନ ଗୁଡ଼ିକୁ ଜରିମାନା ଲଗାଯାଇଛି। ଲୋକଙ୍କୁ ବାହାର, ବାସିଯୁକ୍ତ ଖାଦ୍ୟ ଠାରୁ ଦୁରେଇ ରହିବା ସହିତ ବିଶେଷକରି ଭୋଜିଭାତରେ ଯୋଗ ନଦେବାକୁ ଜିଲ୍ଲା ପ୍ରଶାସନ ଅନୁରୋଧ କରିଛି। ଆଜିର ଏହି ଚଢାଉରେ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧୀର ରଂଜନ ନାୟକ, ପୌର ନିର୍ବାହୀ ଅଧିକାରୀ ତାପସ ସାମଲ, ଏଫଏସଓ ଦେବୀଦତ ଦାସ ଓ ବସନ୍ତ ବେହେରା ପ୍ରମୁଖ ପୌରପାଳିକାର ଏନଫୋର୍ସମେଣ୍ଟ ଟିମ୍ ସାମିଲ ଥିଲେ। ସହରରେ ୨୦ଟି ହୋଟେଲ, ଜଳଖିଆ ଦୋକାନକୁ ଚଢାଉ କରାଯାଇ ୨୦ହଜାର ଟଙ୍କା ଆଦାୟ ହୋଇଥିବା ଜଣାଯାଇଛି। ସେହିଭଳି ମେଡିକାଲ ତରଫରୁ ଓଆରଏସ୍ ଓ ଆବଶ୍ୟକୀୟ ଔଷଧ ଯୋଗାଇ ଦିଆଯାଉଥିବା କଥା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ଜଣାଯାଇଛି । ଝାଡା ବାନ୍ତି ଭଳି ସମସ୍ୟା ଦେଖାଦେଲେ ତୁରନ୍ତ ମେଡିକାଲରେ ଚିକିତ୍ସା କରାଇବାକୁ ପ୍ରଶାସନ ପକ୍ଷରୁ ଆହ୍ୱାନ ଦିଆଯାଇଛି।

## ପୁରାତନ ଛାତ୍ର ସଙ୍ଗଠନ ବାର୍ଷିକ ଉତ୍ସବ

ଭଦ୍ରକ,୧୬ ।୬(ସମିସ): ରଜ ଉତ୍ସବ ଅବସର ରେ ଭଦ୍ରକ ହାଇସ୍କୁଲର ପୁରାତନ ଛାତ୍ର ସଙ୍ଗଠନ ୭୪ ଡ୍ରିମ୍ସ ତାର ସପ୍ତଦଶ ବାର୍ଷିକ ଉତ୍ସବ ପାଳନ କରିଛି। ହାଇସ୍କୁଲ ସଭାଗୃହରେ ପୂର୍ବତନ ମନ୍ତ୍ରୀ ତଥା ସଙ୍ଗଠନର ସଭାପତି ମନେମାହନ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେର ଭଦ୍ରକ ହାଇସ୍କୁଲର ୧୯୬୨ ମସିହା ମାଟ୍ରିକ ବ୍ୟାଚର ଛାତ୍ର ତଥା ସୁନାମଧନ୍ୟ ଚିକିତ୍ସକ ତଥା ସାହିତ୍ୟକ ଡାକ୍ତର ଦୁର୍ଯ୍ୟୋଧନ ଦାସ ଯୋଗ ଦେଇଥିବା ବେଳ ଭଦ୍ରକ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ମିଲି ପରିଡ଼ା ଅନ୍ୟତମ ଅତିଥି ଭାବେର ଯେଗ ଦେଇଥିଲେ। ନିମନ୍ତ୍ରିତ ଅତିଥି ଭାବେ ବରିଷ୍ଠ ଚିକିତ୍ସକ ଡାକ୍ତର ପ୍ରଭାସ ମହାନ୍ତି, ଶିକ୍ଷକ ସତ୍ୟ ନାରାୟଣ ମଲ୍ଲିକ, ଶିକ୍ଷୟତ୍ରୀ ସୁଷମା ବେହରା ଓ ସ୍ୱର୍ଣ୍ଣପ୍ରଭା ପ୍ରଧାନଙ୍କ ସେମତ ପୁରତାନ ଛାତ୍ର ସଙ୍ଗଠନର ସଦସ୍ୟ ସୁଦର୍ଶନ ପଣ୍ଡା, ବିଜୟ ମହାନ୍ତି, ଜୟନାରାୟଣ ମହାନ୍ତି, ସୁଶାନ୍ତ ନାୟକ, ଇନ୍ଦ୍ରମଣି ପଣ୍ଡା ପ୍ରମୁଖ ସେମାନଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ। ସଙ୍ଗଠନର ସଂଯୋଜକ ଶିକ୍ଷାବିତ ସୌରେଶ ଚନ୍ଦ୍ର ମହାନ୍ତି ବାର୍ଷିକ ବିବରଣୀ ପ୍ରଦାନ କରିଥେଠିଲ। ସମାଜେସବୀ କିଶୋର ଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିବା ବେଳ ଅଧିବକ୍ତା ସରୋଜ ତପନ ଦାସ ମାନପତ୍ର ପାଠ କରିଥିଲେ। ଜିଲ୍ଲାସ୍ତରୀୟ ଚିତ୍ରକଳା ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଚିତ୍ରଶିଳ୍ପୀ ବିଭୂତି ସାହୁ ସହେଯାଗ କରିଥେଠିଲ। ଦିବସବ୍ୟାପି ଉତ୍ସବେର ବହୁ ସଦସ୍ୟ ଓ ମାନ୍ୟଗଣ୍ୟ ବ୍ୟକ୍ତି ତଥା ସଙ୍ଗଠନର ସଦସ୍ୟ ବିନଦା ପ୍ରସନ୍ନ ଦାସ, କଳ୍ପତରୁ ସାହୁ, ଶଙ୍କର୍ଷଣ ମହାନ୍ତି, ଗେଜନ୍ଦ୍ର ପଣ୍ଡା, ରାଜକେଶାର ପଣ୍ଡା, ବାଦଲ ବଳ, ବିନୟ ଭୂଷଣ ନାୟକ, ସୁଶାନ୍ତ ଜେନା, କାର୍ତିକ ମହାପାତ୍ର, ଚିତରଂଜନ ମହାନ୍ତି, କେ ହରିହର ରାଓ, ପ୍ରଦୀପ ମିଶ୍ର, ଗୋଲାମ ମୁସ୍ତୁଫା, ପ୍ରେମାଦ ପଣ୍ଡା, ଅଶ୍ୱିନୀ ଦାସ ପ୍ରମୁଖ ଯୋଗ ଦେଇ ଉତ୍ସବଟିକୁ ସଫଳ କରିଥିଲେ।




## ପୌରପାଳିକା ପକ୍ଷରୁ ରଜ ମହୋତ୍ସବ ପାଳିତ

ବାସୁଦେବପୁର,୧୬ ।୬(ସମିସ): ବାସୁଦେବପୁର ପୌରପାଳିକା ପକ୍ଷରୁ ସ୍ଥାନୀୟ ନୀଳମଣୀ ଟାଉନହଲରେ ରଜ ମହୋତ୍ସବ ପାଳିତ ହୋଇଯାଇଛି। ଗତ ୧୨ ତାରିଖ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମକୁ ପୌରାଧ୍ୟକ୍ଷା ନିବେଦିତା ବେହେରା ମୁଖ୍ୟଅତିଥି ଭୋବ ଯୋଗେଦଇ ଉଦଘାଟନ କରିଥିଲେ। ଆଜି ଉଦଯାପନ ଉତ୍ସବ ତଥା ପୁରସ୍କାର ବିତରଣେର ପୌର ନିର୍ବାହୀ ଅଧିକାରୀ ସୁଧାଂଶୁ ଶେଖର ସ୍ୱାଇଁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଦିଲୀପ ରାଉତରାଏ, ଅଧ୍ୟକ୍ଷା ଶ୍ରୀମତୀ ବେହେରାଙ୍କ ସେମତ ଉପାଧ୍ୟକ୍ଷ ଉତମ କୁମାର ବାରିକ ପ୍ରମୁଖ ଯୋଗେଦଇଥେଠିଲ। ଏହି କାର୍ଯ୍ୟକ୍ରମ ଜରିଅାରେ ହଜି ଯାଉଥିବା ରଜ ସଂସ୍କୃତିକୁ ଜାବୁଡି ଧରିବାକୁ ପ୍ରୟାସ କରୁଥିବା ପୌରପାଳିକାକୁ ଉଚ୍ଚ ପ୍ରଶଂସା କରିଥେଠିଲ। ଏହି ଅବସରେର ବିଶେଷ ଆକଷର୍ଣ ରହିଥିଲା ପୌରପାଳିକା ଅଞ୍ଚଳର ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠିର ମହିଳା ଓ ପିଲାମାନଙ୍କ ପୃଥକ ବିଭାଗ ଜରିଆରେ ପେପ୍ରଯାଗୀତାମାନ ଅନୁଷ୍ଠିର ହୋଇଥିଲା। ଏଥିସହିତ ତିଆରି କରି ଆଣିଥିବା ପିଠା, ମିଠା, ଗୁପଚୁପ ଓ ଖିଲିପାନ ପ୍ରଦଶର୍ନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିସହିତ ରଜ ଉତ୍ସବକୁ ଆହୁରି ସ୍ମରଣୀୟ କରିବା ପାଇଁ ଦୋଳିେର ଝୁଲିବା ସହିତ ଉପସ୍ଥିତ ସହରବାସୀଙ୍କୁ ମିଠା ପିଠା ଆଦି ବଣ୍ଟନ କରିଥେଠିଲ। ତାସହିତ ପିଲାମାନଙ୍କ ମଧ୍ୟେର ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ୨ଦିନ ଧରି ଚାଲିବାକୁ ରଜ ମେହାତ୍ସବର ପ୍ରଥମ ଦିବସେର ମ୍ୟୁଜିକ ଚେୟାର ସେମତ ପୁଚି,ଝୋଟି ଆଦି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଆଜି ସମସ୍ତ କୃତି ପ୍ରତିେଯାଗୀମାନଙ୍କୁ ପୌରପାଳିକା ଦ୍ୱାରା ପୁରସ୍କୃତ କରା ଯାଇଥେଠିଲ। ଏହି କାର୍ଯ୍ୟକ୍ରମେର ସମାଜସେବୀ ଶୁେଭନ୍ଦୁ ଭୂଷଣ ବେହେରାଙ୍କ ସେମତ କାଉଁସିଲର ଜଗବନ୍ଧୁ ଦାସ ଓ ବହୁମାନ୍ୟଗଣ୍ୟ ବ୍ୟକ୍ତି, ବିଭିନ୍ନ ୱାଡର୍ର କାଉନସିଲର ଓ ପୌର କମର୍ଚାରୀମାେନ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ହଇଜା ପାଇଁ ବ୍ଲକ ପ୍ରଶାସନ ପ୍ରସ୍ତୁତି ବୈଠକ

ଭଦ୍ରକ,୧୬ ।୬(ସମିସ): ଆଜି ତିହିଡି ବ୍ଲକ କନଫରେନ୍ସ ହଲ ପରିସରରେ ହଇଜା ସଂକ୍ରମଣ ପ୍ରତିରୋଧ ତଥା ନିରାକରଣ ପାଇଁ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ପ୍ରସ୍ତୁତି ବୈଠକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିରଞ୍ଜନ ବାରିକ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ତିହିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଧିକାରୀ, ପାନୀୟ ଜଳ ବିଭାଗର ଅଧିକାରୀ, ବିଭିନ୍ନ ବିଭାଗର ବ୍ଲକସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। କେମିତି ତିହିଡି ବ୍ଲକରେ ଝାଡ଼ାବାନ୍ତି ରୋକାଯାଏ ପାରିବ ଆଲୋଚନା ହୋଇଥିଲା।

## ବାର୍ ଆକ୍ରମଣ ଅଭିଯୋଗରେ ମାମଲା ରୁଜୁ

ଭଣ୍ଡାରିପୋଖରୀ,୧୬।୬(ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ଛତାବର ସ୍ୱରାଜ ଆଣ୍ଡ ବାରରେ ଦଳଗତ ଆକ୍ରମଣ ଅଭିଯୋଗରେ ମାମଲା ରୁଜୁ ହୋଇଛି। ବାରର ବିକ୍ରୟ କର୍ମଚାରୀ ହରିହର ପରିଡାଙ୍କ ଅଭିଯୋଗ ଅନୁଯାୟୀ ଗତ ରବିବାର ଦିନ ୧୨ଟା ସମୟରେ ଯାଜପୁର ମୋଟରଙ୍ଗାପାଳ ଗ୍ରାମର ବଳରାମ ମହାଳିକ ଓ ଅନ୍ୟ ୪ ଜଣ ଓଡି ୦୫ ବି ଏଲ ୪୦୪୦ କାରରେ ଆସି ମଦ୍ୟପାନ କରି ଅର୍ଥ ପୈଠ କରିନଥିଲେ। କର୍ମଚାରୀ ହରିହର ଅର୍ଥ ଦାବି କରିବାକୁ ସଂପୃକ୍ତ ଯୁବକମାନେ ଆକ୍ରମଣ କରିବା ସହ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରି ଫେରି ଯାଇଥିଲେ। ପୁନଶ୍ଚ ଦିନ ୨.୩୦ମି. ସମୟରେ ବଳରାମ ମହାଳିକ ପ୍ରାୟ ୧୫ ଜଣଙ୍କ ସହ ବାଡି, ଲୁହାରଡ ଆଦି ଧରି ବାରକୁ ଆସୁଥିବା ଦେଖି କର୍ମଚାରୀମାନେ ସଟର ପକାଇ ଦେଇଥିଲେ। ମାତ୍ର ସେମାନେ ବାରକୁ ପଥର ଫୋପାଡିବା ସହ ସିସିଟିଭି କ୍ୟାମେରା ଭାଙ୍ଗିଦେଇଥିଲେ। ବାର ମାଲିକ କମଳେଶ ସିଂଙ୍କ ଓଆର ୧୯ ଏ ୦୫୯୯ ଚାରିଚକିଆ ଗାଡି, ଓଡି ୩୪ ଏଲ ୧୨୧୧ ଓ ଓଡି ୩୪ ଏଲ ୨୧୩୪ନଂ ବାଇକ ଦୁଇକୁ ପିଟି ଭାଙ୍ଗି ପକାଇଥିଲେ। ଅଭିଯୋଗ ଆଧାରରେ ଥାନାରେ ବଳରାମ ମହାଳିକ ଓ ଅନ୍ୟ ୧୫ ଜଣଙ୍କ ନାମରେ ୨୯୬/୨୫ନଂ ମାମଲା ରୁଜୁ ହୋଇଥିବା ଜଣାଯାଇଛି।

# ତିହିଡ଼ି ଯୁବମଞ୍ଚ ପକ୍ଷରୁ ରଜ ମହୋତ୍ସବ ଉଦ୍‌ଯାପିତ



ତିହିଡି,୧୬ ।୬(ସମିସ):ଅଗ୍ରଣୀ ସାମାଜିକ ସଂଗଠନ ତିହିଡ଼ି ଯୁବମଞ୍ଚ ପକ୍ଷରୁ ତିହିଡ଼ି ଟାଉନ ହଲରେ ଅନୁଷ୍ଠିତ ହେଉଥିବା ୨ଦିନିଆ ଦଶମ ବାର୍ଷିକ "ରଜ ମହୋତ୍ସବ' ଉଦଯାପିତ ହୋଇଯାଇଛି। ପ୍ରଥମ ଅଧିବେସନରେ ସମାଜସେବଙ୍କୁ ନେଇ ଏକ ଆଲୋଚନା ଚକ୍ର ଶୀର୍ଷକ "ସେବା, ସମସ୍ୟା, ଆଳାପ ପର୍ଯ୍ୟାୟ କ୍ରମେ ୨ଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା। ସଞ୍ଚାଳକ ଭାବେ ସଂଗଠନର ଓ କବି ବିପ୍ଳବ ରଞ୍ଜନ ପତି ମଞ୍ଚ ସଞ୍ଚାଳନ କରିଥିବା ବେଳେ ସଦସ୍ୟ ସୁବ୍ରତ ମିଶ୍ର ମଞ୍ଚ ଆହ୍ୱାନ କରିଥିଲେ। ସମାଜସେବୀ ମାନଙ୍କ ମଧ୍ୟରେ ବିସ୍ମୟ ବିହାରୀ ସାହୁ, ଧୀରେନ୍ଦ୍ର ସାହୁ ରାଜୀବ କୁମାର ନାୟକ, ଧ୍ରୁବ ଚରଣ ପାଣିଗ୍ରାହୀ, ଜ୍ୟୋତିର୍ମୟ ପାଣ୍ଡବ, ଖଗେଶ୍ୱର ତ୍ରିପାଠୀ, କାହ୍ନୁ ଚରଣ ଶତପଥୀ, ରଞ୍ଜୁଲତା ଗାହାଣସୁଶାନ୍ତ ସାହୁ, ସତ୍ୟ ନାରାୟଣ ସାବତ, ଉମାକାନ୍ତ ସାହୁ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସ୍ୱେଚ୍ଛାସେବୀଙ୍କୁ ସମ୍ବର୍ଦ୍ଧିତ କରାଯାଇ ଉତ୍ସାହିତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ବରିଷ୍ଠ ବର୍ଗରେ ସରୋଜିନୀ ପାଣିଗ୍ରାହୀ ପ୍ରଥମ, ସାଇ ସୁକନ୍ୟା ମହାନ୍ତି ଦ୍ୱିତୀୟ, ପ୍ରଜ୍ଞା ପାରମିତା ପଲାଇ ଏବଂ ସତ୍ୟବ୍ରତ ପଲାଇ ତୃତୀୟ ହୋଇଥିବାବେଳେ କନିଷ୍ଠ ବର୍ଗରେ ପ୍ରାଚୀ ପ୍ରୟାସୀ ନାୟକ ପ୍ରଥମ, ସୌମ୍ୟାରାଣୀ ନାୟକ, ତ୍ରିସା କୁଣ୍ଡ ଦ୍ୱିତୀୟ, ସଂପୂର୍ଣ୍ଣା ନାୟକ, ଶୁଭଶ୍ରୀ ଦାସ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅତିଥିମାନଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ପ୍ରେରଣା ପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ସଭାପତି କୈଳାସ ବେହେରା ସଭା ସଞ୍ଚାଳନ କରିଥିଲେ, ସମ୍ପାଦକ ନିରଞ୍ଜନ ବାରିକ ବିବରଣୀ ପ୍ରଦାନ କରିଥିଲେ। ବିଚାରିକା ଭାବେ ବିଶିଷ୍ଟ ନୃତ୍ୟ ପ୍ରଶିକ୍ଷିକା ପ୍ରଗତିକା ଦାସ, ବିଚାରକ ଶ୍ରୀକାନ୍ତ ସମଲ ଉପସ୍ଥାପିକା ବନ୍ଦେ ବିଶ୍ୱେଶ୍ୱରୀ ଦାସ, ସଂଯୋଜକ ନୀଳମାଧବ ସେନାପତି ପ୍ରମୁଖ କୃତି ପ୍ରତିଯୋଗୀଙ୍କୁ ପ୍ରେରଣା ପତ୍ର ଟ୍ରଫି ପ୍ରଦାନ ପୂର୍ବକ ଉତ୍ସାହିତ କରିଥିଲେ। ସଂଗଠନ ପକ୍ଷରୁ ରେଣୁବାଳା ନାଥ, ଦିଲ୍ଲୀପ ପତି ଜିତେନ୍ଦ୍ର ନାୟକ, ସୟଦ ରଫିକ, ସୌମ୍ୟଗୋପାଳ ନାୟକ, ଅଜିତ ଜେନା, ଅଲେଖ ବଳ, ନିଳାମ୍ବର ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

● ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିର

## ୭୫ ଜଣଙ୍କ ଅଭିଯୋଗ ଆଗତ



ଧାମନଗର,୧୬ ।୬(ସମିସ): ଧାମନଗର ପଞ୍ଚାୟତ ସମିତି କେନ୍ଦ୍ରୀୟ ସଭାଗୃହରେ ଜିଲ୍ଲାପାଳ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତଙ୍କ ସଂଚାଳନାରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଆଜି ପୂର୍ବାହ୍ନ ୧୦ଟା ଠାରୁ ଆରମ୍ଭ ହୋଇଥିଲା ବେଳେ ଏଥିରେ ମୋଟ ୭୫ ଜଣଙ୍କ ଠାରୁ ବିଭିନ୍ନ ଆପତ୍ତିଜନକ ଅଭିଯୋଗ ହୋଇଥିଲା। ଏହ ଶିବିରରେ ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସମ୍ବିତ କୁମାର ମାଝୀ, ଧାମନଗର ବିଡିଓ ବନବିହାରୀ ଦିନ୍ଦା, ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ ହୋଇ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ତ୍ତ ବିଭାଗ ଏସ୍‌ସି ଦେବୀ ପ୍ରସାଦ ଘୋଷ, ବ୍ଲକ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ସାହୁ,ଏବିଇଓ ଭୀମସେନ ହୋ, ବ୍ଲକ କୃଷି ଅଧିକାରିଣୀ ଅନୁରାଧା ପଣ୍ଡା, ଉଦ୍ୟାନ ବିଭାଗ ଅଧିକାରୀ କୁଞ୍ଜ ବିହାରୀ ମିଶ୍ର,ଫରେଷ୍ଟର ରାଜକିଶୋର ନାୟକ,ରାଜସ୍ୱ ପରିଦର୍ଶକ ଗିରୀଶ ଚନ୍ଦ୍ର ନାୟକ, ଧର୍ମପଦ ସାହୁ, ରାଜେଶ ମାଝୀ,ୟ ପ୍ରମୁଖ ଏହି ଶିବିରରେ ଯୋଗ ଦେଇ ଜନଅଭିଯୋଗ ଶୁଣାଣି କାର୍ଯ୍ୟରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ। ସାମାଜିକ ସୁରକ୍ଷା ଯୋଜନାରେ ବ୍ଲକ ତରଫରୁ ୨ଜଣ ଭିନ୍ନକ୍ଷମ ବ୍ୟକ୍ତି ମାନଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଛି। ଅନ୍ୟ ମାନଙ୍କ ମଧ୍ୟରେ ଧାମନଗର ଆଇଆଇସି ଗୋପାଳ କୃଷ୍ଣ ଜେନା,ଏନ୍‌ଏସି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ, ଜିଲ୍ଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା, ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ପିଏଚଡି ଏସ୍‌ଡିଓ ମଧୁସୂଦନ ସିଂହ, କନିଷ୍ଠ ଯନ୍ତ୍ରୀ ସୁଶାନ୍ତ କୁମାର ସ୍ୱାଇଁ,ଜଳ ସମ୍ପଦ ବିଭାଗର ଏସଡିଓ କିଶୋର ଚନ୍ଦ୍ର ଦାସ, ଆରଡି ଜେଇ ମନୋରଞ୍ଜନ ମହାପାତ୍ର, ବିଦ୍ୟୁତ ବିଭାଗ ଏସ୍‌ସି ଶ୍ରୀକାନ୍ତ ପାଢ଼ୀ, ଧାମନଗର ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ସ୍ୱାସତ କୁମାର ନନ୍ଦୀ, ବ୍ଲକ ସହକାରୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ହେମ୍ବ୍ରମ, ଏନଏସି ସହକାରୀ ଯନ୍ତ୍ରୀ ବଳରାମ ମହାନ୍ତି, ବ୍ଲକ ଯୋଗାଣ ଅଧିକାରୀ ରସାନନ୍ଦ ସାହୁ, ବ୍ଲକ ମୁଖ୍ୟ କିରାଣି କତନ ସିଂ, ବ୍ଲକ କୋଷାଧ୍ୟକ୍ଷ ଅରୁଣ କୁମାର ବସନ୍ତିଆ, ପିୟୁଷ ରଞ୍ଜନ ରାଉତଙ୍କ ସହ ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ବିଭାଗୀୟ ଅଧିକାରୀ ଏହି ଶିବିରରେ ଉପସ୍ଥିତ ରହି ଆବଶ୍ୟକ ମତେ ତଥ୍ୟ ଉପସ୍ଥାପନ କରିଥିଲେ।

## ସର୍ପ ଦଂଶନରେ ମହିଳା ମୃତ

ଭଣ୍ଡାରିପୋଖରୀ,୧୬।୬(ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ପଞ୍ଚାୟତ ଖଡ଼ିସିଙ୍ଗା (ମଣାଗଡିଆ) ଗ୍ରାମରେ ସର୍ପଦଂଶନରେ ଜନୈକ ମହିଳା ମୃତ୍ୟୁବରଣ କରିଥିବା ଜଣାଯାଇଛି। ଗ୍ରାମର ଶଙ୍କର୍ଷଣ ସେନାପତିଙ୍କ ପତ୍ନୀ ମାନସୀ(୪୨) ମଙ୍ଗଳବାର ରାତ୍ରରେ ଶୋଇଥିବା ବେଳେ ୧୧ଟା ବେଳେ ସର୍ପ ଦଂଶନ କରିଥିଲା। ପରିବାର ଲୋକେ ତୁରନ୍ତ ଯାଜପୁର ମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପରେ ସୋମବାର ଗ୍ରାମ ଶ୍ମଶାନରେ ଶୋକାକୂଳ ପରିବେଶରେ ସତ୍କାର କରାଯାଇଥିଲା।

## ଆର୍ଯ୍ୟବ୍ରତଙ୍କୁ ବ୍ରୋଞ୍ଜ ପଦକ



ବାରିକପୁର,୧୬ ।୬(ସମିସ): ପୁଣି ଚମକିଛନ୍ତି ଭଣ୍ଡାରି ପୋଖରୀ ବ୍ଲକ ମହେଶପୁର ଗ୍ରାମର ସମାଜସେବୀ ଉତ୍କଳକେଶରୀ ବିଶ୍ୱାଳଙ୍କ ସୁପତ୍ର ଆର୍ଯ୍ୟବ୍ରତ ଆର୍ଯ୍ୟବ୍ରତ। ସୂଚନା ମୁତାବକ ଉତରାଖଣ୍ଡ ଡେରାଡୁନ ଠାରେ ଯୁବ କନିଷ୍ଠ ଓ ଉପ କନିଷ୍ଠ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉକ୍ତ ପ୍ରତିଯୋଗିତାରେ ଓଡିଶା ଟିମ୍ ଦଳଗତ ଭାବେ ୯ ଗୋଟି ପଦକ ହାସଲ କରିଛି। ତନ୍ମଧ୍ୟରୁ ଆର୍ଯ୍ୟବ୍ରତ କନିଷ୍ଠ ବାଳକ ୬୮ କେଜି ଫାଇଟିଙ୍ଗ ରେ ଅଂଶଗ୍ରହଣ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଆୟୋଜକ କମିଟି ପକ୍ଷରୁ ତାଙ୍କୁ ମାନପତ୍ର ସହିତ ପଦକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜଣା ଯାଇଛି। ପଞ୍ଚାୟତ ସହିତ ଗାଁ ସାହି ପଡିଶା ଓ ସହପାଠୀ ତଥା ସାଙ୍ଗସାଥୀ ମାନେ ଯୁବ ପ୍ରତିଭା ସମ୍ପନ୍ନ ଆର୍ଯ୍ୟବ୍ରତଙ୍କୁ ସ୍ୱାଗତ ଜଣାଇଛନ୍ତି।

## ଭଦ୍ରକରେ ବିଶ୍ୱ କର୍ଦ୍ଦମ ଦିବସ ପାଳିତ




ଭଦ୍ରକ,୧୬ ।୬(ସମିସ): ପ୍ରତିଷ୍ଠିତ ମାନବାଧିକାର କର୍ମୀ ତଥା ସର୍ବୋଚ୍ଚ ନ୍ୟାୟାଳୟର ଆଇନଜୀବୀ ରାଧାକାନ୍ତ ତ୍ରିପାଠୀ ସ୍ମୃତି କମିଟି ଆନୁକୂଲ୍ୟରେ ଭଦ୍ରକ ସହର ସାହାପୁର ସାଳନ୍ଦୀ ନଦୀ କୂଳରେ ବିଶ୍ୱ କର୍ଦ୍ଦମ ଦିବସ ପାଳିତ ହୋଇଯାଇଛି। ପଞ୍ଚ ଭୂତରେ ଗଢ଼ା ଶରୀର ନିମନ୍ତେ ମାଟି, ପାଣି, ପବନର ବେଶ ଗୁରୁତ୍ୱ ରହିଛି। ଜୀବ ଜଗତର ଦୈନିକ ଆବଶ୍ୟକତାର ଏକ ମୁଖ୍ୟ ଅଂଶ ମାଟି। ଏହାର ଗୁରୁତ୍ୱ ଉପଲବ୍ଧି କରି ସର୍ବୋଚ୍ଚ ନ୍ୟାୟାଳୟ ଅଧିବକ୍ତା, ପରିବେଶବିତ୍ ରାଧାକାନ୍ତ ତ୍ରିପାଠୀ ଆଜିର ଦିନ ଜୁନ୍ ୧୬ ତାରିଖକୁ ବିଶ୍ୱ କର୍ଦ୍ଦମ ଦିବସ ଭାବରେ ପାଳନ କରି ଆସୁଥିଲେ। ଚଳିତ ବର୍ଷ ତାଙ୍କ ଅବର୍ତମାନରେ ଭଦ୍ରକର ପ୍ରକୃତିପ୍ରେମୀମାନେ ଏହାକୁ ସାହାପୁର ହନୁମାନ ମନ୍ଦିର ପାଖ ସାଳନ୍ଦୀ ନଦୀ କୂଳରେ ପାଳନ କରିଛନ୍ତି। ପ୍ରଥମେ ସ୍ୱର୍ଗତ ତ୍ରିପାଠୀଙ୍କର ଅମର ଆତ୍ମାର ସଦ୍‌ଗତି ଉଦ୍ଦେଶରେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ଦେହରେ କାଦୁଅ ବୋଳି ହୋଇ ସମଗ୍ର ଜୀବଜଗତ ପାଇଁ ଆଦ୍ର ମାଟିର ଆବ ସମ୍ପର୍କରେ ଉପସ୍ଥିତ ବ୍ୟକ୍ତିମାନେ ଆଲୋଚନା କରିଯାଇଥିଲା। ଏହାର ପ୍ରଦୂଷଣ ରୋକିବା ପାଇଁ ଉକ୍ତ ଦିବସ ପାଳନ ଅବସରରେ ସମାଜସେବୀ ଜଗନ୍ନାଥ କରଙ୍କ ଆବାହତ୍ୱରେ ନିରଞ୍ଜନ ସଠୀ, ମନୋଜ ପଣ୍ଡା, ସରୋଜ ପାଣିଗ୍ରାହୀ, ରବି ସିଂ, କାଳନ୍ଦୀ ମଲିକ୍, ସତ୍ୟରଞ୍ଜନ ସେଠୀ, ସାଇରଞ୍ଜନ ସେଠୀ, ଅଚ୍ୟୁତାନନ୍ଦ କର, ଦେବବ୍ରତ କର, ଉପାସନା ପାଣିଗ୍ରହୀ, ପ୍ରକାଶ କୁମାର, ମାନସ, ମଳୟ, ସୁନନ୍ଦ ଉପସ୍ଥିତ ରହି ଆଜି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମାଟିର ସୁରକ୍ଷା ପାଇଁ ସଂକଳ୍ପ ନେଇଥିଲେ।

**ସ୍କୁଲ ଖୋଲିବାକୁ ୪ ଦିନ ବାକି**

# ପରିସର ପାଲଟିଛି ସରୀସୃପଙ୍କ ଆଡ୍ଡାସ୍ଥଳୀ



**ବାରିକପୁର, ୧୬।୬(ସମିସ)**

ଗୁଣାତ୍ମକ ଭାବେ ପ୍ରାଥମିକ ଶିକ୍ଷାର ସର୍ବାଙ୍ଗୀନ ବିକାଶ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଶିକ୍ଷାଦାନକୁ ଛାଡିଦେଲେ ସୁଦୃଢ ଭିତିଭୂମି, ସୁରକ୍ଷିତ ଶ୍ରେଣୀ ଗୃହ ଓ ଶୈକ୍ଷିକ ସୁନ୍ଦର ଆକର୍ଷଣ ଯୁକ୍ତ ପରିବେଶ ଉପରେ ପ୍ରାଥମିକ ଭାବେ ଗୁରୁତ୍ୱ ଦିଆ ଯାଇଛି। ପରିତାପର ବିଷୟ ଆଜିଓ ସୁଧା ଅନେକ ପ୍ରାଥମିକ ବିଦ୍ୟାଳୟ ଅତି ଜରାଜୀର୍ଣ୍ଣ ଏବଂ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଯେଉଁଠି ଛୋଟ ଛୋଟ ପିଲାଙ୍କ ଭବିଷ୍ୟତକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନା ମୁତାବକ ଭଣ୍ଡାରିପୋଖରୀ ବ୍ଲକ ଝୁଟଣା ପଞ୍ଚାୟତ ଆମ୍ବଗଡ଼ିଆ ପ୍ରାଥମିକ ବିଦ୍ୟାଳୟଟି ଅନେକ ବର୍ଷ ଧରି ବିପଦ ସଙ୍କୁଳ ଭାବେ ରହିଛି। ବୈତରଣୀ ବନ୍ଧ ପାର୍ଶ୍ୱରେ ଥିବା ଉକ୍ତ ବିଦ୍ୟାଳୟରେ ବରହମପୁର ଓ ଓଳା ଗ୍ରାମର ପ୍ରାୟ ୫୦ରୁ ଅଧିକ ଛାତ୍ର ଛାତ୍ରୀ ଅଧ୍ୟନ କରୁଛନ୍ତି। ଏହାଛଡା ଏଠାରେ ଥିବା ଏକ ଅଙ୍ଗନବାଡ଼ି କେନ୍ଦ୍ରରେ ମଧ୍ୟ ୨୦ରୁ ଅଧିକ ପିଲାଙ୍କୁ ଚିତ ବିନୋଦନ ଶିକ୍ଷା ଦିଆ ଯାଉଛି। ସ୍କୁଲ ପାଇଁ ପ୍ରଧାନ ଶିକ୍ଷକ ଙ୍କ ସମେତ ଜଣେ ସହକାରୀ ଶିକ୍ଷକ ଏଠାରେ ନିଯୁକ୍ତ ହୋଇଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ପ୍ରାୟ ୪୦ ବର୍ଷରୁ ଅଧିକ ହେବ ଏହି ବିଦ୍ୟାଳୟକୁ ଏଯାଏଁ ଅତ୍ୟାଧୁନିକ ଭାବେ ନିର୍ମାଣ କରା ଯାଇନାହିଁ।ସେଇ ପୁରୁଣା ଦୁଇ ଗୋଟି କୋଠରିରେ ବସି କୁନିକୁନି ପିଲାମାନେ ଶିକ୍ଷା ଗ୍ରହଣ କରୁଛନ୍ତି। ଯାହା କେବଳ ଦଶ ପନ୍ଦର ବର୍ଷ ପୂର୍ବେ ଅଳ୍ପ କିଛି ମାତ୍ରାରେ ମରାମତି ହୋଇଥିଲା। ଏତକ ଛାଡି ଦେଲେ ଏଯାଏଁ କୌଣସି ନୂତନ ଗୃହ ନିର୍ମାଣ ହୋଇନାହିଁ। ଅତି ବିପଦ ସଙ୍କୁଳ ଅବସ୍ଥାରେ ପୁରାତନ ଗୃହରେ ବସି ପିଲା ମାନେ ପାଠ ପଢୁଛନ୍ତି। ସ୍କୁଲ ପରିସରରେ ଥିବା ଶୌଚାଳୟ, ପାନୀୟ ଜଳ, ବିଦ୍ୟୁତ୍ ବ୍ୟବସ୍ଥା କଥା ନକହିବା ଭଲ। ବିଦ୍ୟାଳୟ ମୁଖ୍ୟ ଫାଟକ ଦିନକୁ ଦିନ ଦୁର୍ବଳ ହେଉଥିବା ବେଳେ ଏହା କେତେବେଳେ ଯେ ଭୁଷୁଡି ପଡ଼ିବ କହି ହେଉନାହିଁ। ସ୍କୁଲ ପରିସରଠୁ ଆରମ୍ଭ କରି ପାଇଖାନା ଓ ରୋଷେଇ ସ୍ଥାନ ଯାଏଁ ଛୋଟ ଛୋଟ ଗଛ ଲତା ରେ ଭର୍ତିର୍ ହୋଇ ଯାଇଛି। ଏଠାରେ ସରିସୃପ ବସା ବାନ୍ଧିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଭଳି ବିପଦପୂର୍ଣ୍ଣ ବିଦ୍ୟାଳୟ ଭିତିଭୂମି ସମ୍ପର୍କରେ ପୂର୍ବରୁ ଗ୍ରାମବାସୀ ମାନେ ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ଦୁଃଖର ବିଷୟ ଆଜି ଯାଏଁ ଏହା ଉପରେ କେହି ଦୃଷ୍ଟି ଦେଉନାହାନ୍ତି। ରାତି ପାହିଲେ ସ୍କୁଲ ଖୋଲିବ। ତେଣୁ ବିପଦ ପୂର୍ଣ୍ଣ ଭାବେ କେଉଁ ଭଳି ପିଲା ମାନେ ସ୍କୁଲ ପରିସରକୁ ପ୍ରବେଶ କରିବେ ତାକୁ ନେଇ ଅଭିଭାବକ ମହଲରେ ଚିନ୍ତା ବଢ଼ିଛି। ଏସମ୍ପର୍କରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଧିର କୁମାର ତରାଇଙ୍କ ମତାମତ ନେବାରୁ କ'ଣ ହୋଇଛି ସେ ଦେଖିବେ ବୋଲି କହିଛନ୍ତି।

# ସରକାରଙ୍କ ନିୟମକୁ ମାନୁନାହାନ୍ତି ବିଜେପି ନେତା

**ଦଶରଥପୁର, ୧୬।୬ (ସମିସ):** ଯାଜପୁର ଜିଲ୍ଲାରେ ପ୍ରତିଦିନ ବଢ଼ିବାକୁ ଲାଗିଛି ହଇଜା ରୋଗ, ଏଥିପାଇଁ ଜିଲ୍ଲା ପ୍ରଶାସନର ମୁଣ୍ଡ ବ୍ୟଥାର କାରଣ ସାଜିଲାଣି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା, ବ୍ଲକ ପ୍ରଶାସନ ଏବଂ ସରକାରଙ୍କ ତରଫରୁ ଭୋଜି ଭାତକୁ ବାରଣ କରାଯାଇଥିବା ବେଳେ ସରକାରୀ ଦଳର ନେତା ଏହାକୁ ମାନିବାକୁ ପ୍ରସ୍ତୁତ ନୁହଁନ୍ତି। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ପୂର୍ବତନ ଜିଲ୍ଲା ସଭାପତି ତଥା ବିଜେପି ଯାଜପୁର ବିଧାୟକ ପ୍ରାର୍ଥୀ ଗୌତମ ରାୟଙ୍କ କ୍ଷେତ୍ରରେ। ସେ ଏନେଇ ବେଫିକର, ସରକାରଙ୍କ ନିୟମକୁ ପାଦରେ ଦଳି ଚକଟି ଆଡେଇ ଦେଇ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଭୋଜି ଭାତର ଆୟୋଜନ କରି ପାଳନ କରୁଛନ୍ତି ରଜ ମହୋତ୍ସବ। ହଇଜାରେ ସାଧାରଣ ଲୋକ କଲ ବଲ ହେଉଥିବା ବେଳେ ଗୌତମ ପାଳୁଛନ୍ତି ରଜ ମହୋତ୍ସବ। ବଢୁଥିବା ମହାମାରୀକୁ କାବୁ କରିବାକୁ ଜିଲ୍ଲା ଓ ବ୍ଲକ ପ୍ରଶାସନ ଏବଂ ରାଜ୍ୟ ସରକାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେଉଥିବା ବେଳେ ଗୌତମ ରାୟ କିନ୍ତୁ ଭୋଜି ଭାତରେ ମସଗୁଲ ହୋଇ ସାଧାରଣ ଜନତାଙ୍କ ସ୍ୱାସ୍ଥ୍ୟ ତଥା ଜୀବନକୁ ବିପଦରେ ପକାଉଥିବା ଦେଖିବାକୁ ମିଳୁଛି। ସୂଚନା ଅନୁଯାଇ ଗୌତମ ରାୟ ମହତାବ ସରକାରୀ ଉଚ୍ଚ ବିଦ୍ୟାଳୟରେ ପୁରାତନ ଛାତ୍ର ସମ୍ମିଳନୀରେ ଯୋଗ ଦେଇ ଭୋଜି ଭାତ କରି ଜିଲ୍ଲା ପ୍ରଶାସନର ନିଦ୍ଦେଶକୁ ଫୁ କରି ଦେଇଥିବା ଦେଖିବାକୁ ମିଳିଛି। ଜିଲ୍ଲା ତଥା ବ୍ଲକ ଅଞ୍ଚଳରେ ଏପରି ଭାବେ ଏହି ମହାମାରି ବ୍ୟାପୁଥିବା ବେଳେ ସରକାରୀ ବିଦ୍ୟାଳୟ ମାନଙ୍କରେ କିପରି ଭାବେ ଭୋଜି ଭାତର ଆୟୋଜନ କରା ଯାଇଛି ଏବଂ ସରକାରୀ ଦଳର ନେତା ମାନେ ଏଥିରେ ଯୋଗ ଦେଇଛନ୍ତି ସାଧାରଣରେ ଆଲୋଚନା ହେଉଛି।





# ଚାନ୍ଦବାଲି ଗାଁ ଗାଁରେ ଚୋରା ମଦର ବନ୍ୟା

**ଭଦ୍ରକ, ୧୬।୬(ସମିସ):** ଭଦ୍ରକ ଜିଲ୍ଲା ଚାନ୍ଦବାଲି ଅଞ୍ଚଳ ରେ ଗାଁ ଗାଁ ରେ ଚୋରା ମଦ ର ବନ୍ୟା ଦେଖିବାକୁ ମିଳୁଛି। ଚାନ୍ଦବାଲି ଏନ ଏସି ହେଉ ଅବା ପଞ୍ଚାୟତ ରେ ଚୋରା ମଦ ମାଫିଆମାନେ ଖୋଲାଖୋଲି ଭାବେ ଚୋରା ମଦ ବିକ୍ରି କରୁଛନ୍ତି। ଗାଁ ଗହଳି ରେ ଯୁବ ଗୋଷ୍ଠୀ ପଥଭ୍ରଷ୍ଟା ହେବାକୁ ଲାଗିଲାଣି। ଚୋରା ମଦ ପାଇଁ ପରିବାରେ କଳି ଅଶାନ୍ତି ନିୟମିତ ଲାଗି ରହୁଥିବା ପ୍ରାୟ ଦେଖିବାକୁ ମିଳୁଛି। ଏପଟେ ଲୋକଙ୍କ ସରକାର ନିଶାମୁକ୍ତ ଅଭିଯାନ ର ରଥ ଗାଁ ଗାଁ ରେ ବୁଲିବାକୁ ପ୍ରୟାସ କରିଥିବା ବେଳେ ଚାନ୍ଦବାଲି ରେ ମଧ୍ୟ ଜିଲ୍ଲା ପ୍ରଶାସନ ଓ ଅବକାରୀ ବିଭାଗ ପକ୍ଷରୁ ନିଶାମୁକ୍ତ ଅଭିଯାନ ରଥ ମଧ୍ୟ ବାହାରି ସାରିଛି। ତେବେ ଚାନ୍ଦବାଲି ଗଳିକନ୍ଦିରେ କେଉଁଠି ଚୋରା ମଦ ବିକ୍ରି ହେଉଛି। ଏସବୁ ବାବଦରେ ଭଲଭାବେ ଜାଣିଶୁଣି ଚୁପ ରହିଛି ଅବକାରୀ ଓ ପୁଲିସ ବିଭାଗ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି। ଚୋରା ମଦ ମାଫିଆ ଓ ଅବକାରୀ ବିଭାଗ ମଧ୍ୟରେ କି ପ୍ରକାରର ମଧୁ ଚନ୍ଦ୍ରିକା ତାହା ସାଧାରଣ ରେ ଚର୍ଚ୍ଚା ଚାଲିଛି। ବିଶେଷ କରି ଚାନ୍ଦବାଲି, ମହୁଲିଆ, ଚଡଦିଆ, ମତୋ, ନଳଗୋହିରା, ମାଧପୁର, କୃଷ୍ଣପୁର, ଦିଗଛିଆ, ବଇଦପୋଖରି, ଯଶିପୁର, ଘଣ୍ଟେଶ୍ୱର, ଖେରଙ୍ଗ ସମସ୍ତ ସ୍ଥାନରେ ଚୋରା ମଦର ବନ୍ୟା ଦେଖିବାକୁ ମିଳୁଛି। ରାଜ୍ୟ ସରକାରଙ୍କ ପକ୍ଷରୁ ନିଶା ମୁକ୍ତ ରଥ ବୁଲି ସାଧାରଣ ଲୋକ ମାନଙ୍କୁ ସଚେତନ କରାଇବା କାର୍ଯ୍ୟକ୍ରମ ଥିବାବେଳେ ଚାନ୍ଦବାଲି ରେ ତାହା ସମ୍ପୂର୍ଣ୍ଣ ଓଲଟା ଦେଖିବାକୁ ମିଳିଛି। ଚାନ୍ଦବାଲି ଅବକାରୀ ବିଭାଗ ର କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ କି ଏହି ବିଭାଗର କିଛି ଅସ୍ତିତ୍ୱ ନାହିଁ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି। ଚୋରା ମଦ ମାଫିଆମାନେ ଗୋଟିଏ ବୋତଲ ଉପରେ ଦୁଇଗୁଣା ଦାମ ନେଉଥିବା ଦେଖିବାକୁ ମିଳିଛି। ପ୍ରତିବାଦ କଲେ ଅଶ୍ଳୀଳ ଭାଷାରେ ଗାଳି ସାଙ୍ଗକୁ ମାଡ ମାରିବାକୁ ପଛାଉ ନାହାନ୍ତି ବୋଲି ଅଭିଯୋଗ ହେଉଛି।

# ବାଲିଘାଟ ବନ୍ଦ ନେଇ ଜାରି ହେଲା ନିର୍ଦ୍ଦେଶନାମା

**ହାଟଡ଼ିହୀ,୧୬।୬(ସମିସ):** ହାଟଡ଼ିହୀ ଅଞ୍ଚଳର ସମସ୍ତ ବାଲିଘାଟ ସହ ଆନନ୍ଦପୁର ଉପଖଣ୍ଡ ଏବଂ ସମଗ୍ର ଜିଲ୍ଲାରେ ରହିଥିବା ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ବାଲିଘାଟ ବନ୍ଦ କରାଯିବା ନେଇ ନିର୍ଦ୍ଦେଶନାମା ଜାରି କରାଯାଇଛି। ଇଣ୍ଡିଆନ ମେଟ୍ରୋଲୋଜିକାଲ ଡିପାର୍ଟମେଣ୍ଟ (ଆଇଏମଡ଼ି) ନାଗପୁରର ଚିଠି ସଂଖ୍ୟା ଆରଏମସି/ସିଏମ୍-୩୧୨ ଅନୁଯାୟୀ ମୌସୁମୀ ପାଇଁ ଜିଲ୍ଲାର ସମସ୍ତ ବାଲିଘାଟଗୁଡ଼ିକୁ ଜୁନ୍ ୫ତାରିଖରୁ ଅକ୍ଟୋବର ୧୫ତାରିଖ ପର୍ଯ୍ୟନ୍ତ ବନ୍ଦ କରାଯାଇଛି। ଏହି ସମୟରେ ବାଲି ଉତ୍ତୋଳନ ଏବଂ ପରିବହନ ବନ୍ଦ ରହିବ। ବର୍ଷାଦିନେ ନଦୀପଠା ଓ ଶଯ୍ୟାରେ ବାଲି ଖନନ କରାଗଲେ ନଦୀ ଗତିପଥ ପରିବର୍ତ୍ତନ ହେବା ସହ ବ୍ୟାପକ କ୍ଷୟକ୍ଷତି ହେବାର ସମ୍ଭାବନା ରହିଛି। ଜିଲ୍ଲାର ୩ଗୋଟି ଉପଖଣ୍ଡରେ ଥିବା ଲଘୁଖଣିଜ ଅଧିକାରୀମାନେ ଚିଠି କରି ସମସ୍ତ ଲିଜଧାରୀଙ୍କୁ ବାଲିଘାଟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟରେ ଟ୍ରାନଜିଟ୍ ପାସ୍ ଜାରି କରାଯିବ ନାହିଁ। ୪ମାସ ପାଇଁ କେନ୍ଦୁଝର ଜିଲ୍ଲାର ୩୦ରୁ ଊର୍ଦ୍ଧ୍ୱ ବାଲିଘାଟ ବନ୍ଦ ରହିବ। ନିୟମ ଉଲଂଘନ କରି ବାଲି ଉତ୍ତୋଳନ ଏବଂ ପରିବହନ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କେନ୍ଦୁଝର ଲଘୁଖଣିଜ ଅଧିକାରୀ ତାରିଣୀ ସିଂ କହିଛନ୍ତି।

# ଆଞ୍ଚଳିକ ରଜ ମହୋତ୍ସବ ଉଦ୍‌ଯାପିତ

**ଧାମନଗର, ୧୬।୬(ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ ବୟାଙ୍ଗଡ଼ିହି ପଞ୍ଚାୟତ ମେଲଣ ପଡ଼ିଆରେ ଷଷ୍ଠ ବାର୍ଷିକ ଓ ୨ଦିନିଆ ଆଞ୍ଚଳିକ ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ରୋଟାରିଆନ ପ୍ରଶାନ୍ତ ମହାପାତ୍ରଙ୍କ କରକମଳରେ ରଜ ମହୋତ୍ସବ ମହା ଆଡମ୍ବରରେ ଉଦଘାଟିତ ହୋଇଯାଇଛି। ପ୍ରଥମ ରଜରେ ଆଞ୍ଚଳିକ ରଜ ମହୋତ୍ସବ କମିଟି ନୂଆହାଟ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଉଦଘାଟନୀ ଉତ୍ସବରେ ସମ୍ପାଦକ ବିଷ୍ଣୁ ମୋହନ ମହାନ୍ତି ବିବରଣୀ ପାଠ କରିଥିଲେ। ଏଥିରେ ମାଟି ଆଉ ଆକାଶର ମିଳନ ପୂର୍ବକ କୃଷିଭିତ୍ତିକ ଗଣପର୍ବ 'ରଜ' ଆଜିର ସମାଜର ପାଶ୍ଚାତ୍ୟ ଆଭିମୁଖ୍ୟ ପାଇଁ ଧୀରେ ଧୀରେ ଅବଲୁପ୍ତ ହେବାକୁ ଯାଉଛି ବୋଲି ଅତିଥି ମାନେ ବକ୍ତବ୍ୟ ରଖିଥିଲେ। ଅପରାହ୍ଣରେ ଅନୁଷ୍ଠିତ କବିତା ପାଠୋତ୍ସବ କାର୍ଯ୍ୟକ୍ରମକୁ ଅଧ୍ୟାପକ ରବୀନ୍ଦ୍ର ପାଣିଗ୍ରାହୀ ଓ ଶିକ୍ଷାବିତ ହୃଦାନନ୍ଦ କର ସଞ୍ଚାଳନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଅଧ୍ୟାପକ ପ୍ରଭାତ ଧଳ, ବରେଣ୍ୟ ଅତିଥି ଭାବେ ଅଧ୍ୟାପକ ଚିତରଞ୍ଜନ ଦାଶ, ମୁଖ୍ୟବକ୍ତା ଭାବେ ନାଟ୍ୟ ନିର୍ଦ୍ଦେଶକ ବାଦଲ ସିକଦାର ଓ ସମ୍ମାନୀତ ଅତିଥି ଭାବେ ଶିକ୍ଷାବିତ ରସାନନ୍ଦ ମହାପାତ୍ର, ନିତ୍ୟାନନ୍ଦ ମଲ୍ଲିକ ପ୍ରମୁଖ ଯୋଗ ଦେଇ ରଜ ମହୋତ୍ସବ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। କବି ଅମରେନ୍ଦ୍ର ନାୟକ, ମନୋଜ ପଣ୍ଡା, ଉଦ୍ୟକର ଦାଶ, କିଶୋର ପୃଷ୍ଟି, ସୁବ୍ରତ ମଲ୍ଲିକ, ସତ୍ୟ ସୁନ୍ଦର ପାଢ଼ୀ, ଅନନ୍ତ ସାହୁ, ଦେବସ୍ମିତା ମିଶ୍ର, ମହାପାତ୍ର ସୁକାନ୍ତି ନାୟକ, ମନୋଳ ଜେନା, ପ୍ରଭାତ ମଲ୍ଲିକ, ମାନସ ସାହୁ ଆଦି ୩୦ରୁ ଅଧିକ କବି ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ। ପରଦିନ ରଜ ସଂକ୍ରାନ୍ତରେ ଅନୁଷ୍ଠିତ ଉଦଯାପନୀ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ ପୁହାଣ ମୁଖ୍ୟ ଅତିଥି, ସାଂସଦଙ୍କ ବ୍ଲକ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ ବରେଣ୍ୟ ଅତିଥି, ବାଣୀକବି ଦୟାନିଧି ମିଶ୍ର ମୁଖ୍ୟବକ୍ତା ଓ ବିଜେପି ନେତା ଚତୁର୍ଭୂଜ ନାୟକ, ସରପଞ୍ଚ ମହାଶ?ବେତା ମହାଳିକ, ସମିତି ସଭ୍ୟ ସନ୍ଧ୍ୟାରାଣୀ ମଲ୍ଲିକ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଗୁରୁଶ୍ରୀ ସୁବାସ ମଲ୍ଲିକ ଓ ସଙ୍ଗୀତ ଶିଳ୍ପୀ ବାମନ ଚନ୍ଦ୍ର ବିଶ୍ୱାଳଙ୍କ ବିଚାରକତ୍ୱରେ ପିଲା ମାନଙ୍କ ଦ୍ୱାରା ପୁଚି, ରଙ୍ଗୋଲି, ଆଳୁ ଚାମଚ ଦୌଡ଼, ମ୍ୟୁଜିକ ଚେୟାର, ଦଉଡ଼ି ଡିଆଁ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଅତିଥ ମାନଙ୍କ ଦ୍ୱାରା କୃତୀ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରାଯାଇ ଥିଲା। ଉଭୟ ଦିନର କାର୍ଯ୍ୟକ୍ରମରେ ମହୋତ୍ସବ କମିଟିର ସଭାପତି ଅଧ୍ୟାପକ ଶ୍ରୀଧର ସାହୁ ଅଧକ୍ଷତା କରିଥିବା ବେଳେ ବରିଷ୍ଠ ସଦସ୍ୟ ବିଦ୍ୟାଧର ରାଉତ ଶେଷ ସ୍ୱର୍ଣ୍ଣ ପ୍ରଦାନ ପୂର୍ବକ ସମସଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଗତିଶୀଳ ସାହିତ୍ୟ ମଞ୍ଚ ବାର୍ଷିକୋତ୍ସବ

**ବନ୍ତ/ଆଗରପଡ଼ା, ୧୬।୬(ସମିସ):** ବନ୍ତ ବ୍ଲକ ଆଡ଼ିଆ ରାମନବମୀ ମଣ୍ଡପରେ ଆଗରପଡ଼ା ପ୍ରଗତିଶୀଳ ସାହିତ୍ୟ ମଞ୍ଚ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ କାଳନ୍ଦୀ ଚରଣ ଖୁଣ୍ଟିଆଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଗବେଷକ ସନ୍ତୋଷ ଦାସ, ଆଡ଼ଭୋକେଟ ଦିବ୍ୟସିଂ ନାୟକ, ଅଶୋକ ନାୟକ, ସାହିତ୍ୟିକ ନାରାୟଣ ଲେଙ୍କା, ଚତୁର୍ଭୁଜ ପହି, ସରପଞ୍ଚ ମୀନା କୁମାରୀ ଜେନା, ସମାଜସେବୀ ଶଙ୍କର୍ଷଣ ରଥ, କବୟତ୍ରୀ ଦୀପ୍ତି ଦେବଦର୍ଶନୀ ସୁତାର, ବୀଣାପାଣି ତ୍ରିପାଠୀ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ପ୍ରାଧାପକ ପ୍ରଭାସ ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ, ଆଡ଼ଭୋକେଟ ପ୍ରତାପ ସେଠୀ ଅତିଥି ପରିଚୟ ଓ ଶିକ୍ଷାବିତ ଜଗନ୍ନାଥ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। କବି ଦାଶରଥି ଜେନାଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିଶୁ ଗୀତିକାର ସାଇ ରୋଶନ ସେଠୀ ଯୋଗ ଦେଇଥିଲେ।



# ରଜ ଉତ୍ସବ ଉଦ୍‌ଯାପିତ

**ବାରିକପୁର, ୧୬।୬ (ସମିସ):** କୃଷିଭିତ୍ତିକ ଗଣପର୍ବ ରଜ ଉତ୍ସବ ଆଜି ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ବେଶ୍ ଉତ୍ସାହ ଉଦ୍ଦୀପନାର ସହିତ ଉଦଯାପିତ ହୋଇଯାଇଛି। ସଜବାଜ ଠାରୁ ଆରମ୍ଭ ହୋଇଥିବା ପର୍ବ ପହିଲି ରଜ, ସଂକ୍ରାନ୍ତି ଓ ଶେଷ ରଜରେ ଆଜି ଶେଷ ହୋଇଛି। ବିଧିମତେ ମଙ୍ଗଳବାର ପ୍ରତ୍ୟୁଷରୁ ରଜସ୍ୱଳା ଧରିତ୍ରୀ ମାତାଙ୍କୁ ସ୍ନାନ କରାଯିବ। ବ୍ଲକର ମଞ୍ଜୁରୀରୋଡ ଠାରୁ ଆରମ୍ଭ କରି ଆଖୁଆପଦା ଏବଂ ବିଷ୍ଣୁପୁର ଠାରୁ ଆରମ୍ଭ କରି ମଣିନାଥପୁର ଯାଏଁ ତିନିଦିନ ଧରି ରଜ ପାଳିତ ହୋଇଛି। ଯଦିଓ ପୂର୍ବଭଳି ଗାଁ ଗଣ୍ଡାରେ ଆଉ ମାଳମାଳ ବାଉଁଶ ତଥା ପଟା ଦୋଳି ଲାଗୁନାହିଁ ତଥାପି ସମବେତ ସୁସଜ୍ଜିତ ରଜ ଦୋଳି ପ୍ରତିଯୋଗିତା ସମସ୍ତଙ୍କ କେନ୍ଦ୍ରବିନ୍ଦୁ ପାଲଟିଛି। ବିଶେଷ କରି ପାଟୁଳି, ତୋଡଗାଁ, କୁଲଣା, ନାଆମୀ, ରାଜେନ୍ଦ୍ରପୁର, ସାରୋ, କୋଟସିରା, ମାଳଦା, ବାଲିପୋଖରୀ, ଷୋଳମପୁର, ମଞ୍ଜୁରୀରୋଡ ଠାରେ ସମବେତ ଦୋଳି ଲାଗିଥିବା ଦେଖାଯାଇଛି। ଗାଁର କୁମାରୀ ଓ ଛୋଟ ଛୋଟ ପିଲାମାନେ ଦୋଳି ନିକଟରେ ତିନି ଦିନ ଧରି ଭିଡ଼ ଲଗାଇଥିବା ବେଳେ ଖିଲି ପାନ ଓ ରଜ ଗୀତର ଆସର ବେଶ ଜମିଥିଲା। ନୃତ୍ୟ ସଙ୍ଗୀତକୁ ନେଇ କୁନି କୁନି ତାରା କାର୍ଯ୍ୟ କ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ଏହାଛଡା ଜଳହରି, ରହଣିଆ, କୁରିଗାଁ, ନିର୍ଗୁଣ୍ଡି, ନେରଡ଼ା, ଝୁଟୁଣା ପ୍ରମୁଖ ସ୍ଥାନରେ ଯୁବକ ମାନଙ୍କ ମଧ୍ୟରେ ବାଗୁଡ଼ି ପ୍ରତିଯୋଗିତା ମଧ୍ୟ ହୋଇଥିଲା। ଗାଁ ଛକ ଓ ସାହି ବଜାର ଠାରେ ତାସ ଓ ଲୁଡୁ ଖେଳ କିଛି ମାତ୍ରାରେ ଅନୁଷ୍ଠିତ ହୋଇଥିଲା। ମୋଟାମୋଟି ଭାବେ ଖରିଫ କୃଷି କାର୍ଯ୍ୟର ଅବ୍ୟବହତି ପୂର୍ବରୁ ଗାଁ ଗଣ୍ଡା ଓ ସହର ମାନଙ୍କରେ ବେଶ ଆନ୍ତରିକତାର ସହିତ ରଜ ଉତ୍ସବକୁ ପାଳନ କରାଯାଇଛି।

# ଅଜିତ ରାଉଳଙ୍କୁ ଶ୍ରେଷ୍ଠ ଶିକ୍ଷକ ସମ୍ମାନ

**ବନ୍ତ/ଆଗରପଡ଼ା, ୧୬/୬(ସମିସ):** ଆଗରପଡ଼ା ସରକାରୀ ବାଳିକା ହାଇସ୍କୁଲ ବରିଷ୍ଠ ଶିକ୍ଷକ ଅଜିତ ରାଉଳଙ୍କୁ ଶ୍ରେଷ୍ଠ ଶିକ୍ଷକ ସମ୍ମାନ ପ୍ରଦାନ କରାଯାଇଛି। ଆଗରପଡ଼ା ଦକ୍ଷିଣ ଚଣ୍ଡି ରଜ ମହୋତ୍ସବରେ ସ୍ଥାନୀୟ ବିଧାୟକ ସଞ୍ଜୀବ ମଲ୍ଲିକ, ଜିଲ୍ଲାପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବ୍ଲକ ଅଧକ୍ଷ ମନୋରଞ୍ଜନ ଘଡ଼େଇ, ହାଇକୋର୍ଟ ଆଇନଜୀବୀ ମନୋଜ ରାୟ ଓ ମହୋତ୍ସବ କମିଟି ସଭାପତି ପ୍ରଦ୍ୟୁମ୍ନ ପୁହାଣ ପ୍ରମୁଖ ଏହି ସମ୍ମାନ ଶ୍ରୀ ରାଉଳଙ୍କୁ ପ୍ରଦାନ କରିଛନ୍ତି। ଶ୍ରୀ ରାଉଳଙ୍କ ଶିକ୍ଷାଦାନ ଶୈଳୀ ଅନ୍ୟମାନଙ୍କ ଠାରୁ ସ୍ୱତନ୍ତ୍ର ବୋଲି ବାରି ହୋଇପଡ଼େ। ଯଦ୍ଦ୍ୱାରା ସେ ଅଧିକ ଲୋକପ୍ରିୟତା ଅର୍ଜନ କରିଛନ୍ତି। ହାଇସ୍କୁଲ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ମହାନ୍ତି, ପରିଚାଳନା କମିଟି ସଭାନେତ୍ରୀ ବର୍ଷାରାଣୀ ମଲ୍ଲିକ, ସଭ୍ୟ ସାମ୍ବାଦିକ ଅକ୍ଷୟ ସିଂହ ପ୍ରମୁଖ ଶ୍ରୀ ରାଉଳଙ୍କୁ ଶୁଭେଚ୍ଛା ଜଣାଇବା ସହ ମହୋତ୍ସବ କମିଟି କର୍ମକର୍ତାମାନଙ୍କୁ କୃତଜ୍ଞତା ଜଣାଇଛନ୍ତି।



# ଝାଡ଼ାବାନ୍ତିକୁ ନେଇ ଜରୁରୀ ବୈଠକ



**ବାରିକପୁର, ୧୬।୬(ସମିସ):** ଭଣ୍ଡାରିପୋଖରୀ ବ୍ଲକର ଷୋଳମପୁର ପଞ୍ଚାୟତ ଅଞ୍ଚଳରେ ପ୍ରଥମ କରି ଝାଡା ବାନ୍ତି ଆରମ୍ଭ ହୋଇଥିଲା। ପରେ ଏହା ମାଳଦା, ରହଣିଆ, ନପଙ୍ଗ ପ୍ରମୁଖ ପଞ୍ଚାୟତ ଅଞ୍ଚଳକୁ ଧୀରେ ଧୀରେ ବ୍ୟାପୁଥିବା ଜଣାପଡ଼ିଛି। ଉକ୍ତ ସ୍ଥାନ ଗୁଡିକରୁ ଅନେକ ବ୍ୟକ୍ତି ଏବେ ମେଡ଼ିକାଲରେ ଚିକିତ୍ସିତ ହେଉଥିବା ବେଳେ ଆଉ କିଛି ଘରୋଇ ଭାବେ ଚିକିତ୍ସାଧୀନ ଅଛନ୍ତି। ତେଣୁ ଏହାକୁ ଦୃଷ୍ଟିରେ ରଖି ବ୍ଲକ କାର୍ଯ୍ୟାଳୟ ଠାରେ ବିଡ଼ିଓ ଦେବଦତ ଦାସଙ୍କ ଅଧକ୍ଷତାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି। ବିଶେଷ କରି ସୁଦ୍ଧ ପାନୀୟ ଜଳ ଓ ପରିବେଶ ସ୍ୱଛତା କୁ ନେଇ ବୈଠକରେ ଆଲୋଚନା ହୋଇଥିଲା। ଝାଡା ବାନ୍ତି ଆକ୍ରାନ୍ତ ଅଞ୍ଚଳ ଗୁଡିକରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ନଳକୂପ ଗୁଡିକୁ ତୁରନ୍ତ ବିଶୋଧନ କରିବା ପାଇଁ ବିଡ଼ିଓ କହିଥିଲେ। ଏହାଛଡା ଜନ ସଚେତନତା ପାଇଁ ମଧ୍ୟ ପରାମର୍ଶ ଦେଇଥିଲେ। ବୈଠକରେ ପାନୀୟ ଜଳ ଯୋଗାଣ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ମୁକୁଳ ଚନ୍ଦ୍ର ଦାସ, ବ୍ଲକ ସହକାରୀ ଯନ୍ତ୍ରୀ ହୃଦାନନ୍ଦ ଜେନା, କନିଷ୍ଠ ଯନ୍ତ୍ରୀ ଦିବାକର ସାହୁଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

**ଅସହ୍ୟ ହେଉଛି ମହାଜନଙ୍କ ନିର୍ଯାତନା**

# ଗାଁ ଛାଡୁଛନ୍ତି ଲୋକେ

**୫ ବର୍ଷରେ ୧୦ ପରିବାର ନିଖୋଜ**

**ଦୋବଲ, ୧୬।୬(ସମିସ)**

ଓଡ଼ିଆ ଘରର ବଡ଼ ପର୍ବ 'ରଜ'। ସମସ୍ତଙ୍କ ଘରେ ପିଠାପଣା। ପିଲାଙ୍କର ନୂଆ ପୋଷାକ। କେତେ ଉତ୍ସାହ ଉଦ୍ଦୀପନା। ହେଲେ କାଳିଆ ସୂତାରଙ୍କ ପରିବାରରେ ସବୁକିଛି ମଉଳି ଯାଇଛି। ଦୁଇ ପିଲାଙ୍କଠାରେ ସରସ ନାହିଁ। ସ୍ତ୍ରୀଙ୍କ ମନରେ ସରାଗ ନାହିଁ। ମୁଣ୍ଡ ଉପରେ ପିଲାଙ୍କ ପାଠପଢ଼ାର ବୋଝ। ପୁଣି ସ୍ୱାମୀଙ୍କ ଘର ଛାଡ଼ିବାର ଦୁଃଖ। ଧାମନଗର ଥାନା ଅଞ୍ଚଳ ଆନନ୍ଦପୁର ପଞ୍ଚାୟତର ଏମିତି ଗୋଟିଏ ଘଟଣା ନୁହଁ, ଦଶ ଦଶଟି ପରିବାରରେ ଏ ପରିସ୍ଥିତି। ଡାକଘର ପାଖ ଅନନ୍ତ ବାରିକଙ୍କର ଅବସ୍ଥା ବି ସେମିତି। ୨୦୧୪ରୁ ଘର ଛାଡ଼ି ପଳାଇଛନ୍ତି। ମା' ଚାଲିଗଲେ। ହେଲେ ସେ ଆସିଲେ ନାହିଁ। ଉତେଇପୁରର ସୂତାର ଘରର ସ୍ୱାମୀ ସ୍ତ୍ରୀ ବି ନିଖୋଜ। ପାହାଡ଼ପୁରର ସ୍ୱାଇଁ ଘରର ପୁଅ ବୋହୂ ଫେରାର। ଆନନ୍ଦପୁର ନାଥ ସାହିରୁ ଜଣେ ମହିଳାଙ୍କ ପତ୍ତା ମିଳୁନି। ଚମ୍ପାବାଗ ନାଥସାହିର ରାଜୁ ବି ସ୍ତ୍ରୀଙ୍କୁ ଧରି ଗାଁ ଛାଡ଼ି ଦେଇଛି। ଯାଦବ ସାହିର ଜୟନ୍ତ, ହାତିଡିଅର ଶିବ ଜେନା ମଧ୍ୟ ପିଲାଛୁଆଙ୍କୁ ନେଇ ଗାଁ ଛାଡ଼ି ବାହାରେ ଲୁଚୁଛନ୍ତି। ଏଗୁଡ଼ିକ ହେଉଛି ଆଖି ଦେଖା ଉଦାହରଣ। ଆହୁରି ଅନେକ ଘଟଣା ଏମିତି ସବୁ ହେଉଛି। ଗାଁରେ ବେଆଇନ ମହାଜନୀ କାରବାରର ଶିକାର ଓ ଋଣ ଆଦାୟ ସମ୍ପର୍କିତ ନିର୍ଯାତନା ସହି ନ ପାରି ଏମାନେ ଗାଁ ଛାଡ଼ିବାକୁ ବାଧ ହୋଇଛନ୍ତି। କରୋନା ପରଠାରୁ ଏଭଳି ସଂଖ୍ୟା ବଢ଼ିବାରେ ଲାଗିଛି। ଏମାନଙ୍କ ଭିତରୁ କେହି କେହି ଛୋଟମୋଟ ବେପାର ପାଇଁ ଗାଁ ମହାଜନ, ଗାଁରେ ଗଢ଼ି ଉଠିଥିବା ବେଆଇନ ସୋସାଇଟିରୁ ହାତ ଉର୍ଦ୍ଧ୍ୱାରି ଆଣିଥିଲେ। ଆଖି ସାମନାରେ ଥିବା ନିହାତି ଆବଶ୍ୟକତାକୁ ଗୁରୁତ୍ୱ ଦେଇ ଉଚ୍ଚ ସୁଧ ହାରକୁ ଅଣଦେଖା କରି ଋଣ ନେଇଥିଲେ। କିଏ ମାସିକ ୨୦ ପଇସା ତ କିଏ ସାପ୍ତାହିକ ୫ ପଇସା ସୁଧ ହାରରେ ଲୋନ୍ ନେଇଥିଲେ। ଏଇ ମହାଜନମାନେ ଆଖପାଖରେ ଥିବା ସୋସାଇଟିରୁ ବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଖରୁ ଅଳ୍ପ ସୁଧ ହାରରେ ଟଙ୍କା ନେଇ ନିଅନ୍ତି। ଆଉ ସେହି ଟଙ୍କାକୁ ଗାଁରେ ଉଚ୍ଚ ସୁଧ ହାରରେ ଉର୍ଦ୍ଧ୍ୱାର ଆକାରରେ ଦେଇଥାନ୍ତି। ଗରିବ ଲୋକଟି କିଏ ବେପାର ପାଇଁ ତ କିଏ ପିଲାର ଉଚ୍ଚଶିକ୍ଷା ଭଳି ଜରୁରୀ ଆବଶ୍ୟକତାକୁ ପୂରଣ ଲାଗି ଏହି ମହାଜନଙ୍କୁ ସୁଧ ହାରରେ ରାଜି ହୋଇ ଋଣ ନେଇଯାଆନ୍ତି। ତା ପରେ ଏ ମହାଜନଙ୍କ ସର୍ତ୍ତ ବି ଅଜବ ପ୍ରକାରର ଥାଏ। ବେପାର ବୁଡ଼ିଯିବା, ରୋଜଗାର ହରାଇବା ଭଳି ଅବସ୍ଥାରେ ପଡ଼ି ଋଣ ସୁଝି ପାରନ୍ତି ନାହିଁ କି ସୁଧ ଦେଇ ପାରନ୍ତି ନାହିଁ। ମାସେ ଦି ମାସ ପରେ ମହାଜନଙ୍କର ପ୍ରାଦୁର୍ଭାବ ବଢ଼ିଯାଏ। କିଏ ଲୋକ ଲଗାଇ ଧମକ ଚମକ ଦିଏ ତ କିଏ ରାସ୍ତାଘାଟରେ ହଇରାଣ ହରକତ କରେ। ସାମାଜିକ ସମ୍ମାନହାନିର ଭୟରେ ଋଣ ନେଇଥିବା ଲୋକଟି ଶେଷରେ ଗାଁ ଛାଡ଼ିବାକୁ ବାଧ ହୋଇଥାଏ। ଗରିବ ଲୋକ। ଚାକିରି ନଥିବାରୁ ସିବିଲ ସ୍କୋର ସମସ୍ୟା ଥାଏ। ଏଣୁ ଏମାନଙ୍କୁ ବ୍ୟାଙ୍କ ଋଣ ଦେଇନଥାଏ। ଏଥିଲାଗି ଏମାନେ ଗାଁରେ ହାତ ଉର୍ଦ୍ଧ୍ୱାରି ନେଇ ଆବଶ୍ୟକ ମେଟାଂଇଥାନ୍ତି। ଅପରପକ୍ଷରେ ଏଭଳି ମହାଜନ୍ କାରବାରକୁ ରୋକିବା ଲାଗି ସରକାରଙ୍କର ଆଇନ୍ ଥିଲେ ବି ଗାଁ ଗହଳିର ଲୋକ ଏ ଆଇନ ଜାଣନ୍ତି ନାହିଁ। ଏଣୁ ହଇରାଣ ହୁଅନ୍ତି। ତେବେ ଗାଁ ଗହଳିରେ ଏଭଳି ସମସ୍ୟାକୁ ରୋକିବା ଲାଗି କର୍ଣ୍ଣାଟକ ସରକାରଙ୍କ ଭଳି ମାଇକ୍ରୋ ଫାଇନାନସ ରେଗୁଲେସନ ଆକ୍ଟ ଲାଗୁ କରିବାର ଆବଶ୍ୟକତା ରହିଛି ବୋଲି ଫାଇନାନସିଆଲ ଆଡଭାଇଜର ବିରଜା ପ୍ରସାଦ ସିଂହ କହିଛନ୍ତି। ସେପଟେ ପୋଲିସ ମଧ୍ୟ ସାମାଜିକ ସନ୍ତୁଳନ ରକ୍ଷା କରିବା ଲାଗି ନିଜଆଡୁ ମାମଲା ରୁଜୁ କରିବା ଦରକାର ବୋଲି ସେ କହିଛନ୍ତି। ଆଉ ଜଣେ ଆର୍ôଥକ କାରବାର ବିଶେଷଜ୍ଞ ସ୍ୱାଧୀନ ସାହୁଙ୍କ କହିବା ଅନୁସାରେ, ଯେଉଁ ଲୋକମାନେ ଋଣ ନେଇ ଉଚ୍ଚ ସୁଧ ଦେଉଛନ୍ତି, ତାହାର ପ୍ରମାଣ ରଖି ପୋଲିସରେ ଅଭିଯୋଗ କଲେ ମହାଜନ କାରବାର ଉପରେ କାର୍ଯ୍ୟାନୁଷ୍ଠାନ ହୋଇପାରନ୍ତା।








ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାଇପ୍ରସ ରାଷ୍ଟ୍ରପତି ନିକୋଶ କ୍ରିଷ୍ଟୋଡୋଲିଡେସ ଦେଶର ସର୍ବୋଚ୍ଚ ସମ୍ମାନ 'ଗ୍ରାଣ୍ଡ କ୍ରସ ଅଫ୍ ଦ ଅର୍ଡର ଅଫ ମକାରିୟୋସ ୩' ପ୍ରଦାନ କରୁଛନ୍ତି।

# ପୁଣି ବିମାନ ଅଘଟଣ; ବର୍ତ୍ତିଲା ୨୫୦ ଯାତ୍ରୀଙ୍କ ଜୀବନ

## ଅବତରଣ ସମୟରେ ବାହାରିଲା ନିଆଁ



ଲକ୍ଷ୍ନୌ, ୧୬।୬ (ଏଜେନ୍ସି): ଲକ୍ଷ୍ନୌର ଚୌଧୁରୀ ଚରଣ ସିଂହ ବିମାନବନ୍ଦରରେ ବଡ଼ ଅଘଟଣ ଅଳ୍ପକେ ଟଳି ଯାଇଛି। ୨୫୦ ହଜ୍ ଯାତ୍ରୀଙ୍କ ଜୀବନ ବର୍ତ୍ତି ଯାଇଛି। ଅବତରଣ ସମୟରେ ସାଉଦି ଆରବିୟା ଏୟାରଲାଇନ୍ସର ବିମାନ ଏସ୍‌ଭି-୩୧୧୨ର ଚକରୁ ନିଆଁ ଏବଂ ଧୂଆଁ ବାହାରିଛି। ଏହା ଜାଣିବା ପରେ ପାଇଲଟ ବିମାନକୁ ତୁରନ୍ତ ଅଟକାଇ ଦେଇଛନ୍ତି। ଏୟାର ଟ୍ରାଫିକ କଣ୍ଟ୍ରୋଲର (ଏଟିସି)କୁ ସୂଚନା ଦେଇଛନ୍ତି। ପରେ ଦମକଳ ଟିମ୍ ପହଞ୍ଚି ଫୋମ୍ ଏବଂ ପାଣି ପକାଇ ଥିଲା। ପ୍ରାୟ ୨୦ ମିନିଟ ପରେ ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ହୋଇଥିଲା। ରବିବାର ସକାଳ ୬ଟା୩୦ରେ ଏହି ଘଟଣା ଘଟିଥିଲା। ମାତ୍ର ଏହାର ଭିଡିଓ ଆଜି ସାମ୍ନାକୁ ଆସିଛି। ଏହି ବିମାନରେ ୨୪୨ ହଜ୍ ଯାତ୍ରୀ ବସିଥିଲେ। ବିମାନଟି ଶନିବାର ରାତି ୧୧ଟା୩୦ରେ ଜେଦା ବିମାନବନ୍ଦରରୁ ହଜ୍ ଯାତ୍ରୀଙ୍କୁ ଧରି ଭାରତ ଅଭିମୁଖେ ଉଡ଼ାଣ ଆରମ୍ଭ କରିଥଇଲା। ଏହା ରବିବାର ସକାଳେ ଲକ୍ଷ୍ନୌରେ ପହଞ୍ଚି ଥିଲା। ରନ୍‌ୱେରେ ଅବତରଣ କରି ବିମାନ ଟ୍ୟାକ୍ସି-ୱେକୁ ଆସୁଥିବାବେଳେ ଏହି ଘଟଣା ଘଟିଥିଲା। ଏହି ସମୟରେ ସବୁ ଯାତ୍ରୀ ବିମାନ ଭିତରେ ଥିଲେ। ପରେ ବିମାନକୁ ଟ୍ୟାକ୍ସି-ୱେକୁ ନିଆଯାଇଥିଲା। ସବୁ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ବାହାର କରାଯାଇଥିଲା। ଇଞ୍ଜିନିୟରିଂ ଟିମ୍ ବିମାନର ତ୍ରୁଟି ସୁଧାରିବାକୁ ଯାଞ୍ଚ କରୁଛନ୍ତି, କିନ୍ତୁ ସୋମବାର ଦ୍ୱିପହର ସୁଦ୍ଧା ଏହାକୁ ଠିକ୍ କରାଯାଇପାରି ନାହିଁ। କାରଣ ବିମାନର ବାମ ଚକ ସମ୍ପୂର୍ଣ୍ଣ ଖରାପ ହୋଇଯାଇଛି।

## ଏୟାର ଇଣ୍ଡିଆର ପିଛା ଛାଡୁନି ଯାନ୍ତ୍ରିକ ତ୍ରୁଟି

■ ହଂକଂ ଫେରିଲା ବିମାନ

■ ରବିବାର ଫେରିଥିଲା ଦୁଇଟି ବିମାନ; ସବୁ ବୋଇଂର

ନୂଆଦିଲ୍ଲୀ, ୧୬।୬ (ଏଜେନ୍ସି): ସମସ୍ୟା ଏୟାର ଇଣ୍ଡିଆର ପିଛା ଛାଡୁ ନାହିଁ। ହଂକଂରୁ ଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆ ବିମାନ (ଏଆଇ-୩୧୫) ସୋମବାର ଅଧାବାଟରୁ ଫେରି ଯାଇଛି। ବିମାନରେ ଯାନ୍ତ୍ରିକ ତ୍ରୁଟି ଥିବା ଜଣାପଡିଛି। ଏହି ବିମାନଟି ମଧ ବୋଇଂ ୭୮୭-୮ ଡ୍ରିମଲାଇନର ଥିଲା। ଏହା ପୂର୍ବରୁ ରବିବାର ମଧ ସମାନ ଘଟଣା ଘଟିଥିଲା। ବୋଇଂର ଦୁଇଟି ଡ୍ରମଲାଇନର ବିମାନ ଅଧାରାସ୍ତାରୁ ଫେରି ଯାଇଥିଲା। ଏହା ମଧ୍ୟରୁ ଗୋଟିଏ ଲଣ୍ଡନରୁ ଚେନ୍ନଇ ଏବଂ ଅନ୍ୟଟି ଜର୍ମାନୀର ଫ୍ରାଙ୍କଫ୍ରଟରୁ ହାଇଦରାବାଦ ଆସୁଥିଲା। ଉଭୟେ ସୋମବାର ଅବତରଣ କରିଥାନ୍ତେ।



ଚେନ୍ନାଇ ଆସୁଥିବା ବ୍ରିଟିଶ ଏୟାରୱେଜର ବୋଇଂ ୭୮୭-୮ ଡ୍ରିମଲାଇନରକୁ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଫେରିବାକୁ ପଡିଥିଲା। ଲୁଫ୍ତହଂସା ଏୟାରଲାଇନ୍ସ (ଜର୍ମାନୀ)ର ବୋଇଂ ୭୮୭-୯ ଡ୍ରିମଲାଇନରକୁ ବୋମା ଧମକ ମିଳିଥିଲା। ଏହି କାରଣରୁ ବିମାନକୁ ଅବତରଣ କରିବାକୁ ଅନୁମତି ଦିଆଯାଇ ନ ଥିଲା ଏବଂ ଫେରିବାକୁ ପଡିଲା। ଗତ ୧୨ ତାରିଖରେ ଅହମଦାବାଦରୁ ଉଡ଼ାଣ କରିବାର ଦୁଇ ମିନିଟ୍ ମଧ୍ୟରେ ଏକ ବୋଇଂ ୭୮୭-୮ ଡ୍ରିମଲାଇନର ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଦୁର୍ଘଟଣାରେ ବିମାନରେ ଯାତ୍ରା କରୁଥିବା ୨୪୧ ଜଣଙ୍କ ମୃତ୍ୟୁ ହୋଇଥିଲା। କେବଳ ଜଣେ ବର୍ତ୍ତି ଯାଇଥିଲେ। ସୂଚନା ଅନୁଯାୟୀ ଲଣ୍ଡନରୁ ଚେନ୍ନାଇ ଆସୁଥିବା ବ୍ରିଟିଶ ଏୟାରୱେଜ୍ ବିମାନ ବିଏ-୩୫ ଡ୍ରିମଲାଇନର୍ ୭୮୭-୮ ଯାନ୍ତ୍ରିକ ତ୍ରୁଟି (ଫ୍ଲାପ୍ ବିଫଳତା) ଯୋଗୁଁ ଡୋଭର ଚାରିପାଖରେ ବୁଲି ପରେ ହିଥ୍ରୋକୁ ଫେରି ଯାଇଥିଲା। ତେବେ ଏହାର ଉଡ଼ାଣ ସମୟ,କେତେ ଯାତ୍ରୀ ଏବଂ କର୍ମଚାରୀଙ୍କ ଥିଲେ, କେତେ ସମୟ ପର୍ଯ୍ୟନ୍ତ ବିମାନ ଆକାଶରେ ଘୁରି ବୁଲିଥିଲା ତାହା କମ୍ପାନୀ ପକ୍ଷରୁ କୁହାଯାଇ ନାହିଁ। ଲାଇଭ୍ ଫ୍ଲାଇଟ୍ ଟ୍ରାକିଂ ୱେବସାଇଟ୍ ଅନୁଯାୟୀ ଏହି ବିମାନ ରବିବାର ୧୨ଟା୪୦ ରେ ଉଡ଼ାଣ କରି ସୋମବାର ଭୋର ୩ଟା୩୦ ରେ ଚେନ୍ନାଇରେ ପହଞ୍ଚିବାର ଥିଲା। ବିମାନଟି ଅପରାହ୍ନ ୧ଟା ୧୬ରେ ଉଡ଼ାଣ ଆରମ୍ଭ କରିଥିଲା। ବିମାନବନ୍ଦରକୁ ଫେରିବା ପୂର୍ବରୁ ପ୍ରାୟ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଘୁରି ବୁଲିଥିଲା।

## ଗାଜାରେ ପୁଣି ଇସ୍ରାଏଲ ଆକ୍ରମଣ; ୩୮ ମୃତ



ତେଲ ଆଭିଭ, ୧୬।୬ (ଏଜେନ୍ସି): ଇରାନ ସହ ସଂଘର୍ଷ ମଧ୍ୟରେ ଇସ୍ରାଏଲ ପୁଣି ଗାଜାରେ ଆକ୍ରମଣ କରିଛି। ଖାଦ୍ୟ ବଣ୍ଟନ କେନ୍ଦ୍ରକୁ ନିଶାଣ କରି ଇସ୍ରାଏଲ ସେନା ସୋମବାର ଅତର୍କିତ ଗୁଳିମାଡ଼ କରିଛି। ଏଥିରେ ଅତିକମରେ ୩୮ ଜଣଙ୍କ ମୃତ୍ୟୁ ହୋଇଛି ବୋଲି ଗାଜା ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ମାନବିକ ସହାୟତା କେନ୍ଦ୍ରକୁ ନିଶାଣ କରି ହୋଇଥିବା ଏହା ସବୁଠୁ ଭୟଙ୍କର ଆକ୍ରମଣ ଥିଲା। ବଣ୍ଟନ ବ୍ୟବସ୍ଥାକୁ ପ୍ରଭାବିତ କରିବା ପାଇଁ ଇସ୍ରାଏଲ ଏଭଳି ହୀନ କାର୍ଯ୍ୟ କରିଥିଲା। ସଂଘର୍ଷ ଯୋଗୁଁ ଘର ହରାଇଥିବା ହଜାର ହଜାର ପାଲେଷ୍ଟିନୀୟ ଆଶ୍ରୟ ସ୍ଥଳରେ ରହୁଛନ୍ତି। ଏମାନେ ଗୁରୁତର ଖାଦ୍ୟ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ତେଣୁ ଖାଦ୍ୟ ଆଣିବା ଲାଗି ଇସ୍ରାଏଲ ନିୟନ୍ତ୍ରଣାଧୀନ ରିଲିଫ କେନ୍ଦ୍ରକୁ ଯାଉଥିଲେ। ଏହି ସମୟରେ ଲୋକଙ୍କୁ ଘଉଡାଇବା ପାଇଁ ଇସ୍ରାଏଲ ସେନା ଗୁଳିମାଡ଼ କରିଥିଲା।

## ଭାଇ ପାଇଁ ଅଲଗା ହେଲେ ଲରେନ୍ସ ବିଷ୍ଣୋଇ ଓ ଗୋଲ୍ଡୀ ବ୍ରାର

ନୂଆଦିଲ୍ଲୀ, ୧୬।୬ (ଏଜେନ୍ସି):ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଓ ଗୋଲ୍ଡୀ ବ୍ରାର ମଧ୍ୟରେ ଫାଟ ସୃଷ୍ଟି ହୋଇଛି। ଲରେନ୍ସର ଭାଇ ଅନମୋଲ ବିଷ୍ଣୋଇ ପାଇଁ ଦୁଇ ବନ୍ଧୁ ଏବେ ବଇରୀ ପାଲଟି ଯାଇଛନ୍ତି। କିଛି ଦିନ ହେଲା ଉଭୟଙ୍କ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଛି। ଲରେନ୍ସ ବିଷ୍ଣୋଇ ଓ ବ୍ରାରର କିଛି ସହଯୋଗୀଙ୍କୁ ଜେରା କରିବା ପରେ ପୁଲିସକୁ ଏହି ବିବାଦ ସମ୍ପର୍କରେ ସୂଚନା ମିଳିଛି। ଲରେନ୍ସ ବିଷ୍ଣୋଇ ଏବେ ଅହମଦାବାଦର ସାବରମତି ଜେଲ୍‌ରେ ଥିବାବେଳେ ବ୍ରାର ପୁଲିସ୍‌ର ମୋଷ୍ଟୱାଣ୍ଟେଡ ତାଲିକାରେ ରହିଛି। ସେ ଆମେରିକାରେ ଲୁଚି ଆପରାଧିକ କାର୍ଯ୍ୟକଳାପରେ ସାମିଲ ରହିଛି। ଲରେନ୍ସ ମଧ ଜେଲ୍‌ରୁ ଅପରାଧ ଘଟାଉଛି। ସୂଚନା ଅନୁଯାୟୀ ଲରେନ୍ସ ବିଷ୍ଣୋଇ ଠାରୁ ଅଲଗା ହେବା ପରେ ବ୍ରାର ଅଜରବୈଜାନ ଗ୍ୟାଙ୍ଗଷ୍ଟର ରୋହିତ ଗୋଦାରା ସହ ହାତ ମିଳାଇଛି। ସେହିପରି ଲରେନ୍ସ କାନାଡାରୁ ରହି ଅପରାଧ ଘଟାଉଥିବା ନୋନି ରାଣା ଓରଫ ସୂର୍ଯ୍ୟ ପ୍ରତାପ ସହ ଚୁକ୍ତି କରିଛି। ଏହାକୁ ନେଇ ନିକଟରେ ପଞ୍ଜାବ, ରାଜସ୍ଥାନ, ହରିୟାଣା ଓ ଦିଲ୍ଲୀ ପୁଲିସ୍‌ର ବରିଷ୍ଠ ଅଧିକାରୀମାନେ ଜାତୀୟ ତଦନ୍ତକାରୀ ଏଜେନ୍ସି ସହ ବୈଠକ କରିଥିଲେ। ଗତବର୍ଷ ନଭେମ୍ବରରେ କାଲିଫର୍ଣ୍ଣିଆରେ ଅନମୋଲକୁ ଗିରଫ କରାଯିବା ପରେ ଦୁଇ ଗ୍ୟାଙ୍ଗଷ୍ଟରଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥିଲା। ଅନମୋଲ ବେଆଇନ ଭାବେ ଆମେରିକାରେ ପ୍ରବେଶ କରୁଥିବାବେଳେ ଧରା ପଡ଼ିଥିଲା।

ଅନମୋଲ ନାଁରେ ଅନେକ ହତ୍ୟା ମାମଲା ରହିଛି। ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ତଥା ଏନସିପି ନେତା ବାବା ସିଦ୍ଦିକୀଙ୍କ ହତ୍ୟା କାଣ୍ଡରେ ମଧ ସେ ସାମିଲ ଥିଲା।

# ପହଲଗାମ ଆକ୍ରମଣକୁ ନେଇ ପ୍ରଶ୍ନ ଉଠାଇଲା ଏଫ୍‌ଏଟିଏଫ

■ ଏଭଳି ଆକ୍ରମଣ ବନ୍ଧୁକ-ବାରୁଦରେ ହୁଏ ନାହିଁ

■ ଏହା ପଛରେ ଆର୍ଥିକ ନେଟୱର୍କ ସାମିଲ ରହିଛି

ନୂଆଦିଲ୍ଲୀ, ୧୬।୬ (ଏଜେନ୍ସି): ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ଉପରେ ନଜର ରଖୁଥିବା ସଂସ୍ଥା ଫାଇନାନ୍‌ସିଆଲ ଆକ୍ସନ ଟାସ୍କ ଫୋର୍ସ (ଏଫଏଟିଏଫ) ପହଲଗାମ ଆକ୍ରମଣକୁ ନେଇ ବଡ଼ ଟିପ୍ପଣୀ ଦେଇଛି। ଏପ୍ରିଲ ୨୨ରେ ହୋଇଥିବା ଏହି ଆକ୍ରମଣକୁ ଦୃଢ଼ ନିନ୍ଦା କରାଯାଇଛି। ଆତଙ୍କବାଦକୁ ଦମନ କରିବା ପାଇଁ ଦେଶଗୁଡିକ କି ପଦକ୍ଷେପ ନେଉଛନ୍ତି ତାହାର ଯାଞ୍ଚକୁ ଆହୁରି ଜୋରଦାର କରାଯିବ ବୋଲି ଏଫ୍‌ଏଟିଏଫ୍ ଘୋଷଣା କରିଛି। ଆତଙ୍କ ସୃଷ୍ଟି କରୁଥିବା ଆତଙ୍କବାଦୀଙ୍କୁ ସମର୍ଥନ ବିନା ପହଲଗାମ ଭଳି ଆକ୍ରମଣ କରାଯାଇପାରିବ ନାହିଁ ବୋଲି କୁହାଯାଇଛି। ପହଲଗାମ ଆକ୍ରମଣ ପାଇଁ ପାଣ୍ଠି ଯୋଗାଣ ମଧ କରାଯାଇଛି। ଆତଙ୍କବାଦୀ ଲୋକଙ୍କୁ ମାରୁଛନ୍ତି ଏବଂ ଆହତ କରୁଛନ୍ତି। ଏହା ମାଧ୍ୟମରେ ସାରା ବିଶ୍ୱରେ ଭୟ ସୃଷ୍ଟି କରୁଛନ୍ତି। ପହଲଗାମ ଏବଂ ଅନ୍ୟ ଆତଙ୍କବାଦୀ ଆକ୍ରମଣ ପାଣ୍ଠି ଯୋଗାଣ ବିନା ହୋଇପାରିବ ନାହିଁ। ଏଭଳି ଆକ୍ରମଣ ବନ୍ଧୁକ ଏବଂ ବାରୁଦରେ ହୁଏ ନାହିଁ। ଏହା ପଛରେ ଆର୍ଥିକ ନେଟୱର୍କ ସାମିଲ ରହିଛି। ଆତଙ୍କବାଦୀଙ୍କ ସହାୟକମାନେ ଏଥିପାଇଁ ପାଣ୍ଠି ଦେଉଛନ୍ତି। ପହଲଗାମ ଆକ୍ରମଣର ୫୫ ଦିନ ପରେ ଏଫଏଟିଏଫ୍ ପକ୍ଷରୁ ଏହି ବିବୃତ୍ତି ଦିଆଯାଇଛି। ପାକିସ୍ତାନ ଆତଙ୍କବାଦୀଙ୍କୁ ସହାୟତା ଦେଉଛି ଏବଂ ବାହାରୁ ପାଣ୍ଠି ଆଣି ସେହି ଅର୍ଥରେ ଅସ୍ତ୍ରଶସ୍ତ୍ର କିଣି ଆତଙ୍କବାଦୀଙ୍କୁ ଯୋଗାଉ ଥିବା ନେଇ ଭାରତ ଅଭିଯୋଗ କରିବା ସମୟରେ ଏଫଏଟିଏଫ ପକ୍ଷରୁ ବଡ଼ ଟିପ୍ପଣୀ ଦିଆଯାଇଛି।

ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ପାକିସ୍ତାନକୁ ପୁଣିଥରେ ଏଫଏଟିଏଫର ଧୂସର ତାଲିକାରେ ସାମିଲ କରାଯାଇପାରେ। ପହଲଗାମ ଆକ୍ରମଣରେ ଜଣେ ନେପାଳୀଙ୍କ ସମେତ ୨୬ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଥିଲା। ସୂଚନା ଅନୁଯାୟୀ ଏଫଏଟିଏଉପ ଏସିଆ-ପାସିଫିକ୍ ଗ୍ରୁପ୍ (ଏପିଜି) ବୈଠକ ଅଗଷ୍ଟ ୨୫ ତାରିଖରେ ହେବାକୁ ଯାଉଛି। ଏହା ପରେ ଅକ୍ଟୋବର ୨୦ରେ କାର୍ଯ୍ୟ ଗୋଷ୍ଠୀ ବୈଠକ ଅନୁଷ୍ଠିତ ହେବ। ଏହି ବୈଠକ ପୂର୍ବରୁ ଭାରତ ପାକିସ୍ତାନ ବିରୋଧରେ ଏକ ଡୋଜିଅର୍ ପ୍ରସ୍ତୁତ କରୁଛି। ଏଥିରେ ପାକିସ୍ତାନ କିପରି ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦେଉଛି ଏବଂ ମନି ଲଣ୍ଡରିଂ କରି ଏଫଏଟିଏଫ ନିୟମ ଉଲ୍ଲଙ୍ଘନ କରୁଛି ତାହାର ପ୍ରମାଣ ଦିଆଯିବ। ୨୦୧୮ ରେ ପାକିସ୍ତାନକୁ ଏଫଏଟିଏଫର ଧୂସର ତାଲିକାରେ ରଖାଯାଇଥିଲା। ଏହା ପରେ ପାକିସ୍ତାନ ମନି ଲଣ୍ଡରିଂ ଏବଂ ଆତଙ୍କବାଦ ପାଣ୍ଠି ଯୋଗାଣ ରୋକିବା ପାଇଁ ଏକ କାର୍ଯ୍ୟ ଯୋଜନା ଦେଇଥିଲା। ୨୦୨୨ ମସିହାରେ ପାକିସ୍ତାନକୁ ଏହି ତାଲିକାରୁ ବାହାର କରି ଦିଆଯାଇଥିଲା। ସୂତ୍ର ଅନୁସାରେ ମନି ଲଣ୍ଡରିଂ ଏବଂ ଆତଙ୍କବାଦକୁ ପାଣ୍ଠି ଯୋଗାଣ ନିୟମ ପାଳନ ବିଫଳ ହୋଇଥିବା ପାକିସ୍ତାନକୁ ପୁଣିଥରେ ଧୂସର ତାଲିକାରେ ସାମିଲ କରିବା ପାଇଁ ଭାରତ ଦାବି ଉପସ୍ଥାପନ କରିବ।

## ମଡେଲଙ୍କୁ ତଣ୍ଟିକାଟି ହତ୍ୟା; ପ୍ରେମିକ ଗିରଫ



ଚଣ୍ଡିଗଡ଼, ୧୬।୬ (ଏଜେନ୍ସି): ହରିୟାଣା ସୋନିପଥର ଖରଖୌଦା ଅନ୍ତର୍ଗତ ରିଲାଏନ୍ସ କେନାଲରୁ ସୋମବାର ଜଣେ ମଡେଲଙ୍କ ମୃତଦେହ ଉଦ୍ଧାର କରାଯାଇଛି। ତାଙ୍କ ତଣ୍ଟି କଟା ଯାଇ କେନାଲକୁ ଫୋପାଡ଼ି ଦିଆଯାଇଛି। ଏହାକୁ ନେଇ ରାଜ୍ୟରେ ଚାଞ୍ଚଲ୍ୟ ଖେଳି ଯାଇଛି। ହାତ ଏବଂ ଛାତିରେ ଥିବା ଟାଟୁରୁ ତାଙ୍କୁ ଚିହ୍ନଟ କରାଯାଇଛି। ସେ ଲୋକପ୍ରିୟ ମଡେଲ ଶୀତଲ ଓରଫ ସିମି ଚୌଧୁରୀ ବୋଲି ଜଣାପଡ଼ିଛି। ସେ ଦୁଇ ଦିନ ତଳେ ପାନିପଥ ସ୍ଥିତ ଘରୁ ଆଲ୍‌ବମ୍ ସୁଟିଂ ପାଇଁ ଯାଇ ଆଉ ଫେରି ନ ଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ମାମଲାରେ ତାଙ୍କ ପ୍ରେମିକ ସୁନୀଲକୁ ଗିରଫ କିରିଛି। ଆଉ କିଛି ରିପୋର୍ଟରେ ସୁନୀଲଙ୍କୁ ସିମି ବାହା ହୋଇ ସାରିଥିଲେ ବୋଲି କୁହାଯାଇଛି। ଶୀତଲଙ୍କ ଭଉଣୀ ନେହା କହିଛନ୍ତି ଯେ ସେ ଗତ ୧୪ ତାରିଖରେ ତାଙ୍କୁ ଭିଡିଓ କଲ୍ କରିଥିଲେ। ପ୍ରେମିକ ମାଡ଼ ମାରୁଥିବା କହିଥିଲେ। ସୁନୀଲ ତାଙ୍କୁ ଜୋର ଜବରଦସ୍ତି ନେଇଯିବାକୁ ପ୍ରୟାସ କରୁଛି। ଏହା ପରେ କଲ୍ କଟି ଯାଇଥିଲା। ଏବେ ତାଙ୍କ ମୃତଦେହ ମିଳିଛି। ଏହା ପୂର୍ବରୁ ପାନିପଥର ଦିଲ୍ଲୀ ପାରାଲାଲ କେନାଲ ନିକଟରେ ସୁନୀଲଙ୍କ କାର୍ ଥିବା ଦେଖିବାକୁ ମିଳିଥିଲା। ତେବେ ଶୀତଲ ସେହି କାର୍‌ରେ ନ ଥିଲେ। ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବାବେଳେ ପୁଲିସ ସୁନୀଲକୁ ଗିରଫ କରିଛି।

ପୁଲିସ୍ ପକ୍ଷରୁ କୁହାଯାଇଛି ଯେ ଶୀତଲ ତାଙ୍କ ଭଉଣୀ ନେହାଙ୍କ ସହ ପାନିପତରେ ରହୁଥିଲେ। ଗତ ୧୪ରେ ଆଲବମ୍ ସୁଟିଂ ପାଇଁ ନିଜ ଟିମ୍ ସହ ଅହର ଗାଁକୁ ଯାଇଥିଲେ। ଭିଡିଓ କଲ୍ କଟିଯିବା ପରେ ରାତି ସୁଦ୍ଧା ସେ ଘରକୁ ଫେରି ନ ଥିଲେ। ଏହା ପରେ ଆଉ ତାଙ୍କ ସହ କୌଣସି ପ୍ରକାରର ଯୋଗଯୋଗ ହୋଇ ପାରି ନ ପାରିବାରୁ ଭଉଣୀ ପୁରୁଣା ଶିଳ୍ପାଞ୍ଚଳ ପୁଲିସ୍ ଷ୍ଟେସନରେ ଅଭିଯୋଗ କରିଥିଲେ।ଏହା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। କେନାଲରୁ ମୃତଦେହ ମିଳିଥିଲା। ବେକକୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯାଇଥିବା ଜଣାପଡ଼ିଥିଲା।

## ପହଲଗାମ ଆକ୍ରମଣକୁ ନେଇ ସରକାରଙ୍କୁ ଟିଏମ୍‌ସିର ୫ ପ୍ରଶ୍ନ | ଆକ୍ରମଣ ପାଇଁ ଦାୟୀ କିଏ

କୋଲାକାତା, ୧୬।୬ (ଏଜେନ୍ସି): ପହଲଗାମ ଆକ୍ରମଣକୁ ନେଇ କେନ୍ଦ୍ର ସରକାରଙ୍କୁ ଘେରିଛି ଟିଏମସି। ଏହି ଦଳର ସାଂସଦ ଅଭିଷେକ ବାନାର୍ଜୀ ଆକ୍ରମଣକୁ ନେଇ ସରକାରଙ୍କୁ ୫ ପ୍ରଶ୍ନ ପଚାରିଛନ୍ତି। ଆକ୍ରମଣକୁ ୫୫ ଦିନ ହୋଇଥିବାବେଳେ ସରକାର ସୀମା ସୁରକ୍ଷା, ଗୁଇନ୍ଦା, ବିଦେଶ ନୀତି, ଗଣମାଧ୍ୟମ ଏବଂ ନ୍ୟାୟପାଳିକାର ପ୍ରଶ୍ନର ଉତ୍ତର କାହିଁକି ଦେଉନାହାନ୍ତି ବୋଲି ପଚାରିଛନ୍ତି। ସେ କହିଛନ୍ତି ଯେ ବିରୋଧୀ ଦଳ, ଗଣମାଧ୍ୟମ ଏବଂ ନ୍ୟାୟପାଳିକା ମଧ ଏହି ପ୍ରଶ୍ନ ଉଠାଇ ନ ଥିଲେ। ଏହା ଗଣତନ୍ତ୍ର ପାଇଁ ଚିନ୍ତାଜନକ। ଜଣେ ଦାୟିତ୍ୱବାନ ନାଗରିକ ଏବଂ ଜନପ୍ରତିନିଧି ଭାବରେ ସେ ସରକାରଙ୍କୁ ଏହି ୫ ପ୍ରଶ୍ନ ପଚାରିଛନ୍ତି।

ସେ ପଚାରିଛନ୍ତି ଯେ ପହଲଗାମ ଆକ୍ରମଣ ଜାତୀୟ ସୁରକ୍ଷା ପାଇଁ ଏକ ବଡ଼ ଭୁଲ ଥିଲା। ଏଥିପାଇଁ କିଏ ଦାୟୀ ହେବ। ଯଦି ଗୁଇନ୍ଦା ବିଫଳତା ଥିଲା, ତେବେ ଗୁଇନ୍ଦା ମୁଖ୍ୟଙ୍କ କାର୍ଯ୍ୟକାଳକୁ ବର୍ଷେ ପାଇଁ କାହିଁକି ବୃଦ୍ଧି କରାଯାଇଥିଲା? ତାଙ୍କୁ କାହିଁକି ଦାୟୀ କରାଯିବ ନାହିଁ। ୪ ଜଣ ଆତଙ୍କବାଦୀ ଅସ୍ତ୍ରଶସ୍ତ୍ର ଧରି କିପରି ଭାରତୀୟ ସୀମାରେ ପ୍ରବେଶ କଲେ ଏବଂ କିପରି ୨୬ ଜଣ ସାଧାରଣ ନାଗରିକ ଜୀବନ ନେଲେ? ଏହା ଜାତୀୟ ସୁରକ୍ଷାରେ ଏକ ବଡ଼ ତ୍ରୁଟି ଥିଲା। ଏହି ବିଫଳତା ପାଇଁ କିଏ ଦାୟୀ ହେବ? ଯଦି ସରକାର ବିରୋଧୀ ନେତା, ସାମ୍ବାଦିକ ଏବଂ ବିଚାରପତିଙ୍କ ଉପରେ



ଗୁପ୍ତଚର ଉପକରଣ ପେଗାସସ୍ ବ୍ୟବହାର କରିପାରୁଛନ୍ତି, ତେବେ ଆତଙ୍କବାଦୀଙ୍କ ଉପରେ କାହିଁକି ଏହାକୁ ବ୍ୟବହାର କରୁନାହାନ୍ତି? ପହଲଗାମ ଆକ୍ରମଣକାରୀ ଜୀବିତ ନା ମୃତ ସରକାର ସ୍ପଷ୍ଟ କରିବା ଉଚିତ। ଯଦି ସେମାନଙ୍କୁ ହତ୍ୟା କରାଯାଇଛି ତେବେ ସରକାର କାହିଁକି ସ୍ପଷ୍ଟ ବିବୃତ୍ତି ଦେଇ ନ ଥିଲେ? ଯଦି ଆତଙ୍କବାଦୀଙ୍କୁ ହତ୍ୟା କରାଯାଇ ନାହିଁ ତେବେ ସରକାର ନୀରବ କାହିଁକି? ଯଦି ଭାରତ ବିଶ୍ୱ ଗୁରୁ ଏବଂ ଚତୁର୍ଥ ବୃହତ ଅର୍ଥନୀତି ତେବେ ଆଇଏମଏଫ କାହିଁକି ପାକିସ୍ତାନକୁ ଏକ ବିଲିୟନ ଡଲାର ଏବଂ ବିଶ୍ୱ ବ୍ୟାଙ୍କ ୪୦ବିଲିୟନ ଡଲାର ଦେଇଥିଲା? ପାକିସ୍ତାନକୁ ଜାତିସଂଘର ଆତଙ୍କବାଦ ବିରୋଧୀ କମିଟିର ଉପାଧ୍ୟକ୍ଷ କାହିଁକି କରାଗଲା?

### ବିଦେଶ ନୀତିରେ ଖର୍ଚ୍ଚ ୨ ଲକ୍ଷ କୋଟି; କିନ୍ତୁ ଜବାବ ନାହିଁ: ମମତା

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବିଦେଶ ନୀତିକୁ ନେଇ କେନ୍ଦ୍ର ସରକାରଙ୍କୁ ନିଶାଣ କରିଛନ୍ତି। ଗତ ୧୦ ବର୍ଷ ମଧ୍ୟରେ ବିଦେଶୀ ମାମଲା ପାଇଁ ୨ ଲକ୍ଷ କୋଟି ଖର୍ଚ୍ଚ ହୋଇଛି। କିନ୍ତୁ ଏହାର ପ୍ରଭାବ ପଡୁନାହିଁ। ଦେଶର



ଲୋକମାନେ ନୀରବତା ଏବଂ ବାହାନା ନୁହେଁ, ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ଫଳାଫଳ ଚାହାଁନ୍ତି। ସେ କହିଛନ୍ତି ଯେ ପହଲଗାମ ପରେ ଭାରତ ୩୩ ଟି ଦେଶ ସହିତ ଯୋଗାଯୋଗ କରିଥିଲା। କିନ୍ତୁ କେତେ ଜଣ ଖୋଲାଖୋଲି ସମର୍ଥନ କରିଥିଲେ। ଏହା ସହିତ, ଯଦି ଆମେରିକାର ରାଷ୍ଟ୍ରପତି ବାଣିଜ୍ୟ ପ୍ରତିଶ୍ରୁତି ବଦଳରେ ଭାରତକୁ ଯୁଦ୍ଧବିରତି ପାଇଁ ମନାଇ ନେଲେ ତେବେ ସରକାର ଏହାର ଜବାବ କାହିଁକି ଦେଲେ ନାହିଁ।

# ନେପାଳ ପଳାଇବାକୁ ଯୋଜନା କରିଥିଲେ ସୋନମ

ସିଲଂ, ୧୬।୬ (ଏଜେନ୍ସି): ମେଘାଳୟରେ ହନିମୁନ୍ ମନାଇବାକୁ ଯାଇ ହତ୍ୟାର ଶିକାର ହୋଇଥିବା ଇନ୍ଦୋର ବ୍ୟବସାୟୀ ରାଜା ରଘୁବଂଶୀଙ୍କ ମାମଲାରେ ନୂଆ ପ୍ରମାଣ ମିଳିଛି। ପତ୍ନୀ ସୋନମ ଏବଂ ତାଙ୍କର ଶେଷ ଭିଡିଓ ସାମ୍‌ନାକୁ ଆସିଥିବାବେଳେ ହତ୍ୟାରେ ବ୍ୟବହୃତ ଅସ୍ତ୍ର ଉଦ୍ଧାର କରାଯାଇଛି। ପୁଲିସ ଏହାର ଫଟୋ ଜାରି କରିଛି। ୫ ଜଣ ଅଭିଯୁକ୍ତ ଷଡ଼ଯନ୍ତ୍ର କରି ରାଜାଙ୍କୁ ହତ୍ୟା କରିଥିଲେ। ବିଶାଲ ଚୌହାନ ପ୍ରଥମେ ରାଜାଙ୍କ ଉପରେ ପ୍ରହାର କରିଥିଲା। କାତିରେ ବାରମ୍ବାର ଆକ୍ରମଣ କରାଯାଇଥିଲା। ଏହି ସମୟରେ ରାଜା ନିଜକୁ ବଞ୍ଚାଇବା ପାଇଁ ମଧ ପ୍ରୟାସ କରିଥିଲେ। ଏହି କାତିକୁ ଅଭିଯୁକ୍ତ ଗୌହାଟୀ ରେଳ ଷ୍ଟେସନରୁ କିଣିଥିଲେ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

■ ମିଳିଲା ହତ୍ୟାରେ ବ୍ୟବହୃତ ଅସ୍ତ୍ର



ଅନ୍ୟପକ୍ଷରେ ହତ୍ୟା ପରେ ପତ୍ନୀ ସୋନମ ନେପାଳ ପଳାଇବା ପାଇଁ ଯୋଜନା କରିସାରିଥିଲେ। ଟ୍ରେନ କିମ୍ବା ବସ୍‌ରେ ଯିବାକୁ ଚାହୁଁଥିଲେ। ଟ୍ରେନ୍ ନ ମିଳିବାରୁ ସେ ବସ୍‌ରେ ଉତ୍ତର ପ୍ରଦେଶ ପହଞ୍ଚି ଥିଲେ। ଏଠାରୁ ଗୋରଖପୁର ସୋନୌଲି ଦେଇ ନେପାଳ ଯାଇଥାନ୍ତେ। ଏଥିପାଇଁ ସେ ଗତ ୮ ତାରିଖ ରାତିରେ ବାରାଣସୀରୁ ଗୋରଖପୁର ଯିବାକୁ ଚାହୁଁଥିଲେ। ସୋନମଙ୍କ ସହ ବସ୍‌ରେ ଯାତ୍ରା କରିଥିବା ଗାଜିପୁରର ଉଜାଲା ଯାଦବ କହିଛନ୍ତି ଯେ ସେ ଟ୍ରେନରେ ନ ମିଳିବାରୁ ବସ୍‌ରେ ଚଢ଼ିଥିଲେ। ସୋନମ ବହୁତ ଚିନ୍ତିତ ଥିଲେ। ବାରମ୍ବାର ପ୍ରଶ୍ନ କରି ଚାଲିଥିଲେ। ଗୋରଖପୁର କେତେ ଦୂର? ବସ୍ କେତେ ଘଣ୍ଟା ଅଟକିବ? କେତେ ଘଣ୍ଟା ଲାଗିବ ବୋଲି ପଚାରି ଚାଲିଥିଲେ। ସୋନମ ମଧ ତାଙ୍କୁ ମୋବାଇଲ ମାଗିଥିଲେ। ଗୋଟଏ ନମ୍ବର ଡାଏଲ କରି ପୁଣି ଡିଲିଟ କରିଦେଇଥିଲେ। ସୀମା ପାର କରିବାରେ ସାହାଯ୍ୟ କରୁଥିବା ଏଜେଣ୍ଟଙ୍କର ଏହି ନମ୍ବର ହୋଇପାରେ ବୋଲି ଆଶଙ୍କା କରାଯାଉଛି।

ଏହା ମଧ୍ୟରେ ଆଜି ରାଜାଙ୍କ ତେର କାର୍ଯ୍ୟକ୍ରମ ଚାଲିଛି। ଏଥିରେ କେବଳ ପରିବାର ଲୋକ ଏବଂ ସମ୍ପର୍କୀୟ ସାମିଲ ହୋଇଛନ୍ତି। ସୋନମଙ୍କ ଭାଇ ଗୋବିନ୍ଦା ମଧ ସାମିଲ ହୋଇଛି। ଜେରା ପାଇଁ ତାଙ୍କୁ ସିଲଂ ପୁଲିସ ଡାକିଛି ବୋଲି କହିଛନ୍ତି। ଅନ୍ୟପଟେ ଦେବ ସିଂହ ନାମକ ଫଟୋଗ୍ରାଫର ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ସେୟାର କରିଛନ୍ତି। ଏଥିରେ ରାଜା ଏବଂ ସୋନମଙ୍କୁ ଦେଖିବାକୁ ମିଳୁଛି।

ଅହମଦାବାଦ ବିମାନ ଦୁର୍ଘଟଣା

# ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ବିଜୟ ରୂପାଣୀଙ୍କ ଅନ୍ତିମ ସଂସ୍କାର

ଅହମଦାବାଦ, ୧୬।୬ (ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାଣୀଙ୍କ ସୋମବାର ଅନ୍ତିମ ସଂସ୍କାର କରାଯାଇଛି। ରାଷ୍ଟ୍ରୀୟ ମର୍ଯ୍ୟାଦାରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଆଜି ସକାଳେ ତାଙ୍କ ମୃତଦେହ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯାଇଥିଲା। ଚାଟାର୍ଡ ବିମାନରେ ମରଶରୀରକୁ ରାଜକୋଟ ଅଣାଯାଇଥିଲା। ପୁଲିସ ସୁରକ୍ଷା ମଧ୍ୟରେ ରୁପାଣୀଙ୍କ ପାର୍ଥିବ ଶରୀରକୁ ରାଜକୋଟ ସ୍ଥିତ ଘର ପ୍ରକାଶ ସୋସାଇଟିକୁ ନିଆଯାଇଥିଲା। ଏଠାରେ ଅନ୍ତିମ ଦର୍ଶନ ପାଇଁ ମୃତଦେହକୁ ରଖାଯାଇଥିଲା। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ଗୁଜରାଟ ରାଜ୍ୟପାଳ ଦେବବ୍ରତ ଆଚାର୍ଯ୍ୟ, ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ, କେନ୍ଦ୍ରମନ୍ତ୍ରୀ ସିଆର ପଟେଲ ସମେତ ଅନେକ ନେତା ଘରେ ପହଞ୍ଚି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ପରେ ରାମନାଥ ପରା ଶ୍ମଶାନ ଘାଟକୁ ନିଆଯାଇଥିଲା। ଏହି ଶେଷ ଯାତ୍ରା ହଜାର ହଜାର ଲୋକ ସାମିଲ ହୋଇଥିଲେ।



■ ଶ୍ରଦ୍ଧାଞ୍ଜଳି ଜଣାଇଲେ ଶାହାଙ୍କ ସମେତ ଅନେକ ନେତା

ଅନ୍ୟପକ୍ଷରେ ବିମାନ ଦୁର୍ଘଟଣାକୁ ଚାରି ଦିନ ବିତି ଯାଇଥିବାବେଳେ ୨୫୦ ମୃତଦେହର ଡିଏନଏ ସଂଗ୍ରହ କରାଯାଇଛି। ଏ ପର୍ଯ୍ୟନ୍ତ ୧୧୯ ଡିଏନଏ ମେଳ ହେଲାଣି। ୭୪ ମୃତଦେହ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଗଲାଣି। ଏହା ଦୁର୍ଘଟଣାର ତଦନ୍ତ କରୁଥିବା ଟିମ୍ ବିମାନର ଦ୍ୱିତୀୟ ବ୍ଲାକ ବକ୍ସ ଉଦ୍ଧାର କରିଛି। କକପିଟ୍ ଭଏସ ରେକର୍ଡର ବ୍ଲାକ ବକ୍ସ ମିଳିଥିବା ସୂଚନା ମିଳିଛି। ଏଥିରୁ ଦୁର୍ଘଟଣାର ପ୍ରକୃତ କାରଣ ଜଣାପଡିବ ବୋଲି କୁହାଯାଉଛି। ବ୍ଲାକବକ୍ସ ଜବତ ହୋଇଥିବା ନେଇ ରୀ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପିକେ ମିଶ୍ରଙ୍କୁ ତଦନ୍ତ ଅଧିକାରୀ ସୂଚନା ଦେଇଛନ୍ତି। ପୂର୍ବରୁ ବିମାନ ଡାଟା ରେକର୍ଡର ଉଦ୍ଧାର କରା ଯାଇଥିଲା। ଉଭୟ ବ୍ଲାକ ବକ୍ସ ଯଥା ଏଫଡିଆର ଏବଂ ସିଭିଆରକୁ ଠାବ କରିବା ସହ ସୁରକ୍ଷିତ ରଖଯାଇଛି। ସେହିପରି ବିମାନ ଦୁର୍ଘଟଣାର ତଦନ୍ତରକାରୀ ଟିମ୍ ଏବଂ ଆମେରିକା ନ୍ୟାସନାଲ ଟ୍ରାନ୍ସପୋର୍ଟେସନ ସେଫ୍ଟି ବୋର୍ଡ ମଧ ତଦନ୍ତ ଚଳାଇଛି। ଦୁର୍ଘଟଣାର ପ୍ରକୃତ କାରଣ ଜାଣିବା ଲାଗି ପ୍ରୟାସ ଜାରି ରହିଛି। ଏହା ମଧ୍ୟରେ ବିମାନ ଦୁର୍ଘଟଣା ସମୟର ନୂଆ ଭିଡିଓ ସାମ୍‌ନାକୁ ଆସିଛି। ଏଥିରେ ବଞ୍ଚି ଯାଇଥିବା ଜଣେ ମାତ୍ର ଯାତ୍ରୀ ବାହାରି ଆସୁଥିବା ଦେଖାଯାଉଛି।

## ଆଜିର ରାଶିଫଳ

**ମେଷ:** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳି ପାରନ୍ତି । ଦୃଢ଼ ସଂକଳ୍ପ ସହ ଲକ୍ଷ୍ୟ ହାସଲ କରିବାକୁ ଯୋଜନା କରିବେ । ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ । କ୍ଷମତା ଉପରେ ଭରସା ରଖନ୍ତୁ ।

**ବୃଷ:** ଘନିଷ୍ଠ ଲୋକଙ୍କ ସହଯୋଗ ରହିବ । ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ । ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ । ନିଜକୁ କମଜୋର ଭାବନ୍ତୁ ନାହିଁ । ଛାତ୍ରଛାତ୍ରୀ କୃତକାର୍ଯ୍ୟ ହେବେ ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିବେ । ଅନ୍ୟର ଥଟ୍ଟା ପରିହାସକୁ ଅଣଦେଖା କରନ୍ତୁ । ଦୀର୍ଘ ଦିନରୁ ପଡ଼ିରହିଥିବା କାର୍ଯ୍ୟ ପୂରଣ ହେବ । କୋର୍ଟ କଚେରୀ ମାମଲାର ଶୁଣାଣି ହେବ ।

**କର୍କଟ:** ନିଜ ପରିଶ୍ରମକୁ ଗୁରୁତ୍ୱ ଦିଅନ୍ତୁ । ମନୋରଞ୍ଜନ ପାଇଁ ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି । ଜୀବନସାଥିଙ୍କ ସହଯୋଗ ଲୋଡ଼ିବେ । ରାଜନେତାଙ୍କ ପାଇଁ ଭଲ ସମୟ ।

**ସିଂହ:** କୌଣସି କାର୍ଯ୍ୟ କରିବା ପୂର୍ବରୁ ହଜାର ଥର ଚିନ୍ତା କରନ୍ତୁ । ପିଲାମାନଙ୍କ ଉନ୍ନତିରେ ଖୁସି ଅନୁଭବ କରିବେ । କିଣା-ବିକାରେ ସମୟ ବିତିବ । ଚକ୍ଷୁ ସମସ୍ୟା ଭୋଗିପାରନ୍ତି ।

**କନ୍ୟା:** ଦିନଟି ବ୍ୟସ୍ତରେ ବିତିବ । ଜମି କିଣାବିକା ପାଇଁ ଭଲ ସମୟ । ଆୟ ଅନୁସାରେ ବ୍ୟୟ କମ୍ ହେବ । ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି । ପ୍ରେମୀଯୁଗଳଙ୍କ ପାଇଁ ଦିନଟି ଆଦୌ ଭଲ ନୁହେଁ ।

**ତୁଳା:** ପୁରୁଣା ରୋଗରୁ ଆରାମ ମିଳିପାରେ । ଅକସ୍ମାତ ଖୁସି ଖବର ପାଇବେ । ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ । ବ୍ୟବସାୟରୁ ଲାଭ ପାଇବେ । ଯୋଜନା ମୁତାବକ କାମ ହେବ ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିବ । କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ । ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ । ଜୀବନସାଥିଙ୍କ ସହ ଭ୍ରମଣ ଯୋଗ ରହିଛି ।

**ଧନୁ:** ବନ୍ଧୁ ମିଳନ ଯୋଗ ରହିଛି । ଅଧିକ ଚିନ୍ତା କରନ୍ତୁନି । ନୂତନ ବ୍ୟବସାୟ ଆରମ୍ଭ କରିପାରିବେ । ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ । ମହିଳାମାନେ ଧର୍ମପରାୟଣା ହେବେ ।

**ମକର:** ଉଧାର ଦେଉଥିଲେ ସାବଧାନ ହୋଇଯାଆନ୍ତୁ । ପରିବାର ସହିତ କିଛି ସମୟ ବିତାନ୍ତୁ । ବୟସ୍କ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ । ଯାନବାହନ ଚଳାଚଳ ସମୟରେ ସତର୍କ ରୁହନ୍ତୁ ।

**କୁମ୍ଭ:** ଅତିଥିଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ନେଇ ଚିନ୍ତାପ୍ରକଟ କରିବେ । ପିଲାମାନଙ୍କ କାର୍ଯ୍ୟ କଳାପରେ ଦିନଟି ଭଲରେ ବିତିବ । ଜୀବନସାଥିଙ୍କ ପାଇଁ କୌଣସି କାର୍ଯ୍ୟ ଗଡ଼ବଡ଼ ହୋଇପାରେ ।

**ମୀନ:** ଆଖି ବୁଜି ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି । ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ । ବୈବାହିକ ଜୀବନ ମଧୁମୟ ହେବ । ପିଲାମାନେ ପଢ଼ାପଢ଼ିରେ ଅଧିକ ଧ୍ୟାନ ଦେବେ ।

## ଆଜିର ଦିନରେ

- ୧୭୯୯ - ନେପୋଲିଅନ୍ ବୋନାପାର୍ଟ ଇଟାଲୀକୁ ନିଜ ସାମ୍ରାଜ୍ୟରେ ସାମିଲ୍ କଲେ ।
- ୧୮୫୫- ଷ୍ଟାଚ୍ୟୁ ଅଫ୍ ଲିବର୍ଟି ନ୍ୟୁୟର୍କରେ ପହଞ୍ଚିଲା ।
- ୧୯୩୮ - ଜାପାନ ଚୀନ୍ ବିରୋଧରେ ଯୁଦ୍ଧ ଘୋଷଣା କଲା ।
- ୧୯୯୪- ସିକୋଗୋରେ ଫିଫା ବିଶ୍ୱକପ୍ ଫୁଟବଲ୍‌ର ଆରମ୍ଭ ।

## ଇନ୍‌ଷ୍ଟାଗ୍ରାମ୍ ଅନୁଗାମୀଙ୍କ ସଂଖ୍ୟା କମିବାରୁ...

ଏବେ ସାମାଜିକ ଗଣମାଧ୍ୟମରେ ସମସ୍ତେ ସକ୍ରିୟ । ଆଜିକାଲି ଛୋଟ ପିଲା, ଯୁବପିଢ଼ି, ବୟସ୍କ, ପୁରୁଷ, ମହିଳା ସମସ୍ତେ ରିଲ୍‌ସ କରୁଛନ୍ତି । ତେବେ ଏ ରିଲ୍‌ସ କେବଳ ଲୋକଙ୍କୁ ଚର୍ଚ୍ଚିତ କରୁ ନାହିଁ, ବରଂ ସମ୍ପର୍କରେ ଫାଟ ସୃଷ୍ଟି କରୁଥିବା ଦେଖାଯାଇଛି । ଉତ୍ତର ପ୍ରଦେଶ ହାପୁରରେ ରିଲ୍‌ସକୁ ନେଇ ଏକ ଅଜବ ମାମଲା ସାମ୍ନାକୁ ଆସିଛି । ଏଠାରେ ରିଲ୍‌ସ ପାଇଁ ସମ୍ପୃକ୍ତ ମହିଳା ନିଜ ସ୍ୱାମୀଙ୍କ ନାଁରେ ଥାନାରେ ଅଭିଯୋଗ କରିଛନ୍ତି । ତେବେ ସମ୍ପୃକ୍ତ ମହିଳାଙ୍କ ଇନଷ୍ଟାଗ୍ରାମ୍‌ରେ ଅନୁଗାମୀଙ୍କ ସଂଖ୍ୟା କମିବାରୁ ସେ ଥାନାରେ ପହଞ୍ଚିଛନ୍ତି । ଘରେ ବାସନ ମାଜିବାରୁ ତାଙ୍କର ଦୁଇ ଜଣ ଅନୁଗାମୀ କମିଯାଇଥିବା ସେ କହିଛନ୍ତି । ଏହି ଘଟଣାରେ ରାଗିକି ମହିଳା ଜଣକ ଥାନାର ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି । ମହିଳାଙ୍କର ଇନଷ୍ଟାଗ୍ରାମ୍‌ରେ ୬୩୫ଜଣ ଅନୁଗାମୀ ଅଛନ୍ତି । ସେ ବହୁତ ପରିଶ୍ରମ କରି ରିଲ୍‌ସଗୁଡ଼ିକ ତିଆରି କରୁଥିବା




କହିଛନ୍ତି । ହେଲେ ଘରେ ବାସନ ମାଜି ମାଜି ତାଙ୍କର ଦୁଇ ଜଣ ଅନୁଗାମୀ କମି ଯାଇଥିବା କଥା ସେ କହିଛନ୍ତି । ଯାହାକି ତାଙ୍କୁ ଭଲ ଲାଗିଲା ନାହିଁ । ସେହିପରି ମହିଳାଙ୍କ ସ୍ୱାମୀ କହିଛନ୍ତି, ଯେମିତି ତାଙ୍କ ଫଲୋର୍ସଙ୍କ ସଂଖ୍ୟା କମ୍ ହୁଏ, ସେ ଖାଇବାକୁ ଦେଇ ନ ଥାନ୍ତି । କେବଳ ସେତିକି ନୁହେଁ, ନୀଳ ଡ୍ରମରେ ଭୂତ ଭିଡିଓ କରି ଭୟଭୀତ କରାନ୍ତି । ମହିଳା ଜଣକ ପୂର୍ବରୁ ଯୌତୁକ ନିର୍ଯାତନା ଦିଆଯାଉଥିବା ନେଇ ମିଥ୍ୟା ଅଭିଯୋଗ ଆଣିଥିବା ତାଙ୍କ ସ୍ୱାମୀ କହିଛନ୍ତି । ଅନ୍ୟପଟେ ଏହି ମାମଲାକୁ ନେଇ ଥାନାଧିକାରୀ ଦୁଇଜଣଙ୍କୁ ୪ ଘଣ୍ଟା ପର୍ଯ୍ୟନ୍ତ କାଉନସିଲିଂ କରିଥିଲେ । ଏହା ପରେ ଦୁଇଜଣଙ୍କ ମଧ୍ୟରେ ବୁଝାମଣା ହୋଇଥିଲା । ତେବେ ମହିଳା ଜଣଙ୍କର ରିଲ୍‌ସ କରି ଫଲୋର୍ସ ବୃଦ୍ଧି କରିବା ହେଉଛି ଏକ ନିଶା । ସେହିପରି ବୁଝାମଣା ସମୟରେ ସେ ଦିନକୁ ଦୁଇଟି ରିଲ୍‌ସ କରିବା କଥା କହିଥିଲେ । ଏହି କଥାରେ ସ୍ୱାମୀ ସହମତି ପ୍ରକାଶ କରିବାରୁ ଆପୋଷ ବୁଝାମଣା ହୋଇଥିଲା ।



## ଦୀପିକାଙ୍କ ପରେ ଅଲ୍ଲୁ

ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁ୍ୟକୋନ୍, ସନ୍ଦୀପ ରେଡ୍ଡି ଭାଙ୍ଗାଙ୍କ ନିର୍ଦ୍ଦେଶିତ 'ସ୍ପିରିଟ୍'ରୁ ବାଦ୍ ପଡ଼ିବା ପରେ ଏହାକୁ ନେଇ ଚର୍ଚ୍ଚା ଜୋର୍ ଧରିଥିଲା । ଏବେ ସନ୍ଦୀପ ତାଙ୍କର ଅନ୍ୟ ଏକ ଚଳଚ୍ଚିତ୍ରରୁ ତେଲୁଗୁ ସୁପରଷ୍ଟାର୍ ଅଲ୍ଲୁ ଅର୍ଜୁନ୍‌ଙ୍କୁ ବାଦ୍ ଦେଇଥିବା ଜଣାପଡ଼ିଛି । ଏବେ ଅଲ୍ଲୁଙ୍କ ସ୍ଥାନ ନେବେ ଜୁନିୟର ଏନ୍‌ଟିଆର୍ । ତେବେ ଏନେଇ ଅଲ୍ଲୁ କି ସନ୍ଦୀପ ବିଧିବଦ୍ଧ ଭାବେ କିଛି ନାହାନ୍ତି । କିଛି ଦିନ ପୂର୍ବରୁ ସନ୍ଦୀପ ପ୍ରଭାସଙ୍କ ମେଗା ବଜେଟ୍ ଫିଲ୍ମ 'ସ୍ପିରିଟ୍'ରୁ ଦୀପିକାଙ୍କୁ ବାଦ୍ ଦେଇଥିଲେ । ତେବେ ଦୀପିକା ସେଟ୍‌ରେ ଆଠ ଘଣ୍ଟା କାମ କରିବା ସହ ଅଧିକ ପାରିଶ୍ରମିକ ଓ ଫିଲ୍ମର ଲାଭରୁ ସେୟାର୍ ମାଗିବାରୁ ତାଙ୍କୁ ସନ୍ଦୀପ ବାଦ୍ ଦେଇଥିବା ଚର୍ଚ୍ଚା ହେଉଛି । ଅପରପକ୍ଷରେ ସନ୍ଦୀପ ଦୀପିକାଙ୍କ ନାମ ନ ନେଇ ତାଙ୍କ କାହାଣୀ ଲିକ୍ କରି ଦେଇଥିବା ଟ୍ୱିଟର୍‌ରେ ଅଭିଯୋଗ ଆଣିଥିଲେ । ତେବେ ଏହି ବିବାଦ ସମୟରେ ଅଲ୍ଲୁ ଓ ଦୀପିକାଙ୍କ ଆଗାମୀ ଫିଲ୍ମର ଟିଜର୍ ଆସିଥିଲା । ଏଟ୍‌ଲିଙ୍କ ଫିଲ୍ମ 'AA22xA6' ଏହି ଦୁଇ ତାରକାଙ୍କୁ ଦେଖିବାକୁ ମିଳିବ । ଏହାର ସୁଟିଂ ଚଳିତବର୍ଷ ହେବ । ତେବେ ସନ୍ଦୀପ ତାଙ୍କ ଫିଲ୍ମରୁ ଅଲ୍ଲୁଙ୍କୁ କାହିଁକି ବାଦ୍ ଦେଲେ ସେସମ୍ପର୍କରେ ସ୍ପଷ୍ଟ କିଛି ଜଣାପଡ଼ିନାହିଁ ।

## ଗାଁ'ର ଘରେ ଘରେ ଇଞ୍ଜିନିୟର



ପାଠପଢ଼ା ପରେ ଜୀବନରେ ସମସ୍ତେ କିଛି ନା କିଛି କରିବାକୁ ଲକ୍ଷ୍ୟ ରଖିଥାନ୍ତି । କିଏ ଡାକ୍ତର ତ ଆଉ କିଏ ଇଞ୍ଜିନିୟର ହେବାକୁ ପ୍ରସ୍ତୁତି କରିଥାନ୍ତି । ଏହି କ୍ରମରେ ଭାରତରେ ଏମିତି ଏକ ଗାଁ ରହିଛି ଯେଉଁଠି ଘରେ ଘରେ ଇଞ୍ଜିନିୟର । ଏଥିପାଇଁ ଏହି ଗାଁ'ଟି 'ଇଞ୍ଜିନିୟରଙ୍କ ଗାଁ' ଭାବେ ଜଣାଯାଏ । ତାମିଲନାଡୁର ପୋଟ୍ଟାକୁଡ଼ି ଗାଁ'ଟି ଏକ ସ୍ୱତନ୍ତ୍ର ପେସା ପାଇଁ ଚର୍ଚ୍ଚାରେ ରହିଛି । ଗାଁ' ରେ ୮୦୦ ବାସିନ୍ଦା ଅଛନ୍ତି । ତନ୍ମଧ୍ୟରୁ ୨୦୦ରୁ ଅଧିକ ଜଣ ଇଞ୍ଜିନିୟର ଅଛନ୍ତି । ଗାଁ'ର ଏହି ଯାତ୍ରା ଆରମ୍ଭ ହୋଇଥିଲା ଅଶୀ ଦଶକରେ । ସେତେବେଳେ ଜଣେ ସ୍କୁଲ ଶିକ୍ଷକ ଏହି ଗାଁ'ର ପିଲାମାନେ କିପରି ଉଚ୍ଚ ଶିକ୍ଷା ଗ୍ରହଣ କରି ସହରରେ ଚାକିରି କରିବେ, ଅଫିସର ହେବେ ସେ ନେଇ ସ୍ୱପ୍ନ ଦେଖିଥିଲେ । ଶିକ୍ଷକଙ୍କ ସ୍ୱପ୍ନ ପୂରା କରିବାକୁ ଗାଁ'ଯାକ ଲୋକେ ଚାଷକାମରେ ନିୟୋଜିତ ରହିଥିଲେ । ଚାଷକାର୍ଯ୍ୟରୁ ଯାହା ରୋଜଗାର ହୋଇଥିଲା ସେଥିରେ ସେ ପିଲାମାନଙ୍କୁ ପାଠ ପଢ଼ାଇଥିଲେ । ପିଲାମାନେ ମଧ୍ୟ ସାଇକଲ ଜରିଆରେ ବହୁ ଦୂର ଦୂରାନ୍ତକୁ ଯାଇ ସ୍କୁଲ କଲେଜରେ ପାଠ ପଢ଼ିଥିଲେ । ଧୀରେ ଧୀରେ ଗାଁ'ର ପିଲାମାନେ ଇଞ୍ଜିନିୟର ହେବାକୁ ଲାଗିଲେ । ବଡ଼ ହୋଇ ଇଞ୍ଜିନିୟର ହେବା ଏହି ଗାଁର ପିଲାମାନଙ୍କ ପାଇଁ ସତେ ଯେମିତି ଏକ ପରମ୍ପରା ପାଲଟିଗଲା । ତେଣୁ ପରବର୍ତ୍ତୀ ସମୟରେ ଏହି ଗାଁ'ର ପିଲାମାନଙ୍କୁ ସିଧାସଳଖ ସେ କେଉଁ ବ୍ରାଞ୍ଚ ନେଇ ଇଞ୍ଜିନିୟରିଂ ପଢ଼ିବେ ବୋଲି ପଚରାଗଲା । ଏହି ଗାଁ'ର କେବଳ ପୁରୁଷମାନେ ଯେ ଇଞ୍ଜିନିୟର ହୋଇଛନ୍ତି ତାହା ନୁହେଁ, ବରଂ ଝିଅମାନେ ମଧ୍ୟ ଇଲେକ୍ଟ୍ରୋନିକ୍ସ, କମ୍ପ୍ୟୁଟର ସାଇନ୍ସ କିମ୍ବା ସିଭିଲ ଇଞ୍ଜିନିୟରିଂରେ ବେଶ୍ ନାଁ କମାଇଛନ୍ତି । ବିଶେଷ କଥା ହେଉଛି, ଏହି ଗାଁ'ର ଏକ ନିଜସ୍ୱ କୋଚିଂ ସେଣ୍ଟର, ଇଣ୍ଟରନେଟ୍ ଲ୍ୟାବ୍ ଆଦି ରହିଛି । ଏଠାରେ ପିଲାମାନେ ଭବିଷ୍ୟତରେ ଇଞ୍ଜିନିୟର ହେବାର ସ୍ୱପ୍ନ ଦେଖନ୍ତି ।




## ଧାଡ଼ିରେ ବିହନ ବୁଣିବ ଡ୍ରମ୍ ସିଡର୍



ଅଧିକାଂଶ ଚାଷୀ ଧାନ ଚାଷକୁ ମୁଖ୍ୟ ଫସଲ ଭାବେ ଚାଷ କରନ୍ତି । ତେବେ ପାରମ୍ପରିକ ପ୍ରଣାଳୀରେ ଧାନ ଚାଷ କରାଯାଉଥିବାରୁ ନର୍ସରୀ ପ୍ରସ୍ତୁତ କରିବାଠୁ ନେଇ ତଳି ରୁଆ ଆଦି କାମରେ ଅଧିକ ଶ୍ରମ ଓ ସମୟ ଲାଗିଥାଏ । ଏଥିପାଇଁ ଚାଷୀ ଅଧିକ ଖର୍ଚ୍ଚାନ୍ତ ହୁଅନ୍ତି । ତେଣୁ ବର୍ତ୍ତମାନ ଚାଷୀମାନେ ଆଧୁନିକ କୃଷି ଯନ୍ତ୍ରପାତି ଉପଯୋଗ କରି ଏହି ସମସ୍ୟାକୁ ଦୂର କରିପାରୁଛନ୍ତି । ଏମିତି ଏକ କୃଷି ଉପକରଣ ହେଉଛି ଡ୍ରମ୍ ସିଡର୍ । ଚାଷୀଙ୍କ କାମକୁ ସହଜ କରିପାରୁଥିବା ଏହି ଯନ୍ତ୍ରପାତିଟି ଆୟ ବୃଦ୍ଧିରେ ସହାୟକ ହୋଇଥାଏ । ଧାନ ବିହନକୁ ସିଧା ବୁଣିବା ପାଇଁ ଏହି ଯନ୍ତ୍ରଟି ଅଧିକ ଲାଭପ୍ରଦ । ଡ୍ରମ୍ ସିଡର୍ ମନୁଷ୍ୟ ଚାଳିତ ଏକ ଯନ୍ତ୍ରପାତି । ଏହା ମାଧ୍ୟମରେ ଗଜା ଧାନକୁ ସିଧା ବୁଣାଯାଇଥାଏ । ତେଣୁ ଯେଉଁ ଅଞ୍ଚଳରେ ବର୍ଷା ହେଉଛି, ସେହି ସ୍ଥାନରେ ଚାଷୀମାନେ ଡ୍ରମ୍ ସିଡର ସାହାଯ୍ୟରେ ସହଜରେ ଧାନ ବୁଣାବୁଣି କାମ କରିପାରିବେ । ଏହି ଯନ୍ତ୍ରରେ ବୁଣାବୁଣି କାମ ସାରିବା ଦ୍ୱାରା ରୁଆରେ ହେଉଥିବା ଅତିରିକ୍ତ ଖର୍ଚ୍ଚରୁ ଆଶ୍ୱସ୍ତି ମିଳିଥାଏ । ଡ୍ରମ୍ ସିଡର୍ ୬ଟି ଶକ୍ତ ପ୍ଲାଷ୍ଟିକ୍ ଡବାରୁ ନିର୍ମିତ ଏକ ଉପଯୋଗୀ କୃଷି ଯନ୍ତ୍ର । ଏହାର ଲମ୍ବ ୨୫ ସେମି ଏବଂ ଚଉଡ଼ା ୧୮ ସେମି । ପ୍ରତ୍ୟେକ ଡବାରେ ପାଖାପାଖି ଦେଢ଼ରୁ ଦୁଇ କିଲୋ ଧାନ ବିହନ ଭରା ଯାଇପାରିବ । ଏହି ଯନ୍ତ୍ରର ମୋଟ୍ ଓଜନ ହେଉଛି ଛଅ କିଲୋ । ଏଥିରେ ଏକାଥରକରେ ୬ରୁ ୧୨ ଧାଡ଼ିରେ ଧାନ ବୁଣାଯାଇପାରିବ । ଏହି ଯନ୍ତ୍ର ସହାୟତାରେ ଦିନରେ ପାଖାପାଖି ୨.୫ ଏକର ବୁଣା କାମ ହୋଇଥାଏ । ଏଥିପାଇଁ ପ୍ରଥମେ ଧାନ ବିହନକୁ ୧୨ ଘଣ୍ଟା ପାଇଁ ପାଣିରେ ଭିଜାଇ ପରେ ଏହାକୁ ଝୋଟ ଅଖାରେ ୨୪ ଘଣ୍ଟା ଢାଙ୍କି ରଖାଯାଏ । ଏହା ଦ୍ୱାରା ଭଲ ଗଜା ହୋଇଥାଏ । ମେସିନ୍‌ରେ ବିହନ ପକାଇବା ପୂର୍ବରୁ ଏହାକୁ ଅଧଘଣ୍ଟା ଶୁଖାଇବା ଆବଶ୍ୟକ । ବଜାରରେ ବିଭିନ୍ନ କମ୍ପାନୀର ଡ୍ରମ୍ ସିଡର୍ ଉପଲବ୍ଧ ରହିଛି । ଏହି ମେସିନ୍ ଉପରେ ସରକାରଙ୍କ ତରଫରୁ ୫୦ ପ୍ରତିଶତ ରିହାତି ଦିଆଯାଉଛି ।

## ଧାନ ବିହନ ଚୟନ ଓ ବିଶୋଧନ

ବର୍ତ୍ତମାନ ରାଜ୍ୟରେ ମୌସୁମୀ ବର୍ଷା ଆରମ୍ଭ ହୋଇଯାଇଛି । ବର୍ଷା ଜଳକୁ ବିନିଯୋଗ କରି ଚାଷୀମାନେ ଖରିଫ ଚାଷ ପାଇଁ ପ୍ରସ୍ତୁତି ଆରମ୍ଭ କରୁଛନ୍ତି । ତେଣୁ ଧାନରେ ଖରୁଡ଼ି ବୁଣାକାର୍ଯ୍ୟ ଶେଷ କରିବାକୁ ଏହା ଉପଯୁକ୍ତ ସମୟ । ଏଥିପାଇଁ ଚାଷୀମାନେ ଜମିର କିସମ ଅନୁସାରେ ଧାନ ବିହନ କିସମ ଚୟନ କରିବା ଉଚିତ । ଅଧିକ ଅମଳକ୍ଷମ/ ସଙ୍କର କିସମ ଧାନ ବିହନ ନିର୍ଭରଯୋଗ୍ୟ ସଂସ୍ଥାଠାରୁ ସଂଗ୍ରହ କରିବା ଜରୁରି । ସେହିପରି ଧାନ ବିହନ ୧୦୦ଟି ଗଣି ଗଜା କରି ଚାଷ କରିବା ଆବଶ୍ୟକ । ଏଥିପାଇଁ ଚାଷୀମାନେ ୫ମ, ଷଷ୍ଠ ଓ ୭ମ ଦିନ ଗଜାଧାନ ଗଣି ୮୫%ରୁ ଅଧିକ ଅଙ୍କୁରୋଦଗମକ୍ଷମ ବିହନକୁ ଚୟନ କରନ୍ତୁ । ଧାନ ଖରୁଡ଼ି ବୁଣା/ ବତୁରୁ ବୁଣା/ ଧାନ ତଳି ପାଇଁ ଧାନକୁ ବିଶୋଧନ କରିବା ଦ୍ୱାରା ପ୍ରାଥମିକ ଅବସ୍ଥାରେ ରୋଗପୋକରୁ ଫସଲକୁ ସୁରକ୍ଷା ମିଳିଥାଏ । ତେଣୁ ବିହନକୁ ଖରାରେ ଶୁଖାଇ ଭୌତିକ ଭାବରେ ବିହନ ବିଶୋଧନ କରିପାରିବେ । ବିହନ ବିଶୋଧନ ଜୈବିକ ବା ରାସାୟନିକ ଉପାୟରେ କରାଯାଇଥାଏ । ପ୍ରାକୃତିକ କୃଷି କରୁଥିଲେ ବିହନକୁ ବୀଜାମୃତ, ଜୈବିକ ଉପାୟରେ ଜୈବ ଫିମ୍ପିନାଶକ ଟ୍ରାଇକୋଗାମାଭିରିଡି ୫ଗ୍ରାମ/ ପ୍ରତି କିଗ୍ରା ବିହନରେ ମିଶାଇ ବିଶୋଧନ କରାଯାଇଥାଏ । ରାସାୟନିକ ଉପାୟରେ କ୍ୟାପଟାନ ବା ଥିରମ, କାର୍ବେଣ୍ଡାଜିମ୍ ଆଦି ଅନୁମୋଦିତ ପରିମାଣରେ ପ୍ରୟୋଗ କରି ବିହନ ବିଶୋଧନ କରାଯାଇପାରେ ।




## ସଫଳ ଚାଷୀ

## ଆପ୍‌ରୁ ଫସଲର ଦେଖାରଖା

**ସମ୍ପ୍ରତି ଜମି ପ୍ରସ୍ତୁତିଠୁ ନେଇ ବିହନ ବୁଣିବା, କୀଟନାଶକ ସିଞ୍ଚନ, ଫସଲ କଟା, ରୋଗପୋକ ଚିହ୍ନଟ ସହ ଔଷଧ ସିଞ୍ଚନ ଆଦି ସ୍ମାର୍ଟ ତରିକାରେ ହୋଇପାରୁଛି । ଏହା ଦ୍ୱାରା କେବଳ ଚାଷୀଙ୍କ ଖର୍ଚ୍ଚ ଓ ଶ୍ରମ ହ୍ରାସ ହେଉଛି ତାହା ନୁହେଁ, ଅଧିକ ଉତ୍ପାଦନ ହୋଇପାରୁଛି । ତେବେ ସ୍ମାର୍ଟ ତରିକା ଆପଣାଇ ଚାଷରୁ ଲାଭ ପାଉଥିବା ଜଣେ ଚାଷୀ ହେଉଛନ୍ତି ମହାରାଷ୍ଟ୍ର, ଅମରାବତୀ ଜିଲ୍ଲାର ଖରପୀ ଗାଁ'ର ଗୌରବ ବିଜୱେ ।**

ଗୌରବ ୧,୨୦୦ରୁ ଊର୍ଦ୍ଧ୍ୱ କମଳା ଗଛକୁ ନେଇ ବଗିଚାଟେ କରିଛନ୍ତି । ଏହି ବଗିଚାକୁ ସ୍ମାର୍ଟ ଫାର୍ମର ପରିଣତ କରିବାକୁ ବିଜୟ ମହାଭିସ୍ତାରା-ଏଆଇ ଏବଂ ସୌରଚାଳିତ ସେନ୍ସର ଉପଯୋଗ କରିଛନ୍ତି । ଜମିରେ ଲଗାଇଥିବା ସୌରଚାଳିତ ସେନ୍‌ସର ମାଟିର ଆର୍ଦ୍ରତା, ତାପମାତ୍ରା, ପୋଷକତତ୍ତ୍ୱ ସୂଚନା ବିଷୟରେ ସାଟେଲାଇଟ୍ ଜରିଆରେ ସିଧା ମୋବାଇଲ୍ ଆପ୍‌କୁ ପଠାଇଥାଏ । ଯାହା ଫଳରେ ଗୌରବ ପ୍ରତିଦିନ ସକାଳୁ ମୋବାଇଲ୍ ସାହାଯ୍ୟରେ ତାଙ୍କ ବଗିଚାରେ ଥିବା କମଳା ଗଛକୁ ପାଣି, ଖତ କିମ୍ବା କୀଟନାଶକ ଆବଶ୍ୟକ କି ନାହିଁ ତାହାର ସୂଚନା





ପାଇପାରୁଛନ୍ତି । ସ୍ମାର୍ଟ ପ୍ରଣାଳୀ ପାଇଁ ସେ ପାଖାପାଖି ୬୦,୦୦୦ଟଙ୍କା ନିବେଶ କରିଛନ୍ତି । ଏହା ଯୋଗୁଁ ଜଳ ଅପଚୟ୫୦% ହ୍ରାସ ହୋଇଥିବାବେଳେ କୀଟନାଶକ ଖୁବ୍ କମ୍ ଉପଯୋଗ ହେଉଛି । ତେଣୁ ସ୍ମାର୍ଟ ତରିକାରେ ଚାଷ କରିବା ଦ୍ୱାରା ବର୍ତ୍ତମାନ ପ୍ରତି ଗଛରୁ ୧,୦୦୦ରୁ ୧,୫୦୦ କମଳା ଫଳ ଅମଳ ହେଉଛି । ମୋବାଇଲ୍ ଆପ୍ ସାହାଯ୍ୟରେ ଫସଲର ଦେଖାରଖା ସହଜ ହେଉଥିବାରୁ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଗୌରବଙ୍କ ପରି ସ୍ମାର୍ଟ ଚାଷ କରିବାକୁ ଆଗଭର ହୋଇଛନ୍ତି । କେବଳ ସେତିକି ନୁହେଁ, ସାମାଜିକ ଗଣମାଧ୍ୟମରେ ମଧ୍ୟ ଗୌରବଙ୍କ ଚାଷକୁ ନେଇ ବେଶ୍ ଚର୍ଚ୍ଚା ଲାଗିରହିଛି । ଅଧୁନା ଅଧିକାଂଶ ଯୁବକ ଚାକିରି ଅନ୍ୱେଷଣରେ ବିଦେଶକୁ ଯାଉଥିବାବେଳେ ଗୌରବ ଗାଁ'ରେ ରହି ଚାଷ କାର୍ଯ୍ୟରେ ଭାଗ୍ୟ ବଦଳାଇ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ


- ବର୍ଷା ହେବାର ସମ୍ଭାବନା ଥିବାରୁ ଚାଷୀଭାଇମାନଙ୍କୁ ଫସଲରେ କୀଟନାଶକ ଔଷଧ ସିଞ୍ଚନ ଓ ଜଳସେଚନ ବନ୍ଦ ରଖିବାକୁ ପରାମର୍ଶ ଦିଆଯାଇଛି ।
- କାଳବୈଶାଖୀ ବର୍ଷା ହେତୁ ଲତା ଜାତୀୟ ପନିପରିବା ପ୍ରଭାବିତ ହେବାର ସମ୍ଭାବନା ଥିବାରୁ ଅମଳ ଉପଯୋଗୀ ପନିପରିବାକୁ ତୋଳି ଦିଅନ୍ତୁ ତଥା ରଞ୍ଜା ମଜବୁତ କରି ଦିଅନ୍ତୁ ।
- ଅତ୍ୟଧିକ ପବନରୁ ରକ୍ଷା ପାଇବା ପାଇଁ କଖାରୁ ଜାତୀୟ ପନିପରିବା, କଦଳୀ ଓ ଅମୃତଭଣ୍ଡା ଗଛରେ ଢେରା ଦିଅନ୍ତୁ ।
- ଭେଣ୍ଡି ଲଗାଇବା ସମୟରେ ଉନ୍ନତ କିସମ ପାଇଁ ମୂଳ ସାର ହିସାବରେ ଏକର ପ୍ରତି ୬୦ କିଗ୍ରା ଡିଏପି ୧୧ କିଗ୍ରା ମ୍ୟୁରେଟ୍ ଅଫ୍ ପଟାସ ସହିତ ୧୨ କିଗ୍ରା ୟୁରିଆ ସାର ପ୍ରୟୋଗ କରି ଧାଡ଼ିକୁ ଧାଡ଼ିକୁ ୪୫ ସେମି ଏବଂ ଗଛକୁ ୩୦ ସେମି ବ୍ୟବଧାନରେ ମଞ୍ଜି ବୁଣନ୍ତୁ ।
- ଗାଈଗୋରୁମାନଙ୍କୁ ସଫା ଏବଂ ଉଚିତ ପରିମାଣର ପାଣି ଯୋଗାନ୍ତୁ । ଘାସ ଚରିବା ପାଇଁ ପଶୁମାନଙ୍କୁ ଶୃଙ୍ଖଳା ପାଗରେ କେବଳ ସକାଳ ଏବଂ ସନ୍ଧ୍ୟା ସମୟରେ ଛାଡ଼ନ୍ତୁ ।

## ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ କାର୍ଯ୍ୟସୂଚୀ ଘୋଷିତ

# ଭାରତ-ପାକିସ୍ତାନ ମୁକାବିଲା ଅକ୍ଟୋବର ୫ରେ

ଦୁବାଇ,୧୬।୬ (ଏଜେନ୍ସି):

ଭାରତ ଓ ଶ୍ରୀଲଙ୍କା କଲମ୍ବୋଠାରେ ଖେଳାଯିବାକୁ ଥିବା ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ରେ କିଏ କାହା ସହ ଖେଳିବ ସେ ସମ୍ପର୍କରେ କାର୍ଯ୍ୟସୂଚୀ ଆଜି ଘୋଷଣା କରାଯାଇଛି। ସେପ୍ଟେମ୍ବର ୩୦ରୁ ଆରମ୍ଭ ହୋଇ ନଭେମ୍ବର ୨ରେ ଶେଷ ହେବ। ଭାରତର ୨ଟି ହାଇଲେଭଲ ମୁକାବିଲା ମଧ୍ୟରୁ ପାକିସ୍ତାନ ସହ ମୁକାବିଲା ଶ୍ରୀଲଙ୍କାର କଲମ୍ବୋଠାରେ ଅକ୍ଟୋବର ୫ରେ ଓ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ସହ ଲଢ଼େଇ ଭାଇଜାଗ୍‌ରେ ଅକ୍ଟୋବର ୧୨ରେ ଖେଳାଯିବ। ବେଙ୍ଗାଲୁରୁରେ ସେପ୍ଟେମ୍ବର ୩୦ରେ ଉଦ୍‌ଘାଟନୀ ମୁକାବିଲା ଖେଳାଯିବ। ଏଥିରେ ଭାରତ ସହ ଶ୍ରୀଲଙ୍କା ଖେଳିବ। ଅକ୍ଟୋବର ୧ରେ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଓ ଟି-୨୦ ଚାମ୍ପିଅନ ନ୍ୟୁଜିଲାଣ୍ଡ ମଧ୍ୟରେ ଦ୍ୱିତୀୟ ଲିଗ୍ ମ୍ୟାଚ୍ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୮ଟି ଟିମ୍ ଅଂଶଗ୍ରହଣ କରୁଛନ୍ତି। ଟୁର୍ଣ୍ଣାମେଣ୍ଟ ଫର୍ମାଟ ଅନୁଯାୟୀ ପ୍ରତ୍ୟେକ ଦଳ ଅନ୍ୟ ସହ ଥରେ ଲେଖାଏଁ ମ୍ୟାଚ୍ ଖେଳିବେ। ଏହାପରେ ପଏଣ୍ଟ ତାଲିକାରେ ପ୍ରଥମ ୪ଟି ସ୍ଥାନ ଅଧିକାର କରିଥିବା ଦଳ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ। ସେମିଫାଇନାଲରେ ନଂ-୧ ଟିମ୍ ସହ ନଂ-୪ ଓ ନଂ-୨ ଟିମ୍ ସହ ନଂ-୩ ଟିମ୍ ଖେଳିବ। ଏହି ମ୍ୟାଚ୍ ଦୁଇଟି ଅକ୍ଟୋବର ୨୯ ଓ ୩୦ରେ ଖେଳାଯିବ। ପ୍ରଥମ ସେମିଫାଇନାଲ ଖେଳିବାକୁ ପାକିସ୍ତାନ ଯୋଗ୍ୟତା ଅର୍ଜନ କଲେ ସେହି ମ୍ୟାଚଟି ଶ୍ରୀଲଙ୍କାର କଲମ୍ବୋରେ ଏବଂ ପାକିସ୍ତାନ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କଲେ ତାହା ମଧ୍ୟ କଲମ୍ବୋରେ ଖେଳାଯିବ।




### ବେଙ୍ଗାଲୁରୁରେ ଉଦ୍‌ଘାଟନୀ ମୁକାବିଲା

ବିଶ୍ୱକପ୍‌ର ଉଦ୍‌ଘାଟନୀ ମୁକାବିଲା ବେଙ୍ଗାଲୁରୁରେ ଖେଳାଯିବ। ସେପ୍ଟେମ୍ବର ୩୦ରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ଭାରତ ସହ ଶ୍ରୀଲଙ୍କାର ମୁକାବିଲା ହେବ। ପରେ ଭାରତର ପରବର୍ତ୍ତୀ ମ୍ୟାଚ୍ ପାକିସ୍ତାନ ସହ କଲମ୍ବୋରେ ଅକ୍ଟୋବର ୫ରେ ଖେଳାଯିବ। ଭାରତ ତାହାର ଅନ୍ୟ ମ୍ୟାଚ ଦକ୍ଷିଣ ଆଫ୍ରିକା ସହ ଅକ୍ଟୋବର ୯ରେ, ଅଷ୍ଟ୍ରେଲିଆ ସହ ଅକ୍ଟୋବର ୧୨ରେ, ଇଂଲଣ୍ଡ ସହ ଅକ୍ଟୋବର ୧୯ରେ, ନ୍ୟୁଜିଲାଣ୍ଡ ସହ ଅକ୍ଟୋବର ୨୩ରେ ଓ ବାଂଲାଦେଶ ସହ ଶେଷ ଲିଗ୍ ମ୍ୟାଚ୍ ଅକ୍ଟୋବର ୨୬ରେ ଖେଳିବ। ପାକିସ୍ତାନ ସହ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କଲେ ଭାରତ ଏହି ମ୍ୟାଚ୍‌ଟି କଲମ୍ବୋରେ ଖେଳିବ।

### କଲମ୍ବୋରେ ଖେଳାଯିବ ୧୧ ମ୍ୟାଚ୍

ଏସୀୟ କ୍ରିକେଟ କାଉନ୍ସିଲ ଦ୍ୱାରା ବୁଝାମଣା ଅନୁଯାୟୀ ଭାରତ ଓ ପାକିସ୍ତାନ ଆୟୋଜନ କରୁଥିବା ଟୁର୍ଣ୍ଣାମେଣ୍ଟରେ ଗୋଟିଏ ଦେଶ ଅନ୍ୟ ଦେଶରେ ଖେଳିବ ନାହିଁ। ଏହା ଫଳରେ ଆଇସିସି ମହିଳା ବିଶ୍ୱକପ୍ ଭାରତ ଆୟୋଜନ କରୁଥିବାରୁ ପାକିସ୍ତାନ ଭାରତରେ କୌଣସି ମ୍ୟାଚ୍ ଖେଳିବ ନାହିଁ। ଏଣୁ ନିରପେକ୍ଷ ଭେନ୍ୟୁ ଭାବେ ଶ୍ରୀଲଙ୍କାର କଲମ୍ବୋକୁ ଚିହ୍ନଟ କରାଯାଇଛି। ଏଠାରେ ପାକିସ୍ତାନ ତାହାର ସମସ୍ତ ୭ଟି ଯାକ ଲିଗ୍ ମ୍ୟାଚ୍ ଖେଳିବ। ଏହା ଛଡ଼ା ଶ୍ରୀଲଙ୍କାର ୪ଟି ଲିଗ୍ ମ୍ୟାଚ୍ ମଧ୍ୟ ଏଠାରେ ଖେଳାଯିବ। ସମସ୍ତ ମ୍ୟାଚ୍ ଗୁଡ଼ିକ ଭାରତୀୟ ସମୟ ଅନୁସାରେ ଅପରାହ୍ନ ୩ଟାରୁ ଆରମ୍ଭ ହେବ। ଶ୍ରୀଲଙ୍କା ଏଠାରେ ଅଷ୍ଟ୍ରେଲିଆ ସହ ଅକ୍ଟୋବର ୪, ନ୍ୟୁଜିଲାଣ୍ଡ ସହ ଅକ୍ଟୋବର ୧୪, ଦକ୍ଷିଣ ଆଫ୍ରିକା ସହ ଅକ୍ଟୋବର ୧୭ ଓ ବାଂଲାଦେଶ ସହ ଅକ୍ଟୋବର ୨୦ରେ ଖେଳିବ। ପାକିସ୍ତାନ ଯଦି ସେମିଫାଇନାଲ ଓ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରେ ତେବେ କଲମ୍ବୋରେ ଦଳ ଦୁଇଟିଯାକ ମ୍ୟାଚ୍ ଖେଳିବ। ନଚେତ ଏହା ବେଙ୍ଗାଲୁରୁରେ ଖେଳାଯିବ।

### ଦିନିକିଆ ମହିଳା ବିଶ୍ୱକପ୍ ଖେଳସୂଚୀ

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ |
|---|---|---|
| ୩୦।୯ | ଭାରତ-ଶ୍ରୀଲଙ୍କା | ବେଙ୍ଗାଲୁରୁ |
| ୧।୧୦ | ଅଷ୍ଟ୍ରେଲିଆ-ନ୍ୟୁଜିଲାଣ୍ଡ | ଇନ୍ଦୋର |
| ୨।୧୦ | ପାକିସ୍ତାନ-ବାଂଲାଦେଶ | କଲମ୍ବୋ |
| ୩।୧୦ | ଇଂଲଣ୍ଡ-ଦକ୍ଷିଣ ଆଫ୍ରିକା | ବେଙ୍ଗାଲୁରୁ |
| ୪।୧୦ | ଶ୍ରୀଲଙ୍କା-ଅଷ୍ଟ୍ରେଲିଆ | କଲମ୍ବୋ |
| ୫।୧୦ | ଭାରତ-ପାକିସ୍ତାନ | କଲମ୍ବୋ |
| ୬।୧୦ | ନ୍ୟୁଜିଲାଣ୍ଡ-ଦକ୍ଷିଣ ଆଫ୍ରିକା | ଇନ୍ଦୋର |
| ୭।୧୦ | ଇଂଲଣ୍ଡ-ବାଂଲାଦେଶ | ଗୌହାଟୀ |
| ୮।୧୦ | ପାକିସ୍ତାନ-ଅଷ୍ଟ୍ରେଲିଆ | କଲମ୍ବୋ |
| ୯।୧୦ | ଭାରତ-ଦକ୍ଷିଣ ଆଫ୍ରିକା | ଭାଇଜାଗ୍ |
| ୧୦।୧୦ | ନ୍ୟୁଜିଲାଣ୍ଡ-ବାଂଲାଦେଶ | ଭାଇଜାଗ୍ |
| ୧୧।୧୦ | ଇଂଲଣ୍ଡ-ଶ୍ରୀଲଙ୍କା | ଗୌହାଟୀ |
| ୧୨।୧୦ | ଭାରତ-ଅଷ୍ଟ୍ରେଲିଆ | ଭାଇଜାଗ୍ |
| ୧୩।୧୦ | ବାଂଲାଦେଶ-ଦକ୍ଷିଣ ଆଫ୍ରିକା | ଭାଇଜାଗ୍ |
| ୧୪।୧୦ | ଶ୍ରୀଲଙ୍କା-ନ୍ୟୁଜିଲାଣ୍ଡ | କଲମ୍ବୋ |
| ୧୫।୧୦ | ପାକିସ୍ତାନ-ଇଂଲଣ୍ଡ | କଲମ୍ବୋ |
| ୧୬।୧୦ | ଅଷ୍ଟ୍ରେଲିଆ-ବାଂଲାଦେଶ | ଭାଇଜାଗ୍ |
| ୧୭।୧୦ | ଶ୍ରୀଲଙ୍କା-ଦକ୍ଷିଣ ଆଫ୍ରିକା | କଲମ୍ବୋ |
| ୧୮।୧୦ | ପାକିସ୍ତାନ-ନ୍ୟୁଜିଲାଣ୍ଡ | କଲମ୍ବୋ |
| ୧୯।୧୦ | ଭାରତ-ଇଂଲଣ୍ଡ | ଇନ୍ଦୋର |
| ୨୦।୧୦ | ଶ୍ରୀଲଙ୍କା-ବାଂଲାଦେଶ | କଲମ୍ବୋ |
| ୨୧।୧୦ | ପାକିସ୍ତାନ-ଦକ୍ଷିଣ ଆଫ୍ରିକା | କଲମ୍ବୋ |
| ୨୨।୧୦ | ଅଷ୍ଟ୍ରେଲିଆ-ଇଂଲଣ୍ଡ | ଇନ୍ଦୋର |
| ୨୩।୧୦ | ଭାରତ-ନ୍ୟୁଜିଲାଣ୍ଡ | ଗୌହାଟୀ |
| ୨୪।୧୦ | ପାକିସ୍ତାନ-ଶ୍ରୀଲଙ୍କା | କଲମ୍ବୋ |
| ୨୫।୧୦ | ଅଷ୍ଟ୍ରେଲିଆ-ଶ୍ରୀଲଙ୍କା | ଇନ୍ଦୋର |
| ୨୬।୧୦ | ଇଂଲଣ୍ଡ-ନ୍ୟୁଜିଲାଣ୍ଡ | ଗୌହାଟୀ |
| ୨୬।୧୦ | ଭାରତ-ବାଂଲାଦେଶ | ବେଙ୍ଗାଲୁରୁ |
| ୨୯।୧୦ | ପ୍ରଥମ ସେମିଫାଇନାଲ | ଗୌହାଟୀ/କଲମ୍ବୋ |
| ୩୦।୧୦ | ଦ୍ୱିତୀୟ ସେମିଫାଇନାଲ | ବେଙ୍ଗାଲୁରୁ |
| ୨।୧୧ | ଫାଇନାଲ | କଲମ୍ବୋ/ବେଙ୍ଗାଲୁରୁ |

### ଏଏଫ୍‌ସି ମହିଳା ଏସିଆ କପ୍ ଯୋଗ୍ୟତା ପର୍ଯ୍ୟାୟ

## ଭାରତୀୟ ଦଳରେ ପ୍ୟାରୀ, ମନୀଷା

ନୂଆଦିଲ୍ଲୀ, ୧୬।୬ (ଏଜେନ୍ସି): ଆଗାମୀ ଏଏଫ୍‌ସି ମହିଳା ଏସିଆନ୍ କପ୍ ଯୋଗ୍ୟତା ପର୍ଯ୍ୟାୟ ଲାଗି ସୋମବାର ୨୪ ଜଣିଆ ଭାରତୀୟ ଫୁଟ୍‌ବଲ ଦଳ ଘୋଷଣା କରାଯାଇଛି। ମୁଖ୍ୟ ପ୍ରଶିକ୍ଷକ କ୍ରିପସନ୍ ଛେତ୍ରୀ ଘୋଷଣା କରିଥିବା ଦଳରେ ଓଡ଼ିଶାର ଦୁଇଜଣ ମହିଳା ଫୁଟ୍‌ବଲ ଖେଳାଳି ରହିଛନ୍ତି। ସେମାନେ ହେଲେ ଦୁଇ ଅଭିଜ୍ଞ ଫରୱାର୍ଡ ପ୍ୟାରୀ ଖାଖା ଓ ମନୀଷା ନାୟକ। ମହିଳା ଏସିଆନ୍ କପ୍ ଯୋଗ୍ୟତା ପର୍ଯ୍ୟାୟରେ ଭାରତୀୟ ଦଳ ଗ୍ରୁପ୍-ବି'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ଭାରତ ବ୍ୟତୀତ ଆୟୋଜକ ଥାଇଲାଣ୍ଡ, ଇରାକ, ମଙ୍ଗୋଲିଆ ଓ ତିମୋର ଲିଷ୍ଟ ରହିଛି। ଭାରତ ଜୁନ ୨୩ରେ ମଙ୍ଗୋଲିଆ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ଏହାପରେ ୨୯ରେ ତିମୋର ଲିଷ୍ଟ, ଜୁଲାଇ ୨ରେ ଇରାକ ଓ ଜୁଲାଇ ୫ରେ ଥାଇଲାଣ୍ଡକୁ ଭେଟିବାର କାର୍ଯ୍ୟସୂଚୀ ରହିଛି। ଏହି ଗ୍ରୁପ୍‌ର ବିଜେତା ୨୦୨୬ ମାର୍ଚ୍ଚରେ ଅଷ୍ଟ୍ରେଲିଆରେ ହେବାକୁ ଥିବା ଏସିଆନ୍ କପ୍‌ର ମୁଖ୍ୟ ଟୁର୍ଣ୍ଣାମେଣ୍ଟକୁ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ।





## 'ପଟୌଦୀ' ଐତିହ୍ୟ ଅକ୍ଷୁଣ୍ଣ ରଖାଯାଉ: ସଚିନ

ନୂଆଦିଲ୍ଲୀ, ୧୬।୬ (ଏଜେନ୍ସି): କ୍ରିକେଟ୍‌ର ଭଗବନା ଭାବେ ବିବେଚିତ ହେଉଥିବା ସଚିନ ତେନ୍ଦୁଲକର ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଓ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି)କୁ ଏକ ଅନୁରୋଧ କରିଛନ୍ତି। ଯେଉଁଥିରେ ସେ କହିଛନ୍ତି, ଇଂଲଣ୍ଡ ମାଟିରେ ଭାରତୀୟ ଦଳ ଯେଉଁ ଟେଷ୍ଟ ସିରିଜ ଖେଳୁଛି ତାହାର ନାମକୁ ପଟୌଦୀ ଐତିହ୍ୟ ସହ ଅକ୍ଷୁଣ୍ଣ ରଖାଯାଉ। ପୂର୍ବରୁ ଉଭୟ ବିସିସିଆଇ ଓ ଇସିବି ୨୦ରୁ ଭାରତ ଓ ଇଂଲଣ୍ଡ ମଧ୍ୟରେ ଆରମ୍ଭ ହେବାକୁ ଥିବା ଟେଷ୍ଟ ସିରିଜର ନାମକୁ 'ଆଣ୍ଡରସନ-ତେନ୍ଦୁଲକର' ଟ୍ରଫି ନାମରେ ନାମିତ କରିବାକୁ ନିଷ୍ପତ୍ତି ନେଇଥିଲେ। ଏମ୍‌ଏକେ ପଟୌଦୀଙ୍କ ନାମରେ ପୂର୍ବରୁ ପ୍ରଦାନ କରାଯାଉଥିବା 'ପଟୌଦୀ ଟ୍ରଫି'କୁ ଅବସର ଦିଆଯାଇଥିଲା। ଏବେ କିନ୍ତୁ ସଚିନଙ୍କ ଅନୁରୋଧ ପରେ 'ପଟୌଦୀ'ଙ୍କ ଐତିହ୍ୟକୁ ଅକ୍ଷୁର୍ଣ୍ଣ ରଖିବା ଲାଗି ଆଗାମୀ ଟେଷ୍ଟ ସିରିଜର ବିଜୟୀ ଅଧିନାୟକ କିମ୍ବା ଶ୍ରେଷ୍ଠ ଖେଳାଳିଙ୍କୁ 'ପଟୌଦୀ ପଦକ' ପ୍ରଦାନ କରିବା ନେଇ ନିଷ୍ପତ୍ତି ନେଇଛି।

■ ଜାତୀୟ ବଡିବିଲ୍ଡିଂ

## ପିଙ୍କି ଚାମ୍ପିଅନ; ଜିତେନ୍ଦ୍ରଙ୍କୁ ୨ ରୌପ୍ୟ

ଭୁବନେଶ୍ୱର, ୧୬।୬ (ସମିସ): ଉତ୍ତର ପ୍ରଦେଶର ଗାଜିଆବାଦ୍‌ଠାରେ ଦ୍ୱିତୀୟ ମିଷ୍ଟର ଇଣ୍ଡିଆ ବଡିବିଲ୍ଡିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଜାତୀୟ ସିନିଅର ବଡିବିଲ୍ଡିଂ ଓ ଫିଜିକ୍ସ ସ୍ପୋର୍ଟ୍ସ ଚାମ୍ପିଅନସିପ୍‌ରେ ଦୁଇ ଓଡ଼ିଆ ପ୍ରତିଯୋଗୀ ପିଙ୍କି ବେହେରା ଓ ଜିତେନ୍ଦ୍ର ବାରିକ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ମହିଳା ବଡିବିଲ୍ଡିଂରେ ପିଙ୍କି ଚାମ୍ପିଅନ ହୋଇ ସ୍ୱର୍ଣ୍ଣପଦକ ଜିତିଛନ୍ତି। ସେହିଭଳି ଜିତେନ୍ଦ୍ର ଦୁଇଟି ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ସେ ପୁରୁଷ ଫିଜିକ୍ସ ୬୫ କିଗ୍ରା ଓ ୭୫ କିଗ୍ରାରେ ଏହି ସଫଳତା ପାଇଛନ୍ତି।

## ଯମଜ ପୁତ୍ର ସନ୍ତାନର ପିତା ହେଲେ ନୀତୀଶ

ଲକ୍ଷ୍ନୌ, ୧୬।୬ (ଏଜେନ୍ସି): ଭାରତୀୟ କ୍ରିକେଟର୍ ନୀତୀଶ ରାଣାଙ୍କ ଲାଗି ଖୁସି ଖବର। ପ୍ରଥମଥର ଲାଗି ପିତୃତ୍ୱ ଲାଭ କରିଛନ୍ତି ଏହି ବାମହାତୀ ବ୍ୟାଟର୍। ନୀତୀଶଙ୍କ ପତ୍ନୀ ସାଚି ମାରୱାହ ଯମଜ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି। ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମ ଜରିଆରେ ସୋମବାର ନୀତୀଶ ଏହି ଖୁସି ଖବରକୁ ତାଙ୍କ ପ୍ରଶଂସକଙ୍କୁ ଶେୟାର କରିଛନ୍ତି। ଉଲ୍ଲେଖଯୋଗ୍ୟ, ଭାରତ ପାଇଁ ୩ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା ନୀତୀଶ ଗତ ଆଇପିଏଲ୍‌ରେ ରାଜସ୍ଥାନ ରୟାଲ୍ସ ପକ୍ଷରୁ ପ୍ରତିନିଧିତ୍ୱ କରୁଥିଲେ। ୨୦୧୯ରେ ସେ ଇଣ୍ଟେରିୟର ଡିଜାଇନର ସାଚିଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ସାଚି ମାତୃତ୍ୱ ଲାଭ କରିବାକୁ ଯାଉଥିବା ସୂଚନା ନୀତୀଶ ଗତ ମାର୍ଚ୍ଚରେ ପ୍ରଶଂସକଙ୍କୁ ଜଣାଇଥିଲେ।



### ଓସିଏ ଆନ୍ତଃଜିଲ୍ଲା ୧୯ ବର୍ଷରୁ କମ୍ କ୍ରିକେଟ୍

## ଆଜି ଖେଳାଯିବ କ୍ୱାର୍ଟର ଫାଇନାଲ

ଭୁବନେଶ୍ୱର, ୧୬।୬ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ କଟକରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲ କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ମଙ୍ଗଳବାର ୪ଟି ଯାକ କ୍ୱାର୍ଟର ଫାଇନାଲ ଖେଳାଯିବ। ରେଭେନଶା ଗ୍ରାଉଣ୍ଡ-୨ରେ ପ୍ରଥମ କ୍ୱାର୍ଟରରେ ଝାରସୁଗୁଡ଼ା ଓ ଭୁବନେଶ୍ୱର-ଏ ଏବଂ ବିଡ଼ାନାସୀ ଗ୍ରାଉଣ୍ଡରେ ଭୁବନେଶ୍ୱର-ବି ଓ କଟକ-ବି ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ। ସେହିଭଳି କଟକ-ଏ ଓ ଖୋର୍ଦ୍ଧା ମଧ୍ୟରେ ୩ୟ କ୍ୱାର୍ଟର ଫାଇନାଲ ନିମପୁର ଗ୍ରାଉଣ୍ଡରେ ଖେଳାଯିବ। ଶେଷ ତଥା ୪ର୍ଥ କ୍ୱାର୍ଟର ସୁନ୍ଦରଗଡ଼ ଓ କେନ୍ଦ୍ରାପଡ଼ା ମଧ୍ୟରେ ଖୋର୍ଦ୍ଧା ଗ୍ରାଉଣ୍ଡରେ ଆୟୋଜିତ ହେବ। ସେହିଭଳି ବୁଧବାର ଦୁଇଟି ଯାକ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। କ୍ୱାର୍ଟର-୧ ଓ କ୍ୱାର୍ଟର-୪ର ବିଜେତାଙ୍କ ମଧ୍ୟରେ ପ୍ରଥମ ସେମିଫାଇନାଲ ଓ କ୍ୱାର୍ଟର-୨ ଓ କ୍ୱାର୍ଟର-୩ର ବିଜେତା ଦ୍ୱିତୀୟ ସେମିଫାଇନାଲରେ ପରସ୍ପରକୁ ଭେଟିବେ। ଜୁନ ୨୦ରେ ଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି ଓସିଏ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଜୁନ ୧୩ରେ ଲିଗ୍ ପର୍ଯ୍ୟାୟ ଶେଷ ହୋଇଥିଲା। ଏଥିରେ ଗ୍ରୁପ୍-ଏ'ରୁ ଝାରସୁଗୁଡ଼ା, ଗ୍ରୁପ-ବି'ରୁ କଟକ-ବି, ଗ୍ରୁପ୍-ସି'ରୁ କଟକ-ଏ, ଗ୍ରୁପ୍-ଡି'ରୁ ଭୁବନେଶ୍ୱର-ଏ, ଗ୍ରୁପ୍-ଇ'ରୁ ସୁନ୍ଦରଗଡ଼ ଓ ଗ୍ରୁପ୍-ଏଫ୍‌ରୁ କଟକ-ବି ସର୍ବାଧିକ ପଏଣ୍ଟ ରଖି ନକ୍‌ଆଉଟ୍‌କୁ ଉନ୍ନୀତ ହୋଇଥିଲେ। ସେହିଭଳି ଗ୍ରୁପ୍ ବିଜେତା ବାଦ୍ ଅନ୍ୟ ଦୁଇ ସର୍ବାଧିକ ପଏଣ୍ଟ ରଖିଥିବା ଦଳ ଖୋର୍ଦ୍ଧା ଓ କେନ୍ଦ୍ରାପଡ଼ା ମଧ୍ୟ କ୍ୱାର୍ଟର ଫାଇନାଲ ଟିକଟ୍ ହାସଲ କରିଥିଲେ।

## ଅଶ୍ୱିନଙ୍କ ନାମରେ ବଲ୍ ଟାମ୍ପରିଂ ଅଭିଯୋଗ

ଚେନ୍ନାଇ, ୧୬।୬ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟର୍ ରବିଚନ୍ଦ୍ରନ ଅଶ୍ୱିନ ତାମିଲନାଡୁ ପ୍ରିମିଅର ଲିଗ୍ (ଟିଏନ୍‌ପିଏଲ୍)ର ଚଳିତ ୯ମ ସଂସ୍କରଣରେ ବେଶ୍ ଚର୍ଚ୍ଚାରେ ରହିଆସିଛନ୍ତି। ସଦ୍ୟ ଏକ ରିପୋର୍ଟ ଅନୁଯାୟୀ, ଅଶ୍ୱିନଙ୍କ ନାମରେ ଗୁରୁତର ବଲ୍ ଟ୍ୟାମ୍ପରିଂ ଭଳି ଅଭିଯୋଗ ଆସିଛି। ସିଏଚେମ୍ ମଦୁରାଇ ପାନ୍ଥର୍ସ ଫ୍ରାଞ୍ଚାଇଜ ପକ୍ଷରୁ ଏହି ଅଭିଯୋଗ ଟିଏନ୍‌ପିଏଲ୍ ନିକଟରେ ଲିଖିତ ଭାବେ କରାଯାଇଛି। ଅଶ୍ୱିନ ଡିଣ୍ଡିଗଲ୍ ଡ୍ରାଗନ୍ସ ଦଳର ନେତୃତ୍ୱ ନେଉଥିବାବେଳେ ଗତ ରବିବାର ମଦୁରାଇ ପାନ୍ଥର୍ସ ବିପକ୍ଷ ମ୍ୟାଚରେ ସେ ବଲ୍ ଟ୍ୟାମ୍ପରିଂ କରିଥିବା ଏହି ଅଭିଯୋଗରେ କୁହାଯାଇଛି। ଏହି ମ୍ୟାଚରେ ଫିଲ୍ଡିଂ ସମୟରେ ଡ୍ରାଗନ୍ସ ଅଧିନାୟକ ଅଶ୍ୱିନ ଯେଉଁ ଟାୱେଲରେ ବଲ୍‌କୁ ପୋଛୁଥିଲେ ସେଥିରେ କେମିକାଲ ବୋଳାଯାଇଥିଲା। ଯାହା ବଲ୍‌ର ସ୍ଥିତିକୁ ପରିବର୍ତ୍ତନ କରିବାରେ ସହାୟକ ହୋଇଥିଲା। ଟିଏନ୍‌ପିଏଲ୍ ପକ୍ଷରୁ ସିଇଓ ପ୍ରସନ୍ନା କନନ୍ ଏଭଳି ବଲ୍ ଟ୍ୟାମ୍ପରିଂ ଅଭିଯୋଗକୁ ଖଣ୍ଡନ କରିବା ସହ ମଦୁରାଇ ପାନ୍ଥର୍ସକୁ ପ୍ରମାଣ ମାଗିଛନ୍ତି।

### ଏସିଆନ୍ ପାରା ବ୍ୟାଡ୍‌ମିଣ୍ଟନ

## ଭାରତୀୟ ଦଳରେ ୪ ଓଡ଼ିଆ

ଭୁବନେଶ୍ୱର, ୧୬।୬ (ସମିସ): ଓଡ଼ିଶା ପାରାବ୍ୟାଡ୍‌ମିଣ୍ଟନ କ୍ରୀଡ଼ା ଲାଗି ଗର୍ବର ସମୟ। ଥାଇଲାଣ୍ଡରେ ଆସନ୍ତାକାଲିଠାରୁ ହେବାକୁ ଯାଉଥିବା ଏସିଆନ ପାରାବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଲାଗି ଓଡ଼ିଶାର ୪ଜଣ ଖେଳାଳି ଭାରତୀୟ ଦଳରେ ସାମିଲ ହୋଇଛନ୍ତି। ସେମାନେ ହେଲେ ଦୀପରଞ୍ଜନ ବିଶୋଇ, ଜି ଦିଲାଶ୍ୱର ରାଓ, ଶୁଭ୍ରଜିତ ମହାରଣା ଓ ନୁରୁଲ ହାସନ ଖାନ୍। ଏମାନେ ଏସିଆ ମହାଦେଶର ଶ୍ରେଷ୍ଠ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳିଙ୍କ ସହ ମୁକାବିଲା କରିବେ। ଭାରତୀୟ ଦଳରେ ୪ଜଣ ଖେଳାଳି ସାମିଲ ହେବା ଅର୍ଥ ଓଡ଼ିଶା ବ୍ୟାଡ୍‌ମିଣ୍ଟନ ଦେଶ ତଥା ଦେଶ ବାହାରେ ଏକ ଶକ୍ତିହେବାକୁ ଯାଉଛି। ସରକାରୀ ସହାୟତା ଓ ପାରା କ୍ରୀଡ଼ା ସଂଗଠନର ଉଦ୍ୟମ ବଳରେ ଏହା ସମ୍ଭବ ହୋଇପାରିଛି। ଏହି କ୍ରୀଡ଼ାବିତ୍‌ମାନଙ୍କୁ ସଂଘ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

ଥାଇଲାଣ୍ଡରେ ଗତକାଲି ଶେଷ ହୋଇଥିବା ଅନ୍ତର୍ଜାତୀୟ ପାରାବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ଦିଲାଶ୍ୱର ରାଓ ପୁରୁଷ ଯୁଗଳ ବିଭାଗରେ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ସେ ଏସ୍‌ଏଲ୩-୪ କାଟେଗୋରୀରେ ଦିନେଶ ରାଜେୟାଙ୍କ ସହ ମିଶି ଏହି ସଫଳତା ପାଇଥିଲେ। କାଂସ୍ୟ ପଦକ ମୁକାବିଲାରେ ନେପାଳର ଅଧିକାରୀ ପ୍ରକାଶ ଓ ଭୁଟାନର ଚେୟାଙ୍କ କୁଏନ୍‌ଚାପଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିବା ଫଳରେ ତାଙ୍କୁ କାଂସ୍ୟ ପଦକ ମିଳିଥିଲା।



## ପୋଲ୍ ଭଲ୍ଟରେ ଡୁପ୍ଲାଣ୍ଟିସ୍‌ଙ୍କ ଦ୍ୱାଦଶ ବିଶ୍ୱରେକର୍ଡ

ଷ୍ଟକହୋଲମ, ୧୬।୬ (ଏଜେନ୍ସି): ସ୍ୱିଡେନର ଆର୍ମଣ୍ଡ ଡୁପ୍ଲାଣ୍ଟିସ ପୋଲ୍ ଭଲ୍ଟରେ ପୁଣିଥରେ ନୂଆ ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି। ଘରୋଇ ମାଟିରେ ରବିବାର ଅନୁଷ୍ଠିତ ଷ୍ଟକହୋଲମ୍ ଡାଏମଣ୍ଡ ଲିଗ୍‌ରେ ୨୫ ବର୍ଷୀୟ ଅର୍ମାଣ୍ଡ ୬.୨୮ ମିଟର ଉଚ୍ଚକୁ ଡେଇଁଥିଲେ। ଯାହାକି ପୁରୁଷ ପୋଲ୍ ଭଲ୍ଟରେ ନୂଆ ବିଶ୍ୱରେକର୍ଡ ହୋଇଛି। ଆମେରିକା ଜନ୍ମିତ ଡବଲ୍ ଅଲିମ୍ପିକ ଚାମ୍ପିଅନ ଡୁପ୍ଲାଣ୍ଟିସ ଏଥିସହ ୧୨ଥର ଲାଗି ନିଜ ନାମରେ ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି। ଫେବୃଆରୀ ୨୮ରେ ଫ୍ରାନ୍ସରେ ଅନୁଷ୍ଠିତ ଏକ ଇଭେଣ୍ଟରେ ସେ ୬.୨୭ ମିଟର ଡେଇଁ ନୂଆ ରେକର୍ଡର ଅଧିକାରୀ ରହିଥିଲେ। ୨୦୨୦ ମସିହାରେ ଡୁପ୍ଲାଣ୍ଟିସ ୬.୧୭ ମିଟର ଉଚ୍ଚକୁ ଡେଇଁ ପ୍ରଥମଥର ଲାଗି ବିଶ୍ୱରେକର୍ଡ କରିଥିଲେ।

### ଖଣ୍ଡିତର ସର୍ବଭାରତୀୟ କବାଡ଼ିରେ ବର୍ଷା ପ୍ରତିବନ୍ଧକ

# ମହିଳା ଫାଇନାଲରେ କୋଲକାତାର ପୂର୍ବ ରେଳବାଇ

ରସୁଲପୁର,୧୬।୬ (ସମିସ):

ଓଡ଼ିଶାରେ ସବୁଠାରୁ ସମ୍ମାନଜନକ ଓ ବୃହତ୍ କବାଡ଼ି ଟୁର୍ଣ୍ଣାମେଣ୍ଟ ହେଉଛି ଯାଜପୁର କବାଡ଼ି ଆସୋସିଏସନ ଆନୁକୂଲ୍ୟରେ ୭୭ ବର୍ଷ ଧରି ଖଣ୍ଡିତରଠାରେ ଆୟୋଜିତ ହୋଇଆସୁଥିବା ସର୍ବଭାରତୀୟ ପ୍ରତିଯୋଗିତା। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଏହି ପ୍ରତିଯୋଗିତା ଧୂମଧାମ୍‌ରେ ଆରମ୍ଭ ହୋଇଥିଲା। କିନ୍ତୁ ଏହି ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହେବା ପୂର୍ବରୁ ବର୍ଷା ସାଜିଲା ପ୍ରତିବନ୍ଧକ। ସୋମବାର ଓଡ଼ିଶାର ଅନ୍ୟତମ ଶ୍ରେଷ୍ଠ ପର୍ବ ଶେଷ ରଜରେ ଏହି ପ୍ରତିଯୋଗିତା ହୋଇଥାନ୍ତା ଉଦ୍‌ଯାପିତ। କିନ୍ତୁ ବର୍ଷା ସାଜିଲା ପ୍ରତିବନ୍ଧକ। ସୋମବାର ସକାଳେ ମହିଳା ବିଭାଗରେ ଗୋଟିଏ ସେମିଫାଇନାଲ ଓ ପୁରୁଷ ବିଭାଗରେ ବାକିଥିବା ୨ଟି କ୍ୱାର୍ଟର ଫାଇନାଲ ଶେଷ ହୋଇଥିଲା। ଅପରାହ୍ଣରେ ଖେଳାଯିବାକୁ ଥିବା ନକ୍‌ଆଉଟ ମ୍ୟାଚ୍ ଆରମ୍ଭ ପୂର୍ବରୁ ହୋଇଥିଲା ପ୍ରବଳ ବର୍ଷା ଓ ପବନ। ଆୟୋଜକ ଯାଜପୁର କବାଡି ସଂଘର ସମସ୍ତ ଚେଷ୍ଟା ସତ୍ତ୍ୱେ ମ୍ୟାଚ୍ ଉପରେ ମ୍ୟାଚ୍ ଆୟୋଜନ କରିବା ସମ୍ଭବ ହୋଇପାରି ନଥିଲା। ଶେଷରେ ମ୍ୟାଟକୁ ବାହାର କରାଯାଇ ଖାଲି ମାଟିରେ ବାକିଥିବା ମ୍ୟାଚ୍‌କୁ ଶେଷ କରାଯିବା ଲାଗି ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ରିପୋର୍ଟ ଲେଖା ହେଲା ବେଳକୁ ମ୍ୟାଚ୍ ଆରମ୍ଭ ହୋଇ ପାରି ନ ଥିଲା।

ସୋମବାର ସକାଳେ ଭୁବନେଶ୍ୱରର କିଟ୍-କିସ୍‌କୁ ୩୪-୧୦ ପଏଣ୍ଟରେ ପରାସ୍ତ କରି ପୂର୍ବ ରେଳବାଇ ଫାଇନାଲରେ ପ୍ରବେଶ କରିଥିଲା। ଏହି ବିଭାଗରେ ଦ୍ୱିତୀୟ ସେମିଫାଇନାଲ ମୁକାବିଲା ଦକ୍ଷିଣ ପୂର୍ବ ରେଳବାଇ ଓ ପଶ୍ଚିମବଙ୍ଗର ଅଶୋକ ସଂଘ ମଧ୍ୟରେ ଖେଳାଯିବାର କାର୍ଯ୍ୟକ୍ରମ ରହିଥିଲା। ପୁରୁଷ ବିଭାଗରେ ଶେଷ ଦୁଇଟି କ୍ୱାର୍ଟର ଫାଇନାଲରେ ବିଳାସପୁର ୫୯-୩୨ ପଏଣ୍ଟରେ ଭଞ୍ଜନଗରକୁ ଓ ଦିଲ୍ଲୀ ୩୮-୧୭ରେ କଟକ ଦଳକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲେ। ସେମିଫାଇନାଲରେ ଭୋପାଳ ଟିମ୍ ସହ ବିଳାସପୁରର ଓ ଦିଲ୍ଲୀ ସହ ପୁରୀର ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଟିମ୍‌ର ମୁକାବିଲା ହେବାର କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା।

ଟୁର୍ଣ୍ଣାମେଣ୍ଟର ପୁରୁଷ ବିଭାଗରେ ଚାମ୍ପିଅନ ଦଳକୁ ୧.୫ ଲକ୍ଷ, ରନର୍ସ ଅପ୍ ଦଳକୁ ୧ ଲକ୍ଷ, ତୃତୀୟ ସ୍ଥାନିତ ଦଳକୁ ୬୦,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ସେହିପରି ମହିଳା ବିଭାଗରେ ଚାମ୍ପିଅନ ଦଳକୁ ୫୦,୦୦୦, ରନର୍ସ ଅପ ଦଳକୁ ୩୦,୦୦୦, ସେମିଫାଇନାଲରେ ପରାଜିତ ଦୁଇ ଦଳକୁ ୧୦,୦୦୦ ଟଙ୍କା ଲେଖାଏଁ ଦିଆଯିବାକୁ ସ୍ଥିର କରାଯାଇଥିଲା। ଏହାଛଡ଼ା ବଡ଼ ବଡ଼ ଟ୍ରଫି ସହ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନାକାରୀଙ୍କୁ ମଧ୍ୟ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ରହିଛି। ଯାଜପୁର କବାଡି ସଂଘ ସଭାପତି ପ୍ରଦୀପ କୁମାର ସେଠୀ ଓ ସମ୍ପାଦକ ସମରେନ୍ଦ୍ର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଛି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS